# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୫/୨୦୨୪ (୨୦ ପୃଷ୍ଠା) Bhubaneswar, Wednesday, June 5/2024 Page 20 ₹ 7.00

୫୦ଶ ଭାଗ ୧୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 191 ମୂଲ୍ୟ ₹୭/-





NUMBER ONE 1

Admission open

# +2 Science

COLLEGE IN THE STATE OF ODISHA

(Fully Residential)

# ROYAL

HIGHER SECONDARY SCHOOL OF SCIENCE & TECHNOLOGY

(ROYAL COLLEGE OF SCIENCE & TECHNOLOGY)

BHUBANESWAR



558

SANTASHREE MISHRA

(558) 93%

*We create leaders*

## CHSE RESULT -2024



551 SHREEYANSHU (91.83%)

544 DHANANJAYA (90.67%)

Odisha Topper (2018)

RANK 1 CHSE, Odisha 2018



570

Siddhanta Ku. Sahu (95%)

## CHSE RESULTS-2024

(20th Batch)

RESULT - 100%

TOTAL APPEARED - 343

TOTAL PASS - 343

HIGHEST MARK- 558 (93%)

90% MARKS & ABOVE - 05

500 CLUB - 54

1ST DIVISION- 334 (97.38%)

2ND DIVISION- 09 ( 2.62%)

NO 3RD DIVISION

NO FAIL



540 PRIYARANJAN (90.00 %)

540 BUDHESWAR (90.00%)

537 SRABANEE

537 SUVAM

535 SASWATI

534 SANDEEP



533, 532, 531, 529, 528, 527

Special Coaching for JEE/NEET by PHYSICS WALLAH

## OUR STUDENTS IN MBBS



ANIL JENA (SCB, Cuttack) · SUBHRADEEP MOHAPATRA (SCB, Cuttack) · BISWAJIT SAHOO (FMMCH, BLS) · ASHISH KU. BARIK (JMCH, PURI) · SURYANARAYAN SAMAL (HITECH, BBSR) · SWARAJ JENA (HITECH, BBSR) · SWAYAMSHAKTI SHUVANKAR (HITECH, BBSR) · PRASANJITA PANDA (HITECH, BBSR) · TRIBIKRAM SAHU (HITECH, RKL) · SOUMYAKANTA PRADHAN (KIMS, BBSR) · ARJEET PRADHAN (SCB, Cuttack) · SUBHAM SUBHASI SAHOO (SCB, Cuttack) · ALLEN JOSU DORA (Sundargarh) · BIBEK BAL (BURLA) · SAMIKSHYA (MKCG)

A-125, Mancheswar Industrial Estate, Rasulgarh, Bhubaneswar- 10

Mob.: 9937791247, 9861450287, 9437521358

E-mail : royalcollegebbsr1@gmail.com, website: www.royalhssbbsr.edu.in

# ROYAL PUBLIC SCHOOL

BHUBANESWAR

(Affiliated to CBSE, New Delhi )

(Affiliation up to Senior Secondary Level)

Nursery to Std.- XII (Science)

Day Cum Residential

CBSE X RESULT (90% ABOVE)



95.6% BISWAJIT · 94.6% ARMAAN · 91.8% ABHYPSA





Special Coaching for JEE/NEET by PHYSICS WALLAH

For Admission, Contact :

Mob : 9658064058, 9437521358

# ROYAL PUBLIC SCHOOL

MAITAPUR, VIA-RANITAL, DIST- BALASORE

(Affiliated to CBSE, New Delhi )

(Affiliation up to Senior Secondary Level)

Nursery to Std. XI (Science & Commerce)

(BUS & HOSTEL FACILITIES AVAILABLE)

CBSE X RESULT (90% ABOVE)



97% PRITISHRAJ · 93.6% SK REHAN · 91.8% MONALISHA · 91.6% ANUPAM · 91.6% JOYPRAKASH · 91.2% MRUTYUNJAY

For Admission Contact. :

8763004141, 8763004242

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଜୁନ୍ ୫/୨୦୨୪ | Bhubaneswar, Wednesday, June 5/2024 | ପୃଷ୍ଠା-୧





**ଦିଶାଙ୍କ ଆଗାମୀ ପ୍ରୋଜେକ୍ଟ 'ୱେଲକମ୍ ଟୁ ଦି ଜଙ୍ଗଲ'**

'ୱେଲକମ୍ ଟୁ ଦି ଜଙ୍ଗଲ' ଫିଲ୍ମରେ ଅଭିନୟ କରିବା ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ହୋଇଥିବା ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ଏକ ସାକ୍ଷାତ୍କାରରେ କହିଛନ୍ତି। **୦୨**

**୧୬** **ଫାରୁକିଙ୍କୁ ୫ ଉଇକେଟ**

ଉଗାଣ୍ଡା ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଆଫଗାନିସ୍ତାନର ଫଜଲ୍ଲକ ଫାରୁକି ୫ ଉଇକେଟ ସଫଳତା ହାସଲ କରିଛନ୍ତି।




# ୨୭୨ ଛୁଇଁଲାନି ଭାଜପା

**ନୂଆଦିଲ୍ଲୀ,୪।୬**

'୪୦୦ ପାର୍' ନାରା, କିନ୍ତୁ ଜନାଦେଶ ୩୦୦ ଆସନ ତଳେ। ସଦ୍ୟ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିଜୟ ଲାଭ କରିଥିଲେ ମଧ୍ୟ ଉତ୍ସବ ମନାଇବା ଅବସ୍ଥାରେ ନାହିଁ। କାରଣ କେନ୍ଦ୍ରରେ କ୍ଷମତାସୀନ ଭାଜପା। ଲୋକ ସଭାର ୫୪୩ ଆସନ ମଧ୍ୟରୁ ମ୍ୟାଜିକ୍ ନମ୍ବର ୨୭୨ ଛୁଇଁପାରି ନାହିଁ। ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ଏନ୍‌ଡିଏକୁ ୨୯୪ ଆସନରେ ସଫଳତା ମିଳିଥିବାବେଳେ ତହିଁରୁ କେବଳ ଭାଜପା ୨୪୧ ଦଖଲ କରିବାରେ ସକ୍ଷମ ହୋଇଛି କିମ୍ବା ବିଜୟ ଦିଗରେ ଅଗ୍ରସର ହୋଇଛି, ଯାହାକି କୁହୁକ ସଂଖ୍ୟାଠାରୁ ୩୧ କମ୍। ଅର୍ଥାତ୍ ସହଯୋଗୀ ଦଳଗୁଡ଼ିକୁ ବାଦ୍ ଦେଇ ଭାଜପା ଏକୁଟିଆ ସରକାର ଗଢ଼ିପାରିବ ନାହିଁ। ଅନ୍ୟପକ୍ଷେ ୯୯ ଆସନରେ କଂଗ୍ରେସର ବିଜୟ ସମ୍ଭାବନା ସୁନିଶ୍ଚିତ ହୋଇଥିବାବେଳେ ବିରୋଧୀ ଇଣ୍ଡିଆନ୍ ନ୍ୟାଶନାଲ

☞ପୃଷ୍ଠା-୨






# ଓଡ଼ିଶାରେ ପଦ୍ମ ସୁଅ

**ଭୁବନେଶ୍ୱର, ୪।୬**
**(ଜିତେନ୍ଦ୍ର କୁମାର ନାୟକ)**

ଓଡ଼ିଶାରେ ଦୀର୍ଘ ୨୪ବର୍ଷ ଶାସନରେ ରହିବା ପରେ ମଙ୍ଗଳବାର ବିଜୁ ଜନତା ଦଳ (ବିଜେଡି) ସରକାରର ପତନ ଘଟିଛି। ୨୦୨୪ ନିର୍ବାଚନରେ ଓଡ଼ିଶା ବିଧାନସଭାର ୧୪୭ ଆସନ ମଧ୍ୟରୁ ଭାରତୀୟ ଜନତା ପାର୍ଟି (ଭାଜପା) ଏକାକୀ ୭୮ ଆସନ ପାଇ ବହୁମତ ହାସଲ କରିଛି। ବିଜେଡିକୁ କେବଳ ୫୧ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବା ବେଳେ କଂଗ୍ରେସ ୧୪ଟି , ସ୍ୱାଧୀନ ୩ଟି ଏବଂ ସିପିଆଇ(ଏମ୍) ଗୋଟିଏ ଆସନ ପାଇଛନ୍ତି। ୨୦୧୯ରେ ଭାଜପା ୨୩ ଆସନ ପାଇଥିବା ବେଳେ ଚଳିତ ନିର୍ବାଚନରେ ଅଧିକ ୫୫ ଆସନ ପାଇବା ଓଡ଼ିଶାରେ ପଦ୍ମର ସୁଅ ବହିଛି।

ସେହିଭଳି ରାଜ୍ୟର ୨୧ ଲୋକ ସଭା ଆସନ ମଧ୍ୟରୁ ଭାଜପା ୨୦ଟି ସଂସଦୀୟ କ୍ଷେତ୍ରରେ ବିଜୟଲାଭ କରିଥିବା ବେଳେ କଂଗ୍ରେସ ଗୋଟିଏ ସିଟ୍ ଜିତିଛି। ୨୦୧୯ ନିର୍ବାଚନରେ ଭାଜପା ୮ଟି ଆସନ ପାଇଥିବା ବେଳେ ଏଥର ଅଧିକ ୧୨ ଆସନ ଜିତିବା ଓଡ଼ିଶାର ରାଜନୈତିକ ପାଣିପାଗକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଆଲୋଚନା ହେଉଛି କେନ୍ଦ୍ରରେ ଭାଜପା ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ଅସମର୍ଥ ହୋଇଥିବା ବେଳେ ଓଡ଼ିଶାରେ ଏହା ତା'ର କରାମତି ଦେଖାଇବାର କାରଣ ଅନେକ ରହିଛି। ତନ୍ମଧ୍ୟରୁ 'ପାଣ୍ଡିଆନ କଥା' ସବୁଠୁ ବେଶି ଲୋକଙ୍କ ମନରେ ଘୃଣା ସୃଷ୍ଟି କଲା। ବିଜେଡି ଦୁର୍ଗପତନ ପାଣ୍ଡିଆନଙ୍କ ପ୍ରଚାର ଯୋଗୁ ଘଟିଛି ବୋଲି ତାଙ୍କ ଦଳର ନେତା ଓ କର୍ମୀମାନେ କହିବା ଆରମ୍ଭ କଲେଣି। ଦେଖିବାକୁ ଗଲେ ଭାଜପାର ଓଡ଼ିଶା ଶାଖା ଯେତିକି ପରିଶ୍ରମ କରିଛି ତା'ଠାରୁ ଅଧିକ ପାଣ୍ଡିଆନ ବିରୋଧୀ ସ୍ୱର ଗୌରିକ ଦଳର ଭୋଟ ବଢ଼ାଇବାରେ ସଫଳ ହୋଇଛି ବୋଲି ଆଲୋଚନା ହେଲାଣି। ବିଜେଡିରେ ନେତାମାନଙ୍କୁ ପଛରେ ରଖି ପ୍ରଥମେ ଜଣେ ବରିଷ୍ଠ ଅମଲାତନ୍ତ୍ରୀ ଓ ପରବର୍ତ୍ତୀ ସମୟରେ ଦଳର ଅନ୍ୟତମ ପ୍ରମୁଖ ନେତା ସାଜି ଓଡ଼ିଶା ଭ୍ରମଣ କରି ବିଭିନ୍ନ କାର୍ଯ୍ୟକ୍ରମ ସହ ନିର୍ବାଚନ ପ୍ରଚାର କରିବାରୁ ସମ୍ଭବତଃ ଅନେକ ଲୋକ ପ୍ରବଳ ମାତ୍ରାରେ ତାଙ୍କୁ ନାପସନ୍ଦ କରିଥିବାର ଆଜି ପ୍ରମାଣ ମିଳିଲା। ଅନ୍ୟପକ୍ଷରେ ଭାଜପାର କେଉଁ ବ୍ୟକ୍ତିତ୍ୱ କେଉଁଠାରେ ପ୍ରାର୍ଥୀ ହେଲେ ତାହାକୁ ସେଭଳି ନ ଦେଖି ଭୋଟର 'ପଦ୍ମ'କୁ ଭରସା କରି ନେଇଥିବା ବିଷୟ ସାଧାରଣରେ ମଧ୍ୟ ଚର୍ଚ୍ଚା ହେଲାଣି। ଯଦି ଭାଜପା ବିଜୟର ଦ୍ୱିତୀୟ କାରଣ ଖୋଜାଯାଏ, ସେଥିରେ ସରକାର ବିରୋଧୀ ପବନ ବହିବାକୁ ରଖାଯାଉଛି। ସେଥିପାଇଁ ତ ବିଜେଡିର ତାମ୍ବଡ଼ା ତାମ୍ବଡ଼ା ନେତା ମଧ୍ୟ ଗଡ଼ିପଡ଼ିଛନ୍ତି।








**ଆଜିର ସମ୍ପାଦକୀୟ**

**ଜଗାର ମାୟା**

ବିଜେଡି ଦୁର୍ଗ ଭାଙ୍ଗିଲା

ପୃଷ୍ଠା-୬


# ଆଶ୍ଚର୍ଯ୍ୟ କଲେ ରାହୁଲ

୨୦୧୯ ଲୋକ ସଭା ନିର୍ବାଚନରେ କଂଗ୍ରେସ ମାତ୍ର ୫୨ ଆସନରେ ସୀମିତ ଥିବାବେଳେ ୨୦୨୪ରେ ପ୍ରାୟ ୨ ଗୁଣା ଆସନ ଦଖଲ କରିବା ସହିତ ପୂର୍ବାପେକ୍ଷା ମଜଭୁତ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ଏବଂ ନ୍ୟାୟ ଯାତ୍ରାରେ ଲୋକେ ଯୋଡ଼ି ହୋଇଥିବାରୁ ଦଳକୁ ଏହି ସଫଳତା ମିଳିଥିବା କୁହାଯାଉଛି। ରାହୁଲଙ୍କ ପ୍ରଦର୍ଶନକୁ ନେଇ ନିର୍ବାଚନୀ ପଣ୍ଡିତମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଫଳାଫଳର ଟ୍ରେଣ୍ଡକୁ ଦେଖି ରାହୁଲ ନିଜ ପ୍ରତିକ୍ରିୟାରେ ଆତ୍ମବିଶ୍ୱାସୀ ମନେହେଉଛନ୍ତି। ଏହି ଅବସରରେ ରାହୁଲ କହିଛନ୍ତି, ଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ପ୍ରତ୍ୟାଖ୍ୟାନ କରିଥିବା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ଏଥରର ଲଢ଼େଇ ସମ୍ବିଧାନର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା। ସମ୍ବିଧାନର ସୁରକ୍ଷା ଲାଗି ଦେଶବାସୀ ଏକାଠି ଲଢ଼ିଥିବାରୁ ରାହୁଲ ହୃଦୟରୁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେଶବାସୀଙ୍କ ପାଇଁ ସେ ଅତ୍ୟନ୍ତ ଗର୍ବିତ ବୋଲି କହିଛନ୍ତି।



# ଉତ୍ତରପ୍ରଦେଶ ଝଟକା

ଉତ୍ତର ପ୍ରଦେଶରେ ଭାଜପାର ରାମମନ୍ଦିର ଫ୍ୟାକ୍ଟର, ହାଇଭୋଲ୍ଟେଜ୍ ପ୍ରଚାର କିଛି କାମ କଲାନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାୟ ୟୁପିରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସମସ୍ତ ୮୦ ଆସନ ଦଖଲ କରିବାକୁ ଲକ୍ଷ୍ୟ ରଖିଥିଲା। ଏଥିପାଇଁ ସବୁ ପ୍ରକାର କଳ, ବଳ, କୌଶଳ ପ୍ରୟୋଗ କରିଥିଲା। କିନ୍ତୁ ଏଠାରେ ଶାସକ ମେଣ୍ଟ ମାତ୍ର ୩୪ ଆସନରେ ସୀମିତ ହୋଇ ରହିଯାଇଛି। ଭାଜପାକୁ ୩୧ ଆସନରେ ସଫଳତା ମିଳିଥିବାବେଳେ ସହଯୋଗୀ ଜୟନ୍ତ ଚୌଧୁରୀଙ୍କ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ୨ ଏବଂ ଅପ୍‌ନା ଦଳ (ସୋନେଲାଲ) ଅଧ୍ୟକ୍ଷା ଅନୁପ୍ରିୟା ପଟେଲ ଗୋଟିଏ ଆସନରେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷେ ନିର୍ବାଚନରେ 'ୟୁପିକେ ଲଡ଼କେ' (ଅଖିଳେଶ ଯାଦବ ଓ ରାହୁଲ ଗାନ୍ଧୀ)ଙ୍କ ଯୋଡ଼ିର ଯାଦୁ ଦେଖିବାକୁ ମିଳିଛି। ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି) ଏଥର ଏକାକୀ ୩୮ ଆସନ ଦଖଲ କରିଥିବାବେଳେ କଂଗ୍ରେସ ପ୍ରାର୍ଥୀ ୭ ଆସନରେ ସଫଳ ହୋଇଛନ୍ତି। ଏସ୍‌ପିର ପାରମ୍ପରିକ କନୌଜ ଆସନରେ ଅଖିଳେଶ ପ୍ରାୟ ୧ ଲକ୍ଷ ୭୦ ହଜାର ଭୋଟ ବ୍ୟବଧାନରେ ଭାଜପାର ସୁବ୍ରତ ପାଠକଙ୍କୁ ହରାଇ ଦେଇଛନ୍ତି। ସେହିପରି ମୈନପୁରୀ ଲୋକ ସଭା ଆସନରେ ଅଖିଳେଶଙ୍କ ସ୍ତ୍ରୀ ଡିମ୍ପଲ ଯାଦବ ଭାଜପାର ଜୟବୀର ସିଂଙ୍କୁ ୨ ଲକ୍ଷ ୨୧ ହଜାର ଭୋଟ ପଛରେ ପକାଇ ବିଜୟୀ ହୋଇଛନ୍ତି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାଏବରେଲିରେ ଭାଜପାର ଦୀନେଶ ପ୍ରତାପ ସିଂଙ୍କୁ ୩ ଲକ୍ଷ ୯୦ ହଜାର ଭୋଟ ବ୍ୟବଧାନରେ ହରାଇ ମା' ସୋନିଆ

☞ପୃଷ୍ଠା-୨



# ମମତାଙ୍କ ମ୍ୟାଜିକ୍

ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମ୍ୟାଜିକ୍ ଭାଜପାର ସବୁ ଆକଳନକୁ ଭୁଲ୍ ସାବ୍ୟସ୍ତ କରିଛି। ତାଙ୍କ ଜଲୱା ଆଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲହର ଫିକା ପଡ଼ିଯାଇଛି। ରାଜ୍ୟର ୪୨ ଲୋକ ସଭା ଆସନ ମଧ୍ୟରୁ ମମତାଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୨୯ ଆସନ ଦଖଲ କରିଥିବାବେଳେ ଭାଜପା ୧୨ଟିରେ ସୀମିତ ରହିଯାଇଛି। ଅଧିକ ଆସନ ହାତେଇବା ଲକ୍ଷ୍ୟ ରଖିଥିବା ଗୈରିକ ଦଳକୁ ଏଠାରେ ଶକ୍ତ ଝଟକା ଲାଗିଛି। ଡାଇମଣ୍ଡ ହାର୍ବର ଆସନରୁ ଲଢୁଥିବା ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ୨ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଜାତୀୟ ସ୍ତରରେ ଟିଏମ୍‌ସି ଇଣ୍ଡିଆନ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲିଆନ୍ସ

☞ପୃଷ୍ଠା-୨





ନବୀନ ପଟ୍ଟନାୟକ



ମନମୋହନ ସାମଲ



ଶରତ ପଟ୍ଟନାୟକ

# ୩ ସଭାପତି ହାରିଲେ

୨୦୨୪ ନିର୍ବାଚନରେ ଦୀର୍ଘ ୨୪ବର୍ଷର ବିଜେଡି ସରକାରକୁ ପଛରେ ପକାଇ ଭାଜପା ରାଜ୍ୟରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି। ହେଲେ ଏହି ନିର୍ବାଚନରେ ଲଢ଼େଇ କରୁଥିବା ୩ ଦଳର ମୁଖିଆମାନଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ଟି ଆସନ ହିଞ୍ଜିଳି ଏବଂ କଣ୍ଟାବାଞ୍ଜିରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ ତାଙ୍କୁ କଣ୍ଟାବାଞ୍ଜି ଆସନରୁ ପରାଜୟବରଣ କରିବାକୁ ପଡ଼ିଛି। ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ୍ ତାଙ୍କୁ ୧୬,୩୨୧ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ସେହିପରି ଚାନ୍ଦବାଲି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଭାଜପା ରାଜ୍ୟ ସଭାପତି

☞ପୃଷ୍ଠା-୨

# ଓଡ଼ିଶାକୁ ଧନ୍ୟବାଦ ଜଣାଇଲେ ମୋଦି

ଚଳିତ ସାଧାରଣ ନିର୍ବାଚନରେ ଓଡ଼ିଶାରେ ଭାଜପାକୁ ବହୁମତ ମିଳିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ଲେଖିଛନ୍ତି, ଧନ୍ୟବାଦ ଓଡ଼ିଶା। ଉତ୍ତମ ପ୍ରଶାସନ ଏବଂ ଓଡ଼ିଶାର ଅଭିନବ ସଂସ୍କୃତି ପାଇଁ ଏହାଏକ ଐତିହାସିକ ବିଜୟ। ଓଡ଼ିଶାବାସୀଙ୍କ ସ୍ୱପ୍ନକୁ ପୂରଣ କରିବା ଓ ରାଜ୍ୟକୁ ପ୍ରଗତିର ନୂତନ ଶିଖରକୁ ନେଇଯିବା ଲାଗି ଭାଜପା ସବୁ ପ୍ରକାର ଉଦ୍ୟମ କରିବ। କଠିନ ପରିଶ୍ରମ କରିଥିବା ଆମର ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ମୁଁ ଗର୍ବିତ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ୧୦୧ତମ ବାର୍ଷିକ ଓ ଫାଉଣ୍ଡେଶନର ୩୨ତମ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଅଭିଳାଷ ଥିଏଟର ପ୍ରଯୋଜିତ ନାଟକ 'ଅନ୍ଧଗଳି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା

## ପୁରୀ
- ପୁରୁଷ ଓ ମହିଳା ହାଣ୍ଡବଲ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଝାଡେଶ୍ୱରୀ କ୍ଲବ ପ୍ରାଙ୍ଗଣ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।
- ପୁରୀରେ ଘଟିଥିବା ବାଣ ବିସ୍ଫୋରଣ ଘଟଣାର ତଦନ୍ତ କମିଶନର ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ସ୍ପେସିଆଲ ସର୍କିଟ ହାଉସ ସମ୍ମିଳନୀ କକ୍ଷ, ପୁରୀ, ସମୟ: ଅପରାହ୍ନ ୩ଟା।
- ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ, ସ୍ଥାନ: ସେଣ୍ଟ ଜାଭିୟର ସ୍କୁଲ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ ଓ ପ୍ରବଚନ ପୂର୍ଣ୍ଣାହୁତି ଯଜ୍ଞ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ନିକଟ, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ବିଜୟ ଉତ୍ସବ, ସ୍ଥାନ: ଭଦ୍ରକ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ବିଶ୍ୱ ପରିବେଶ ଦିବସ, ସ୍ଥାନ : ସଂସ୍କୃତି ଭବନ, କେନ୍ଦୁଝର , ସମୟ : ସକାଳ ୮ଟା ୩୦।
- ଭାଜପାର ବିଜୟ ଶୋଭାଯାତ୍ରା, ସ୍ଥାନ: କେନ୍ଦୁଝର ସହର, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ
- ଓଆର୍ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍ ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ପରିବେଶ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ଗୁରୁ ସତ୍ୟନାରାୟଣ ଉଦ୍ୟାନ, ସମୟ: ସକାଳ ୭ଟା।
- ବୁଢ଼ାରଜା ବନ ସୁରକ୍ଷା ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ, ସ୍ଥାନ : ସହଯୋଗନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା।
- ଭଏସ ଅଫ ମିଡିଆର ବାର୍ଷିକ ବୈଠକ, ସ୍ଥାନ : ସାକେତ ସଭା କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ପରିବେଶ ଦିବସ, ସ୍ଥାନ : ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦।
- ବ୍ରଜମୋହନ ପଣ୍ଡା ଜୟନ୍ତୀ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ହରିଶଙ୍କରଠାରେ ବିଶ୍ୱ ପରିବେଶ ଦିବସ ପାଳନ, ସ୍ଥାନ: ହରିଶଙ୍କର, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୮ଟା।

## ବରଗଡ଼
- ଶୀତଳଷଷ୍ଠୀ ଅବସରରେ ମୀନାବଜାର ଉଦ୍‌ଘାଟନ, ସ୍ଥାନ: ପଦ୍ମପୁର ବଡପଡା, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଧୂମାଭଟା ଗାଁ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ସଚେତନତା ରାଲି, ସ୍ଥାନ: ବେଳାଭୂମି ମାର୍ଗ, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଆଇଓସିଏଲ୍, ଓମଙ୍ଗ ଅତିଥି ଭବନ, ପାରାଦୀପ, ସମୟ: ସକାଳ ୯ଟା।
- ବିଶ୍ୱ ପରିବେଶ ଦିବସରେ ଭାଗନେଇଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ, ସମୟ: ସକାଳ ୯ ଟା।
- ନେଚର କେୟାର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର, ସ୍ଥାନ: ଜୟଦେବ ସଦନ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା
- ଶ୍ରୀରଙ୍ଗବଲ୍ଲଭଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

# ଦିଶାଙ୍କ ଆଗାମୀ ପ୍ରୋଜେକ୍ଟ 'ୱେଲକମ୍ ଟୁ ଦି ଜଙ୍ଗଲ'


ଦିଶା ପଟାନି

ମୁମ୍ବାଇ

୨୦୧୬ରେ 'ଏମ୍. ଏସ୍. ଧୋନି: ଦ ଅନ୍‌ଟୋଲ୍ଡ ଷ୍ଟୋରି' ମାଧ୍ୟମରେ ବଲିଉଡ୍ ଇଣ୍ଡଷ୍ଟ୍ରୀରେ ଅଭିନେତ୍ରୀ ଦିଶା ପଟାନି ଡେବ୍ୟୁ କରିଥିଲେ। ଏହି ଫିଲ୍ମରେ ଦିଶାଙ୍କ ଅଭିନୟକୁ ଖୁବ୍ ପ୍ରଶଂସା କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ 'ଭାରତ', 'ମଲଙ୍ଗ', 'ବାଘି-୩' ଭଳି ଫିଲ୍ମରେ ନିଜ ଅଭିନୟର ଯାଦୁ ଦେଖାଇଥିଲେ। ତେବେ ଏହି ଅଭିନେତ୍ରୀଙ୍କୁ ଆଗାମୀ ଦିନରେ 'ୱେଲ୍‌କମ୍ ଟୁ ଦି ଜଙ୍ଗଲ'ରେ ଦେଖିବାକୁ ମିଳିବ। ନିକଟରେ ଏକ ସାକ୍ଷାତ୍‌କାରରେ ଦିଶା ଏହାକୁ ଏକ ଆଉଟ୍ ଭେଞ୍ଚର କମେଡି ଫିଲ୍ମ କହି ଏଥିରେ ଅଭିନୟ କରିବା ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ହୋଇଥିବା କହିଥିଲେ। ଏହି ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ସହ ଦିଶାଙ୍କ ଯୋଡ଼ିକୁ ଦେଖିବାକୁ ମିଳିବ। ସେହିପରି ଏହି ଫିଲ୍ମ ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ଼ ଦେବ ବୋଲି ଦିଶା ଏହି ସାକ୍ଷାତ୍‌କାରରେ ଆଶା ପ୍ରକଟ କରିଛନ୍ତି। 'ୱେଲକମ୍ ଟୁ ଦି ଜଙ୍ଗଲ' ଫିଲ୍ମରେ ଦିଶାଙ୍କ ସହିତ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍, ରବିନା ଟଣ୍ଡନଙ୍କ ସହ ଅଭିନେତା ସଞ୍ଜୟ ଦତ୍ତ, ଅର୍ଶଦ୍ ୱାର୍ଶି, ସୁନୀଲ ସେଟ୍ଟୀ, ରାଜପାଲ ଯାଦବ, ଶ୍ରେୟସ ତଲପଡ଼େ, ଜନି ଲିବର, ପରେଶ ରାୱଲ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଅହମ୍ମଦ ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଆସନ୍ତା ଡିସେମ୍ବର ୨୦ ତାରିଖରେ ରିଲିଜ୍ ହେବ।

ଏହା ବ୍ୟତୀତ ଦିଶା ନାଗ୍ ଅଶ୍ୱିନୀଙ୍କର ନିର୍ଦ୍ଦେଶିତ 'କଲ୍କି ୨୮୯୮ ଏଡି'ରେ ମଧ୍ୟ ନଜର ଆସୁଛନ୍ତି। ଏହି ଫିଲ୍ମରେ ଦିଶାଙ୍କ ସହ ଅଭିନେତା ପ୍ରଭାସ ଓ ଅମିତାଭ ବଚ୍ଚନଙ୍କ ସହ ଅଭିନେତ୍ରୀ ଦୀପିକା ପାଦୁକୋନ୍, ନଜର ଆସିବେ। ଏହି ଚଳଚ୍ଚିତ୍ର ଆସନ୍ତା ଜୁନ ୨୭ରେ ମୁକ୍ତିଲାଭ କରିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ ପରିବାରରେ କେତେକ ପୁରୁଣା ସମସ୍ୟା ବିଷୟରେ ଆଲୋଚନା କରିବେ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଲେ ମଧ୍ୟ ସହଜରେ ସମାଧାନ ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟିକ ସ୍ଥିତି, ପାରିବାରିକ ସମସ୍ୟା ଚିନ୍ତାର କାରଣ ହୋଇପାରେ।

**ବୃଷ**
ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟ ଲାଭପୂର୍ବକ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ରୋହିଣୀ ନକ୍ଷତ୍ର ବନ୍ଧୁଙ୍କ ସହ ତିର୍ଥାଟନ ଚିନ୍ତା କରିପାରନ୍ତି। ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି।

**ମିଥୁନ**
ପାରିବାରିକ କ୍ଷେତ୍ରରେ କେତେକ ଅସଂଗତିକୁ ନେଇ ଦୁର୍ଭାବନା ବଢ଼ିଚାଲିବ। କାର୍ଯ୍ୟହାନି ଜନିତ ନିଜ ଲୋକମାନଙ୍କ ଉପରୁ ଆସ୍ଥା ହରାଇପାରନ୍ତି। ସାମାନ୍ୟ ସ୍ୱାସ୍ଥ୍ୟହାନି ଜନିତ ସମସ୍ୟା ଲାଗି ରହିବାରୁ ମନସ୍ତାପ କରିବେ। ନିଜର ଇଚ୍ଛା ଅନୁଯାୟୀ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇପାରନ୍ତି।

**କର୍କଟ**
କର୍ମଦକ୍ଷତା ହେତୁ ସାମାଜିକ ପ୍ରତିଷ୍ଠା ମିଳିବା ସହ କାମକୁ ତ୍ୱରାନ୍ୱିତ କରିପାରିବେ। ଆନୁଷଙ୍ଗିକ ସୁବିଧା ସୁଯୋଗ ହାସଲ କରିବା ସହ ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ**
ସାଧାରଣ କଥାକୁ କେନ୍ଦ୍ର କରି ପାରିବାରିକ ଜୀବନରେ ବୁଝାମଣା ଠିକ୍ ରହିବ ନାହିଁ। ବିଜାତୀୟ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଜମିଜମା, କଳକାରଖାନା, ହୋଟେଲ ଶିଳ୍ପ ପ୍ରଭୃତିରେ ସଫଳତା ହାସଲ କରିବେ। ରାଜନୈତିକ କ୍ଷେତ୍ରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ଆର୍ଥିକ ଦିଗରୁ ସମସ୍ୟା ହଟିଯିବ ଏବଂ ଯାହା ପାଇବା ପାଇଁ ଚେଷ୍ଟା କରୁଛନ୍ତି ତାହା ନିଷ୍ଫଳ ହେବ ନାହିଁ। ବୁଝାମଣା ଅଭାବରୁ ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ପଦାଧିକାରୀ ଆପଣଙ୍କ କାମକୁ ତ୍ୱରାନ୍ୱିତ କରାଇବା ସକାଶେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ।

**ତୁଳା**
ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ଘଟିବା ହେତୁ ଖୁସି ରହିବେ। କଥା ମାନୁ ନ ଥିବା କିମ୍ବା ଶୁଣୁ ନ ଥିବା ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ଆର୍ଥିକ ଅନଟନ, ପାରିବାରିକ ଅସନ୍ତୋଷ, କାର୍ଯ୍ୟହାନି, ବାକି ରହିଥିବା ଟଙ୍କା ପରିଶୋଧ ସକାଶେ ମନ ଅସ୍ଥିର ରହିବ।

**ବିଛା**
ଅସାମାଜିକ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କ ନିକଟରୁ ଧାର ସୂତ୍ରରେ ଅର୍ଥ ଆଣିବେ ଓ ଏଥିପାଇଁ ବହୁତ ଫନ୍ଦି ଫିକର କରିବାକୁ ପଡ଼ିବ। ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ପ୍ରଶାସନିକ ସ୍ତରରେ ସନ୍ତୋଷଜନକ ଫଳ ପାଇବେ। ବନ୍ଧୁଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**
ପ୍ରତ୍ୟେକ କଥାରେ ହଁ ଭରିବା ସମସ୍ୟାର କାରଣ ହେବ। କୌଣସି କଥାରେ ଜୋର୍ ନ କରି କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେଲେ ଉପକୃତ ହେବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ନ କରି ମଧ୍ୟ ଅଶାନ୍ତି ଅନୁଭବ କରିପାରନ୍ତି।

**ମକର**
ଆଜି ଦିନ ଭିତରେ ଘରେ ହେଉ କିମ୍ବା ବାହାରେ ସାଧାରଣ କଥାରେ କଳହର ସମ୍ଭାବନା ରହିଛି। ଖର୍ଚ୍ଚବୃଦ୍ଧି ସାଙ୍ଗକୁ ପାରିବାରିକ ଜଞ୍ଜାଳ ବୃଦ୍ଧି ମନସ୍ତାପର କାରଣ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପ୍ରାୟତଃ ମାନ୍ଦା ହେବ ନାହିଁ। ନିର୍ମାଣାଧୀନ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସନ୍ତାନହେତୁକ ଚିନ୍ତା ଟଳିବ।

**କୁମ୍ଭ**
ଆପଣଙ୍କ ଆଶା ଓ ଅଭିଳାଷ ଅବଶ୍ୟ ପୂରଣ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କର୍ମକ୍ଷେତ୍ରରେ ଅଶାନ୍ତି ସୃଷ୍ଟି କରିପାରନ୍ତି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ସନ୍ତାନଙ୍କ ସକାଶେ ବ୍ୟସ୍ତତା ଏବଂ ପାରିବାରିକ ସମସ୍ୟାଜନିତ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ମୀନ**
କର୍ମକ୍ଷେତ୍ରରେ କୌଣସି ଅସୁବିଧା ନ ଥିଲେ ମଧ୍ୟ କେତେକ ଅପୂରଣୀୟ ଆଶା ମନକୁ ବ୍ୟତିବ୍ୟସ୍ତ କରିବ। ପରୋକ୍ଷ ଶତ୍ରୁତା କାରଣରୁ ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଦୀର୍ଘଦିନ ହେଲା ଖୋଜୁଥିବା ଲୋକଟିର ଖବର ପାଇପାରନ୍ତି। ବନ୍ଧୁମାନଙ୍କ ସମ୍ମୁଖରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ।

ଆଜି ଜୁନ୍ ୫ ତାରିଖ, ବିଶ୍ୱ ପରିବେଶ ଦିବସ, ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ ବୁଧବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୪୮ ଗତେ ଘ.୦୮।୨୮ ମଧ୍ୟେ, ଘ.୧୦।୦୬ ଗତେ ଘ.୧୧।୧୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୪୫ ଗତେ ଘ.୦୧।୨୩ ମଧ୍ୟେ ରାହୁକାଳ।

# ଯୁବତୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ଦେବଗଡ଼,୪।୬(ଶଶାଙ୍କଶେଖର ଝାଙ୍କର):** ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ କଖାରୁମାଳ ଗ୍ରାମରେ ମଙ୍ଗଳବାର ଜଣେ ଯୁବତୀଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। କଖାରୁମାଳ ଗ୍ରାମର ପ୍ରତାପ ପ୍ରଧାନଙ୍କ ଝିଅ ରୀନା ପ୍ରଧାନ (୪୦)ପୂର୍ବାହ୍ନରେ ହଠାତ ପେଟରେ ଯନ୍ତ୍ରଣା ଅନୁଭବ କରିବା ସହ ଗୁରୁତର ହୋଇ ପଡିଥିଲେ। ଫଳରେ ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଅବସ୍ଥା ଗମ୍ଭୀର ଥିବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିବା ବେଳେ ଅପରାହ୍ନ ପ୍ରାୟ ୨ଟାରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ପାଇ ରିଆମାଳ ଥାନାପୋଲିସଏକଅପମୃତ୍ୟୁମାମଲାରୁଜୁକରିଘଟଣାରତଦନ୍ତକରୁଛି।

# ପ୍ରଥମ ପୃଷ୍ଠାରୁ...

## ୨୭୨ ଛୁଇଁଲାନି...

ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ୨୨୯ ଆସନ ଦଖଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଶାସକ ମେଣ୍ଟ ହ୍ୟାଟ୍ରିକ୍ ବିଜୟ ଲାଭ ଗରି ଲଗାତର ତୃତୀୟ ଥର ପାଇଁ ସରକାର ଗଢ଼ିବା ଦିଗରେ ଅଗ୍ରସର ହୋଇଛି। ଇଣ୍ଡିଆ ବ୍ଲକ୍ ସଂଖ୍ୟାଗରିଷ୍ଠତାରୁ ୪୩ ଆସନ ପଛରେ ଥିଲେ ମଧ୍ୟ ସରକାର ଗଠନ ପାଇଁ ସୁଯୋଗ ଖୋଜୁଛି। ଏହିକ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର ନୂଆଦିଲ୍ଲୀରେ ବିରୋଧୀ ମେଣ୍ଟର ବୈଠକ ଡାକିଛନ୍ତି। ଏନେଇ ପୂର୍ବ ସହଯୋଗୀମାନଙ୍କ ସହ ଆଲୋଚନା ପାଇଁ ଯୋଗାଯୋଗ ଚାଲିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଇତିମଧ୍ୟରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି-ଏସ୍‌ପି) ମୁଖ୍ୟ ଶରଦ ପାଓ୍ୱାର ପ୍ରତିଷ୍ଠାତା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସୁପ୍ରିମୋ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଫୋନ୍ କରି ସମର୍ଥନ ମାଗିଥିବା ଜଣାପଡ଼ିଛି।

ଅଷ୍ଟାଦଶ ଲୋକ ସଭା ପାଇଁ ଏପ୍ରିଲ ୧୯ରୁ ଜୁନ୍ ୧ ମଧ୍ୟରେ ୭ ପର୍ଯ୍ୟାୟରେ ୫୪୩ ସଂସଦୀୟ କ୍ଷେତ୍ରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦି ଏଥର ଭାଜପା ୩୭୦ରୁ ଅଧିକ ଏବଂ ଏନ୍‌ଡିଏ ୪୦୦ ଅତିକ୍ରମ କରିବ ବୋଲି ନିର୍ବାଚନୀ ସଭାଗୁଡ଼ିକରେ ବାରମ୍ବାର ଦୋହରାଉଥିଲେ। କଂଗ୍ରେସ ପୂର୍ବରୁ ଏଭଳି କୌଣସି ଟାର୍ଗେଟ ସ୍ଥିର କରି ନ ଥିଲେ ହେଁ ଇଣ୍ଡିଆ ମେଣ୍ଟ ୨୯୫ରୁ ଅଧିକ ଆସନ ଦଖଲ କରିବ ବୋଲି ଏକ୍‌ଜିଟ୍ ପୋଲ୍ ପ୍ରକାଶ ପୂର୍ବରୁ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ। ସର୍ବେକ୍ଷଣ ସଂସ୍ଥାଗୁଡ଼ିକ ମଧ୍ୟ ଏନ୍‌ଡିଏ ୩୬୦ ଉପରେ ଆସନ ଦଖଲ କରିବ ବୋଲି ଭବିଷ୍ୟବାଣୀ କରିଥିଲେ। ମଙ୍ଗଳବାର ସକାଳ ୮ଟାରେ ଭୋଟ ଗଣତି ଆରମ୍ଭ ହେବା ପରେ ଚିତ୍ର ବଦଳିଯାଇଥିଲା। ପ୍ରଥମେ ଉଭୟ ଏନ୍‌ଡିଏ ଏବଂ ଇଣ୍ଡିଆ ପାଖାପାଖି ଅବସ୍ଥାରେ ଥିଲେ। ଅପରାହ୍ନରେ ଦୁଇ ମେଣ୍ଟ ମଧ୍ୟରେ ବ୍ୟବଧାନ ବଢ଼ିଥିଲା। କିନ୍ତୁ ଶେଷ ଆଡ଼କୁ ଏହି ବ୍ୟବଧାନ ପୁଣି କମିଯାଇଥିଲା।

୨୦୨୪ ନିର୍ବାଚନରେ ଭାଜପାକୁ ସର୍ବାଧିକ ନିରାଶ ହେବାକୁ ପଡ଼ିଛି ସବୁଠୁ ବଡ଼ ରାଜ୍ୟ ଉତ୍ତର ପ୍ରଦେଶରେ। ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ୟୁପିର ୮୦ ଆସନ ପାଇଥିବା ଏନ୍‌ଡିଏ ଏଥର ସମସ୍ତ ୮୦ ଆସନ ଦଖଲ କରିବାକୁ ଲକ୍ଷ୍ୟ ରଖିଥିଲା। କିନ୍ତୁ ଏଠାରେ ଶାସକ ମେଣ୍ଟ ମାତ୍ର ୩୪ ଆସନରେ ସୀମିତ ହୋଇ ରହିଯାଇଛି। ଭାଜପାକୁ ୩୧ ଆସନରେ ସଫଳତା ମିଳିଥିବାବେଳେ ସହଯୋଗୀ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ୨ ଏବଂ ଅପ୍‌ନା ଦଳ (ସୋନେଲାଲ) ଗୋଟିଏ ଆସନ ଜିତିଛି। ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି) ୩୮ ଆସନ ଦଖଲ କରିଥିବାବେଳେ କଂଗ୍ରେସ ପ୍ରାର୍ଥୀ ୭ ଆସନରେ ସଫଳ ହୋଇଛନ୍ତି। ଆଜାଦ୍ ସମାଜ ପାର୍ଟି (କାଂଶିରାମ) ଗୋଟିଏ ଆସନ ଜିତିଛି। ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଖାତା ଖୋଲିପାରି ନାହିଁ। ମୋଦିଙ୍କ ରାମମନ୍ଦିର ଫ୍ୟାକ୍ଟର ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଏନ୍‌କାଉଣ୍ଟର ଓ ବୁଲ୍ଡୋଜର ରାଜନୀତିକୁ ୟୁପି ଭୋଟର ପ୍ରତ୍ୟାଖ୍ୟାନ କରିଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

ଲୋକ ସଭା ଆସନ ସଂଖ୍ୟା ଦୃଷ୍ଟିରୁ ଦ୍ୱିତୀୟ ବଡ଼ ରାଜ୍ୟ ମହାରାଷ୍ଟ୍ର(୪୮)ରେ ମଧ୍ୟ ଭାଜପାକୁ ବଡ଼ ଝଟକା ଲାଗିଛି। ଭାଜପା ୧୦ ଆସନରେ ସୀମିତ ରହିଥିବାବେଳେ ଏହାର ସହଯୋଗୀ ଶିବସେନା (ଶିନ୍ଦେ)କୁ ୭ ଏବଂ ଅଜିତ୍ ପାଓ୍ୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)କୁ ଗୋଟିଏ ଆସନ ମିଳିଛି। ଅନ୍ୟପକ୍ଷେ କଂଗ୍ରେସ ୧୩ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ୟୁବିଟି ୧୦ ଆସନ ପାଇଛି। ମହାବିକାଶ ଅଘାଡ଼ି (ଏମ୍‌ଭିଏ)ର ଅନ୍ୟତମ ସହଯୋଗୀ ଏନ୍‌ସିପି-ଶରଦ ଚନ୍ଦ୍ର ୭ ଲୋକ ସଭା ଆସନ ଦଖଲ କରିଛି। ବାରାମତୀ ଆସନରେ ପାଓ୍ୱାରଙ୍କ ଝିଅ ତଥା ସ୍ଥାନୀୟ ଏମ୍‌ପି ସୁପ୍ରିୟା ସୁଲେ ପୁନର୍ବାର ବିଜୟୀ ହୋଇଛନ୍ତି। ଉଦ୍ଧବ ଓ ପାଓ୍ୱାରଙ୍କ ଦଳ ଭାଙ୍ଗିଯାଇଥିଲେ ମଧ୍ୟ ସେମାନଙ୍କ ଗୋଷ୍ଠୀକୁ ଅଧିକ ଜନ ସମର୍ଥନ ମିଳିଛି। ସାଙ୍ଗଲି ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଶାଳ ପ୍ରକାଶପ୍ରଭୁ ପାଟିଲ ବିଜୟୀ ହୋଇଛନ୍ତି।

ପଶ୍ଚିମବଙ୍ଗରେ ଗତ ବିଧାନସଭା ଭୋଟ ଭଳି ଏଥର ମଧ୍ୟ 'ଦିଦି ବନାମ ମୋଦି' ନିର୍ବାଚନ ହୋଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ(ଟିଏମ୍‌ସି)କୁ ହରାଇ ଅଧିକ ଆସନ ଦଖଲ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ସହଯୋଗୀମାନେ ଧୂଆଁଧାର ପ୍ରଚାର କରିଥିଲେ। ପ୍ରତିଟି ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ମମତାଙ୍କୁ ହିନ୍ଦୁବିରୋଧୀ ଆଖ୍ୟା ଦେଇ ଟାର୍ଗେଟ କରିଥିଲେ। ଏପରି କି ମୁସଲିମ୍ ବହୁଳ ସନ୍ଦେଶଖାଲି ହିଂସାକୁ ଧ୍ରୁବୀକରଣର ପ୍ରୟୋଗଶାଳାରେ ପରିଣତ କରିଥିଲେ। ଏହାର ଫଳାଫଳ ଓଲଟା ଆସିଲା। ଟିଏମ୍‌ସି ୨୯ ଆସନରେ ବିଜୟୀ ହେଲା। ଭାଜପା ଗତଥର ୧୮ ଆସନ ଦଖଲ କରିଥିବାବେଳେ ଏଥର ୧୨ରେ ସୀମିତ ରହିଗଲା। ଏହାର ଫାଇଦା ଟିଏମ୍‌ସିକୁ ମିଳିଥିବା କୁହାଯାଉଛି। ୪୨ ଆସନ ମଧ୍ୟରୁ କଂଗ୍ରେସ କେବଳ ମାଲଦାରେ ବିଜୟୀ ହୋଇଛି।

ମଧ୍ୟପ୍ରଦେଶର ସମସ୍ତ ୨୯ ଆସନରେ ଭାଜପା ବିଜୟୀ ହୋଇଛି। ଛତିଶଗଡ଼ର ୧୧ ଲୋକ ସଭା ଆସନ ମଧ୍ୟରୁ ଭାଜପାକୁ ୧୦ ଏବଂ କଂଗ୍ରେସକୁ ଗୋଟିଏ ସିଟ୍‌ରେ ସଫଳତା ମିଳିଛି। ରାଜସ୍ଥାନର ୨୫ ଆସନ ମଧ୍ୟରୁ ଭାଜପା ୧୪ ଓ କଂଗ୍ରେସ ପ୍ରାର୍ଥୀ ୮ଟିରେ ବିଜୟୀ ହୋଇଛନ୍ତି। ସିପିଆଇଏମ୍, ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି ଏବଂ ଭାରତ ଆଦିବାସୀ ପାର୍ଟି ଗୋଟିଏ ଲେଖାଏ ଆସନ ଜିତିଛନ୍ତି। ଅନ୍ୟତମ ହିନ୍ଦୀଭାଷୀ ରାଜ୍ୟ ବିହାରରେ ଏନ୍‌ଡିଏର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିଛି। ଏଠାରେ ଭାଜପା ୧୨, ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ୧୨, ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି ରାମବିଲାଶ (ଏଲ୍‌ଜେପିଆର୍‌ଭି) ୫ ଆସନ ଦଖଲ କରିଛି। ହିନ୍ଦୁସ୍ଥାନୀ ଆଓ୍ୱାମ ମୋର୍ଚ୍ଚା (ଏଚ୍‌ଏଏମ୍) ମୁଖ୍ୟ ଜିତନରାମ ମାଞ୍ଝି ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଲଢ଼ିଥିବା ୨୩ ଆସନ ମଧ୍ୟରୁ ୪ ଏବଂ ସହଯୋଗୀ କଂଗ୍ରେସ ଅନ୍ୟ ୩ ଆସନରେ ବିଜୟୀ ହୋଇଛି। ସିପିଆଇଏମ୍ଏଲ୍‌ର ୨ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ଜିତିଛନ୍ତି।

ଗୁଜରାଟର ୨୬ ଆସନ ମଧ୍ୟରୁ ଭାଜପା ୨୫ଟିରେ ବିଜୟୀ ହୋଇଥିବାବେଳେ ବନାସକାଣ୍ଠା ଆସନ କଂଗ୍ରେସ ହାତକୁ ଯାଇଛି। ଝାଡ଼ଖଣ୍ଡର ୧୪ ଆସନରୁ ଭାଜପା ୮, ଶାସକ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ୩ ଏବଂ ଏହାର ସହଯୋଗୀ କଂଗ୍ରେସକୁ ୨ଟି ଆସନରେ ସଫଳତା ମିଳିଛି। ଦିଲ୍ଲୀ ସମସ୍ତ ୭ ଆସନ ଭାଜପା ପୁନର୍ବାର ପୋଛି ନେଇଛି। ଜାତୀୟ ରାଜଧାନୀ ଦିଲ୍ଲୀ ରାଜନୀତିରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଜାତୀୟ ଭୂମିକାକୁ ଭୋଟର ଗ୍ରହଣ କରିପାରି ନାହାନ୍ତି।

ଦକ୍ଷିଣ ଭାରତର ସବୁଠୁ ବଡ଼ ରାଜ୍ୟ ତାମିଲନାଡୁରେ ୩୯ ଲୋକ ସଭା ଆସନ ରହିଛି। ଏଠାରେ ଶାସକ ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ନେତୃତ୍ୱାଧୀନ ମେଣ୍ଟକୁ ବଡ଼ ସଫଳତା ମିଳିଛି। ଡିଏମ୍‌କେ ୨୨ ଏବଂ ଏହାର ସହଯୋଗୀ କଂଗ୍ରେସ ୯ ଆସନ ଦଖଲ କରିଛି। ସିପିଆଇଏମ୍ ୨, ସିପିଆଇ ୧, ଏମ୍‌ଡିଏମ୍‌କେ ୧, ସିଭିକେ ୨ ଏବଂ ଏଆଇୟୁଏମ୍ଏଲ୍ ଗୋଟିଏ ଆସନରେ ଜିତିଛି। ଭାଜପା ୨୩ ଆସନରେ ଲଢ଼ିଥିଲେ ମଧ୍ୟ ଖାତା ଖୋଲିପାରି ନାହିଁ। ଭାଜପା ମେଣ୍ଟ କରିଥିବା ଛୋଟ ଆଞ୍ଚଳିକ ଦଳଗୁଡ଼ିକୁ ଗୋଟିଏ ବି ଆସନରେ ସଫଳତା ମିଳିନାହିଁ। ନିର୍ବାଚନ ପ୍ରଚାର ଶେଷ ହେବା ପରେ ପ୍ରଧାନମନ୍ତ୍ରୀ କନ୍ୟାକୁମାରୀସ୍ଥିତ ବିବେକାନନ୍ଦ ଶିଳା ସ୍ମାରକୀରେ କରିଥିବା ୪୫ ଘଣ୍ଟିଆ ଧ୍ୟାନର ତାମିଲନାଡୁ ଭୋଟରଙ୍କ ଉପରେ କିଛି ପ୍ରଭାବ ପଡ଼ି ନ ଥିବା କୁହାଯାଉଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ତାମିଲ ଭୋଟର ମୋହର ମାରିଛନ୍ତି। ଦକ୍ଷିଣ ଭାରତର ଆନ୍ଧ୍ର ପ୍ରଦେଶରେ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସହ ମେଣ୍ଟ କରି ଭାଜପା ସବୁଠୁ ଅଧିକ ଲାଭ ପାଇଛି। ଏଠାରେ ଟିଡିପିକୁ ୧୬ ଓ ଭାଜପାକୁ ୩ ଆସନ ମିଳିଥିବାବେଳେ ଏନ୍‌ଡିଏର ଅନ୍ୟତମ ସହଯୋଗୀ ଦଳ ଜନସେନା ପାର୍ଟି (ଜେଏସ୍‌ପି) ୨ ଆସନ ଦଖଲ କରିଛି। ଶାସକ ୱାଇଏସ୍‌ଆର୍‌ସିପି ମାତ୍ର ୪ ଆସନରେ ସୀମିତ ହୋଇ ରହିଯାଇଛି। ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ବିଧାନସଭା ନିର୍ବାଚନରେ ପରାଜୟ ପରେ ଲୋକ ସଭା ଭୋଟରେ ମଧ୍ୟ ମୂଳପୋଛ ହୋଇଯାଇଛି। ଏଠାରେ ୧୭ ଆସନ ମଧ୍ୟରୁ ଶାସକ କଂଗ୍ରେସକୁ ୮ ଏବଂ ଭାଜପାକୁ ୮ ଆସନ ମିଳିଛି। ଏଆଇଏମ୍‌ଆଇଏମ୍ ଏମ୍‌ପି ଅସାଦୁଦ୍ଦିନ୍ ଓ୍ୱାଇସି ନିଜ ହାଇଦ୍ରାବାଦ ଦୁର୍ଗକୁ ଅଭେଦ୍ୟ ରଖିବାରେ ସକ୍ଷମ ହୋଇଛନ୍ତି। ତାଙ୍କଠାରୁ ଭାଜପାର ମାଧବୀ ଲତା ପରାଜିତ ହୋଇଛନ୍ତି। କେରଳର ୨୦ ଆସନ ମଧ୍ୟରୁ ଭାଜପା କେବଳ ଗୋଟିଏ ଆସନ ଜିତିଛି। ଏଠାରେ କଂଗ୍ରେସକୁ ୧୪ ଆସନରେ ସଫଳତା ମିଳିଛି। ତନ୍ମଧ୍ୟରୁ ରାହୁଲ ଗାନ୍ଧୀଙ୍କ ୱାୟନାଡ୍ ଅନ୍ୟତମ। ଥିରୁଭାନନ୍ତପୁରମ୍ ଆସନରେ କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କଠାରୁ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ହାରିଯାଇଛନ୍ତି। କର୍ନାଟକରେ ଶାସକ କଂଗ୍ରେସ ୯ ଆସନରେ ସୀମିତ ହୋଇଯାଇଥିବାବେଳେ ଏନ୍‌ଡିଏ ବଡ଼ ବିଜୟ ପାଇଛି। ୨୮ ଆସନ ମଧ୍ୟରୁ ଭାଜପା ୧୭ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ୨ଟିରେ ବିଜୟୀ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ମାଣ୍ଡ୍ୟ ଆସନରେ ଜିତିଛନ୍ତି। କିନ୍ତୁ ସେକ୍ସ ସ୍କାଣ୍ଡାଲକୁ ନେଇ ବିବାଦୀୟ ହୋଇଥିବା ତାଙ୍କ ପୁତୁରା ପ୍ରଜ୍ୱଳ ରେଭନ୍ନା ହାସନ ଲୋକ ସଭା ଆସନରେ ପରାଜିତ ହୋଇଛନ୍ତି।

ଭାଜପା ଶାସିତ ଆସାମ(୧୪)ରେ ମଧ୍ୟ ଗୈରିକ ଦଳ ସଫଳ ହୋଇଛି। ଏଠାରେ ଭାଜପା ୯, କଂଗ୍ରେସ ୩, ୟୁପିପିଏଲ୍ ୧, ଏଜିପି ୧ ଆସନରେ ବିଜୟୀ ହୋଇଛନ୍ତି। ହରିୟାଣାର ୧୦ ଲୋକ ସଭା ଆସନରୁ ଉଭୟ ଭାଜପା ଏବଂ କଂଗ୍ରେସ ୫ଟି ଲେଖାଏ ଭାଗକରି ନେଇଛନ୍ତି। ପଞ୍ଜାବରେ ଶାସକ ଆପ୍‌କୁ ୩ ଆସନ ମିଳିଥିବାବେଳେ କଂଗ୍ରେସ ୭, ଶିରୋମଣୀ ଅକାଳୀ ଦଳ ୧ ଏବଂ ସ୍ୱାଧୀନ ପ୍ରାର୍ଥୀ ୨ଟି ଆସନ ଦଖଲ କରିଛନ୍ତି।

## ଉତ୍ତରପ୍ରଦେଶ ଝଟକା...

ଗାନ୍ଧୀଙ୍କ ଆସନକୁ ସୁରକ୍ଷିତ ରଖିବାରେ ସଫଳ ହୋଇଛନ୍ତି। ୟୁପିର ଅନ୍ୟତମ ହଟ୍ ସିଟ୍ ଅମେଠିରେ କଂଗ୍ରେସର ଲୋକାଲ ଭେଟେରାନ୍ କିଶୋରୀଲାଲ ଶର୍ମା ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ୧ ଲକ୍ଷ ୬୩ ହଜାର ଭୋଟରେ ହରାଇ ରେକର୍ଡ ସୃଷ୍ଟି କରିଛନ୍ତି।

ଭାଜପା ଶାସିତ ୟୁପିରେ ଉଭୟ ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶାସନକୁ ଭୋଟର ପ୍ରତ୍ୟାଖ୍ୟାନ କରିଥିବା ଏହି ଜନାଦେଶ ବାର୍ତ୍ତା ଦେଇଛି। ମୋଦି ବାରାଣସୀରେ ତୃତୀୟ ଥର ବିଜୟୀ ହୋଇଛନ୍ତି। କିନ୍ତୁ ଏଥର ବିଜୟ ଭୋଟ ବ୍ୟବଧାନ ହ୍ରାସ ପାଇଛି। ମୋଦି ୬,୧୨,୯୭୦ ଭୋଟ ପାଇଥିବାବେଳେ କଂଗ୍ରେସର ଅଜୟ ରାଏ ୪, ୬୦,୪୭୫ ଖଣ୍ଡ ଭୋଟ ପାଇଛନ୍ତି। ରାମମନ୍ଦିର ନିର୍ମାଣକୁ ନେଇ ଅଯୋଧ୍ୟା ସାରା ଦେଶରେ ଚର୍ଚ୍ଚିତ ହୋଇଥିଲା। କିନ୍ତୁ ଧର୍ମନଗରୀର ସଂସଦୀୟ ଆସନ ଫୈଜାବାଦରେ ଏସ୍‌ପିର ଅଓ୍ୱଧେଶ ପ୍ରସାଦ ଭାଜପାର ଲଲ୍ଲୁ ସିଂଙ୍କୁ ୫ ଲକ୍ଷ ୬୭ ହଜାର ଭୋଟରେ ହରାଇଦେଇଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ ମଧ୍ୟ ଅମେଠି ସମେତ ବିଭିନ୍ନ ଆସନରେ ଘନ ଘନ ପ୍ରଚାର କରିଥିଲେ। ଏହା ମଧ୍ୟ ଭାଜପାର ପରାଜୟ ପଛର ଅନ୍ୟତମ କାରଣ ବୋଲି କୁହାଯାଉଛି।

## ମମତାଙ୍କ ମ୍ୟାଜିକ୍...

(ଇଣ୍ଡିଆ)ର ସହଯୋଗୀ ଦଳ ହୋଇଥିବାବେଳେ ପଶ୍ଚିମବଙ୍ଗରେ କଂଗ୍ରେସ ସହ ଆସନ ବୁଝାମଣା ହୋଇ ନ ପାରିବାରୁ ଏକାକୀ ନିର୍ବାଚନ ଲଢ଼ିବା ପାଇଁ ମମତା ନିଷ୍ପତ୍ତି ନେଇଥିଲେ। ନିର୍ବାଚନରେ ଇଣ୍ଡିଆ ବ୍ଲକ୍ ବିଜୟୀ ହୋଇ ସରକାର ଗଢ଼ିଲେ ଟିଏମ୍‌ସି ବାହାରୁ ସମର୍ଥନ ଯୋଗାଇଦେବ ବୋଲି ଏକ ନିର୍ବାଚନୀ ରାଲିରେ କହିଥିଲେ। ପଶ୍ଚିମବଙ୍ଗରେ ଭାଜପା ଧ୍ରୁବୀକରଣ ଅସ୍ତ୍ର ପ୍ରୟୋଗ ପାଇଁ ପଛାଇ ନ ଥିଲା। ବିଶେଷକରି ସନ୍ଦେଶଖାଲିରେ ମୁସଲମାନ ସମ୍ପ୍ରଦାୟ ବିରୋଧରେ ଭାଜପା ଚଳାଇଥିବା ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ ରାଜନୀତିକୁ ବଙ୍ଗୀୟ ଭୋଟର ପ୍ରତ୍ୟାଖ୍ୟାନ କରିଛନ୍ତି। ସିବିଆଇ, ଇଡି ଭଳି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଲଗାଇ ଟିଏମ୍‌ସି ନେତାଙ୍କୁ ଭାଜପା ଅପଦସ୍ଥ କରୁଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଥିଲା। ପ୍ରଧାନମନ୍ତ୍ରୀ ମୋଦି ଦୁଇ ଡଜନ୍‌ରୁ ଅଧିକ ଥର ପଶ୍ଚିମବଙ୍ଗ ଯାଇ ହାଇଭୋଲ୍‌ଟେଜ୍ ପ୍ରଚାର ଚଳାଇଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ଅନେକ କେନ୍ଦ୍ରମନ୍ତ୍ରୀ ମଧ୍ୟ ସେଠାରେ ଡେରା ପକାଇଥିଲେ। ମଙ୍ଗଳବାର ଆସିଥିବା ଫଳାଫଳ ସେମାନଙ୍କ ସବୁ ରଣକୌଶଳକୁ ଭୁଲ୍ ପ୍ରମାଣିତ କରିଛି। ପଶ୍ଚିମବଙ୍ଗରେ କଂଗ୍ରେସ ଗୋଟିଏ ଆସନ ହାତେଇଛି। ଭୋଟ ହାରକୁ ଦେଖିଲେ ଟିଏମ୍‌ସି ପାଖାପାଖି ୪୬ ପ୍ରତିଶତ ଭୋଟ ପାଇଥିବାବେଳେ ଭାଜପାକୁ ୩୮.୩୬ ପ୍ରତିଶତ ଭୋଟ ମିଳିଛି।

## ୩ ସଭାପତି...

ମନମୋହନ ସାମଲ ବିଜେଡି ପ୍ରାର୍ଥୀ ବ୍ୟୋମକେଶ ରାୟଙ୍କ ଠାରୁ ୧,୯୨୨ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ଅନୁରୂପଭାବେ ନୂଆପଡ଼ା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କ ଠାରୁ ୪୬,୩୨୧ ଖଣ୍ଡ ଭୋଟରେ ହାରି ଯାଇଛନ୍ତି।




# କିଏ ହେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୬ (ଜିତେନ୍ଦ୍ର କୁମାର ନାୟକ)

ଓଡ଼ିଶାରେ ୩ ପ୍ରମୁଖ ଦଳର ରାଜ୍ୟ ସଭାପତି ଯଥାକ୍ରମେ ଚାନ୍ଦବାଲିରୁ ନିର୍ବାଚନ ଲଢୁଥିବା ଭାଜପାର ବିଧାନସଭା ପ୍ରାର୍ଥୀ ମନମୋହନ ସାମଲ, କଣ୍ଟାବାଞ୍ଜିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜୁ ଜନତା ଦଳର ନବୀନ ପଟ୍ଟନାୟକ ଏବଂ ନୂଆପଡ଼ାରୁ ଲଢୁଥିବା କଂଗ୍ରେସର ଶରତ ପଟ୍ଟନାୟକ ପରାଜିତ ହୋଇଛନ୍ତି। ଏମାନେ ହାରିବା ପରେ ୩ ପ୍ରମୁଖ ଦଳର କୌଣସି ବ୍ୟକ୍ତି ଦଳକୁ ଜିତାଇ ଆଣିଛନ୍ତି ବୋଲି ଦାବି କରିବାକୁ ଅସମର୍ଥ। କଂଗ୍ରେସର ଆସନ ବଢ଼ିଥିଲେ ମଧ୍ୟ ଉଭୟ ଶରତ ପଟ୍ଟନାୟକ ଓ ଭକ୍ତଚରଣ ଦାସ ଶ୍ରେୟ ନେଇପାରିବେ ନାହିଁ। ସେହିଭଳି ଭାଜପାର ବିଜୟ ପାଇଁ ମନମୋହନ ସାମଲଙ୍କ ଦାବି ଯୁକ୍ତିଯୁକ୍ତ ହେବ ନାହିଁ। ନବୀନ ପଟ୍ଟନାୟକଙ୍କ କଥା ଛାଡ଼ନ୍ତୁ। ହିଞ୍ଜିଳିରୁ ଜିତିଥିଲେ ମଧ୍ୟ ତାହା ତାଙ୍କୁ କୌଣସି ପ୍ରକାର ଗର୍ବ ଆଣିଦେବ ନାହିଁ। ଏହା ହେଲା ୩ ମୁଖ୍ୟ ଦଳର ସ୍ଥିତି।

ସଂଖ୍ୟାଗରିଷ୍ଠ ଦଳ ଭାବେ ଭାଜପାର କୌଣସି ପରିଚିତ ମୁହଁ ରାଜ୍ୟବାସୀଙ୍କ ସମ୍ମୁଖରେ ନାହିଁ। ସେଥିପାଇଁ ଭାଜପାର କେନ୍ଦ୍ରୀୟ ନେତୃତ୍ୱର ଗତାନୁଗତିକ ପୂର୍ବ ଢାଞ୍ଚାକୁ ଦେଖିଲେ ମନେହୁଏ ଯେପରି ଓଡ଼ିଶାରେ ମଧ୍ୟ ଜଣେ ମନୋହରଲାଲ୍ ଖଟ୍ଟରଙ୍କ ଭଳି ଅଜଣା, ଅଶୁଣା କିନ୍ତୁ ଗ୍ରହଣୀୟ ବିଧାୟକ ନେତୃତ୍ୱ ନେବାର ସମ୍ଭାବନା ରହିଛି। ଏହା ରାଜ୍ୟ ପାଇଁ ମଧ୍ୟ ଶୁଭଙ୍କର ହେବ, କାରଣ ଅନେକ ଦଶନ୍ଧି ଧରି ବ୍ୟକ୍ତିକୈନ୍ଦ୍ରିକ ଦଳ ହୋଇପଡୁଥିବାରୁ ଶାସନ ବ୍ୟବସ୍ଥା ଅଯଥାରେ ବୋଝ ସମ୍ଭାଳି ଆସୁଛି। ଜନସାଧାରଣଙ୍କୁ ସେବା ଯୋଗାଇବା ପରିବର୍ତ୍ତେ ବିଚକ୍ଷଣ ନାଟକ ସୃଷ୍ଟି କରି ସାଧାରଣ ନାଗରିକଙ୍କୁ ବାଉଳା କରିବା ପାଇଁ ବିଗତ ବର୍ଷଗୁଡ଼ିକରେ ସବୁ ଦଳ ଚେଷ୍ଟା କରିଆସୁଥିଲେ। ଆଜିର ନିର୍ବାଚନ ପରିଣାମ ପ୍ରମାଣ କରୁଛି ଯେ ଜନସାଧାରଣ ସେହିସବୁ ନାଟକୀୟ କାର୍ଯ୍ୟକୁ ପସନ୍ଦ କରୁନାହାନ୍ତି।

ଅନ୍ୟପଟେ ଲୋକ ସଭାର ସ୍ଥିତିକୁ ଦେଖିଲେ ୫୪୩ ଆସନରୁ ଭାଜପା ମୋଟ୍ ୨୪୦ ସିଟ୍ ହାସଲ କରିପାରିଛି। ଏକାକୀ ସରକାର ଗଢ଼ିବା ପାଇଁ ଆବଶ୍ୟକ ସଂଖ୍ୟା ହେଉଛି ୨୭୨। ଅର୍ଥାତ୍ ଭାଜପା କେନ୍ଦ୍ରରେ ମିଳିତ ସରକାର କରିବାକୁ ବାଧ୍ୟ ହେବ। ସେଥିପାଇଁ ଭାଜପାର ଯିଏ ବି ପ୍ରଧାନମନ୍ତ୍ରୀ ହେବେ, ସେହି ବ୍ୟକ୍ତି କେବେହେଲେ ଜିତିଥିବା ଲୋକ ସଭା ପ୍ରାର୍ଥୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପାଇଁ ସୁଯୋଗ ଦେବେ ନାହିଁ। କାରଣ ବର୍ତ୍ତମାନ ଲୋକ ସଭାରେ ଭାଜପାର ଉପୁଜିଥିବା କଠିନ ପରିସ୍ଥିତି ଯୋଗୁ ଗୋଟିଏ ବି ଆସନ ହଲ୍‌ଚଲ ହେଉ ବୋଲି ଚାହିଁବେ ନାହିଁ। ସମ୍ପୃକ୍ତ ଲୋକ ସଭା ଆସନ ଛାଡ଼ିଲେ ଉପନିର୍ବାଚନର ପ୍ରୟୋଜନ ଉଠିବ। ସେଥିରେ କିଏ ଜିତିବେ କହିବା କଷ୍ଟକର ହେବ। ଯେହେତୁ ପ୍ରତ୍ୟେକଟି ଲୋକ ସଭା ପ୍ରାର୍ଥୀଙ୍କର ରାଜନୈତିକ ମୂଲ୍ୟ ଭାଜପା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସେହେତୁ ବିଧାନସଭାକୁ ଜିତିଥିବା ପ୍ରାର୍ଥୀଙ୍କ ଭିତରୁ ଜଣେ ମୁଖ୍ୟମନ୍ତ୍ରୀ ହେବେ।

କିଏ ହେବେ ତାହା ଏବେ କହିବା ଅସମ୍ଭବ।

## ୨୪ ବର୍ଷ ପରେ ପ୍ରଥମ ଥର ହାରିଲେ ନବୀନ

ଭୁବନେଶ୍ୱର/ ହିଞ୍ଜିଳିକାଟୁ /ବଲାଙ୍ଗୀର/କଣ୍ଟାବାଞ୍ଜି (ଅନିଲ ଦାସ/ଦ୍ୱିତୀକୃଷ୍ଣ ପଣ୍ଡା/ବୀରେନ୍ଦ୍ର କୁମାର ଖାଙ୍କର/ଗୁରୁଦୟାଲ ହଂସ) ୪।୬

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୪ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ନିର୍ବାଚନରେ ପରାଜିତ ହୋଇଛନ୍ତି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ସେ ହାରି ଯାଇଛନ୍ତି। ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କ ତାଙ୍କୁ ପରାସ୍ତ କରିଛନ୍ତି। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ହିଞ୍ଜିଳି ସମେତ କଣ୍ଟାବାଞ୍ଜିରୁ ପ୍ରାର୍ଥୀ ହୋଇଥିଲେ। ଉଭୟ ଆସନରେ ବିଜୟୀ ହେବେ ବୋଲି ଆଶା କରାଯାଉଥିଲା। ହେଲେ କଣ୍ଟାବାଞ୍ଜିରୁ ଭାଜପା ପ୍ରାର୍ଥୀ ତାଙ୍କୁ କଡା ଟକ୍କର ଦେଲେ । ବାଗ୍ ୧୬,୩୨୧ ଖଣ୍ଡ ଭୋଟରେ ମୁଖ୍ୟମନ୍ତ୍ରୀଙ୍କୁ ପରାସ୍ତ କରିଛନ୍ତି। ଲକ୍ଷ୍ମଣ ବାଗ ୯୦,୫୨୦୪ ଖଣ୍ଡ ଭୋଟ୍ ପାଇଥିବା ବେଳେ ମୁଖ୍ୟମନ୍ତ୍ରୀ ୭୪,୨୭୩ ଖଣ୍ଡ ଭୋଟ୍ ପାଇଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ୨୬,୭୪୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନିଜର ପାରମ୍ପରିକ ସିଟ୍ ହିଞ୍ଜିଳିରୁ ୪୬୪୯ ଖଣ୍ଡ ଭୋଟରେ ଜିତିଛନ୍ତି।ସେ ଭାଜପାର ଶିଶିର କୁମାର ମିଶ୍ରଙ୍କୁ ପରାସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ୬୬,୩୫୮ ଖଣ୍ଡ ଭୋଟ୍ ପାଇଥିବା ବେଳେ ଶିଶିର କୁମାର ମିଶ୍ର ୬୧,୭୦୯ ଖଣ୍ଡ ଭୋଟ୍ ପାଇଛନ୍ତି।

### ହିଞ୍ଜିଳିରୁ ଜିତିଲେ



ନବୀନ ପଟ୍ଟନାୟକ

ASBM UNIVERSITY
Established by Govt. of Odisha
Founded & Led by Prof. Biswajeet Pattanayak,
Distinguished former Professor, IIM Indore, Lucknow & Mumbai
ADMISSION - 2024
OJEE Rank holders are welcome to apply
Programmes for +2 Students
4-Year Integrated MBA
5-Year Integrated BA-LLB (Hons.) | BBA-LLB (Hons.)
(Approved by Bar Council of India)
B.Com. (Hons) | BBA (Hons) | BCA
BA (Hons) - English | Liberal Arts | Economics | Psychology
B.Tech. (CS & IT)
Uniquely designed integrating Computer Science & Information Technology
Tie-up with Blackbuck Education for Employability Training
PG Programmes
MBA | MBA- Pharmaceutical Management
M.Com | LLM | M.Tech (IT) | MCA
MA - English | Economics | Applied Psychology | HRM & LR
Doctoral Programmes
Ph.D - Management | Ph.D - Commerce
EXCELLENT PLACEMENT RECORD | FINISHING SCHOOL for EMPLOYABILITY | STATE - OF - ART CAMPUS | MERIT SCHOLARSHIP
For details : www.asbm.ac.in | admission@asbm.ac.in
77499 39643 | 90408 84628 | 0674-2744881 | Toll Free - 1800 3456 5855
Shiksha Vihar, Bhola (Chandaka), Bhubaneswar-754012, Odisha



ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଜତ ହୋଇ ଏଣୁ ତେଣୁ ଗପିଯାଏ- ଯାହା ନ କହିବା ଉଚିତ ସେସବୁ କହିପକାଏ- ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। -ଶ୍ରୀମା

-ଚନ୍ଦ୍ରକ୍ଷୟ, ନିଶିପାଳନ, ଶିବଚତୁର୍ଦ୍ଦଶୀ ଉପବାସ ଓ ହଳ ନିଷେଧ



# ଜଗାର ମାୟା

ଓଡ଼ିଆ ଜାତିର ଗୌରବ ହେଲେ ପ୍ରଭୁ ଜଗନ୍ନାଥ। ଆମ ଠାକୁରଙ୍କୁ ଆମେ 'ତୁ', 'ତା' କହି ଅଳି କରୁ ଏବଂ ତାଙ୍କ ସାଙ୍ଗରେ ବ୍ୟକ୍ତିଗତଭାବ ଆଦାନପ୍ରଦାନ କରିଥାଉ। ଜଗନ୍ନାଥଙ୍କ ଦର୍ଶନ ପାଇଁ କେବେ ଧାଡ଼ିରେ ଛିଡ଼ା ହୋଇ ନ ଥିଲୁ କିମ୍ବା ଷ୍ଟେନ୍‌ଲେସ୍ ଷ୍ଟିଲ୍ ବାଡ଼ ପାଖରେ ଚାପିହୋଇ ନ ଥିଲୁ। ସାହାଣ ମେଲାର ଅର୍ଥ ଜଗନ୍ନାଥ ଭକ୍ତ ହିଁ ଭଲଭାବେ ବୁଝିପାରନ୍ତି। ଜଗନ୍ନାଥଙ୍କୁ ଡାକିଲାବେଳେ କେହି 'ଜୟ ଶ୍ରୀଜଗନ୍ନାଥ' କହିବାର ଶୁଣି ନାହୁଁ। ଦୁଃଖରେ ହେଉ କିମ୍ବା ସୁଖରେ, ଭିଡ଼ରେ ହେଉ କିମ୍ବା ଏକାକୀ ସବୁବେଳେ ଆମ ପ୍ରଭୁ 'ଜୟ ଜଗନ୍ନାଥ' କହିଲେ ଶୁଣନ୍ତି। ତାଙ୍କ ନାମ ପୂର୍ବରୁ ଯେଉଁ 'ଜୟ' ଲଗାଯାଏ ତାହା କୌଣସି ଯୁଦ୍ଧରେ ବିଜୟ ପାଇଥିବାର ଜୟ ନୁହେଁ। ତାହା ହେଉଛି ସମର୍ପଣର ଚରମସୀମାର ପ୍ରତୀକ। ଏଭଳି ଠାକୁରଙ୍କ ଚାରିପଟେ ଥିବା ପୁରାତନ ମଠମନ୍ଦିରକୁ ଭାଙ୍ଗି ଯେଉଁ କେଳେଙ୍କାରୀ ସୃଷ୍ଟି କରାଗଲା ସେଥିରେ କେହି ବି କ୍ଷତିଗ୍ରସ୍ତ ବ୍ୟକ୍ତି ସ୍ୱର ଉତ୍ତୋଳନ କରିବା ହେଲେ ନାହିଁ। ତାହା ଅତ୍ୟନ୍ତ ଦୁଃଖଦାୟକ ଅନୁଭୂତି। ଅଯଥାରେ ଜଗନ୍ନାଥ ମନ୍ଦିର ଚାରିପାର୍ଶ୍ୱରେ ଭଙ୍ଗାରୁଜା କରି ଏବଂ ସେହି ଅଞ୍ଚଳର ବାସିନ୍ଦାଙ୍କୁ ବିପୁଳ ଅର୍ଥ ଦେଇ ଯେଉଁଭଳି ପରିକ୍ରମା ପ୍ରକଳ୍ପ ସୃଷ୍ଟି କରାଗଲା, ସେତିକିବେଳେ ଲାଗିଲା ଯେ ଡାକିହାକି କରି କିଛି ଲୋକ ନିଜ ଆଡ଼କୁ ବଡ଼ ଧରଣର କିଳା ନିମନ୍ତ୍ରଣ କରୁଛନ୍ତି।

## ତଥାଗତ ସତପଥୀ

ଆଜିର ନିର୍ବାଚନ ଫଳାଫଳ ପ୍ରମାଣ କରିଦେଲା ଯେ, ଜଗନ୍ନାଥଙ୍କୁ ହଇରାଣ କରିଥିବା ବ୍ୟକ୍ତି କିମ୍ବା ସଙ୍ଗଠନ ପାଖରେ ଯେତେ ଧନ, ଲୋକ ଏବଂ ସରକାରୀ ବଳ ଥିଲେ ମଧ ତାହା ନିଅଣ୍ଟ ପଡ଼ିବ। ଦେଖିବାକୁ ଗଲେ ସେଇଆ ହିଁ ହେଲା। ଓଡ଼ିଶାର ବିଜୁ ଜନତା ଦଳ ଓଡ଼ିଆ ଜାତିର ବାର୍ତ୍ତାବହ ଭାବେ କାର୍ଯ୍ୟ କରିବାର ଦାୟିତ୍ୱ ନେଇଥିଲା। କିଛି ଲୋକ ଭାବିଲେ ତାହା ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି। ଆଜି ବିଜୁ ଜନତା ଦଳର ପରାଜୟ ସାଧାରଣ ଓଡ଼ିଆ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ସ୍ୱାଧୀନ ଓଡ଼ିଶାର ଇତିହାସ କହୁଛି ଏହି ରାଜ୍ୟରେ ସବୁବେଳେ ଆଞ୍ଚଳିକ ଦଳର ଚାହିଦା ରହିଛି। ସେହି ଦାୟିତ୍ୱକୁ ମେଣ୍ଟାଇବା ପରିବର୍ତ୍ତେ ବିଜୁ ଜନତା ଦଳ ଏବଂ ତାହାର ମଙ୍ଗ ଧରିଥିବା ହାତଗଣତି ଲୋକ ନିଜକୁ ଅଧିକ ଶକ୍ତିଶାଳୀ ଭାବିନେଇଥିବାରୁ ଏହି ଜାତିର ପ୍ରବଳ କ୍ଷତି ଘଟାଇଛନ୍ତି।

ଅନୁରୂପ ଭାବେ ବଡ଼ଦାଣ୍ଡରେ ଆସି ରୋଡ୍ ଶୋ' କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ଦଳର ଲୋକ କହିଲେ ମୋଦିଙ୍କ ପାଇଁ ସୃଷ୍ଟି ହୋଇଥିବା ଜନସମୁଦ୍ର ଜଗନ୍ନାଥଙ୍କ ରଥଯାତ୍ରା ଭଳି ହେଲା। ସେହିଭଳି 'ସ୍ଲିପ୍ ଅଫ୍ ଟଙ୍ଗ୍' ଯୋଗୁ ହୁଏତ ଆଜିର ପରିସ୍ଥିତିରେ ଭାଜପା କେନ୍ଦ୍ରରେ ଏକାକୀ ସରକାର ଗଠନ କରିବାର ଦମ୍ ପାଇଲା ନାହିଁ। ପରିସ୍ଥିତି ଏଭଳି ହୋଇଛି ଯେ ଯିଏବି ଆଗାମୀ ଦିନର ଭାରତର ପ୍ରଧାନମନ୍ତ୍ରୀ ହେବେ ସିଏ ପ୍ରତ୍ୟେକ ଦିନ ସକାଳୁ ଜଳଖିଆ କରିବା ପୂର୍ବରୁ, ବିହାରର ନୀତୀଶ କୁମାର ଓ ଆନ୍ଧ୍ରର ଚନ୍ଦ୍ରାବାବୁ ନାଇଡୁଙ୍କ ଭଳି ଦୋଗୁଲା ନେତାଙ୍କ ସହ ପରାମର୍ଶ କରି ସବୁ କଥାରେ ଅନୁମତି ଲୋଡ଼ିବାକୁ ବାଧ ହେବେ। ଯେଉଁଭଳି ଭାବେ ଅଯୋଧ୍ୟାରେ ଭାଜପା ପ୍ରାର୍ଥୀ ହାରିଲେ ଏବଂ ଓଡ଼ିଶାର ୩ ପ୍ରମୁଖ ଦଳ ଯଥା ଭାଜପା, ବିଜୁ ଜନତା ଦଳ ଓ କଂଗ୍ରେସର ରାଜ୍ୟ ସଭାପତି ଯଥାକ୍ରମେ ଚାନ୍ଦବାଲିରୁ ମନମୋହନ ସାମଲ, କଣ୍ଟାବାଞ୍ଜିରୁ ନବୀନ ପଟ୍ଟନାୟକ ଓ ନୂଆପଡ଼ାରୁ ଶରତ ପଟ୍ଟନାୟକ ପରାଜୟବରଣ କଲେ, ତାହା ଗର୍ବରୁ ସର୍ବନାଶ କିପରି ହୁଏ ଆମ ସମସ୍ତଙ୍କୁ ଦର୍ଶାଇଲା।

**ଯେଉଁଭଳି ଭାବେ ଅଯୋଧ୍ୟାରେ ଭାଜପା ପ୍ରାର୍ଥୀ ହାରିଲେ ଏବଂ ଓଡ଼ିଶାର ୩ ପ୍ରମୁଖ ଦଳ ଯଥା ଭାଜପା, ବିଜୁ ଜନତା ଦଳ ଓ କଂଗ୍ରେସର ରାଜ୍ୟ ସଭାପତି ଯଥାକ୍ରମେ ଚାନ୍ଦବାଲିରୁ ମନମୋହନ ସାମଲ, କଣ୍ଟାବାଞ୍ଜିରୁ ନବୀନ ପଟ୍ଟନାୟକ ଓ ନୂଆପଡ଼ାରୁ ଶରତ ପଟ୍ଟନାୟକ ପରାଜୟବରଣ କଲେ, ତାହା ଗର୍ବରୁ ସର୍ବନାଶ କିପରି ହୁଏ ଆମ ସମସ୍ତଙ୍କୁ ଦର୍ଶାଇଲା।**

ଏହା ହେଉଛି ଆମ ପ୍ରଭୁ ଜଗନ୍ନାଥଙ୍କ ମାୟା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 2 | | | 3 | | |
| 1 | 3 | | | | | | 2 | |
| | | | 6 | | | | 7 | |
| 8 | | | 5 | | | | | 4 |
| | 7 | | | | | | | |
| 9 | | | | | | | 1 | |
| | | 4 | | 6 | | 9 | | 1 |
| | | | | | 4 | | 3 | 8 |
| | | 6 | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 4 | 2 | 9 | 7 | 5 | 6 |
| 6 | 7 | 2 | 1 | 5 | 3 | 4 | 8 | 9 |
| 4 | 9 | 5 | 8 | 6 | 7 | 3 | 2 | 1 |
| 7 | 2 | 4 | 9 | 3 | 8 | 6 | 1 | 5 |
| 5 | 6 | 9 | 2 | 4 | 1 | 8 | 3 | 7 |
| 1 | 3 | 8 | 6 | 7 | 5 | 9 | 4 | 2 |
| 9 | 4 | 6 | 3 | 1 | 2 | 5 | 7 | 8 |
| 8 | 1 | 7 | 5 | 9 | 4 | 2 | 6 | 3 |
| 2 | 5 | 3 | 7 | 8 | 6 | 1 | 9 | 4 |

ଗତକାଲିର ଉତ୍ତର

# ଭୂମିର ସୁରକ୍ଷା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିଶ୍ୱ ଦୃଶ୍ୟପଟରେ ସମ୍ପ୍ରତି ବହୁ ପରିବେଶୀୟ ସମସ୍ୟା ଆହ୍ୱାନକାରୀ ପାଲଟି ଥିଲାବେଳେ ଜାତିସଂଘ ଯେଉଁ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ପାଳନର ବିଷୟବସ୍ତୁ ରୂପେ ନିର୍ଦ୍ଧାରଣ କରିଛି, ତାହାହେଲା ଭୂମି ପୁନରୁଦ୍ଧାର, ମରୁଭୂମୀକରଣ ଏବଂ ମରୁଡ଼ିର ପ୍ରତିରୋଧ'। ଏହି କାର୍ଯ୍ୟକ୍ରମର ସ୍ଲୋଗାନ୍ ରହିଛି, ଆମ ଭୂମି, ଆମ ଭବିଷ୍ୟତ। ଆମେ #ପିଢ଼ି ପୁନରୁଦ୍ଧାର।' ଜାତିସଂଘ ଦ୍ୱାରା ୧୯୭୨ରେ ମାନବ ପରିବେଶ ଉପରେ ଅନୁଷ୍ଠିତ ଷ୍ଟକ୍‌ହୋମ ସମ୍ମିଳନୀ ଅବସରରେ ପରିବେଶ ଦିବସ ପାଳନ ନିଷ୍ପତ୍ତି ଗୃହୀତ ଏବଂ ୧୯୭୩ରେ ହିଁ ଏହା ପ୍ରଥମେ କେବଳ ଗୋଟିଏ ପୃଥିବୀ' ପ୍ରସଙ୍ଗ ଉପରେ ପାଳିତ ହୋଇଥିଲା। ପରିବେଶ ସୁରକ୍ଷା ଅଭିପ୍ରାୟରେ ପ୍ରତିବର୍ଷ ଜାତିସଂଘ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ଚୟନ କରେ ଏବଂ ବିଶ୍ୱସ୍ତରୀୟ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ଏ ଦିଗରେ ଜନସଚେତନତା ବୃଦ୍ଧି ଏବଂ କାର୍ଯ୍ୟକ୍ରମ ଗ୍ରହଣ ନିମନ୍ତେ ପ୍ରୟାସ ଜାରି ରହେ। ଭୂମିର ଦାୟିତ୍ୱହୀନ ବ୍ୟବହାର ଦ୍ୱାରା ମାନବ ପରିବେଶ ଓ ପ୍ରାକୃତିକ ପରିସଂସ୍ଥା କିପରି ବ୍ୟାପକ ଅବକ୍ଷୟର ସମ୍ମୁଖୀନ ହେଉଛି, ତାହା ଉପରେ ବିଶଦ ପର୍ଯ୍ୟାଲୋଚନା କରି ପ୍ରତିକାରାତ୍ମକ କାର୍ଯ୍ୟପନ୍ଥା ଅବଲମ୍ବନ କରିବା ହେଉଛି ଚଳିତବର୍ଷ ପରିବେଶ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିବିଧ ନକାରାତ୍ମକ ମାନବୀୟ ପ୍ରକ୍ରିୟାରେ ପୃଥିବୀର କୋଟି କୋଟି ହେକ୍ଟର ଜମି ଏବେ ଅବନତିର ଶିକାର ହେଉଛି, ଯାହାର ପରିଣାମରେ ଜମିର ଉତ୍ପାଦକତା ଶକ୍ତି ହ୍ରାସ ପାଉଛି। ଜାତିସଂଘ ତଥ୍ୟ ସୂଚାଉଛି ଯେ, ପୃଥିବୀର ପ୍ରାୟ ଅର୍ଦ୍ଧେକ ଲୋକ ଏହି ପ୍ରକ୍ରିୟାରେ ପ୍ରଭାବିତ ହେଉଛନ୍ତି ଏବଂ ବିଶ୍ୱ ଆୟ (ଜିଡିପି)ର ଅଧା ବିପଦଗ୍ରସ୍ତ ହେଉଛି। ପରିତାପର ବିଷୟ ହେଉଛି, ମାନବ-ସୃଷ୍ଟ ଏହି ପରିବେଶୀୟ ସମସ୍ୟାରେ ଗ୍ରାମୀଣ ସମ୍ପ୍ରଦାୟ, କ୍ଷୁଦ୍ରଚାଷୀ ଏବଂ ଅତିରିକ୍ତ ଗରିବ ଶ୍ରେଣୀର ଲୋକ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି।

ଭୂମିର ଅବନତି, ଜମିର ମରୁଭୂମୀକରଣ ଏବଂ ମରୁଡ଼ିର ପ୍ରକୋପରେ ବୃଦ୍ଧି ଘଟିବା, ଏ ସମସ୍ତ ପ୍ରକ୍ରିୟା ସମ୍ମିଳିତ ଭାବେ ପ୍ରକୃତି ଓ ପରିବେଶ ଉପରେ ଯଥେଷ୍ଟ କୁପ୍ରଭାବ ବିସ୍ତାର କରୁଛନ୍ତି, ଯାହା କ୍ରମଶଃ ଅଧିକ କ୍ଷତିସାଧନର କାରକ ପାଲଟୁଛନ୍ତି। ଭୂମି ଉପରେ ମଣିଷର ନିର୍ଭରଶୀଳତା କ୍ରମେ ବୃଦ୍ଧିପ୍ରାପ୍ତ ହେଉଛି, ଯାହା କୃଷି ଉତ୍ପାଦନ, ଜଙ୍ଗଲ ସମ୍ପଦର ବିନିଯୋଗ, ଖଣି ଉତ୍ତୋଳନ, ବାସଗୃହ ଏବଂ ରାସ୍ତାଘାଟ ନିର୍ମାଣ ଏବଂ ଶିଳ୍ପ ପ୍ରତିଷ୍ଠା ସହିତ ଅନ୍ୟାନ୍ୟ ବହୁ ବିକାଶମୂଳକ କାର୍ଯ୍ୟ ସମ୍ପାଦନ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି। ଭୌତିକ ଉପାଦାନ, ଯେପରି କି ସ୍ଥଳଭାଗର ଆକୃତି, ମୃତ୍ତିକାର ପ୍ରକାର, ଖଣିଜ ପଦାର୍ଥ, ସ୍ଥାନୀୟ ଜଳବାୟୁ ଏବଂ ଜଳର ଉପଲବ୍ଧତା ଜମିର ବ୍ୟବହାରକୁ ପ୍ରଭାବିତ କରିଥାଏ। ଏହା ବିଭିନ୍ନ ପ୍ରକାରର ଉଦ୍ଭିଦ,

**ବିଶ୍ୱ ପରିବେଶ ଦିବସ ଉପଲକ୍ଷେ**



ଜୀବଜନ୍ତୁ ଏବଂ ଅଣୁଜୀବମାନଙ୍କର ଅଭିବୃଦ୍ଧି ହାସଲ ନିମନ୍ତେ ଜୀବନ ଧାରଣର ଏକ ମାଧ୍ୟମ ରୂପେ କାର୍ଯ୍ୟ କରିବା ସହିତ ବହୁ ଜୀବଜାତିଙ୍କୁ ଜୀବନଯାପନ ପାଇଁ ଏକ ଉତ୍ତମ ବାସସ୍ଥଳୀ ପ୍ରଦାନକରେ। ଅଙ୍ଗାରକ ଚକ୍ର, ଯବକ୍ଷାରଜାନ ଚକ୍ର, ଅମ୍ଳଜାନ ଚକ୍ର ଏବଂ ଅନ୍ୟ ଜୈବ-ଭୂମି-ରାସାୟନିକ ଚକ୍ର ତଥା ଜଳଚକ୍ର ସହ ଜଡ଼ିତ ହୋଇ ଭୂମି ପୃଥିବୀର ଜଳବାୟୁ ଓ ଜୀବନ ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ବିଶେଷତଃ, ଏକ ଉତ୍ତମ ଅଙ୍ଗାରକ କୁଣ୍ଡ ରୂପେ ଏହା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧିଜନିତ ତାପମାତ୍ରା ବର୍ଦ୍ଧନକୁ ନିୟନ୍ତ୍ରଣ କରେ। ବର୍ତ୍ତମାନ ଜଳବାୟୁ ସମସ୍ୟାର ଉତ୍ସ ପାଲଟିଥିବା କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନ ତଥା ଭୂତଳ ଜଳର ଏହା ହେଉଛି ମୁଖ୍ୟ ଉପଲବ୍ଧି ଭଣ୍ଡାର। ତେବେ ପରିବର୍ତ୍ତିତ ପରିସ୍ଥିତିରେ ଆଜି ବହୁ ମନୁଷ୍ୟକୃତ ଏବଂ କେତେକ ପ୍ରାକୃତିକ ପ୍ରକ୍ରିୟାର ପରିଣାମରେ ଜମିର କ୍ରମବର୍ଦ୍ଧମାନ ଅବକ୍ଷୟ ଏବଂ ମରୁ ଅଞ୍ଚଳର ସୃଷ୍ଟି ଏକ ବ୍ୟାପକ ଘଟଣା ରୂପେ ପରିଦୃଷ୍ଟ ହେଲାଣି। ଜଳବାୟୁ ସଙ୍କଟ ପରିପ୍ରେକ୍ଷୀରେ ବୃଦ୍ଧି ପାଉଥିବା ମରୁଡ଼ି ଘଟଣା ଏହି ସମସ୍ୟାକୁ ଅଧିକ ଗମ୍ଭୀର କରୁଛି।

ଏସବୁ ପ୍ରକ୍ରିୟାରେ ଜମି କ୍ରମଶଃ ଶୁଷ୍କ ଓ ବନ୍ଧ୍ୟାଞ୍ଚଳକୁ ପରିବର୍ତ୍ତିତ ହୋଇ କୃଷି ଉତ୍ପାଦନ ନିମନ୍ତେ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରୂପେ ଏବଂ ମାନବ ବସତି ନିମନ୍ତେ କିଛିମାତ୍ରାରେ ଅନୁପଯୁକ୍ତ ହେଉଛି, କାରଣ ଭୂମିର ଗୁଣାତ୍ମକ ଅବନତି ସହିତ ଜଳ ଉପଲବ୍ଧିରେ ମଧ ହ୍ରାସ ଘଟୁଛି। ଏଥିରେ ବିଶେଷ ରୂପେ ସହାୟକ ହେଉଛି ଭୂଦୃଶ୍ୟରେ ବ୍ୟାପକ ପରିବର୍ତ୍ତନ, ଜମିର ତ୍ରୁଟିପୂର୍ଣ୍ଣ ବ୍ୟବହାର, ଜଙ୍ଗଲ ଧ୍ୱଂସ, ବନାଗ୍ନି ଘଟଣା, ପୋଡୁଚାଷ, ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ହ୍ରାସ, ମାତ୍ରାଧିକ ଇନ୍ଧନକାଠ ଓ ଗୋଖାଦ୍ୟ ବୃକ୍ଷଲତାର ସଂଗ୍ରହ, ଜଙ୍ଗଲାଞ୍ଚଳରେ ଅନୁପ୍ରବେଶ, ଅତ୍ୟଧିକ ଚାରଣଜନିତ ଚାପ ଏବଂ ବିଶେଷରୂପେ ମରୁଡ଼ି ପରି ଚରମ ପାଣିପାଗ ସମ୍ପର୍କିତ ଦୁର୍ବିପାକ। ବିବିଧ ବିକାଶମୂଳକ କାର୍ଯ୍ୟକ୍ରମର ବର୍ଦ୍ଧିତ ଚାପ, ମୃତ୍ତିକାର ପ୍ରଦୂଷଣ ଓ ପର୍ଯ୍ୟାପ୍ତ ସଂରକ୍ଷଣ ପଦକ୍ଷେପ ଗ୍ରହଣର ଅଭାବ ଏବଂ ସବୁଜ ଗୃହ ବାଷ୍ପ ନିର୍ଗମନ ପରି କାର୍ଯ୍ୟକଳାପ ଭୂମିର ଅବନତିକୁ ତ୍ୱରାନ୍ୱିତ କରୁଛି। ବିଶେଷରୂପେ, ମୃତ୍ତିକା ଉପରୁ ପ୍ରାକୃତିକ ସବୁଜ ଆବରଣର ଅପସାରଣ, ଶୁଷ୍କ ଓ ଅର୍ଦ୍ଧ-ଶୁଷ୍କ ଦୁର୍ବଳ ପରିସଂସ୍ଥାରେ ଚାପ ସୃଷ୍ଟିକାରୀ ତୀବ୍ରତର କୃଷିକାର୍ଯ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ମରୁ ଅଞ୍ଚଳ ସୃଷ୍ଟ ସହଜସାଧ୍ୟ ହେଉଛି। ବର୍ଷାର ସ୍ୱଳ୍ପତା ଏବଂ ଗୁରୁତର ଜଳାଭାବ ସହିତ ଉଚ୍ଚ ତାପମାତ୍ରା ବା ଗ୍ରୀଷ୍ମପ୍ରବାହ ପରିସ୍ଥିତି ମରୁଡ଼ିର ତୀବ୍ରତାକୁ ବୃଦ୍ଧି କରୁଛି, ଯାହା ପ୍ରକାରାନ୍ତରେ ଭୂମି ଅବକ୍ଷୟର କାରଣ ହେଉଛି।

ଜଳସ୍ରୋତ ଦ୍ୱାରା ଭୂମିରୁ ମୃତ୍ତିକାର ଅପସାରଣ ଏବଂ ଅବକ୍ଷୟିତ ମୃତ୍ତିକାର ନଦୀନାଳ ମଧ୍ୟକୁ ପରିବାହିତ ହେବା ଯେତିକି କ୍ଷତି ସାଧନ କରେ, ଏହାଦ୍ୱାରା ଉପର ମୃତ୍ତିକାର ଉର୍ବରତାରେ ଅବନତି ଉତ୍ପାଦନ ବା ଫସଲ ଅମଳ ଉପରେ ସେତିକି ନକାରାତ୍ମକ ପ୍ରଭାବ ବିସ୍ତାର କରେ। ଏହି ପରିପ୍ରେକ୍ଷୀରେ ଜାତିସଂଘ ଘୋଷିତ ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି' (୨୦୨୧-୨୦୩୦)ର ନିଷ୍ପାର ସହ କାର୍ଯ୍ୟକାରିତା ଯଥେଷ୍ଟ ଗୁରୁତ୍ୱ ବହନ କରେ, ଯାହା ଭୂମିର ଗୁଣାତ୍ମକ ଉନ୍ନତି ଏବଂ ଉପାଦେୟତାକୁ ସମୃଦ୍ଧି ପ୍ରଦାନ କରିବ। ଭୂମି ପୁନରୁଦ୍ଧାର କାର୍ଯ୍ୟରେ ସଫଳତା ଜୀବିକାରେ ବୃଦ୍ଧି ଘଟାଏ, ଦାରିଦ୍ର୍ୟ ହ୍ରାସ କରେ, ପ୍ରକୃତିରୁ ଦ୍ରବ୍ୟ ଓ ସେବା ପ୍ରଦାନର ପ୍ରବାହକୁ ଜାରି ରଖେ ଏବଂ ଜଳବାୟୁ ପରିବର୍ତ୍ତନ ଜନିତ ଅତ୍ୟଧିକ ବିପର୍ଯ୍ୟୟକୁ ପ୍ରତିରୋଧ କରେ। ଜାତିସଙ୍ଘ ତଥ୍ୟ ପ୍ରକାଶ କରେ ଯେ ପୁନରୁଦ୍ଧାରରେ ବିନିଯୋଗ ହୋଇଥିବା ପ୍ରତ୍ୟେକ ଡଲାର, ପରିସଂସ୍ଥୀୟ ସେବା ପ୍ରଦାନ ମାଧ୍ୟମରେ ୩୦ ଡଲାର ପର୍ଯ୍ୟନ୍ତ ମୂଲ୍ୟ ରହିତ ସାଧନ କରିପାରେ।

ଏପରି ପୃଷ୍ଠଭୂମିରେ ବିଶ୍ୱର ଭୂଦୃଶ୍ୟକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଥିବା ଭୂମିର ଅବକ୍ଷୟ ଏବଂ ମରୁଭୂମୀକରଣ ପ୍ରକ୍ରିୟା ବିଷୟରେ ଏକ ଉତ୍ତମ ବ୍ୟାବହାରିକ ଏବଂ ତତ୍ତ୍ୱଗତ ବୁଝାମଣା ହାସଲର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ସାଉଦି ଆରବର ରିୟାଦ୍‌ରେ ଅନୁଷ୍ଠିତ ହେଉଥିବା ୨୦୨୪ ମସିହା ପରିବେଶ ଦିବସର ବିଶ୍ୱସ୍ତରୀୟ ମୁଖ୍ୟ ସମାରୋହର ଏହି ଆୟୋଜକ ରାଷ୍ଟ୍ର ସମାଧାନର ପନ୍ଥା ନିରୂପଣ ତଥା ସଚେତନତା ସୃଷ୍ଟି ଲକ୍ଷ୍ୟରେ ପ୍ରତିବଦ୍ଧତାର ସହ କାର୍ଯ୍ୟରତ ଅଛି। ମରୁ ଅଞ୍ଚଳ, ମୃତ୍ତିକାର ଅବନତି ଏବଂ ମରୁଡ଼ି ପରି ସମସ୍ୟାର ସମ୍ମୁଖୀନ ହେଉଥିବା ଏହି ରାଷ୍ଟ୍ର ସାଉଦି ସବୁଜ ଉଦ୍ୟମ' ଏବଂ ମଧ୍ୟପ୍ରାଚ୍ୟ ସବୁଜ ଉଦ୍ୟମ' ପରି ପ୍ରକଳ୍ପ ମାଧ୍ୟମରେ ଜାତୀୟ ତଥା ଆଞ୍ଚଳିକ ସ୍ତରରେ ପ୍ରତିକାରାତ୍ମକ କାର୍ଯ୍ୟ ସମ୍ପାଦନ କରୁଛି, ଯାହାକୁ ଅନ୍ୟ ରାଷ୍ଟ୍ରମାନେ ଅନୁକରଣ କରିବା ଏକାନ୍ତ ପ୍ରୟୋଜନୀୟ। ସମ୍ପ୍ରତି ଜି-୨୦ ଗୋଷ୍ଠୀର ସଭାପତିତ୍ୱ କରୁଥିବା ସାଉଦି ମଧ ବୈଶ୍ୱିକ ଭୂମି ପୁନରୁଦ୍ଧାର ପଦକ୍ଷେପ' ଯୋଜନାକୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ କାର୍ଯ୍ୟକାରୀ କରୁଛି। ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଆଗାମୀ ଡିସେମ୍ବରରେ ରିୟାଦ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି ମରୁଭୂମି ସୃଷ୍ଟି ବିରୁଦ୍ଧରେ ମୁକାବିଲା ନିମନ୍ତେ ଜାତିସଂଘ ସମ୍ମିଳନୀର ଷୋଡ଼ଶ ଅଧିବେଶନ (କୋପ-୧୬), ଯେଉଁଥିରେ ୧୯୭ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ଓ କାର୍ଯ୍ୟକ୍ରମ ଗ୍ରହଣର ସୁଯୋଗ ରହିଛି। ଏପରି ସବୁଜ ପରିବର୍ତ୍ତନ'କୁ ଆଜିର ପିଢ଼ି ଏକ ବିଶ୍ୱବ୍ୟାପୀ ଆନ୍ଦୋଳନରେ ରୂପାନ୍ତରିତ କରି ଭୂମିର ଅବନତିକୁ ପ୍ରତିହତ କରିବା ତଥା ଉତ୍ପାଦକତାରେ ବୃଦ୍ଧି ଘଟାଇବା ଦ୍ୱାରା ହିଁ ସମଗ୍ର ଜୀବଜଗତର ଭବିଷ୍ୟତ ସୁରକ୍ଷା ଦୃଢ଼ୀଭୂତ ହୋଇପାରିବ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ:୯୪୩୭୦୭୬୧୦୦**

## ଏଇ ଭାରତରେ

ଇଚ୍ଛାଶକ୍ତି ଥିଲେ ବୟସ ବାଧକ ହୋଇପାରେ ନାହିଁ, ଯାହା ପ୍ରମାଣିତ କରିଛନ୍ତି ମନୀଷା ଗୋସାଇଁ ଓ ତାଙ୍କ ଭଉଣୀ ନମିତା ନେଗି। କେବଳ ସେତିକି ନୁହେଁ ପରିବାର ତଥା ସମାଜ ପାଇଁ ଗୃହିଣୀଙ୍କ ଅବଦାନର ମହତ୍ତ୍ୱକୁ ପ୍ରତିପାଦିତ କରିଛନ୍ତି। ଉଭୟଙ୍କ ବୟସ ୪୦ ଟପିଯାଇଥିଲେ ବି ସେମାନେ କେବଳ ଘର କାମରେ ସୀମିତ ନ ରହି ଚାଷ କରୁଛନ୍ତି। ରହୁଛନ୍ତି ଉତ୍ତରାଖଣ୍ଡର ଡେରାଡୁନ୍‌ରେ। ମନୀଷାଙ୍କ ସ୍ୱାମୀ ଜଣେ ଅବସରପ୍ରାପ୍ତ କର୍ନେଲ ବିକାଶ ଗୋସାଇଁ ଏବଂ ନମିତାଙ୍କ ସ୍ୱାମୀ ବିନିତ ସିଂ ନେଗି। ସେମାନେ ଗୁଜବେରି ଚାଷ କରି ବର୍ଷକୁ ୧୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେମାନଙ୍କ ଫାର୍ମର ନାମ ଦେଇଛନ୍ତି ଡୁନ୍ ଗୁଜବେରି ଫାର୍ମ। ସେମାନେ ଗୁଜବେରି ବ୍ୟତୀତ ଟମାଟୋ, ବାଇଗଣ, କଖାରୁ, ପୋଇ ଆଦି ପରିବା ମଧ ଚାଷ କରୁଛନ୍ତି। ଚାଷରେ ଉଭୟଙ୍କ ସ୍ୱାମୀ ସେମାନଙ୍କୁ ସାହାଯ୍ୟ କରୁଛନ୍ତି। ଦୁଇ ଭଉଣୀ ଏତିକିରେ ଅଟକି ଯାଇନାହାନ୍ତି, ଅଁଳା, ଆମ୍ବ, ହଳଦୀ, ଲେମ୍ବୁ ଏବଂ ଟମାଟୋରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ତାହାକୁ ମଧ ବିକ୍ରି କରୁଛନ୍ତି। ଏହିସବୁ କାର୍ଯ୍ୟରେ ସେମାନେ ମହିଳାମାନଙ୍କୁ ମଧ ନିଯୁକ୍ତ କରିଛନ୍ତି।

# ନିର୍ବାଚନୀ ବ୍ୟବଚ୍ଛେଦ



ହରିଶଙ୍କର ମିଶ୍ର

ଆମ ଦେଶର ଲୋକ ସଭା ଏବଂ ଓଡ଼ିଶାର ବିଧାନସଭା ପାଇଁ ନିର୍ବାଚନ ସରି ଫଳାଫଳ ପ୍ରକାଶ ପାଇଛି। ପୂର୍ବ ନିର୍ବାଚନଠାରୁ ଏହା ପ୍ରଚାର ଓ ଫଳାଫଳ ଦୃଷ୍ଟିରୁ ଅବିଶ୍ୱସନୀୟ ଏବଂ ରୋଚକ ହୋଇଛି। ସାଧାରଣତଃ ନିର୍ବାଚନ ପୂର୍ବରୁ ଟିକେଟ ଆଶାରେ କେତେଜଣ ବ୍ୟକ୍ତି ଦଳ ବଦଳ କରିଥାନ୍ତି। କିନ୍ତୁ ଏହି ନିର୍ବାଚନରେ ତାହା ଏଭଳି ସୀମାତିକ୍ରମ କରିଛି ଯେ ପୂର୍ବଦିନ କୌଣସି ଦଳ ବା ଦଳପତିଙ୍କୁ ଅତି କଟୁ ଭାଷାରେ ସମାଲୋଚନା କରୁଥିବା ବ୍ୟକ୍ତି ରାତି ପାହିଲା ପରେ ସେହି ଦଳ ବା ଦଳପତି ରାଜ୍ୟ ପାଇଁ ଏକମାତ୍ର ବିଶ୍ୱସ୍ତ ଏବଂ ତାଙ୍କର ପୂର୍ବ ଦଳ ରାଜ୍ୟ ସ୍ୱାର୍ଥ ବିରୋଧୀ କହି ଦଳ ବଦଳ କରିବାକୁ ପଛାଇନାହାନ୍ତି। ନିର୍ବାଚନ ପୂର୍ବରୁ ଦଳୀୟ ଟିକେଟ ପାଇଁ ଯେଉଁ ଆଶାୟୀ ଦଳପତିଙ୍କ ଚାକର ବୋଲି ନିଜକୁ ପରିଚୟ ଦେଉଥିଲେ ଟିକେଟ ନ ପାଇ ସେ ସେହି ଦଳପତିଙ୍କୁ ଅତି କଠୋର ଭାଷାରେ ସମାଲୋଚନା କରିଛନ୍ତି। କେନ୍ଦ୍ର ନେତୃମଣ୍ଡଳୀ ବା ବିଭିନ୍ନ ରାଜ୍ୟର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀମାନଙ୍କସହ ସ୍ୱୟଂ ପ୍ରଧାନମନ୍ତ୍ରୀଙ୍କ ବାରମ୍ବାର ଆମ ରାଜ୍ୟକୁ ଗସ୍ତ ନିର୍ବାଚନ ଇତିହାସରେ ସବୁଠାରୁ ଉଲ୍ଲେଖନୀୟ। କେନ୍ଦ୍ରରୁ ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ମନ୍ତ୍ରୀ, ଦଳୀୟ ନେତା ଏବଂ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଆସିଥିଲେ ବି ଦେଶର ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ବା ଇଣ୍ଡିଆ ମେଣ୍ଟ ବିରୋଧରେ ବେଶି କହି ନ ଥିଲେ ଯଦିଓ କଂଗ୍ରେସର ଜାତୀୟ ଏବଂ ରାଜ୍ୟସ୍ତରୀୟ ନେତାମାନେ କେନ୍ଦ୍ରୀୟ ଭାଜପା ସରକାରକୁ ଯଥେଷ୍ଟ ସମାଲୋଚନା କରିଥିଲେ। ରାଜ୍ୟର ପ୍ରମୁଖ ଓ ନିର୍ଦ୍ଦିଷ୍ଟ ସମସ୍ୟା ,ବନ୍ଦ ହୋଇଯାଇଥିବା କଳକାରଖାନାର ପୁନରୁଦ୍ଧାର ବା ନୂତନ କଳକାରଖାନା ପ୍ରତିଷ୍ଠା ଦ୍ୱାରା ସମ୍ଭାବିତ ସୁଫଳ ସମ୍ପର୍କରେ କୌଣସି ଦଳର କିଛି ନିର୍ଦ୍ଦିଷ୍ଟ ମତ ନ ଥିଲା। ବରଂ ରାଜକୋଷ ଖାଲିକରି କିଏ କେତେ ଏବଂ କେଉଁ ବର୍ଗର ଲୋକଙ୍କୁ କ'ଣ ମାଗଣା ଦେଇପାରିବେ ତା'ର ପ୍ରଚାର ଜୋର ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିରରେ ଚାରିଦ୍ୱାର ଖୋଲିବା ଏବଂ ରତ୍ନଭଣ୍ଡାର ଚାବିର ସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ଆରୋପ ଅଯାଚିତ ଭାବେ ଭାଜପାର ନିର୍ବାଚନୀ ପ୍ରସଙ୍ଗ ହେବା ଉଲ୍ଲେଖନୀୟ ଥିଲା।

ଅବାଧ ନିରପେକ୍ଷ ଏବଂ ନିର୍ବାଚନର ସରକାରୀ ଆହ୍ୱାନ କେବଳ ପ୍ରଚାରରେ ସୀମିତ ରହିଥିବାବେଳେ ଏବଂ ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ସର୍ବୋଚ୍ଚ ଖର୍ଚ୍ଚ ମଧ ହାତୀର ଦୁଇଦାନ୍ତ ପରି ସରକାରୀ ଓ ବେସରକାରୀ ଭାବରେ ଭିନ୍ନ ଥିଲା। ଛପାଯାଇଥିବା ପ୍ରାଚୀରପତ୍ର,



ଫ୍ଲେକ୍ସ ଆଦିର ସଂଖ୍ୟା ଯଥେଷ୍ଟ ଅଧିକ ସତ୍ତ୍ୱେ ତାହାକୁ ନିର୍ଦ୍ଧାରିତ ଖର୍ଚ୍ଚ ମଧ୍ୟରେ ସୀମିତ ପାଇଁ ପ୍ରୟାସ କରାଯାଇଥିଲା। ନିର୍ବାଚନ ପ୍ରଚାରରେ ସମର୍ଥକଙ୍କ ଖାଦ୍ୟପେୟ,ସହରର ପ୍ରତ୍ୟେକ ୱାର୍ଡ ଓ ମଫସଲର ପ୍ରତ୍ୟେକ ଗାଁରେ ମଦ ଓ ମାଂସଭୋଜିର ନିୟମିତ ଆସର ଏବଂ ନିର୍ବାଚନ ପୂର୍ବର ଅମୋଘ ଅସ୍ତ୍ର ପ୍ରୟୋଗ ଦ୍ୱାରା ପ୍ରାର୍ଥୀଙ୍କ ଖର୍ଚ୍ଚ କେତେ କୋଟି ହୋଇଛି ତାହା 'ମନ ଜାଣେ ପାପ' ପରି ଅଙ୍ଗେ ନିଭାଇଥିବା ପ୍ରାର୍ଥୀ ମାନେ ଜାଣିଥିଲେ ବି ନିର୍ବାଚନ ଅବାଧ, ନିରପେକ୍ଷ କହିବା 'ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି'ର ସ୍ପଷ୍ଟ ଉଦାହରଣ।

ନିର୍ବାଚନ ଅବାଧ ନିରପେକ୍ଷ କରାଇବା ସରକାରଙ୍କ ଦାୟିତ୍ୱ। ନିର୍ବାଚନ ପୂର୍ବରୁ ୱାରେଣ୍ଟ କାର୍ଯ୍ୟକାରୀ କରିବା ବା ଲାଇସେନ୍ସପ୍ରାପ୍ତ ବନ୍ଧୁକ ଜିଲା କାର୍ଯ୍ୟାଳୟରେ ଜମା ଦେବା ଗତାନୁଗତିକ ଥିଲା। କିନ୍ତୁ ନିର୍ବାଚନ ପୂର୍ବରୁ ମନୋନୟନପତ୍ର ଦାଖଲ ବା ପ୍ରଚାର ଅଭିଯାନରେ ହୋଇଥିବା ଶକ୍ତି ପ୍ରଦର୍ଶନ ଶୋଭାଯାତ୍ରାରେ ହଜାର ହଜାର ଦୁଇଚକିଆ ଯାନ ଆରୋହୀ ମଦ ପିଇ ବିନା ହେଲ୍‌ମେଟରେ ଅଂଶ ଗ୍ରହଣ କରୁଥିଲେ ମଧ ବଳବତ୍ତର ଥିବା ନିୟମ ଆଧାରରେ ଆଞ୍ଚଳିକ ପରିବହନ ଅଧିକାରୀ ବା ପୋଲିସ ଏହାକୁ ଯାଞ୍ଚ ନ କରିବା ସ୍ପଷ୍ଟ କରୁଥିଲା ଯେ ଆମ ଆଇନ ରାଜ୍ୟ ବା ଦେଶର ଭାଗ୍ୟ ନିୟନ୍ତା ଜନସେବକଙ୍କ ପାଇଁ ବାଟବଣା ହୋଇଯାଏ। ଅନେକ ସ୍ଥାନରେ ଯେଉଁ ଟଙ୍କା ଜବତ ହୋଇଥିଲା ତାହା କେବଳ ବିରୋଧୀ ଦଳର ହିଁ ଥିଲା। ନିର୍ବାଚନ ମଧ ସମ୍ପୃକ୍ତ ସରକାରୀ ଅଧିକାରୀମାନଙ୍କ ପାଇଁ ଫସଲ ଅମଳ ଋତୁ। ନିର୍ବାଚନ ଖର୍ଚ୍ଚ ଅଡିଟ୍ ପରିସର ବାହାରେ ଥିବାରୁ ନିର୍ବାଚନ ପରିଚାଳନାରେ ଲଗାମହୀନ ଖର୍ଚ୍ଚ ଦର୍ଶାଇବାରେ ବିଭାଗୀୟ ଅଧିକାରୀମାନେ ତା'ର ସୁଯୋଗ ନିଅନ୍ତି। ସ୍ୱାଧୀନତାର ୭୫ବର୍ଷ ପରେ ଭୋଟରଙ୍କୁ ସଚେତନ କରାଇବା, ଭୋଟରଙ୍କୁ ଚିରକୁଟ(ଆଗରୁ ପ୍ରାର୍ଥୀମାନେ ଦେଉଥିଲେ), ସ୍କୁଲଗୁଡ଼ିକରେ ଭୋଟ କେନ୍ଦ୍ର ସତ୍ତ୍ୱେ ସେଠାକୁ ରାସ୍ତା ମରାମତି, ନିର୍ବାଚନ ପାଇଁ ଅଧିକ ଗାଡ଼ି ସଂଗ୍ରହ, ତେଲ ଏବଂ ଅନ୍ୟାନ୍ୟ ସରଞ୍ଜାମ କିଣା, ବିଶିଷ୍ଟ ବ୍ୟକ୍ତିଙ୍କ ସଭା ଓ ରୋଡ୍ ଶୋ ପାଇଁ ବ୍ୟାରିକେଡ୍ ଓ ଅସ୍ଥାୟୀ ହେଲିପ୍ୟାଡ୍ ପ୍ରସ୍ତୁତି ଆଦିରେ ଅନେକ କୋଟି ଅର୍ଥ ବ୍ୟୟକୁ ଅସ୍ୱୀକାର କରାଯାଇ ନ ପାରେ। ଏତଦ୍‌ବ୍ୟତୀତ ଭୋଟ କେନ୍ଦ୍ରରେ ଅନାବଶ୍ୟକ ବିଶ୍ରାମ ସ୍ଥଳୀ , ଭୋଟରଙ୍କୁ ଜଳଯୋଗାଣ ସହ ପରିବହନ ପାଇଁ ଅଟୋ ବ୍ୟବସ୍ଥା ଏକ ଅଦ୍ଭୁତ ପୂର୍ବ ନିର୍ବାଚନ ପ୍ରସ୍ତୁତିକୁ ସୂଚାଉଥିଲା। ଏଥିପାଇଁ ବହୁକୋଟି ଅର୍ଥ ବ୍ୟୟର ପ୍ରାସଙ୍ଗିକତା, ଯଥାର୍ଥତା ବା ବାସ୍ତବତାକୁ ଅଣଦେଖା କେତେଜଣ ଅଧିକାରୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲା। ନିର୍ବାଚନ ଫଳ ଘୋଷଣା ସରିଛ ଏବଂ ବିଜେତା ଏବଂ ପରାଜିତ ପ୍ରାର୍ଥୀ ନିଜ ଭବିଷ୍ୟତ ପାଇଁ ପ୍ରସ୍ତୁତି ଚଳାଇବେ। କିନ୍ତୁ ପ୍ରଶାସନିକ ଦୁର୍ନୀତି ନଥି ତଳେ ଚପିଯିବ ଏଥିରେ ସନ୍ଦେହ ନାହିଁ।

**ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

50 ବର୍ଷ ତଳର ଧରିତ୍ରୀ

**୫ ଜୁନ୍ ୧୯୭୫**

- ଆଲାହାବାଦ ଅନ୍ତର୍ଗତ ନୱାବଗଞ୍ଜ ଅଞ୍ଚଳରେ ପୋଲିସ ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏକ ଡକାୟତ ଦଳ ମଧ୍ୟରେ ସଂଘର୍ଷ ଘଟି ୧୦ ଡକାୟତଙ୍କ ମୃତ୍ୟୁ।
- ଉତ୍ତର ପ୍ରଦେଶରେ ଥିବା ସବୁ ବେନାମୀ ଜମି ସମ୍ବଳିତ ଫାର୍ମ ଓ ସମବାୟ ଫାର୍ମଗୁଡ଼ିକର ତଦନ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ।

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚିତ ପ୍ରତିନିଧିଙ୍କ ଦାୟିତ୍ୱ

ମହାଶୟ,

ସାଧାରଣ ଜନତାଙ୍କ ବହୁମୂଲ୍ୟ ଭୋଟକୁ ବିଭିନ୍ନ ଗଣମାଧ୍ୟମ ଓ ସଂସ୍ଥା ପକ୍ଷରୁ ସର୍ଭେ ଆଧାରରେ ପ୍ରାର୍ଥୀମାନଙ୍କ ସମ୍ଭାବ୍ୟ ଜୟ ପରାଜୟର ଫଳାଫଳକୁ ଏକ୍‌ଜିଟ୍ ପୋଲ୍ ମାଧ୍ୟମରେ ମୂଲ୍ୟାଙ୍କନ କରି ତା'ର ସତ୍ୟାସତ୍ୟ-ସିଦ୍ଧାନ୍ତ ପ୍ରଦାନ ପ୍ରାୟ ସମୟରେ ଭୁଲ୍ ବୋଲି ପ୍ରମାଣିତ ହୋଇଥିବା ଦେଖାଯାଇଛି। କେନ୍ଦ୍ର ଓ ଆମ ରାଜ୍ୟ ସ୍ତରରେ ତାହା ଏଥର ଦେଖାଯାଇଛି। ତେବେ ସରକାର ଗଠନ ପରେ ନିର୍ବାଚିତ ପ୍ରତିନିଧି ମାନଙ୍କ ଉପରେ ରାଷ୍ଟ୍ରର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଭବିଷ୍ୟତ ନିର୍ଭରକରେ। ଏକ ଆଦର୍ଶ ସମାଜର କଲ୍ୟାଣ ଓ ବିକାଶ ନିମନ୍ତେ ଭାରତବର୍ଷର ସାର୍ବଭୌମତ୍ୱକୁ ସୁଦୃଢ଼କରି ଜାତୀୟ ସଂହତିର ସୁରକ୍ଷା କରିବା ଉଚିତ। ଏହା ଯେ କେବଳ ଲୋକ ସଭା, ରାଜ୍ୟ ସଭା କିମ୍ବା ବିଧାନସଭାର ନିର୍ବାଚିତ ପ୍ରତିନିଧିମାନଙ୍କ ଉପରେ ନ୍ୟସ୍ତ ବା ନିର୍ଭରକରେ ତା' ନୁହେଁ, ଏଥିପାଇଁ ଭାରତବର୍ଷର ପ୍ରଶାସନିକ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାରେ ସମସ୍ତ ନାଗରିକଙ୍କ ସଚେତନାତ୍ମକ ଏକାଗ୍ରତା ଓ ସହଯୋଗର ଆବଶ୍ୟକତା ରହିଛି।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ୍ ଗଳି, ପୁରୀ**

## ଚିରନ୍ତନୀ

ବିରାଟ ବେଦନାର ସ୍ତୂପ ତଳୁଁ ତୋଳି ଯାହା
ସାଇତି ରଖେ ନର
ଜୀବନର କରି ନାହା,
ଯେ ହାସ ପାଇଁ ସେ ଗୋ କୋଟି ପ୍ରାଣେ ଦିଏ ବ୍ୟଥା
କାଟଇ ଯାହା ଆଶେ
ଅନାୟାସେ କୋଟି ମଥା।
-(ମରଣ ପାଳି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାର ୧୧ ଛାତ୍ରୀଛାତ୍ର ରାଜ୍ୟ ଟପ୍ପର

ଭୁବନେଶ୍ୱର, ୪।୬(ଅସମାପିକା ସାହୁ)

## ଏନ୍‌ଇଇଟି ୟୁଜି ଫଳ ପ୍ରକାଶ

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି ୟୁଜି -୨୦୨୪ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ମୋଟ ୨୪,୦୬,୦୭୯ଜଣ ଛାତ୍ରୀଛାତ୍ର ପଞ୍ଜୀକୃତ ହୋଇଥିବାବେଳେ ୨୩,୩୩,୨୯୭ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩,୧୬,୨୬୮ଜଣଙ୍କୁ ର୍‍ୟାଙ୍କ୍ ପ୍ରଦାନ କରାଯାଇଛି। ମୋଟ ୬୭ଜଣ ଛାତ୍ରୀଛାତ୍ର ର୍‍ୟାଙ୍କ ୧ ପାଇଛନ୍ତି। ଏଥିରେ ୧୪ଜଣ ଛାତ୍ରୀ ଥିବା ବେଳେ ୫୩ଜଣ ଛାତ୍ର ରହିଛନ୍ତି। ତେବେ ଓଡ଼ିଶାରେ ମୋଟ ୬୪,୩୩୩ଜଣ ପରୀକ୍ଷା ଦେଇଥିବା ବେଳେ ୩୨,୬୧୭ଜଣ ର୍‍ୟାଙ୍କ ପାଇଛନ୍ତି। ୧୧ଜଣ ପରିକ୍ଷାର୍ଥୀ ସମାନ ସ୍କୋର୍ ରଖି ରାଜ୍ୟ ଟପ୍ପର ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଛାତ୍ରୀ ଥିବା ବେଳେ ୧୦ଜଣ ଛାତ୍ର ରହିଛନ୍ତି। ସେମାନେ ହେଲେ ସଙ୍କଳ୍ପିତା ଭୂୟାଁ(ସର୍ବଭାରତୀୟ ସ୍କୋର୍ ୨୨୬), ସତ୍ୟଜିତ ପରିଡ଼ା(୧୫୩), କମଳାକାନ୍ତ ଦାସ(୧୬୩), ଗୌତମ ସିଆଲ(୧୯୦), ଆୟୁଷ କୁମାର ଅଗ୍ରୱାଲ(୨୦୪), ଓମ୍ ଅମ୍ରିତ ମହାନ୍ତି(୨୧୫), ମହମ୍ମଦ ଜୈଦ ଖାନ(୨୧୭), ଉତ୍ତମ କୁମାର ପଣ୍ଡା(୨୩୪), ପ୍ରୀତମ ପାତ୍ର(୨୬୫), ଅଭିକ ଦ୍ୱିଜେସ ଦାସ(୨୯୧) ଏବଂ ଆୟୁଷ ଆୟୁଷ୍ମାନ(୨୯୪)। ଏହି ଛାତ୍ରୀଛାତ୍ରମାନେ ୯୯.୯୮୭୩୧୪ ପର୍ସେଣ୍ଟାଇଲ ସ୍କୋର ରଖିଛନ୍ତି। ଦେଶର ଶ୍ରେଷ୍ଠ ୧୦୦ ଭିତରେ ଓଡ଼ିଶାର କୌଣସି ଛାତ୍ରୀଛାତ୍ର ସ୍ଥାନ ପାଇ ନ ଥିବା ବେଳେ ଶ୍ରେଷ୍ଠ ୧୦ ଏସ୍‌ସି ବର୍ଗରେ ଓଡ଼ିଶାର ଗୌତମ ସିଆଲ ନବମ ସ୍ଥାନରେ ରହିଛନ୍ତି। ସେ ସର୍ବଭାରତୀୟ ସ୍ତରରେ ୧୯୦ ର୍‍ୟାଙ୍କ ପାଇଥିବାବେଳେ ତାଙ୍କର ୯୯.୯୮୭୩୧୪୧ ପର୍ସେଣ୍ଟାଇଲ ସ୍କୋର ରହିଛି।

# ଟ୍ରକ୍ ଧକ୍କାରେ କାର୍ ଚୂର୍‌ମାର୍, ୨ ମୃତ



ବାଲୁଗାଁ/ଖଲ୍ଲିକୋଟ,୪।୬
(ସଂଗ୍ରାମ ପାଇକରାୟ/ପ୍ରଶାନ୍ତ ମିଶ୍ର)

## ପୁଅକୁ ଦେଖାକରି ଡ୍ରାଇଭରଙ୍କ ସହ ଘରକୁ ଫେରୁଥିଲେ ବାପା

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ନିକଟ ଛତ୍ରଗଡ଼ ଛକଠାରେ ମଙ୍ଗଳବାର ଭୋରୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରାଭେରା କାର୍‌ର ପଛପଟକୁ ଟ୍ରକ୍ ଧକ୍କାଦେବା ଫଳରେ ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲା ବେଲଗୁଣ୍ଠା ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ତଥା କାର୍ ମାଲିକ ମନୋରଞ୍ଜନ ପାଣିଗ୍ରାହୀ (୬୨) ଏବଂ ଡ୍ରାଇଭର ବିଦ୍ୟାଧର ବେହେରା (୪୨)। ଦୁର୍ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି।

ସୂଚନା ମୁତାବକ, ବେଲଗୁଣ୍ଠା ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନଙ୍କ ପୁଅ କଟକରେ ଡାକ୍ତରଭାବେ କାର୍ଯ୍ୟ କରନ୍ତି। ମନୋରଞ୍ଜନ ନିଜର କାର୍(ଓଡି ୦୨ ୨୮୨୪)ରେ ଡ୍ରାଇଭରଙ୍କ ସହିତ ପୁଅକୁ ଦେଖାକରିବା ପାଇଁ ସୋମବାର କଟକ ଯାଇଥିଲେ। ବିଳମ୍ବିତ ରାତ୍ରିରେ ଘରକୁ ଫେରୁଥିବା ବେଳେ ମଙ୍ଗଳବାର ଭୋର୍ ପ୍ରାୟ ୪ଟାରେ ନାଭାଲ ଫାଣ୍ଡିର ଅନତି ଦୂର ତଥା ୧୬ନଂ. ଜାତୀୟ ରାଜପଥର ଛତ୍ରଗଡ଼ ଛକଠାରେ ଲୁହାଗୁଣ୍ଡ ବୋଝେଇ ଟ୍ରକ୍ (ଓଡି ୧୬ଜି ୦୨୭୭) ଦ୍ରୁତଗତିରେ ଆସି କାରର ପଛପଟକୁ ଧକ୍କା ଦେଇଥିଲା। ଫଳରେ କାର୍‌ଟି ଭାରସାମ୍ୟ ହରାଇ ରୋଡ୍ ଡିଭାଇଡରରେ ପିଟି ହୋଇ ରାଜପଥରେ ଏକାଧିକ ଥର ଓଲଟି ଚୂରମାର ହୋଇଯାଇଥିଲା। କାର୍‌ରେ ଥିବା ମାଲିକ ଓ ଡ୍ରାଇଭର ଚାପି ହୋଇଯିବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଫାଣ୍ଡି ଅଧିକାରୀ ରବୀନ୍ଦ୍ର ନାଥ ଗୌଡ଼ ସଦଳବଳ ପହଞ୍ଚି କଟର ସାହାଯ୍ୟରେ କାର୍‌ର ଭଙ୍ଗାରୁଜା ଯନ୍ତ୍ରାଂଶକୁ କାଟି ମୃତକଙ୍କୁ ଉଦ୍ଧାର କରିଥିଲେ। ପକେଟରୁ ମିଳିଥିବା ପରିଚୟପତ୍ରରୁ ଠିକଣା ପାଇ ପୋଲିସ ତାଙ୍କ ପରିବାରବର୍ଗଙ୍କୁ ଜଣାଇଥିଲା। ଏଥିସହ ପୋଲିସ କାର୍‌ରୁ ୧ଲକ୍ଷ ୩୮ହଜାର ୬ଶହ ଟଙ୍କା ଜବତ କରି ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୧୮୯/୨୪) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଯୁବତୀଙ୍କୁ ଅପହରଣ ଘଟଣା: ଦିବ୍ୟାଙ୍ଗ ଯୁବକ ଗିରଫ

ଭୁବନେଶ୍ୱର,୪।୬
(ସତ୍ୟଜିତ୍ ରାଉତ)


ଅଭିଯୁକ୍ତ ନବକିଶୋର ପ୍ରଧାନ

ଘରୁ ରାଗି ପଳାଇଥିବା ଜଣେ ଯୁବତୀଙ୍କୁ ଚାକିରି କରାଇଦେବାକୁ କହି ମିଛ ପ୍ରତିଶ୍ରୁତି ଦେଇ ଅପହରଣ କରିବା ଅଭିଯୋଗରେ ସମ୍ପୃକ୍ତ ଦିବ୍ୟାଙ୍ଗ ଯୁବକଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ରାଜନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ନବକିଶୋର ପ୍ରଧାନ (୩୪)। କୋର୍ଟଚାଲାଣ ପରେ ନବକିଶୋରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ନାବାଳିକା ଜଣକ ସ୍ଥାନୀୟ ଅଞ୍ଚଳରେ ରୁହନ୍ତି। ମାର୍ଚ୍ଚ ୨୫ରେ ସେ କୌଣସି କାରଣରୁ ରାଗି ଘରୁ ପଳାଇ ଆସିଥିଲେ। ଏନେଇ ଯୁବତୀଙ୍କ ମାଆ ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଥିଲେ। ଯୁବତୀ ଜଣକ ଖୋର୍ଦ୍ଧା ରେଳ ଷ୍ଟେଶନରେ ଅଭିଯୁକ୍ତ ନବାକିଶୋରଙ୍କ ସହ ଯୋଗାଯୋଗରେ ଆସିଥିଲେ। ସେଠାରେ ପୀଡ଼ିତାଙ୍କୁ ଏକାକୀ ଥିବାର ସୁଯୋଗ ନେଇ ନବକିଶୋର ତାଙ୍କ ସହ କଥା ହୋଇଥିଲେ। ଭଲ ଚାକିରି ଯୋଗାଇ ଦେବାର ମିଛ ପ୍ରତିଶ୍ରୁତି ଦେଇ ନବକିଶୋର ତାଙ୍କୁ ଫଶାଇଥିଲେ। ତାଙ୍କୁ ପ୍ରଥମେ କଟକ, ପରେ ଆନ୍ଧ୍ରପ୍ରଦେଶ ଓ ପାରାଦୀପକୁ ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କୁ ନବକିଶୋର ବିବାହ କରିବାକୁ ବାଧ କରିଥିଲେ। ଏହି ପ୍ରସ୍ତାବକୁ ପୀଡ଼ିତା ରାଜି ନ ହେବାରୁ ତାଙ୍କୁ ସେ ଧମକ ଦେଇଥିଲେ। ମେ’ ୨୦ରେ ପୀଡ଼ିତାଙ୍କୁ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ମାମଲା (ନଂ.୩୧୧/୨୦୨୪) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ବଜ୍ରପାତରେ ବାପା, ଝିଅଙ୍କ ଜୀବନଗଲା

କଳାହାଣ୍ଡି, ୪।୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ପିଡବ୍ଲ୍ୟୁଡି ବଙ୍ଗଳା ନିକଟ ଗଉଡ଼ ପଡାଠାରେ ଗୁହାଳରେ ବଳଦ ବାନ୍ଧୁଥିବା ସମୟରେ ମଙ୍ଗଳବାର ବଜ୍ରପାତରେ ବାପ ଓ ଝିଅଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ମୃତକ ହେଲେ ହରି ଗଉଡ଼ (୫୨) ଓ ତାଙ୍କ ଝିଅ ହିମାଦ୍ରୀ ଗଉଡ଼(୧୭)। ସନ୍ଧ୍ୟାରେ କାଳବୈଶାଖୀ ଯୋଗୁ ଝଡ଼ପବନ ସହ ବିଜୁଳି ଘଡଘଡି ହେଉଥିଲା। ଏହି ସମୟରେ ବାହାରକୁ ଚରି ଯାଇଥିବା ବଳଦକୁ ବାପଝିଅ ମିଶି ଗୁହାଳରେ ବାନ୍ଧିବାକୁ ଯାଇଥିଲେ। ବଳଦ ବାନ୍ଧୁଥିବାବେଳେ ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ବଳଦ ସହିତ ବାପଝିଅ ଟଳି ପଡ଼ିଥିଲେ। ପରିବାର ଲୋକେ ସେମାନଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦିନ ମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରୁଥିବା ହରିଙ୍କ ସହିତ ତାଙ୍କ କଲେଜ ପଢୁଆ ଝିଅଙ୍କ ମୃତ୍ୟୁ ପରେ ପରିବାର ଉପରେ ଦୁଃଖର ପାହାଡ଼ ମାଡ଼ିବସିଛି। ଏ ନେଇ ବିଶ୍ୱନାଥପୁର ଥାନାରେ ଏକ ମାମଲା (ନଂ.୪/୨୪) ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଛି। ସନ୍ଧ୍ୟା ହୋଇଯାଇଥିବାରୁ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରୀ ମମତା ହେମ୍ବ୍ରମ ପ୍ରକାଶ କରିଛନ୍ତି।

# ୫୪୮ କେଜି ଗଞ୍ଜେଇ ଜବତ, ୮ ଗିରଫ

ବ୍ରହ୍ମପୁର,୪।୬ (ସୁବାସ ଚନ୍ଦ୍ର ପାଢ଼ୀ)



ଅବକାରୀ ବିଭାଗ ପକ୍ଷରୁ ବ୍ରହ୍ମପୁର ଓ ଏହାର ଉପକଣ୍ଠରେ ଥିବା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମୋଟ ୫୪୮ କେଜି ଗଞ୍ଜେଇ ଜବତ କରାଯିବା ସହ ୮ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୨ଟି ଅଟୋ ଏବଂ ୨ ଟି ବାଇକ ଜବତ ହୋଇଥିବା ଅବକାରୀ ଇନ୍ସପେକ୍ଟର ମନିଶା ଭୋଳ କହିଛନ୍ତି।

ଅବକାରୀ ବିଭାଗ କମିଶନର ନରସିଂହ ଭୋଳ ଏବଂ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଅବକାରୀ ବିଭାଗ ଷ୍ଟ୍ରାଇକିଂ ଫୋର୍ସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ପ୍ରଥମେ ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟଠାରେ ଯାଞ୍ଚ ଚାଲିଥିବା ବେଳେ ଏକ ଅଟୋରୁ ୧୨୮ କେଜି ଗଞ୍ଜେଇ ଜବତ ହୋଇଥିଲା। ତାହାକୁ ଚାଲାଣ କରୁଥିବା କନ୍ଧମାଳ ଜିଲା ବ୍ରହ୍ମଣୀଗାଁର ପ୍ରସନ୍ନ ମାଝି ଓ ମୁନା ପାଟଯୋଶୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବୟାନକୁ ଆଧାର କରି କନିଷି ଠାରେ ଥିବା ଏକ ଘରେ ଚଢାଉ ବେଳେ ସେଠାରୁ ୩୦୦ କେଜି ଗଞ୍ଜେଇ ଜବତ ହୋଇଥିଲା । ଏହି ଗଞ୍ଜେଇ ମହଜୁଦ ରଖିବା ଅଭିଯୋଗରେ ଗଜପତି ଜିଲା ଛେଳିଗଡ ଅଞ୍ଚଳର ପ୍ରଦୀପ ମାଝି, ସମସନ ରଇତ, ସାମୁଏଲ ରଇତ, ସୁରେନ୍ଦ୍ର ରଇତଙ୍କୁ ଗିରଫ କରାଯାଇଥିଲା । ଉକ୍ତ ଘରୁ ୨ଟି ବାଇକ ମଧ୍ୟ ଜବତ କରାଯାଇଥିଲା। ସେହିପରି ରୋଲାଣ୍ଡ ଇଞ୍ଜିନିୟରିଂ କଲେଜ ନିକଟରୁ ଏକ ଅଟୋରୁ ୧୨୦ କେଜି ଗଞ୍ଜେଇ ଜବତ କରାଯାଇଛି । ଏହାକୁ ଚାଲାଣ କରୁଥିବା ଗଜପତି ଜିଲା ଆର. ଉଦୟଗିରି ଅଞ୍ଚଳର ହେମନ୍ତ ରଇତ ଓ ସଚିନିଧି ବର୍ଦ୍ଧନଙ୍କୁ ଗିରଫ କରାଯାଇଛି।

# ବ୍ୟବସାୟିକ ଶତ୍ରୁତାରୁ ଯୁବକଙ୍କୁ ଗୁଳିମାଡ଼

ରେମୁଣା,୪।୬(ରବୀନ୍ଦ୍ର ମହାକୁଡ଼)



ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ଅପରାହ୍ନରେ ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଧୀନ ସୁତେଇବଡ଼ଗାଁ ନିକଟସ୍ଥ ଲେଭଲକ୍ରସିଂ ନିକଟରେ ଜଣେ କାଠ ସ’ ମିଲ୍ ମାଲିକ ସେକ୍ ଜସ୍ମିନ୍ (୪୩)ଙ୍କୁ ଗୁଳିମାଡ ହୋଇଛି। ତାଙ୍କ ଛାତି, ପିଠି ଓ ହାତରେ ୩ଟି ଗୁଳି ବାଜିବା ପରେ ସେ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେଠାରୁ ତାଙ୍କୁ ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସେକ୍ ଜସ୍ମିନ୍ ଅପରାହ୍ନରେ ବାଲେଶ୍ୱରରୁ ସୁତେଇବଡ଼ଗାଁ ଦେଇ କାର୍ ଯୋଗେ ଯାଉଥିବା ବେଳେ ଉକ୍ତ ରାସ୍ତାର ଲେଭଲକ୍ରସିଂ ନିକଟରେ ସାମ୍ନା ପଟୁ ଅନ୍ୟ ଏକ କାର୍‌ରେ ୩/୪ ଜଣ ଯୁବକ ଆସି ତାଙ୍କୁ ଅଟକାଇଥିଲେ। କିଛି କହିବା ପୂର୍ବରୁ ଅତର୍କିତ ଭାବେ ତାଙ୍କ ଉପରକୁ ୩ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଘଟଣାସ୍ଥଳରେ ସେକ୍ ଜସ୍ମିନ୍ ଗୁରୁତର ହେବାରୁ ତାଙ୍କ ଡ୍ରାଇଭର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।




# ଅଂଶୁଘାତ ମୃତ୍ୟୁ ୩୪କୁ ବୃଦ୍ଧି

ଭୁବନେଶ୍ୱର, ୪।୬
(ଅସମାପିକା ସାହୁ)

ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଏ ନେଇ ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ସୂଚନା ଦେଇ କହିଛନ୍ତି, ଗତ ୩ ତାରିଖ ସୁଦ୍ଧା ୧୪୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୦ଟି ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ବେଳେ ୨୦ଟି ମୃତ୍ୟୁର କାରଣ ଅଲଗା ରହିଥିଲା। ସେହିଭଳି ଗତ ୨୪ ଘଣ୍ଟାରେ ଆଉ ୨ଜଣଙ୍କର ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ଆସିଥିଲା। ତେବେ ପୂର୍ବରୁ ଯେଉଁ ଅଭିଯୋଗ ଆସିଥିଲା ସେଥିମଧ୍ୟରୁ ୪ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ରିପୋର୍ଟ ଆସିଥିବାବେଳେ ଆଉ ୪ଜଣଙ୍କର ଅନ୍ୟ କାରଣରୁ ମୃତ୍ୟୁ ହୋଇଛି। ତେବେ ରାଜ୍ୟରେ ଏବର୍ଷ ଗ୍ରୀଷ୍ମ ପ୍ରକୋପ ଯୋଗୁ ମୋଟ ୧୪୯ଟି ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୪ଜଣଙ୍କର ଅଂଶୁଘାତରେ ଓ ୨୪ଜଣଙ୍କର ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବା ସ୍ଥାନୀୟ ଜିଲାପାଳମାନେ ସ୍ପଷ୍ଟ କରିଛନ୍ତି। ବାକି ୯୧ଟି ଅଭିଯୋଗର ରିପୋର୍ଟ ଆସିନାହିଁ। ତାହା ଏବେ ବି ଜିଲାପାଳଙ୍କ ତଦନ୍ତ ପାଇଁ ଅଟକି ରହିଥିବା ଏସ୍‌ଆର୍‌ସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



## ଲୋକ ସଭା ନିର୍ବାଚନରେ ଦଳୀୟ ସ୍ଥିତି

| ଦଳ | ବିଜୟୀ | ଅଗ୍ରଣୀ | ମୋଟ |
|---|---|---|---|
| ଭାଜପା | ୨୩୮ | ୩ | ୨୪୧ |
| କଂଗ୍ରେସ | ୯୨ | ୭ | ୯୯ |
| ଏସ୍‌ପି | ୩୭ | ୦ | ୩୭ |
| ତୃଣମୂଳ କଂଗ୍ରେସ | ୨୯ | ୦ | ୨୯ |
| ଡିଏମ୍‌କେ | ୧୮ | ୪ | ୨୨ |
| ସିପିଆଇ(ଏମ୍) | ୪ | ୦ | ୪ |
| ଏଏପି | ୩ | ୦ | ୩ |
| ଟିଡିପି | ୧୫ | ୧ | ୧୬ |
| ଜେଡିୟୁ | ୧୨ | ୦ | ୧୨ |
| ଶିବସେନା(ୟୁବିଟି) | ୮ | ୧ | ୯ |
| ଶିବସେନା | ୭ | ୦ | ୭ |
| ଜେଡିଏସ୍ | ୨ | ୦ | ୨ |
| ଏନ୍‌ସିପି(ଏସ୍‌ପି) | ୬ | ୧ | ୭ |
| ଆଇୟୁଏମ୍‌ଏଲ୍ | ୩ | ୦ | ୩ |
| ଆର୍‌ଏଲ୍‌ଡି | ୨ | ୦ | ୨ |
| ଜେକେଏନ୍ | ୨ | ୦ | ୨ |
| ଏଚ୍‌ଏଏମ୍‌ଏସ୍ | ୧ | ୦ | ୧ |
| କେଇସି | ୧ | ୦ | ୧ |
| ଆର୍‌ଏସ୍‌ପି | ୧ | ୦ | ୧ |
| ଏନ୍‌ସିପି | ୧ | ୦ | ୧ |
| ଭିଓଟିପିପି | ୧ | ୦ | ୧ |
| ଜେଡ୍‌ପିଏମ୍ | ୧ | ୦ | ୧ |
| ଏସ୍‌ଏଡି | ୧ | ୦ | ୧ |
| ଆର୍‌ଏଲ୍‌ଟିପି | ୧ | ୦ | ୧ |
| ବିଏପି | ୧ | ୦ | ୧ |
| ଏସ୍‌କେଏମ୍ | ୧ | ୦ | ୧ |
| ଏଏସ୍‌ପି(କାଂଶୀରାମ) | ୧ | ୦ | ୧ |
| ଏଆଇଏମ୍‌ଆଇଏମ୍ | ୧ | ୦ | ୧ |
| ଏଲ୍‌ଜେପି(ଆର୍‌ଭି) | ୫ | ୦ | ୫ |
| ୱାଇଏସ୍‌ଆର୍‌ସିପି | ୪ | ୦ | ୪ |
| ଆର୍‌ଜେଡି | ୪ | ୦ | ୪ |
| ଜେଏମ୍‌ଏମ୍ | ୩ | ୦ | ୩ |
| ଜନସେନା ପାର୍ଟି | ୨ | ୦ | ୨ |
| ସିପିଆଇ(ଏମ୍‌ଏଲ୍)(ଏଲ୍) | ୨ | ୦ | ୨ |
| ଭିସିକେ | ୨ | ୦ | ୨ |
| ସିପିଆଇ | ୨ | ୦ | ୨ |
| ୟୁପିପିଏଲ୍ | ୧ | ୦ | ୧ |
| ଏଜିପି | ୧ | ୦ | ୧ |
| ଭିଟିପିପି | ୧ | ୦ | ୧ |
| ଏମ୍‌ଡିଏମ୍‌କେ | ୧ | ୦ | ୧ |
| ଆପ୍‌ନା ଦଳ(ଏସ୍) | ୧ | ୦ | ୧ |
| ଏଜେଏସ୍‌ୟୁପି | ୧ | ୦ | ୧ |
| ସ୍ୱାଧୀନ | ୭ | ୦ | ୭ |
| ମୋଟ | ୫୨୬ | ୧୭ | ୫୪୩ |

(ଇସିଆଇଙ୍କ ପକ୍ଷରୁ ମଙ୍ଗଳବାର ରାତି ୧୨ଟା ସୁଦ୍ଧା ଦିଆଯାଇଥିବା ତଥ୍ୟ । ଏଥିରେ ସଂଖ୍ୟା ପରିବର୍ତ୍ତନ ହୋଇପାରେ)

# ବିଜେଡି ଦୁର୍ଗ ଭାଙ୍ଗିଲା

ଭୁବନେଶ୍ୱର,୪।୬(ଅନିଲ ଦାସ)

ଦୀର୍ଘ ୨୪ ବର୍ଷ ବିଜେଡି ଶାସନର ଦୁର୍ଗ ଭୁଶୁଡ଼ି ପଡ଼ିଛି। ଅନ୍ୟପକ୍ଷରେ ଅପ୍ରତ୍ୟାଶିତ ଭାବେ ଭାଜପା ଲୋକ ସଭାରେ ୧୯ ଓ ବିଧାନସଭାରେ ୭୮ ଆସନରେ ବିଜୟୀ ହୋଇ ରାଜ୍ୟରେ କ୍ଷମତା ଦଖଲ କରିଛି। ବିଜେଡିକୁ ବିଧାନସଭାରେ ମାତ୍ର ୫୧ ଏବଂ ଲୋକ ସଭା କ୍ଷେତ୍ରରେ ଗୋଟିଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ଦୁଇ ଦଶନ୍ଧିରୁ ଅଧିକ ସମୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ଲୋକଙ୍କୁ ଆଉ ବାନ୍ଧି ରଖି ପାରିନାହିଁ। ବିଜେଡି ଇସ୍ତାହାରରେ ମନଲୋଭା ଘୋଷଣା ସାଙ୍ଗକୁ ମାଗଣା ବିଜୁଳି ଲୋକଙ୍କ ଉପରେ କିଛି ଫରକ ପକାଇ ପାରିନାହିଁ। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ମନ୍ତ୍ରୀ ଓ ଦଳର ହେଭିୱେଟ ନେତାଙ୍କୁ ପରାଜୟବରଣ କରିବାକୁ ପଡ଼ିଛି। ୨୦୧୯ ନିର୍ବାଚନରେ ବିଜେଡି ବିଧାନସଭାରେ ୧୧୨ଟି ଆସନରେ ବିଜୟୀ ହୋଇଥିଲା ବେଳେ ଚଳିତ ନିର୍ବାଚନରେ ଧରାଶାୟୀ ହୋଇଯାଇଛି। ଦଳକୁ ମାତ୍ର ୫୧ଟି ଆସନ ମିଳିଛି। ଏହି ନିର୍ବାଚନରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପ୍ରଦୀପ ଅମାତ୍, ପ୍ରଫୁଲ୍ଲ ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ଟୁକୁନି ସାହୁ, ରୀତା ସାହୁ, ପ୍ରୀତିରଞ୍ଜନ ଘଡ଼େଇ, ସୁଦାମ ମାର୍ଣ୍ଡି ପ୍ରମୁଖ ପରାଜିତ ହୋଇଛନ୍ତି। ଏଥିସହିତ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପୁଷ୍ପେନ୍ଦ୍ର ସିଂହଦେଓ, ଦେବେଶ ଆଚାର୍ଯ୍ୟ, ସ୍ନେହାଙ୍ଗିନୀ ଛୁରିଆ, ପ୍ରଶାନ୍ତ ମୁଦୁଲି, ପ୍ରଫୁଲ୍ଲ ସାମଲ, ସଞ୍ଜୟ ଦାସବର୍ମା, ଉମାକାନ୍ତ ସାମନ୍ତରାୟଙ୍କୁ ମଧ୍ୟ ପରାଜିତର ମୁହଁ ଦେଖିବାକୁ ପଡ଼ିଛି। ମାତ୍ର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରତାପ କେଶରୀ ଦେବ, ସାରଦା ନାୟକ, ଅଶ୍ୱିନୀ ପାତ୍ର, ତୁଷାରକାନ୍ତି ବେହେରା, ରାଜେନ୍ଦ୍ର ଢୋଲକିଆଙ୍କ ସମେତ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ, ବଦ୍ରିନାରାୟଣ ପାତ୍ର ନିଜ ଆସନ ବଞ୍ଚାଇବାରେ ସଫଳ ହୋଇଛନ୍ତି।

ସେହିପରି ଭୁବନେଶ୍ୱର-ଏକାମ୍ରରୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ହରାଇ ଭାଜପାର ବାବୁ ସିଂ ବିଜୟୀ ହୋଇଛନ୍ତି। ବୌଦ୍ଧରୁ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ପରାସ୍ତ କରି ଭାଜପା ପ୍ରାର୍ଥୀ ସରୋଜ ପ୍ରଧାନ ବିଜୟୀ ହୋଇଛନ୍ତି। ଟିଟିଲାଗଡ଼ ଆସନରେ ମନ୍ତ୍ରୀ ଟୁକୁନି ସାହୁଙ୍କୁ ହରାଇ ଭାଜପା ପ୍ରାର୍ଥୀ ନବୀନ ଜୈନ ବିଜୟୀ ହୋଇଛନ୍ତି। କରଞ୍ଜିଆରୁ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ପରାଜିତ କରି ଭାଜପା ପ୍ରାର୍ଥୀ ପଦ୍ମଚରଣ ହାଇବ୍ରୁ ଜିତିଛନ୍ତି। ରାଉରକେଲା ଆସନରୁ ପ୍ରାର୍ଥୀ ହୋଇଥିବା ଭାଜପାର ହାଇପ୍ରୋଫାଇଲ ନେତା ଦିଲ୍ଲୀପ ରାୟଙ୍କୁ ମନ୍ତ୍ରୀ ସାରଦା ନାୟକ ପରାସ୍ତ କରିଥିବା ବେଳେ ବଡ଼ଚଣା ଆସନରୁ ବିଜେଡି ପ୍ରାର୍ଥୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ମଧ୍ୟ ପରାସ୍ତ ହେବାକୁ ପଡ଼ିଛି। ମାହାଙ୍ଗାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନା ନିଜେ ନ ଲଢ଼ି ପୁତ୍ର ଅଙ୍କିତ ପ୍ରତାପ ଜେନାଙ୍କୁ ପ୍ରଥମ ଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ମାତ୍ର ସେ ପରାସ୍ତ ହୋଇଛନ୍ତି। ମାହାଙ୍ଗା ବିଧାନସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରସାଦ ପ୍ରଧାନ ବିଜୟୀ ହୋଇଛନ୍ତି। ସେହିପରି ଧର୍ମଶାଳାରେ ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟଙ୍କୁ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ପରାସ୍ତ କରିଛନ୍ତି।

ଚଳିତ ନିର୍ବାଚନରେ ବିଜେଡି ଲୋକ ସଭା କ୍ଷେତ୍ରରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ୨୦୧୯ ନିର୍ବାଚନରେ ବିଜେଡି ୧୨ଟି ଲୋକ ସଭା ଆସନ ହାସଲ କରିଥିବା ବେଳେ ଚଳିତ ନିର୍ବାଚନରେ ଗୋଟିଏ ଆସନ ପାଇଛି। ଲୋକ ସଭାରେ ଯାଜପୁରର ଶର୍ମିଷ୍ଠା ସେଠୀଙ୍କୁ ବାଦ୍ ଦେଇ ବିଜେଡିର ସମସ୍ତ ନେତା ପରାଜିତ ହୋଇଛନ୍ତି। ସମ୍ବଲପୁରରୁ ହେଭିୱେଟ୍ ନେତା ପ୍ରଣବ ପ୍ରକାଶ ଦାସ (ବବି), କନ୍ଧମାଳରୁ ଅଚ୍ୟୁତ ସାମନ୍ତ, ପୁରୀରୁ ଅରୂପ ପଟ୍ଟନାୟକ, ଭୁବନେଶ୍ୱରରୁ ମନ୍ମଥ ରାଉତରାୟ, ଢେଙ୍କାନାଳରୁ ଅବିନାଶ ସାମଲ, ମୟୂରଭଞ୍ଜରୁ ସୁଦାମ ମାର୍ଣ୍ଡି, ବ୍ରହ୍ମପୁରରୁ ଭୃଗୁ ବକ୍ସିପାତ୍ର, ବାଲେଶ୍ୱରରୁ ଲେଖାଶ୍ରୀ ସାମନ୍ତସିଂହାର, କଟକରୁ ସଂତୃପ୍ତ ମିଶ୍ର ପ୍ରମୁଖ ପରାଜୟବରଣ କରିଛନ୍ତି।

ଅନ୍ୟପକ୍ଷରେ ଲୋକ ସଭା କ୍ଷେତ୍ରରେ ଭାଜପାର ହେଭିୱେଟ ନେତା ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଅପରାଜିତା ଷଡ଼ଙ୍ଗୀ, ବୈଜୟନ୍ତ ପଣ୍ଡା, ସମ୍ବିତ ପାତ୍ର, ରୁଦ୍ର ନାରାୟଣ ପାଣି, ସଙ୍ଗୀତା କୁମାରୀ ସିଂଦେଓ, ପ୍ରଦୀପ ପୁରୋହିତ ପ୍ରମୁଖ ବିଜୟୀ ହେବାରେ ସଫଳ ହୋଇଛନ୍ତି। ତେବେ ଅନ୍ୟ ଦଳରୁ ଆସି ଭାଜପା ଟିକେଟରେ ନିଜର ଭାଗ୍ୟ ପରୀକ୍ଷା କରୁଥିବା ଭର୍ତ୍ତୃହରି ମହତାବ, ବିଭୁ ପ୍ରସାଦ ତରାଇ, ପ୍ରଦୀପ ପାଣିଗ୍ରାହୀ, ପ୍ରଶାନ୍ତ ଜଗଦେବ, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ନିର୍ବାଚନରେ ବିଜୟୀ ହୋଇଛନ୍ତି।

କଂଗ୍ରେସ ଗତ ନିର୍ବାଚନଠାରୁ ବିଧାନସଭାରେ ସାମାନ୍ୟ ଉନ୍ନତି କରିଛି। ଦଳ ୨୦୧୯ରେ ବିଧାନସଭା କ୍ଷେତ୍ରରେ ୯ଟି ସିଟ୍ ହାତେଇଥିବା ବେଳେ ଚଳିତ ନିର୍ବାଚନରେ ଖବରଲେଖା ହେବା ଯାଏ ୧୪ଟି ଆସନରେ ଆଗରେ ରହିଛି। ତେବେ ଦଳର ଅନେକ ବରିଷ୍ଠ ନେତା ପରାଜିତ ହୋଇଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ ନୂଆପଡ଼ା ବିଧାନସଭା ଆସନରୁ ପରାଜିତ ହୋଇଛନ୍ତି। ସେହିପରି କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଭଣ୍ଡାରୀପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ସଞ୍ଜୀବ ମଲ୍ଲିକଙ୍କଠାରୁ ପରାଜିତ ହୋଇଛନ୍ତି। ନର୍ଲା ବିଧାନସଭାରୁ ପ୍ରାର୍ଥୀ ହୋଇଥିବା ଭକ୍ତ ଚରଣ ଦାସଙ୍କୁ ମଧ୍ୟ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ମନୋରମା ମହାନ୍ତିଙ୍କଠାରୁ ୫,୨୦୫ ଭୋଟ ବ୍ୟବଧାନରେ ହାରି ଯାଇଛନ୍ତି। ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଜୟଦେବ ଜେନା ଆନନ୍ଦପୁର ନିର୍ବାଚନ ମଣ୍ଡଳୀରୁ ପରାସ୍ତ ହୋଇଛନ୍ତି। ଲୋକ ସଭା କ୍ଷେତ୍ରରେ କଂଗ୍ରେସ ମଧ୍ୟ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଗତ ନିର୍ବାଚନ ଭଳି ଦଳ କେବଳ କୋରାପୁଟ ଲୋକ ସଭା ଆସନ ବଞ୍ଚାଇବାରେ ସଫଳ ହୋଇଛି। ସେଠାରେ ଏମ୍‌ପି ଥିବା ସପ୍ତଗିରି ଉଲାକା ପୁଣି ବିଜୟ ଲାଭ କରି ନିଜ ଆସନ ବଞ୍ଚାଇଛନ୍ତି। ତେବେ ବାଲେଶ୍ୱର ଲୋକ ସଭା ପାଇଁ ଲଢୁଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ପରାଜୟବରଣ କରିଛନ୍ତି। ବଣାଇ ଆସନରେ ସିପିଆଇ(ଏମ୍) ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡ ନିଜ ଗଡ଼ ବଞ୍ଚାଇବରେ ସଫଳ ହୋଇଛନ୍ତି।

ବିଜେଡିର କେତେକ ବରିଷ୍ଠ ନେତା ନିଜେ ନର୍ବାଚନ ନ ଲଢ଼ି ସ୍ତ୍ରୀଙ୍କୁ ନେଇ ଭାଗ୍ୟ ପରୀକ୍ଷା କରୁଥିଲେ ମଧ୍ୟ ଭୋଟର ସେମାନଙ୍କୁ ପ୍ରତ୍ୟାଖ୍ୟାତ କରିଛନ୍ତି। କେବଳ ବାଲେଶ୍ୱର ଜିଲା ବସ୍ତା ବିଧାନସଭା ପାଇଁ ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ ସୁବାସିନୀ ଜେନା ବିଜୟୀ ହୋଇଥିବା ବେଳେ ଜଗତ୍‌ସିଂହପୁର ଜିଲା ପାରାଦୀପରୁ ବର୍ତ୍ତମାନର ବିଧାୟକ ସମ୍ବିତ ରାଉତରାୟଙ୍କ ସ୍ତ୍ରୀ ଗୀତାଞ୍ଜଳି ରାଉତରାୟ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ସ୍ତ୍ରୀ ସଂଯୁକ୍ତା ସିଂ, ମୟୂରଭଞ୍ଜ ଜିଲା ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ସ୍ତ୍ରୀ ପ୍ରୀତିନନ୍ଦା କାନୁନ୍‌ଗୋ, ବଡ଼ସାହିରୁ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସ୍ତ୍ରୀ ଅନସୂୟା ପାତ୍ର, କୋରାପୁଟ ଜିଲା ଜୟପୁରରୁ ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କ ସ୍ତ୍ରୀ ଇନ୍ଦିରା ନନ୍ଦ ପରାଜିତ ହୋଇଛନ୍ତି। ସେହିପରି ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ସଂଘମିତ୍ରା ସ୍ୱାଇଁ, କଳାହାଣ୍ଡି ଜିଲା ଭବାନୀପାଟଣାରୁ ଦୁଷ୍ମନ୍ତ ନାୟକଙ୍କ ସ୍ତ୍ରୀ ଲତିକା ନାଏକ, ନବରଙ୍ଗପୁର ବିଧାୟକ ସଦାଶିବ ପଧାନୀଙ୍କ ସ୍ତ୍ରୀ କୌଶଲ୍ୟା ପଧାନୀ, ନବରଙ୍ଗପୁର ଜିଲା ଉମରକୋଟରୁ ସୁବାସ ଗଣ୍ଡଙ୍କ ସ୍ତ୍ରୀ ନବୀନା ନାୟକ, ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡିଙ୍କୁ ବାଙ୍ଗିରିପୋଷି ଏବଂ ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇଙ୍କ ସ୍ତ୍ରୀ ଅର୍ଚ୍ଚନା ରେଖା ବେହେରା ପରାଜିତ ହୋଇଛନ୍ତି। ବିଜେଡିରୁ ଟିକେଟ ପାଇଥିବା ଅଳ୍ପ କେତେ ଜଣଙ୍କୁ ବାଦ୍ ଦେଲେ ଅନେକ ମହିଳା ପ୍ରଥମ ଥର ପାଇଁ ରାଜନୈତିକ ମଇଦାନକୁ ଓହ୍ଲାଇଥିଲେ ମଧ୍ୟ ସଫଳ ହୋଇପାରି ନାହାନ୍ତି। ସ୍ଥାନୀୟ ଅଞ୍ଚଳରେ ବିଧାୟକ ଭାବରେ ତୃଣମୂଳସ୍ତରରେ ଥିବା ଅସନ୍ତୋଷକୁ ଏଡ଼ାଇବା ସହ ବିରୋଧୀ ଗୋଷ୍ଠୀଙ୍କୁ ମଧ୍ୟ ଦଳ ମ୍ୟାନେଜ୍ କରି ବିଜେଡି ମହିଳା ଭୋଟ ବ୍ୟାଙ୍କ ହାତେଇବା ପାଇଁ ଯେଉଁ ରଣନୀତି ଆପଣାଇ ଥିଲା ତାହା ଫେଲ୍ ମାରିଛି।

# ଭାଜପା କାର୍ଯ୍ୟାଳୟ ଉତ୍ସବମୁଖର, ସେଲିବ୍ରେଶନ କଲେ ବଡ଼ ନେତା



ଭୁବନେଶ୍ୱର,୪।୬(ସୁନିତ୍ ମିଶ୍ର)

■ ବାଜା ବଜାଇ ବାଣ ଫୁଟାଇ ନାଚିଲେ, ହୋଲି ଖେଳିଲେ
■ ବଡ଼ ନେତାଙ୍କ ମିଠା ଖୁଆଖୁଇ ଦୃଶ୍ୟ ଦେଖି କାର୍ଯ୍ୟକର୍ତ୍ତା ଖୁସି
■ 'ଉଠ କଙ୍କାଳ ଛିଡୁ ଶୃଙ୍ଖଳ' ଗୀତ ବଜାଇଲେ ଧର୍ମେନ୍ଦ୍ର

୨୦୨୪ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରଠାରୁ ଭାଜପା ରାଜ୍ୟ କାର୍ଯ୍ୟାଳୟ ଏବେ ଚଳଚଞ୍ଚଳ ହୋଇଉଠିଛି। ପ୍ରଥମ ଦୁଇ ଘଣ୍ଟା ଭିତରେ ଗଣତିର ଟ୍ରେଣ୍ଡ ଭାଜପା ସପକ୍ଷରେ ଆସୁଥିବା ଦେଖିବା ପରେ ଦଳର ରାଜ୍ୟ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଏପରିକି ପାଦ ପକାଇବାକୁ ଆଉ କେଉଁଆଡ଼େ ଜାଗା ନ ଥିବା ଦେଖିବାକୁ ମିଳିଛି। ବାଜା ବଜାଇ, ବାଣ ଫୁଟାଇ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ସମ୍ପୂର୍ଣ୍ଣ ଉତ୍ସବମୁଖର ହୋଇପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଛି। ପରବର୍ତ୍ତୀ ସମୟରେ ଭାଜପାର ବଡ଼ ନେତାମାନେ ଜଣକ ପରେ ଜଣେ ବିଜୟୀ ହେବାର ସମ୍ଭାବନା ସ୍ପଷ୍ଟ ହେବାପରେ ରାଜ୍ୟ କାର୍ଯ୍ୟାଳୟଠାରେ ଆସି ପହଞ୍ଚିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ାରୁ ପ୍ରାର୍ଥୀ ହୋଇଥିବା ବୈଜୟନ୍ତ ପଣ୍ଡା, ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ଦଳର ରାଜ୍ୟ ନିର୍ବାଚନ ପ୍ରଭାରୀ ନରେନ୍ଦ୍ର ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ଭୂପିନ୍ଦର ଯାଦବ ପ୍ରମୁଖ ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚି ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଛି। ଏହି ଅବସରରେ ମଞ୍ଚ ଉପରେ ସମସ୍ତ ବଡ଼ ବଡ଼ ନେତା ଆସି ଏକାଠି ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଅବସରରେ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମେ ତାଙ୍କ ମୋବାଇଲ ଜରିଆରେ ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ ଛିଡୁ ଶୃଙ୍ଖଳ' ଗୀତ ବଜାଇଥିଲେ। ଏହି ଗୀତ ସରିବା ପରେ ଧର୍ମେନ୍ଦ୍ର କାର୍ଯ୍ୟକର୍ତ୍ତାଙ୍କୁ କହିଥିଲେ, ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସାଢେ ୪ କୋଟି ଲୋକଙ୍କୁ ମୁଣ୍ଡପାତି ପ୍ରଣାମ କରୁଛି। ଲୋକମାନେ ସେମାନଙ୍କ ମତ ଓଡ଼ିଶାର ବିକାଶ ଦିଗରେ ଦେଇଥିବା ସେ କହିଛନ୍ତି। ଏହାପରେ ବୈଜୟନ୍ତ କହିଛନ୍ତି , ଆଜି ଓଡ଼ିଶା ପାଇଁ ଏକ ଐତିହାସିକ ଦିନ। ଆଜିଠାରୁ ନୂଆ ଓଡ଼ିଶା ଗଠନର କାର୍ଯ୍ୟକ୍ରମ ଆରମ୍ଭ ହେଲା। ଏବେ ଓଡ଼ିଶା ମଧ୍ୟ ଆଗକୁ ବଢ଼ିବ। ବହୁତ ସମୟ ରହିଛି ଏବଂ ଉତ୍ସବ ପାଳନର ଦିନ ବୋଲି ବୈଜୟନ୍ତ କହିଛନ୍ତି। ଏହାପରେ ଧର୍ମେନ୍ଦ୍ର ସମସ୍ତ ବରିଷ୍ଠ ନେତାଙ୍କୁ ମିଠା ଖୁଆଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଧର୍ମେନ୍ଦ୍ରଙ୍କୁ ମଧ୍ୟ ଏହି ଅବସରରେ ବୈଜୟନ୍ତ ମିଠା ଖୁଆଇଛନ୍ତି। ଭାଜପାର ଏଭଳି ଦୃଶ୍ୟ ଦେଖି ସମର୍ଥକମାନଙ୍କ ଭିତରେ ମଧ୍ୟ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏହାସହ ଜୟ ଜଗନ୍ନାଥ ଏବଂ ଜୟ ଶ୍ରୀରାମ ଧ୍ୱନିରେ ଭାଜପା ରାଜ୍ୟ କାର୍ଯ୍ୟାଳୟ ପ୍ରକମ୍ପିତ ହୋଇଉଠୁଥିଲା। ଦିନ ଯାକ ଦଳର କାର୍ଯ୍ୟକର୍ତ୍ତାମାନେ ହୋଲି ଖେଳି, ନାଚି, ବାଜା ବଜାଇ ନିଜ ନିଜର ଖୁସିବ୍ୟକ୍ତ କରିଥିବା ଦୃଶ୍ୟ ଦେଖିବାକୁ ମିଳିଛି।

# ହାରିଲେ ୧୨ ମନ୍ତ୍ରୀ

ଭୁବନେଶ୍ୱର,୪।୬(ଅନିଲ ଦାସ)

ଚଳିତ ନିର୍ବାଚନରେ ୧୨ଜଣ ମନ୍ତ୍ରୀ ପରାଜିତ ହୋଇଛନ୍ତି। ୧୧ଜଣ ମନ୍ତ୍ରୀ ନିଜେ ଲଢୁଥିବାବେଳେ ମନ୍ତ୍ରୀ ଉଷା ଦେବୀ ତାଙ୍କର ପୁଅ ଚିନ୍ମୟାନନ୍ଦ ସ୍ୱରୂପଦେବଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ।

ମିଳିଥିବା ସୂଚନା ଅନୁସାରେ, କ୍ୟାବିନେଟ୍ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କାମାକ୍ଷାନଗର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ଶତ୍ରୁଘ୍ନ ଜେନାଙ୍କଠୁ ୪୬୨୧ଖଣ୍ଡ ଭୋଟରେ ପରାସ୍ତ ହୋଇଥିବା ବେଳେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଭଞ୍ଜନଗର ଆସନରୁ ଭାଜପା ପ୍ରାର୍ଥୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କଠୁ ୧୬,୩୨୪ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବୌଦ୍ଧ ଆସନରୁ ଭାଜପାର ସରୋଜ ପ୍ରଧାନଙ୍କଠୁ ୨୭୬୫ଖଣ୍ଡ ଭୋଟରେ ହାରି ଯାଇଛନ୍ତି। ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୟୂରଭଞ୍ଜ ଲୋକ ସଭା ଆସନରୁ ଭାଜପାର ନବଚରଣ ମାଝୀଙ୍କଠୁ ୨ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି। ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମହାକାଳପଡ଼ା ଆସନରୁ ଭାଜପାର ଦୁର୍ଗାପ୍ରସନ୍ନ ନାୟକଙ୍କଠୁ ୩୩,୫୨୬ଖଣ୍ଡ ଭୋଟରେ ହାରିଯାଇଛନ୍ତି। ସେହିପରି ମନ୍ତ୍ରୀ ଟୁକୁନି ସାହୁ ଟିଟିଲାଗଡ଼ ଆସନରୁ ଭାଜପା ପ୍ରାର୍ଥୀ ନବୀନ ଜୈନଙ୍କଠୁ ୧୭,୩୯୯ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ସେହିପରି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ସୁକିନ୍ଦା ଆସନରୁ ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତଙ୍କଠୁ ପରାଜିତ ହୋଇଛନ୍ତି। ମନ୍ତ୍ରୀ ରୀତା ସାହୁ ବିଜେପୁର ଆସନରୁ ଭାଜପାର ସନତ ଗଡତିଆଙ୍କଠୁ ୧୦,୦୬୬ଖଣ୍ଡ ଭୋଟରେ ହାରି ଯାଇଛନ୍ତି। ସେହିପରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଭୁବନେଶ୍ୱର-ଏକାମ୍ର ଆସନରୁ ଭାଜପାର ବାବୁ ସିଂଙ୍କଠୁ ୫୦୦୫ଖଣ୍ଡ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଛନ୍ତି। ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ବିଷମକଟକ ଆସନରୁ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନୀଳମାଧବ ହିକ୍କାଙ୍କଠୁ ୯୪୦୩ଖଣ୍ଡ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିବା ଜଣାପଡ଼ିଛି। ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କରଞ୍ଜିଆ ଆସନରୁ ଭାଜପାର ପଦ୍ମଚରଣ ହାଇବ୍ରୁଙ୍କଠୁ ୨୯,୪୯୯ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ତେବେ ମନ୍ତ୍ରୀ ଉଷା ଦେବୀ ନିଜେ ନିର୍ବାଚନ ନ ଲଢି ତାଙ୍କ ପୁଅ ଚିନ୍ମୟାନନ୍ଦ ସ୍ୱରୂପଦେବଙ୍କୁ ଚିକିଟି ଆସନରୁ ପ୍ରାର୍ଥୀ କରିଥିଲେ। ସେ ଭାଜପାର ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କଠୁ ପରାଜିତ ହୋଇଛନ୍ତି। ତେବେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜେନ୍ଦ୍ର ଢୋଲକିଆ, ତୁଷାରକାନ୍ତି ବେହେରା, ଅଶ୍ୱିନୀ ପାତ୍ର ବିଜୟୀ ହୋଇଛନ୍ତି।

# ବିଜୟୀ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୪।୬(ଅନିଲଦାସ)

ଚଳିତ ନିର୍ବାଚନରେ ବିଜେଡି ପରାଜୟ ବରଣ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳଗତ ନିର୍ବିଶେଷରେ ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ସେ ବିଜୁ ଜନତା ଦଳର ସମସ୍ତ କର୍ମୀ ଓ ନେତାଙ୍କ ନିଷ୍ଠାପର ଉଦ୍ୟମ ଓ ତ୍ୟାଗକୁ ସମ୍ମାନ ଜଣାଇବା ସହ ଧନ୍ୟବାଦ ଦେଇଛନ୍ତି।

# ପରାଜୟ ସତ୍ତ୍ୱେ ରାଜ୍ୟବାସୀଙ୍କ ସେବା ଜାରି ରଖିବୁ: ବିଜେଡି

ଭୁବନେଶ୍ୱର,୪।୬(ଅନିଲ ଦାସ)

ଚଳିତ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ହୋଇଛି। ଦଳ ମାତ୍ର ୫୦ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନରେ ସନ୍ତୁଷ୍ଟ ହୋଇଛି। ପରାଜୟ ପରେ ଗତ ୨୪ ବର୍ଷ ଧରି ଦଳକୁ ସମର୍ଥନ ଦେଇଥିବାରୁ ବିଜେଡି ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଦେଇଛି। ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତିଯେ ଗତ ୨୪ ବର୍ଷ ଧରି ବିଜୁ ଜନତା ଦଳକୁ ଓଡ଼ିଶାବାସୀ ସମର୍ଥନ ଦେଇ ଆସିଥିବାରୁ ଦଳ ପକ୍ଷରୁ ଆମେ ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଉଛୁ। ଏହି ନିର୍ବାଚନରେ ଦଳ ୪୦ ପ୍ରତିଶତ ଭୋଟ ପାଇଛି। ଗତ ସାଧାରଣ ନିର୍ବାଚନ ଠାରୁ ଦଳ ୩ ପ୍ରତିଶତ କମ ଭୋଟ ପାଇଛି। ଫଳରେ ଆମେ ଅଧିକ ଆସନରେ ବିଜୟୀ ହେବାରେ ସଫଳ ହୋଇ ପାରି ନାହୁଁ। ଏହା ସତ୍ତ୍ୱେ ଆମେ ରାଜ୍ୟବାସୀଙ୍କ ସେବା ଜାରି ରଖିବୁ ବୋଲି ସସ୍ମିତ କହିଛନ୍ତି।

# ରାଷ୍ଟ୍ରପତିଙ୍କ ସମ୍ମାନ ରହିଲା

ବାରିପଦା, ୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମମାଟି ମୟୂରଭଞ୍ଜ ଜିଲାରେ ଭାଜପାକୁ ବିପୁଳ ଜନସମର୍ଥନ ମିଳିଛି। ଜିଲାର ୯ ବିଧାନସଭା ଓ ଲୋକସଭା ଆସନ ସମେତ ପଡ଼ୋଶୀ କେନ୍ଦୁଝର ଓ ବାଲେଶ୍ୱର ଜିଲାର ଭାଜପା ଲୋକସଭା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଭାଜପା ପକ୍ଷରୁ ଦ୍ରୌପଦୀଙ୍କୁ ଦେଶର ସର୍ବୋଚ୍ଚ ଆସନରେ ଅଳଙ୍କୃତ କରାଯାଇଥିବା ବେଳେ ଭୋଟରମାନେ ତାଙ୍କ ସମ୍ମାନ ରକ୍ଷା ପାଇଁ ଭାଜପାକୁ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିଥିବା ଆଲୋଚନା ହେଉଛି।

# ସ୍ତ୍ରୀ, ସ୍ୱାମୀ ହାରିଲେ

ମୟୂରଭଞ୍ଜ ଜିଲା ରାଜନୀତିରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ଏମ୍‌ପି ଆସନ ସମେତ ସମସ୍ତ ୯ଟି ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀଙ୍କୁ ହରାଇ ଭାଜପା ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ଏମ୍‌ପି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବାଙ୍ଗିରିପୋଷି ବିଧାନସଭା ଆସନରେ ନିର୍ବାଚନ ଲଢୁଥିବା ତାଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡି ପରାଜିତ ହୋଇଛନ୍ତି। ଏକ ନିର୍ବାଚନୀ ସଭାରେ ଆମେ ସ୍ୱାମୀ ଓ ସ୍ତ୍ରୀ ବାଘ, ବାଘୁଣୀ ବୋଲି କହି ସମାଲୋଚନାର ସରବ୍ୟ ହୋଇଥିବା ସୁଦାମଙ୍କ ପାଇଁ ଏହା ମହଙ୍ଗା ପଡ଼ିଲା ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

# ବାପାଙ୍କ ସମ୍ମାନ ରଖିଲେ ଝିଅ

ବାଙ୍ଗରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ସଞ୍ଜଳୀ ମୁର୍ମୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇ ତାଙ୍କ ବାପା ଶୁଗଦା ମୁର୍ମୁଙ୍କ ସମ୍ମାନ ରଖିଛନ୍ତି। ୨୦୧୯ ନିର୍ବାଚନରେ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ଶୁଗଦା ୬୦,୨୦୬ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ଚଳିତ ନିର୍ବାଚନରେ ସଞ୍ଜଳୀ ୩୪,୨୧୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବାପାଙ୍କ ସହ କାର୍ଯ୍ୟ କରି ଲୋକଙ୍କ ନିକଟତର ହୋଇଥିବାରୁ ଅଞ୍ଚଳବାସୀ ଆଶୀର୍ବାଦ ପ୍ରଦାନ କରିଛନ୍ତି ବୋଲି ସଞ୍ଜଳି କହିଛନ୍ତି।

# ଭାଜପା ହେଭିୱେଟଙ୍କୁ ହରାଇଲେ କୀର୍ତ୍ତି ଆଜାଦ

ନୂଆଦିଲ୍ଲୀ, ୪।୬(ପି.ଟି.)

## ନିର୍ବାଚନରେ କ୍ରୀଡ଼ାବିତ୍

ଭାରତର ପୂର୍ବତନ କ୍ରିକେଟର ତଥା ୧୯୮୩ ବିଶ୍ୱକପ୍-ବିଜୟୀ 'କପିଲ୍ସ ଡେଭିଲ୍ସ'ର ଜଣେ ଅନ୍ୟତମ ସଦସ୍ୟ କୀର୍ତ୍ତିଆଜାଦ ବର୍ଦ୍ଧମାନ-ଦୁର୍ଗାପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ପଶ୍ଚିମବଙ୍ଗ ଭାଜପା ହେଭିୱେଟ୍ ଦିଲୀପ ଘୋଷଙ୍କୁ ହରାଇ ଦେଇଛନ୍ତି। ଆଜାଦ ୨୦୨୪ ଲୋକ ସଭା ନିର୍ବାଚନରେ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସର ପ୍ରାର୍ଥୀ ହୋଇଥିଲେ। ସେ ୧,୩୭,୯୮୧ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଭାଜପାକୁ ଏହା ଶକ୍ତ ଧକ୍କା ହୋଇଛି। ଘୋଷ ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ଜାତୀୟ ଦଳର ଉପ ସଭାପତି ରହିଆସିଥିଲେ। ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ସରକାରର ସେ ଜଣେ ଦୃଢ଼ ସମାଲୋଚକ ଥିଲେ। ଅନ୍ୟଜଣେ ପୂର୍ବତନ କ୍ରିକେଟର ଓ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଗୁଜରାଟର ୟୁସୁଫ ପଠାନ ପଶ୍ଚିମବଙ୍ଗର ବହରମପୁର ନିର୍ବାଚନମଣ୍ଡଳୀରେ ୮୫,୩୨୮ ଭୋଟ ବ୍ୟବଧାନରେ ୫ଥର କଂଗ୍ରେସ ଏମ୍‌ପି ଅଧିର ରଞ୍ଜନ ଚୌଧୁରୀଙ୍କୁ ହରାଇ ଦେଇଛନ୍ତି। ଆଜାଦ ହେଉଛନ୍ତି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଭବଗ୍ୱତ ଝା ଆଜାଦଙ୍କ ପୁତ୍ର। ସେ ୧୯୮୦ରୁ ୧୯୮୬ ମଧ୍ୟରେ ଭାରତ ତରଫରୁ ୭ ଟେଷ୍ଟ ମ୍ୟାଚ ଓ ୨୫ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। କପିଳ ଦେବଙ୍କ ନେତୃତ୍ୱରେ ଇଂଲଣ୍ଡରେ ୧୯୮୩ କ୍ରିକେଟ ବିଶ୍ୱକପ୍ ଜିତିଥିବା ଜାତୀୟ ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ଆଜାଦ ଭାରତୀୟ ରାଜନୀତିରେ ନୂଆ ନୁହନ୍ତି। ୧୯୯୯ରେ ସେ ବିହାରର ଦରଭଙ୍ଗାରୁ ପ୍ରଥମ ଥର ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ପରେ ସେ ଭାଜପା ଟିକେଟରେ ପୁନର୍ବାର ଲଗାତର ଦୁଇଥର ୨୦୦୯ ଓ ୨୦୧୪ରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସେ ଜଣେ ସ୍ପଷ୍ଟବାଦୀ ବ୍ୟକ୍ତି। ୨୦୧୫ରେ ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ)ରେ ଦୁର୍ନୀତି ପାଇଁ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ସମାଲୋଚନା କରିବାରୁ ଭାଜପାରୁ ସସ୍‌ପେଣ୍ଡ ହୋଇଥିଲେ। ଆଜାଦ ୨୦୧୯ରେ କଂଗ୍ରେସ ଟିକେଟରେ ନିର୍ବାଚନ ଲଢି ଅସଫଳ ରହିଥିଲେ। ପରେ ସେ୨୦୨୧ରେ ତୃଣମୂଳ କଂଗ୍ରେସରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ୟୁସୁଫ ହେଉଛନ୍ତି ରାଜନୀତିରେ ନୂଆ। ସେ ୨୦୦୭ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଉଦ୍‌ଘାଟନୀ ଟି୨୦ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ଦେଶରେ ୨୦୧୧ରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ବିଜୟୀ ଦଳର ମଧ୍ୟ ସେ ଅନ୍ୟତମ ସଦସ୍ୟ ଥିଲେ। ନିର୍ବାଚନରେ ଭାଗ ନେଇଥିବା ଅନ୍ୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଡବଲ ପାରାଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ଜାଭେଲିନ ଥ୍ରୋୟର ଦେବେନ୍ଦ୍ର ଝାଝରିଆ ରହିଛନ୍ତି। ସେ ରାଜସ୍ଥାନର ଚୁରୁ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ରାହୁଲ କାସୱାନଙ୍କଠାରୁ ୭୨,୭୩୭ ଭୋଟରେ ହାରିଯାଇଛନ୍ତି। ସେହିପରି ହକି କିମ୍ବଦନ୍ତୀ ତଥା ବର୍ତ୍ତମାନ ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କି ବିଜୁ ଜନତା ଦଳ ତରଫରୁ ଲଢ଼ି ଭାଜପା ହେଭିୱେଟ୍ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କଠାରୁ ପରାଜିତ ହୋଇଛନ୍ତି।

# ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନେଇ ଆଜି ଦିଲ୍ଲୀରେ ବୈଠକ

## ଗୁରୁବାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା, ୧୦ରେ ଶପଥ ଉତ୍ସବ

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରଠାରୁ ଭାଜପା ପ୍ରଚାର ସମୟରେ ଯାହାସବୁ ଘୋଷଣା କରିଥିଲା ତାକୁ ସଫଳ କରିବା ଲାଗି ଯୋଜନା ଆରମ୍ଭ କରିଦେଇଛି। ଦଳ କରିଥିବା ଘୋଷଣା ମୁତାବକ, ଆସନ୍ତା ୬ ତାରିଖରେ ଭାଜପା ବିଧାୟକମାନେ ଦଳର ନେତା କାହାକୁ କରିବେ ଏବଂ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ସେନେଇ ଘୋଷଣା କରିବେ ବୋଲି ଦଳ କହିଥିଲା। ସେହିକ୍ରମରେ ଭାଜପା ନେତାମାନଙ୍କୁ ନେଇ ଖୁବ୍‌ଶୀଘ୍ର ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏଥିଲାଗି ମଝିରେ ଆଉ ଗୋଟିଏ ଦିନ ବାକିଥିବା ବେଳେ ବୁଧବାର ନୂଆଦିଲ୍ଲୀଠାରେ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନେଇ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏଥିରେ ଦଳର କେତେଜଣ ବରିଷ୍ଠ ନେତା ଯୋଗଦେବେ ବୋଲି ଶୁଣିବାକୁ ମିଳିଛି। ଅନ୍ୟପଟେ ଆସନ୍ତା ଗୁରୁବାର ଏନେଇ ଦଳ ପକ୍ଷରୁ ଘୋଷଣା କରାଯିବ ବୋଲି ଜଣାପଡୁଛି। ଦିଲ୍ଲୀରୁ ଜଣେ ବରିଷ୍ଠ ନେତା ଆସି ଗୁରୁବାର ଏ ବାବଦରେ ଘୋଷଣା କରିବେ।

ତେବେ ଭାଜପା ଏଥର ରାଜ୍ୟର ଜଣେ ଓଡ଼ିଆ ଝିଅ କିମ୍ବା ପୁଅଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ ବୋଲି ଆଗରୁ ଘୋଷଣା କରିସାରିଛି। ତେଣୁ ଏହି ପଦବୀରେ କାହାକୁ ବସାଇବ ତାହା ଯଥେଷ୍ଟ ମାଇନା ରଖୁଛି। ବିଗତ ଦିନରେ ଅନେକ ରାଜ୍ୟରେ ଭାଜପା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ଭଳି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଛି। ହେଲେ ଚଳିତ ୨୦୨୪ ନିର୍ବାଚନରେ ଦେଶରେ ବିରୋଧୀ ଏତେ ଶକ୍ତିଶାଳୀ ହୋଇସାରିଛନ୍ତି ଯେ ଓଡିଶାରେ ଦଳ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାରେ କିଭଳି ନିଷ୍ପତ୍ତି ନେଉଛି ତାହା ଦେଖିବାକୁ ସମସ୍ତେ ଅପେକ୍ଷା କରିରହିଛନ୍ତି। ଅନ୍ୟପଟେ ଆସନ୍ତା ୧୦ ତାରିଖରେ ଭାଜପା ରାଜ୍ୟରେ ସରକାର ଗଠନ କରିବା ସହ ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇସାରିଛି। ସେହିକ୍ରମରେ ଦଳ ଏବେଠାରୁ ନିଜର କାର୍ଯ୍ୟକ୍ରମ ଜାରି ରଖିଛି।



# ଭୋଟ ଫଳ ୨୦୨୪

ଭୁବନେଶ୍ୱର, ବୁଧବାର, ୫ ଜୁନ୍, ୨୦୨୪



## ଅରୁଣାଚଳ ପ୍ରଦେଶ
ମୋଟ ଆସନ: ୦୨
ଭାଜପା: ୦୨

## ଆସାମ
ମୋଟ ଆସନ: ୧୪
ଭାଜପା: ୦୯
କଂଗ୍ରେସ: ୦୩
ୟୁପିପିଏଲ୍: ୦୧
ଏଜିପି: ୦୧

## ବିହାର
ମୋଟ ଆସନ: ୪୦
ଭାଜପା: ୧୨
ଜେଡିୟୁ: ୧୨
ଏଲ୍‌ଜେପିଆର୍‌ଭି: ୦୫
ଆର୍‌ଜେଡି: ୦୪
କଂଗ୍ରେସ: ୦୩
ଅନ୍ୟାନ୍ୟ: ୦୪

## ଛତିଶଗଡ଼
ମୋଟ ଆସନ: ୧୧
ଭାଜପା: ୧୦
କଂଗ୍ରେସ: ୦୧

## ଗୋଆ
ମୋଟ ଆସନ: ୦୨
ଭାଜପା: ୦୧
କଂଗ୍ରେସ: ୦୧

## ଗୁଜରାଟ
ମୋଟ ଆସନ: ୨୬
ଭାଜପା: ୨୫
କଂଗ୍ରେସ: ୦୧

## ଆନ୍ଧ୍ରପ୍ରଦେଶ
ମୋଟ ଆସନ: ୨୫
ଭାଜପା: ୦୩
ଟିଡିପି: ୧୬
ୱାଇଏସ୍‌ଆର୍‌ସିପି: ୦୪
ଜେଏନ୍‌ପି: ୦୨

## ହରିୟାଣା
ମୋଟ ଆସନ: ୧୦
ଭାଜପା: ୦୫
କଂଗ୍ରେସ: ୦୫

## ହିମାଚଳ ପ୍ରଦେଶ
ମୋଟ ଆସନ: ୦୪
ଭାଜପା: ୦୪

## ଜମ୍ମୁ-କଶ୍ମୀର
ମୋଟ ଆସନ: ୦୫
ଭାଜପା: ୦୨
ଜେକେଏନ୍: ୦୨
ସ୍ୱାଧୀନ: ୦୧

## ପ୍ରମୁଖ ବିଜୟୀ ପ୍ରାର୍ଥୀ

ନରେନ୍ଦ୍ର ମୋଦି (ବାରାଣସୀ,ଭାଜପା)
ରାହୁଲ ଗାନ୍ଧୀ (ୱାଏନାଡ୍ ଓ ରାଏବରେଲି, କଂଗ୍ରେସ)
ଅମିତ୍ ଶାହା (ଗାନ୍ଧୀନଗର, ଭାଜପା)
ରାଜନାଥ ସିଂ (ଲକ୍ଷ୍ମୌ, ଭାଜପା)
ଅଖିଳେଶ ଯାଦବ (କନୌଜ, ଏସ୍‌ପି)
ନୀତିନ ଗଡ଼କରୀ (ନାଗପୁର, ଭାଜପା)
ଜ୍ୟୋତିରାଦିତ୍ୟ ସିନ୍ଧିଆ (ଗୁନା, ଭାଜପା)
ଡିମ୍ପଲ ଯାଦବ (ମୈନପୁରୀ, ଏସ୍‌ପି)
କିରଣ ରିଜିଜୁ (ଅରୁଣାଚଳ ୱେଷ୍ଟ, ଭାଜପା)
ହେମାମାଳିନୀ (ମଥୁରା, ଭାଜପା)
ଜି. କିଷନ୍ ରେଡ୍ଡୀ (ସିକନ୍ଦରାବାଦ, ଭାଜପା)
ଅସାଦୁଦ୍ଦିନ ଓୱାଇସି (ହାଇଦ୍ରାବାଦ୍, ଏଆଇଏମ୍ଆଇଏମ୍)
ମନୋହରଲାଲ୍ ଖଟ୍ଟର (କର୍ନାଲ, ଭାଜପା)
ଭୂପେନ୍ଦ୍ର ଯାଦବ (ଅଲୱାର, ଭାଜପା)
ଡି. ରାଜା ( ନୀଳଗିରି, ଡିଏମ୍‌କେ)
ଓମ୍ ବିର୍ଲା (କୋଟା, ଭାଜପା)
ସୁପ୍ରିୟା ସୁଲେ (ବାରାମତି, ଏନ୍‌ସିପି(ଏସ୍‌ପି)
ଶିବରାଜ ସିଂ ଚୌହାନ (ବିଦିଶା, ଭାଜପା)
ଶଶୀ ଥରୁର (ଥିରୁଭାନନ୍ତପୁରମ୍, କଂଗ୍ରେସ)
ସର୍ବାନନ୍ଦ ସୋନୱାଲ (ଡିବ୍ରୁଗଡ଼, ଭାଜପା)
ଜିତେନ୍ଦ୍ର ସିଂ (ଉଧମପୁର, ଭାଜପା)
ଅନୁରାଗ ଠାକୁର (ହମିରପୁର, ଭାଜପା)
ମନୋଜ ତିୱାରୀ (ଦିଲ୍ଲୀ ନର୍ଥଇଷ୍ଟ, ଭାଜପା)
ପୀୟୂଷ ଗୋଏଲ (ମୁମ୍ବାଇ ନର୍ଥ, ଭାଜପା)
ଚିରାଗ ପାସ୍ୱାନ (ହାଜିପୁର, ଏଲ୍‌ଜେପି (ଆର୍‌ଭି)
ଗିରିରାଜ ସିଂ (ବେଗୁସରାଇ,ଭାଜପା)
ରବିଶଙ୍କର ପ୍ରସାଦ (ପାଟନାସାହିବ, ଭାଜପା)
ଗୌରବ ଗୋଗଇ (ଜୋରହାଟ, କଂଗ୍ରେସ)
ଡି. ପୁରନ୍ଦେଶ୍ୱରୀ (ରାଜମହେନ୍ଦ୍ରି, ଭାଜପା)
ମିଶା ଭାରତୀ (ପାଟଳୀପୁତ୍ର, ଆର୍‌ଜେଡି)
ରବି କିଶନ (ଗୋରଖପୁର, ଭାଜପା)
ଜିତନରାମ୍ ମାଝି (ଗୟା, ଏଚ୍ଏଏମ୍ଏସ୍)
କାନିମୋଝି କରୁଣାନିଧି (ଥୁଠୁକୁଡି, ଡିଏମ୍‌କେ)
ମନ୍‌ସୁଖ୍ ମାଣ୍ଡଭ୍ୟ (ପୋରବନ୍ଦର,ଭାଜପା)
ମହୁଆ ମୋଇତ୍ରା (କ୍ରୀଷ୍ଣାନଗର, ଟିଏମ୍‌ସି)
ଜିତିନ୍ ପ୍ରସାଦ (ପିଲିଭିଟି,ଭାଜପା)
ଚରଣଜିତ୍ ଚନ୍ନି (ଜଳନ୍ଧର, କଂଗ୍ରେସ)
ୟୁସୁଫ୍ ପଠାନ୍ (ବରହାମପୁର,ଟିଏମ୍‌ସି)
ଦିପେନ୍ଦ୍ର ହୁଡ୍ଡା (ରୋହତକ, କଂଗ୍ରେସ)
ଏଚ୍‌ଡି. କୁମାରସ୍ୱାମୀ (ମାଣ୍ଡ୍ୟା, ଜେଡିଏସ୍)

## ପ୍ରମୁଖ ପରାଜିତ ପ୍ରାର୍ଥୀ

ସ୍ମୃତି ଇରାନୀ (ଅମେଠୀ, ଭାଜପା)
ଅଧିର ରଞ୍ଜନ ଚୌଧୁରୀ (ବରହାମପୁର, କଂଗ୍ରେସ)
ଅରୁଣ ଗୋଭିଲ (ମିରଟ,ଭାଜପା)
ମେହବୁବା ମୁଫତି (ଅନନ୍ତନାଗ, ପିଡିପି)
କେ. ଆନାମଲାଇ (କୋଏମ୍ବାଟୁର, ଭାଜପା)
ତାମିଲିସାଇ ସୌନ୍ଦାରାରାଜନ (ଚେନ୍ନାଇ ନର୍ଥ, ଭାଜପା)
ଦିଗ୍‌ବିଜୟ ସିଂ (ରାଜଗଡ଼,କଂଗ୍ରେସ)
ନକୁଲ ନାଥ (ଛିନ୍ଦୱାଡା,କଂଗ୍ରେସ)
ପ୍ରଜ୍ୱଳ ରେଭନ୍ନା (ହାସନ, ଜେଡିଏସ୍)
ରାଜୀବ ଚନ୍ଦ୍ର ଶେଖର (ଥିରୁଭାନନ୍ତପୁରମ୍,ଭାଜପା)
ଭୂପେଶ ବଘେଲ (ରାଜନନ୍ଦଗାଁଓ, ଛତିଶଗଡ଼)
ଓମାର ଅବଦୁଲା (ବାରାମୁଲା, ଜମ୍ମୁ-କଶ୍ମୀର)
ମାଧବୀଲତା (ହାଇଦ୍ରାବାଦ, ଭାଜପା)
ଲକେଟ ଚାଟାର୍ଜୀ (ହୁଗୁଳି, ଭାଜପା)
ରୋହିଣୀ ଆଚାର୍ଯ୍ୟ (ସାରନ୍, ଆର୍‌ଜେଡି)
ରାଜ୍ ବବର (ଗୁରଗାଓଁ,କଂଗ୍ରେସ)
ବିକ୍ରମାଦିତ୍ୟ ସିଂ (ମଣ୍ଡି, କଂଗ୍ରେସ)
ସୁନେତ୍ର ପାୱାର (ବାରାମତି,ଏନ୍‌ସିପି)
ମେନକା ଗାନ୍ଧୀ (ସୁଲତାନପୁର, ଭାଜପା)
ଅଜୟ ରାୟ (ବାରାଣସୀ, କଂଗ୍ରେସ)
କହ୍ନେୟା କୁମାର (ଦିଲ୍ଲୀ ନର୍ଥଇଷ୍ଟ, କଂଗ୍ରେସ)
ସରୋଜ ପାଣ୍ଡେ (କୋର୍ବା,ଭାଜପା)
ଆର୍.କେ. ସିଂ (ଆରା,ଭାଜପା)
ଦିନେଶ ଲାଲ ଯାଦବ (ଆଜମଗଡ଼, ଭାଜପା)
ନବନୀତ ରାଣା (ଅମରାବତୀ,ଭାଜପା)
ଆନିରାଜା (ୱାଏନାଡ୍, ସିପିଏମ୍)
ୱାଇଏସ୍ ଶର୍ମିଳା (କଡାପା,କଂଗ୍ରେସ)
କେ. ସୁରେନ୍ଦ୍ରନ୍ (ୱାଏନାଡ୍, ଭାଜପା)
ମହେନ୍ଦ୍ରନାଥ ପାଣ୍ଡେ (ଚନ୍ଦୌଲି, ଭାଜପା)
ସୀତା ମୁର୍ମୁ (ଡୁମ୍‌କା, ଭାଜପା)
ବୈଭବ ଗେହଲଟ (ଜାଲୋର, କଂଗ୍ରେସ)
ପୱନ ସିଂ (କାରକାଟ୍, ସ୍ୱାଧୀନ)
ସଞ୍ଜୀବ ବାଲିଆନ୍ (ମୁଜାଫରନଗର, ଭାଜପା)
ଉଦିତ୍ ରାଜ୍ (ଦିଲ୍ଲୀ ନର୍ଥୱେଷ୍ଟ, କଂଗ୍ରେସ)
ଉପେନ୍ଦ୍ର କୁଶୱାହା (କାରାକାଟ୍, ଆର୍‌ଏଲ୍‌ଏମ୍)
ଉଜ୍ୱଳ ନିକମ (ମୁମ୍ବାଇ ନର୍ଥ ସେଣ୍ଟର, ଭାଜପା)
ପଲ୍ଲବୀ ଶ୍ରୀନିବାସ ଡେମ୍ପୋ (ଗୋଆ ସାଉଥ୍, ଭାଜପା)
ମହାବଳ ମିଶ୍ରା (ଦିଲ୍ଲୀ ୱେଷ୍ଟ, କଂଗ୍ରେସ)
ଅଶୋକ ତନୱର (ସୀର୍ସା, ଭାଜପା)
ସୁଶୀଲ ଗୁପ୍ତା (କୁରୁକ୍ଷେତ୍ର, ଆପ୍)

## ମଧ୍ୟପ୍ରଦେଶ
ମୋଟ ଆସନ: ୨୯
ଭାଜପା: ୨୯

## ମହାରାଷ୍ଟ୍ର ମୋଟ ଆସନ: ୪୮
ଭାଜପା: ୧୦
କଂଗ୍ରେସ: ୧୩
ଶିବସେନା (ୟୁବିଟି): ୦୯
ଏନ୍‌ସିପି(ଏସ୍‌ପି): ୦୭
ଶିବସେନା: ୦୭
ଏନ୍‌ସିପି: ୦୧
ସ୍ୱାଧୀନ: ୦୧

## ମଣିପୁର
ମୋଟ ଆସନ: ୦୨
କଂଗ୍ରେସ: ୦୨

## ମେଘାଳୟ
ମୋଟ ଆସନ: ୦୨
କଂଗ୍ରେସ: ୦୧
ଭିଓଟିପିପି: ୦୧

## ତେଲଙ୍ଗାନା
ମୋଟ ଆସନ: ୧୭
ଭାଜପା: ୦୮
କଂଗ୍ରେସ: ୦୮
ଏଆଇଏମ୍ଆଇଏମ୍: ୦୧

## ନାଗାଲାଣ୍ଡ
ମୋଟ ଆସନ: ୦୧
କଂଗ୍ରେସ: ୦୧

## ଓଡ଼ିଶା
ମୋଟ ଆସନ: ୨୧
ଭାଜପା: ୧୯
ବିଜେଡି: ୦୧
କଂଗ୍ରେସ: ୦୧

## ପଞ୍ଜାବ
ମୋଟ ଆସନ: ୧୩
କଂଗ୍ରେସ: ୦୭
ଏଏପି: ୦୩
ସ୍ୱାଧୀନ: ୦୨
ଏସ୍‌କେଡି: ୦୧

## ରାଜସ୍ଥାନ
ମୋଟ ଆସନ: ୨୫
ଭାଜପା: ୧୪
କଂଗ୍ରେସ: ୦୮
ଆର୍‌ଏଲ୍‌ପି: ୦୧
ସିପିଆଇ(ଏମ୍): ୦୧
ବିଏପି: ୦୧

## ସିକିମ୍
ମୋଟ ଆସନ: ୦୧
ଏସ୍‌କେଏମ୍: ୦୧

## ଝାଡ଼ଖଣ୍ଡ
ମୋଟ ଆସନ: ୧୪
ଭାଜପା: ୦୮
ଜେଏମ୍ଏମ୍: ୦୩
କଂଗ୍ରେସ: ୦୨
ଏଜେଏସ୍‌ୟୁପି: ୦୧

## ଉତ୍ତରାଖଣ୍ଡ
ମୋଟ ଆସନ: ୦୫
ଭାଜପା: ୦୫

## ଆଣ୍ଡାମାନ ନିକୋବର
ମୋଟ ଆସନ: ୦୧
ଭାଜପା: ୦୧

## ଦାଦ୍ରା ଓ ନଗର ହାବେଳି, ଡାମନ ଆଣ୍ଡ ଡ୍ୟୁ
ମୋଟ ଆସନ: ୦୨
ଭାଜପା: ୦୧
ସ୍ୱାଧୀନ: ୦୧

## ତାମିଲନାଡୁ ମୋଟ ଆସନ: ୩୯
ଡିଏମ୍‌କେ: ୨୨
କଂଗ୍ରେସ: ୦୯
ସିପିଆଇ: ୦୨
ସିପିଆଇ(ଏମ୍): ୦୨
ଭିସିକେ: ୦୨
ଆଇୟୁଏମ୍ଏଲ୍: ୦୧
ଏମ୍‌ଡିଏମ୍‌କେ: ୦୧

## କର୍ଣାଟକ
ମୋଟ ଆସନ: ୨୫
ଭାଜପା: ୧୭
କଂଗ୍ରେସ: ୦୯
ଜେଡିଏସ୍: ୦୨

## ଦିଲ୍ଲୀ
ମୋଟ ଆସନ: ୦୭
ଭାଜପା: ୦୭

## ପଶ୍ଚିମବଙ୍ଗ
ମୋଟ ଆସନ: ୪୨
ଟିଏମ୍‌ସି: ୨୯
ଭାଜପା: ୧୨
କଂଗ୍ରେସ: ୦୧

## ଚଣ୍ଡୀଗଡ଼
ମୋଟ ଆସନ: ୦୧
କଂଗ୍ରେସ: ୦୧

## ତ୍ରିପୁରା
ମୋଟ ଆସନ: ୦୨
ଭାଜପା: ୦୨

## କେରଳ ମୋଟ ଆସନ: ୨୦
ଭାଜପା: ୦୧
କଂଗ୍ରେସ: ୧୪
ଆଇୟୁଏମ୍ଏଲ୍: ୦୨
ସିପିଆଇ(ଏମ୍): ୦୧
କେଇସି: ୦୧
ଆର୍‌ଏସ୍‌ପି: ୦୧

## ଲାକ୍ଷାଦ୍ୱୀପ
ମୋଟ ଆସନ: ୦୧
କଂଗ୍ରେସ: ୦୧

## ପଣ୍ଡିଚେରୀ
ମୋଟ ଆସନ: ୦୧
କଂଗ୍ରେସ: ୦୧

## ଲଦାଖ
ମୋଟ ଆସନ: ୦୧
ସ୍ୱାଧୀନ: ୦୧

## ଉତ୍ତରପ୍ରଦେଶ ମୋଟ ଆସନ: ୮୦
ଏସ୍‌ପି: ୩୭
ଭାଜପା: ୩୩
କଂଗ୍ରେସ: ୦୬
ଆର୍‌ଏଲ୍‌ଡି: ୦୨
ଆପ୍‌ନା ଦଳ(ଏସ୍): ୦୧
ଏଏସ୍‌ପି (କାଂଶୀରାମ: ୦୧

୧. ବରଗଡ଼ | ୨. ସୁନ୍ଦରଗଡ଼ | ୩. ସମ୍ବଲପୁର | ୪. କେନ୍ଦୁଝର | ୫. ମୟୂରଭଞ୍ଜ | ୬. ବାଲେଶ୍ୱର | ୭. ଭଦ୍ରକ



ପ୍ରଦୀପ ପୁରୋହିତ (ଭାଜପା) | ଜୁଏଲ ଓରାମ (ଭାଜପା) | ଧର୍ମେନ୍ଦ୍ର ପ୍ରଧାନ (ଭାଜପା) | ଅନନ୍ତ ନାୟକ (ଭାଜପା) | ନବଚରଣ ମାଝି (ଭାଜପା) | ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ (ଭାଜପା) | ଅଭିମନ୍ୟୁ ସେଠୀ (ଭାଜପା)

୮. ଯାଜପୁର | ୯. ଢେଙ୍କାନାଳ | ୧୦. ବଲାଙ୍ଗୀର | ୧୧. କଳାହାଣ୍ଡି | ୧୨. ନବରଙ୍ଗପୁର | ୧୩. କନ୍ଧମାଳ | ୧୪. କଟକ



ରବୀନ୍ଦ୍ର ନାରାୟଣ ବେହେରା (ଭାଜପା) | ରୁଦ୍ରନାରାୟଣ ପାଣି (ଭାଜପା) | ସଙ୍ଗୀତା କୁମାରୀ ସିଂଦେଓ (ଭାଜପା) | ମାଳବିକା ଦେବୀ (ଭାଜପା) | ବଳଭଦ୍ର ମାଝି (ଭାଜପା) | ସୁକାନ୍ତ ପାଣିଗ୍ରାହୀ (ଭାଜପା) | ଭର୍ତ୍ତୃହରି ମହତାବ (ଭାଜପା)

୧୫. କେନ୍ଦ୍ରାପଡ଼ା | ୧୬. ଜଗତ୍‌ସିଂହପୁର | ୧୭. ପୁରୀ | ୧୮. ଭୁବନେଶ୍ୱର | ୧୯. ଆସ୍କା | ୨୦. ବ୍ରହ୍ମପୁର | ୨୧. କୋରାପୁଟ



ବୈଜୟନ୍ତ ପଣ୍ଡା (ଭାଜପା) | ବିଭୁପ୍ରସାଦ ତରାଇ (ଭାଜପା) | ସମ୍ବିତ୍ ପାତ୍ର (ଭାଜପା) | ଅପରାଜିତା ଷଡ଼ଙ୍ଗୀ (ଭାଜପା) | ଅନୀତା ଶୁଭଦର୍ଶିନୀ (ଭାଜପା) | ପ୍ରଦୀପ କୁମାର ପାଣିଗ୍ରାହୀ (ଭାଜପା) | ସପ୍ତଗିରି ଉଲ୍ଲାକା (କଂଗ୍ରେସ)

# ଓଡ଼ିଶାର ପ୍ରମୁଖ ପରାଜିତ ପ୍ରାର୍ଥୀ

## ଲୋକ ସଭା



ପ୍ରଣବ ପ୍ରକାଶ ଦାସ (ବିଜେଡି) | ଅଚ୍ୟୁତ ସାମନ୍ତ (ବିଜେଡି)
ସୁଦାମ ମାର୍ଣ୍ଡି (ବିଜେଡି) | ଶ୍ରୀକାନ୍ତ ଜେନା (କଂଗ୍ରେସ)
ମଞ୍ଜୁଲତା ମଣ୍ଡଳ (ବିଜେଡି) | ଦିଲୀପ ତିର୍କୀ (ବିଜେଡି)
ରାଜଶ୍ରୀ ମଲ୍ଲିକ (ବିଜେଡି) | ସୁରେନ୍ଦ୍ର ସିଂ ଭୋଇ (ବିଜେଡି)
ଶର୍ମିଷ୍ଠା ସେଠୀ (ବିଜେଡି) | ପ୍ରଦୀପ ମାଝି (ବିଜେଡି)

## ବିଧାନସଭା



ନିରଞ୍ଜନ ପଟ୍ଟନାୟକ (କଂଗ୍ରେସ) | ବିକ୍ରମ କେଶରୀ ଆରୁଖ (ବିଜେଡି) | ସଞ୍ଜୟ ଦାସବର୍ମା (ବିଜେଡି)
ଭକ୍ତ ଚରଣ ଦାସ (କଂଗ୍ରେସ) | ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ (ବିଜେଡି) | ଟୁକୁନି ସାହୁ (ବିଜେଡି)
ଶ୍ରୀକାନ୍ତ ସାହୁ (ବିଜେଡି) | ପ୍ରଫୁଲ୍ଲ ସାମଲ (ବିଜେଡି) | ମହେଶ ସାହୁ (ବିଜେଡି)
ନୃସିଂହ ସାହୁ (ବିଜେଡି) | ପ୍ରଫୁଲ୍ଲ ମଲ୍ଲିକ (ବିଜେଡି) | ଚନ୍ଦ୍ରସାରଥୀ ବେହେରା (ବିଜେଡି)
ରୀତା ସାହୁ (ବିଜେଡି) | ବର୍ଷା ପ୍ରିୟଦର୍ଶିନୀ (ବିଜେଡି) | ଅରିନ୍ଦମ ରୟ (ଭାଜପା)
ସୁଶାନ୍ତ ସିଂ (ବିଜେଡି) | ସନ୍ତୋଷ ସିଂ ସାଲୁଜା (କଂଗ୍ରେସ) | ଅଶୋକ ଚନ୍ଦ୍ର ପଣ୍ଡା (ବିଜେଡି) | ପ୍ରଦୀପ ଅମାତ (ବିଜେଡି)
କୁସୁମ ଟେଟେ (ଭାଜପା) | ରାଜେନ୍ଦ୍ର ସାହୁ (ବିଜେଡି) | ଦୀପାଲି ଦାସ (ବିଜେଡି) | ଜୟଦେବ ଜେନା (କଂଗ୍ରେସ)
ଅତନୁ ସବ୍ୟସାଚୀ ନାୟକ (ବିଜେଡି) | ଦେବୀ ପ୍ରସାଦ ମିଶ୍ର (ବିଜେଡି) | ପ୍ରମୋଦ ମଲ୍ଲିକ (ବିଜେଡି) | ପ୍ରୀତିରଞ୍ଜନ ଘଡ଼େଇ( ବିଜେଡି)
ସ୍ନେହାଙ୍ଗିନୀ ଛୁରିଆ(ବିଜେଡି) | ସୁଧୀର ସାମଲ (ବିଜେଡି) | ଅରବିନ୍ଦ ଢାଲି (ଭାଜପା) | ଜୟନ୍ତ ଷଡ଼ଙ୍ଗୀ (ଭାଜପା)
ସୁକାନ୍ତ ନାୟକ (ବିଜେଡି) | ପଦ୍ମନାଭ ବେହେରା( ବିଜେଡି) | କେ, ନାରାୟଣ ରାଓ (ଭାଜପା) | ପର୍ଶୁରାମ ଧଡ଼ା (ଭାଜପା)
ପ୍ରଦୀପ୍ତ ନାୟକ (ଭାଜପା) | ଦିଲୀପ ରାୟ (ଭାଜପା)
ସୌମ୍ୟରଞ୍ଜନ ପଟ୍ଟନାୟକ (ସ୍ୱାଧୀନ) | ପୁଷ୍ପେନ୍ଦ୍ର ସିଂଦେଓ (ବିଜେଡି)
ରମେଶ ଚନ୍ଦ୍ର ମାଝି (ବିଜେଡି) | ପ୍ରଶାନ୍ତ ମୁଦୁଲି (ବିଜେଡି)
ସୁବାସ ପାଣିଗ୍ରାହୀ (ଭାଜପା) | ରୋହିତ ପୂଜାରୀ (ବିଜେଡି)
ଦେବେଶ ଆଚାର୍ଯ୍ୟ (ବିଜେଡି) | ପ୍ରଣବ କୁମାର ବଳବନ୍ତରାୟ (ବିଜେଡି)



ଓଡ଼ିଶାରେ ବିପୁଳ ବିଜୟ ପରେ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ କେନ୍ଦ୍ରୀୟ ତଥା ବରିଷ୍ଠ ନେତାଙ୍କ ସହ ରାଜ୍ୟ ନେତାମାନେ ପରସ୍ପରକୁ ମିଠା ଖୁଆଉଛନ୍ତି।

## ସରକାର ଗଠନ ଲାଗି ଭାଜପାର ଉଦ୍ୟମ ସଫଳ ହୋଇଛି



ସରକାର ଗଠନ କରିବା ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦୀର୍ଘ ସମୟ ଧରି କରାଯାଇଥିବା ଉଦ୍ୟମ ଶେଷରେ ସଫଳ ହୋଇଛି। ଓଡ଼ିଶାକୁ ନମ୍ବର ୱାନ୍ ରାଜ୍ୟ କରିବା ସହ ରତ୍ନ ଭଣ୍ଡାର ଚାବି, ଓଡ଼ିଆ ଅସ୍ମିତା ଭଳି ଯେଉଁ ପ୍ରସଙ୍ଗଗୁଡ଼ିକୁ ନେଇ ଭାଜପା କ୍ଷମତା ହାସଲ କରିଛି ସେସବୁକୁ ଭାଜପା କିଭଳି ସମାଧାନ ଓ ପୂରଣ କରୁଛି ତାହା ଦେଖିବାକୁ ବାକି ରହିଲା। ଏହି ଅବସରରେ ମୁଁ ଭାଜପା ନେତୃବୃନ୍ଦଙ୍କୁ ଏହି ବିଜୟ ପାଇଁ ଅଭିନନ୍ଦନ ଜଣାଉଛି।

- ଡ. ନଳିନ ପାତ୍ର, ଶିକ୍ଷାବିତ୍, ଭୁବନେଶ୍ୱର

## ଶିକ୍ଷା ଭିତ୍ତିଭୂମି, ଶିକ୍ଷକ ଅଭାବ ପୂରଣ ହେବ



ରାଜ୍ୟରେ ପୂର୍ବରୁ ପରିବର୍ତ୍ତନର ଆଭାସ ଆସିଥିଲା। ଏବେ ରାଜ୍ୟରେ ନୂଆ ସରକାର ଆସିବ। ଜଣେ ଶିକ୍ଷାର୍ଥୀ ହିସାବରେ ବର୍ତ୍ତମାନ ସମୟରେ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ ହେବା ସହ କଲେଜ, ସ୍କୁଲରେ ଶିକ୍ଷକ ଅଭାବକୁ ଆଗ ପୂରଣ କରାଯିବ ବୋଲି ମୁଁ ଆଶା କରୁଛି। ସେହିଭଳି ପାଠ ପଢ଼ି ସାରିବା ପରେ ନିଯୁକ୍ତି ଦେବା ପାଇଁ ପ୍ରାୟତଃ ସରକାରର ଏକ ବିଫଳତା ବୋଲି ଦେଖାଯାଉଛି। ଦେଖିବାକୁ ଗଲେ ବର୍ତ୍ତମାନ ସରକାର କରିବାକୁ ଯାଉଥିବା ଦଳ ନିଯୁକ୍ତି ଉପରେ ଗ୍ୟାରେଣ୍ଟି ଦେଇଛି। ତେଣୁ ଏହି ପ୍ରତିଶ୍ରୁତି ପାଳନ ହେବ ବୋଲି ମୁଁ ନୂଆ ସରକାରଠାରୁ ଆଶା ରଖିବି।

- ସୁପ୍ରିୟା ରାଉତରାୟ, ଛାତ୍ରୀ, ଭୁବନେଶ୍ୱର

## ଓଡ଼ିଶାରେ ବ୍ୟାପକ ପରିବର୍ତ୍ତନ ହେବ



ନୂଆ ସରକାର ଆସିବ। ଏହି ସରକାରଙ୍କ ଆଗାମୀ ପନ୍ଥା କ'ଣ ରହିବ ତାହାକୁ ନେଇ ମୁଁ ଆଶାବାଦୀ। କାରଣ ବିରୋଧୀ ଦଳରେ ଥିବାବେଳେ ତ ଅନେକେ ସରକାରଙ୍କ ଦୋଷ ଦୁର୍ବଳତାକୁ ପଦାରେ ପକାନ୍ତି, ମାତ୍ର କ୍ଷମତାକୁ ଆସିଲେ ନୂଆ ସରକାର କେଉଁ କାର୍ଯ୍ୟପନ୍ଥା ଆପଣେଇବ, ତାହା ହିଁ ଦେଖିବାକୁ ମୁଁ ବେଶି ଉତ୍ସାହିତ। ଆମ ସମୟରେ ସରକାରରେ ପରିବର୍ତ୍ତନ ଆସିଲା। କହିବାକୁ ଗଲେ ଆଜି ଦିନରେ ଓଡ଼ିଶାର ରାଜନୀତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଜାତୀୟ ଶିକ୍ଷାନୀତି ଆଧାରରେ ଓଡ଼ିଶାରେ ବ୍ୟାପକ ପରିବର୍ତ୍ତନ ହେବ ବୋଲି ମୋର ଆଶା।

- ରୁଦ୍ର ଭୂୟାଁ, ଛାତ୍ର, ଭୁବନେଶ୍ୱର

## ଚାଷୀ ମାରଣ ନୀତି ବିରୋଧରେ ଜନମତ



ବିଜେଡି ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା ଦେବାକୁ ଘୋଷଣା କରି ଚାଷୀଙ୍କୁ ଭୁଆଁ ବୁଲାଇଲେ। ଧାନ ବିକ୍ରି ପାଇଁ ସରକାରଙ୍କ ଟୋକନ୍ ବ୍ୟବସ୍ଥାରେ ଚାଷୀ ହଇରାଣ ହେଲେ। ମଣ୍ଡି ବ୍ୟବସ୍ଥାରେ ରହିଥିବା ତ୍ରୁଟି ସୁଧାରିଲେ ନାହିଁ। ଇନ୍‌ପୁଟ ସବ୍‌ସିଡି ଏବଂ ବୀମା କ୍ଷତିପୂରଣ ମିଳିବାରେ ସରକାର ସହଯୋଗ ନ କରି ଚାଷୀ ଆତ୍ମହତ୍ୟା ଅଭିଯୋଗକୁ ଅସ୍ୱୀକାର କଲେ। ଅଭାବୀ ବିକ୍ରି ଓ କଟ୍‌ନି ଛଟ୍‌ନିର ଶିକାର ହେଉଥିବା ଚାଷୀ ଶେଷରେ ପରିବର୍ତ୍ତନ ସପକ୍ଷରେ ମତ ଦେଇଛନ୍ତି । ଅପରପକ୍ଷରେ ଭାଜପା ଧାନର ଏମ୍‌ଏସ୍‌ପି ବୋନସ ସହ ୩୧୦୦ ଟଙ୍କା ଦେବାର ପ୍ରତିଶ୍ରୁତି ଚାଷୀଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲା।

- ଦେବେନ୍ଦ୍ର ପ୍ରଧାନ, ଚାଷୀ, ଡବଲା, ସମ୍ବଲପୁର

## ନିଜ ଅଞ୍ଚଳର ବିକାଶ ହେବ



ଚଳିତ ସାଧାରଣ ନିର୍ବାଚନ ଫଳାଫଳ ସମସ୍ତଙ୍କୁ ଚକିତ କରିଛି । ଭୋଟରମାନେ ନିଜ ବିଚାରକୁ ନେଇ ମତ ସାବ୍ୟସ୍ତ କରିଥିବା ଫଳାଫଳରୁ ଜଣାପଡିଛି। ଗଣତନ୍ତ୍ରରେ ସରକାର ପରିବର୍ତ୍ତନ ହେଲେ ରାଜ୍ୟର ଏବଂ ନିଜ ଅଞ୍ଚଳର ବିକାଶରେ ସହାୟକ ହୋଇଥାଏ । ନିର୍ବାଚିତ ପ୍ରାର୍ଥୀମାନେ ବିକାଶକୁ ଗୁରୁତ୍ୱ ଦେଲେ ବିଜୟ ସମ୍ଭାବନା ଅଧିକ ହୋଇଥାଏ ।

- ଗୁରୁପ୍ରସାଦ ଦାସ, ବୁଦ୍ଧିଜୀବୀ, ବୌଦ୍ଧ

## ଭାଜପା ଓଡ଼ିଶାକୁ ନଂ.୧ ରାଜ୍ୟ ପ୍ରତିଶ୍ରୁତି ପୂରଣ କରୁ



ସରକାର ଗଠନ କରିବା ପାଇଁ ଭାଜପା ଯେଉଁ ଉଦ୍ୟମ କରିଥିଲା, ତାହା ସଫଳ ହୋଇଛି। ଏଥିସହ ଦୀର୍ଘ ବର୍ଷର ବିଜେଡି ଶାସନରେ ଏକ ପ୍ରକାର ଯବନିକା ପଡିଛି। ତେବେ ଏହା ବିଜେଡି ଶାସନର ନୁହେଁ, ବରଂ ଅଫିସର୍ ରାଜ୍‌ର ଅନ୍ତ ବୋଲି କୁହାଯାଇପାରେ। ଅପରପକ୍ଷେ ଓଡ଼ିଶାକୁ ୧ନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ଭାଜପା ଯେଉଁ ପ୍ରତିଶ୍ରୁତି ଲୋକଙ୍କୁ ଦେଇଥିଲା, ତାହା କେତେଦୂର ପୂରଣ ହେଉଛି ତାହା ଆଗାମୀ ଦିନରେ ଜଣାପଡିବ।

- ସିକନ୍ କୁମାର ସାହୁ, କର୍ମଜୀବୀ

## ବିଜେଡିକୁ କାଳ ସାଜିଲା ଦୃଢ଼ ଆତ୍ମବିଶ୍ୱାସ



ଏଭଳି ପରାଜୟ ସାମ୍ନା କରିବାକୁ ପଡିବ ବୋଲି ବିଜେଡି ଭାବି ନ ଥିଲା। ଭାଜପା କେବଳ ଲୋକ ସଭା ଆସନ ଉପରେ ନଜର ରଖିଛି ବୋଲି ବିଜେଡି ଭାବିଥିଲା ଥିଲା। ଏଭଳି ଆତ୍ମବିଶ୍ୱାସ ଶେଷରେ ଦଳ ପାଇଁ କାଳ ସାଜିଲା। ସେହିପରି ଶାସନକୁ ଆସିଲେ ଧାନ ଦର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା, ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ଭାଜପାର ବିଜୟ ପାଇଁ ସହାୟକ ହେଲା। ପଡୋଶୀ ଛତିଶଗଡରେ ଭାଜପା ସରକାର ଏହି ସୁବିଧା ଦେଉଥିବା ଯୋଗୁ ଲୋକମାନେ ତାକୁ ସହଜରେ ଗ୍ରହଣ କରିଥିଲେ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଦଳରେ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରଚାର ନକରାତ୍ମକ ପ୍ରଭାବ ପକାଇଲା।

- ରମେଶ ମହାପାତ୍ର, ଉପଦେଷ୍ଟା, ସଂଯୁକ୍ତ କୃଷକ ସଙ୍ଗଠନ, ବରଗଡ଼

## ଜନ ଅସନ୍ତୋଷ ପ୍ରମୁଖ କାରଣ



ରାଜ୍ୟରେ ଯେଉଁ ରାଜନୈତିକ ପଟ୍ଟ ପରିବର୍ତ୍ତନ ହୋଇଛି ତାର ପ୍ରମୁଖ କାରଣ ହେଲା ଜନ ଅସନ୍ତୋଷ। ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିର୍ବାଚିତ କରି ଶାସନକର୍ତ୍ତା କରିଥିଲେ। ତେବେ ତାଙ୍କ ନାଁରେ ଅନ୍ୟମାନେ ଶାସନତନ୍ତ୍ରକୁ ପରିଚାଳିତ କରୁଥିବା କଥା ଲୋକଙ୍କ ପାଖରେ ପହଞ୍ଚାଇ ଦିଆଯିବା ପରେ ପ୍ରତିକ୍ରିୟା ପ୍ରକାଶ ପୂର୍ବକ ମତଦାନ କରି ରାଜ୍ୟରେ ପରିବର୍ତ୍ତନ କରିଛନ୍ତି।

- ମଧୁସୂଦନ ନାୟକ, ସାଧାରଣ ସମ୍ପାଦକ, ନାଗରିକ କମିଟି, ବଲାଙ୍ଗୀର

## ନୂଆ ସରକାରଙ୍କଠାରୁ ଅନେକ ଆଶା ରହିଛି



ଓଡ଼ିଶାରେ ସରକାର ପରିବର୍ତ୍ତନର ଆବଶ୍ୟକତା ଥିଲା। ଗୋଟିଏ ଦଳ ବାରମ୍ବାର କ୍ଷମତାକୁ ଆସିଲେ ମନମୋଟିଆ ଶାସନ ଚଳାଇଥାଏ। ଭାଜପା ସରକାର ଆସୁଥିବାରୁ ମୁଁ ବହୁତ ଖୁସି। ନୂଆ ସରକାରଙ୍କଠାରୁ ଅନେକ ଆଶା ରହିଛି। ରାଜ୍ୟରେ ଖାଲି ପଡ଼ିଥିବା ସରକାରୀ ପଦବୀ ତୁରନ୍ତ ପୂରଣ ସହ ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି ଭାବୁଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ଉପରେ ଯେପରି ରୋକ୍ ଲଗାଯାଇପାରିବ ସେ ଦିଗରେ ନୂଆ ସରକାର ପଦକ୍ଷେପ ନେବା ଉଚିତ।

- ଶ୍ରଦ୍ଧାଞ୍ଜଳି ପଣ୍ଡା, ଗୃହିଣୀ

## ଆଞ୍ଚଳିକ ବିକାଶକୁ ଦେଖି ଜନତା ଭାଜପାକୁ ଭୋଟ ଦେଇଛନ୍ତି



ନିର୍ବାଚନୀ ଫଳାଫଳକୁ ଦେଖିଲେ ଲାଗୁଛି ଜନତା ଆଞ୍ଚଳିକ ବିକାଶକୁ ଦୃଷ୍ଟିରେ ରଖି ମତଦାନ କରିଛନ୍ତି। ଯେଉଁଠି ବିଜେଡି)ର ବଡ଼ ବଡ଼ ନେତା ପ୍ରଚାର ପ୍ରସାର କରି ହାରିଛନ୍ତି, କଂଗ୍ରେସ ସାମାନ୍ୟ ପ୍ରଚାର କରି ବିଜୟୀ ହୋଇପାରିଛି। ସ୍ୱାଧୀନ ପ୍ରାର୍ଥୀ ମଧ ବାଜି ମାରିଛନ୍ତି। ତେଣୁ ନୂଆକରି ଗଠନ ହେବାକୁ ଥିବା ସରକାର ଆଞ୍ଚଳିକ ସ୍ତରରେ ବିକାଶ କରିବା ଦରକାର। ବିଶେଷକରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତ୍ୱ ଦେବେ ବୋଲି ଆଶା କରୁଛି।

- ବିଶ୍ୱଜିତ୍ ସାମନ୍ତରାୟ, ଶିକ୍ଷାବିତ୍



ବିଜୟ ପରେ ମଙ୍ଗଳବାର ସମ୍ବଲପୁର ଭାଜପା କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ଖୁସି ମନାଉଛନ୍ତି।

## ଭାଜପା ନିର୍ବାଚନୀ ପ୍ରସଙ୍ଗକୁ ପ୍ରଥମେ ପାଳନ କରିବା ଉଚିତ



ଓଡ଼ିଶାକୁ ନମ୍ବର ୱାନ୍ ରାଜ୍ୟ ଭାବେ ପରିଣତ କରିବା ସହ ରତ୍ନଭଣ୍ଡାର ଚାବି ଖୋଜି ଆଣିବା, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରିବା, ବସ୍ତିବାସିନ୍ଦାଙ୍କ ଦୁଃଖ ଦୂର କରିବା, ଓଡ଼ିଆ ଅସ୍ମିତା ଭଳି ଯେଉଁ ସବୁ ପ୍ରସଙ୍ଗ ଭାଜପା ରାଜ୍ୟବାସୀଙ୍କ ପାଖରେ ଉପସ୍ଥାପନ କରିଛି ତାହାକୁ ପାଳନ କରିବା ଦରକାର। ନଚେତ୍ ଭାଜପାକୁ ଭରସା କରି ଯେଉଁ ଭୋଟ୍ ଦିଆଯାଇଛି ତାହାର କିଛି ମୂଲ୍ୟ ରହିବ ନାହିଁ।

- କାର୍ତ୍ତିକ ସାହୁ, ବ୍ୟବସାୟୀ

## ଭୋଟରଙ୍କ ମଧ୍ୟରେ ସଚେତନତା ବଢ଼ିଛି



ରାଜ୍ୟରେ ପାଣ୍ଡିଆନଙ୍କ ଇସ୍ୟୁ ବିଜେଡି ପାଇଁ ସମସ୍ୟା କରିଛି। ଭୋଟରଙ୍କ ମଧରେ ସଚେତନତା ବଢ଼ିଛି। ବହୁ ବର୍ଷ ଧରି କ୍ଷମତାରେ ରହିବା ଫଳରେ ସରକାର ବିରୋଧୀ ମନୋଭାବ ଏବଂ ରାଜ୍ୟରେ ବିଜେଡିର ଅଧିକ ଆତ୍ମବିଶ୍ୱାସ ରାଜ୍ୟରେ ମତ ପରିବର୍ତ୍ତନର ଅନ୍ୟତମ କାରଣ ହୋଇଛି। ସେହିପରି ପ୍ରାର୍ଥୀଙ୍କ ଦଳ ପରିବର୍ତ୍ତନ ଭୋଟରଙ୍କୁ ଆନ୍ଦୋଳିତ କରିଛି। କେନ୍ଦ୍ର ଭାଜପା ନେତାଙ୍କ ଘନ ଘନ ଗସ୍ତ ମଧ ଭୋଟରଙ୍କୁ ପ୍ରଭାବିତ କରିଥିଲା।

- ଡ. ବିଦ୍ୟାଧର ବେହେରା, ଅବସରପ୍ରାପ୍ତ ପ୍ରାଧ୍ୟାପକ, କେନ୍ଦୁଝର

## ଜନାଭିମୁଖୀ ଯୋଜନା ବନ୍ଦ ନ ହେଉ



ମୁଁ ଆରମ୍ଭରୁ ଶାସକ ଦଳ ଭାବେ ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ଦେଖି ଆସିଛି। ତେଣୁ ବିଜେଡିର ଏଭଳି ପରାଜୟ ମୋତେ ନିହାତି ଭାବେ ମର୍ମାହତ କରିଛି। ତେବେ ଯେଉଁ ପରିବର୍ତ୍ତନର ହାୱା ବୋହୁଥିଲା, ତାହା ବାସ୍ତବରେ ପରିଣତ ହୋଇଛି। ତେଣୁ ନୂଆ ସରକାରଙ୍କଠାରୁ ଆମ ସମସ୍ତଙ୍କର ଆଶା ଅଧିକ ରହିଛି। ସେହିପରି ନୂତନ ସରକାର ଆସିଲେ ମଧ ଜନସାଧାରଣ ଯେଉଁସବୁ ଯୋଜନାଗୁଡିକର ଲାଭ ପାଉଛନ୍ତି ତାହା ବନ୍ଦ ନ ହେବା ଆବଶ୍ୟକ।

- ଶୃତି ପ୍ରିୟଦର୍ଶିନୀ, ଛାତ୍ରୀ

## ଚାଷୀ ଓ ମଧ୍ୟମ ବର୍ଗର ଲୋକେ ଅସନ୍ତୁଷ୍ଟ ଥିଲେ



ରାଜ୍ୟରେ ସରକାର ବିରୋଧୀ ହାୱା ଥିଲା। ଚାଷୀ ଓ ମଧ୍ୟମ ବର୍ଗର ଲୋକେ ଅସନ୍ତୁଷ୍ଟ ଥିଲେ। ଏଥିସହ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନ ପ୍ରଚାର ବିଜେଡିକୁ ମହଙ୍ଗା ପଡିଛି। ଅପରପକ୍ଷେ ଭାଜପା ସରକାରକୁ ଆସିଲେ ଧାନ କୁଇଣ୍ଟାଲ ୩୧୦୦ଟଙ୍କା କରିବା ଓ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ମିଳିବ ବୋଲି ଭାଜପା ଦେଇଥିବା ପ୍ରତିଶ୍ରୁତି କାମ ଦେଲା।

- ସୀତାଂଶୁ ଶେଖର ମିଶ୍ର, ସଭାପତି ସଚେତନ ନାଗରିକ ମଞ୍ଚ, ସୁବର୍ଣ୍ଣପୁର।

## ଭାଜପା ସରକାର ଏବେ ନିଜ ଗ୍ୟାରେଣ୍ଟି ପୂରଣ କରୁ



ଦୀର୍ଘ ୨୫ବର୍ଷ ପରେ ରାଜ୍ୟ ଶାସନାଧୀନ ବିଜେଡି ସରକାର ପରିବର୍ତ୍ତନ ହେବାର ଲହର ଦେଖାଦେଇଛି। ରାଜ୍ୟବାସୀ ଭାଜପାକୁ ଅଭୁତପୂର୍ବ ସମର୍ଥନ ଜଣାଇଛନ୍ତି। ଭାଜପା ସରକାର ଆସିଲେ ଓଡ଼ିଶାରେ ଦେଇଥିବା ଗ୍ୟାରେଣ୍ଟି ପୂରଣ କରୁ। ବିଶେଷ କରି ଧାନ କୁଇଣ୍ଟାଲ ୩୧୦୦ ଓ ଭତ୍ତା ୩ ହଜାର ବୃଦ୍ଧି କରୁ।

- ତ୍ରିଲୋଚନ ସିଂ ବେଲଦାର, ବୁଦ୍ଧିଜୀବୀ, ଜୁନାଗଡ଼

## ଜନମତକୁ ବିନମ୍ରତାର ସହ ଗ୍ରହଣ କରୁଛି



ଓଡ଼ିଶାର ଜନସାଧାରଣଙ୍କ ମତକୁ କଂଗ୍ରେସ ବିନମ୍ରତାର ସହ ଗ୍ରହଣ କରୁଛି। ପୂର୍ବାପେକ୍ଷା କଂଗ୍ରେସର ସ୍ଥିତିରେ ଉନ୍ନତି ଆସିଛି। ଏଥିଲାଗି ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ରାଜ୍ୟବାସୀଙ୍କୁ ଧନ୍ୟବାଦ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରା ମଧ ଲୋକମାନଙ୍କ ଉପରେ ଭଲ ପ୍ରଭାବ ପକାଇଥିଲା। ବିଜେଡି ବିରୋଧରେ ପ୍ରବଳ ଜନଅସନ୍ତୋଷ ଥିବା କଥା ବିଭିନ୍ନ ଅଞ୍ଚଳ ବୁଲିବା ସମୟରେ ଜଣାପଡୁଥିଲା। ବିଜେଡି ନେତା ଏବଂ କର୍ମୀଙ୍କ ଅନ୍ୟାୟ, ଅତ୍ୟାଚାର ବହୁମାତ୍ରାରେ ବଢ଼ିଯାଇଥିଲା। ହେଲେ ଭାଜପା ଏଭଳି ସ୍ୱିପ୍ କରିଯିବ, ସେକଥା ଜଣା ନ ଥିଲା। ଓଡ଼ିଶାରେ କଂଗ୍ରେସ ଆହୁରି ଭଲ କରିବା କଥା, କିନ୍ତୁ କିଛି କାରଣରୁ ତାହା କରିପାରିଲା ନାହିଁ।

-ଶରତ ପଟ୍ଟନାୟକ, ରାଜ୍ୟ ପିସିସି ସଭାପତି

## ନବୀନଙ୍କ ନୀରବତା, ପାଣ୍ଡିଆନଙ୍କ କାର୍ଯ୍ୟକୁ ଲୋକେ ଗ୍ରହଣ କଲେନି



ଦୀର୍ଘ ସମୟର ନବୀନ ପଟ୍ଟନାୟକଙ୍କ ଶାସନରେ ଅମଲାତନ୍ତ୍ରୀମାନେ ବଳଶାଳୀ ହୋଇଗଲେ। ଲୋକଙ୍କ ମୌଳିକ ସମସ୍ୟାଠାରୁ ବିଜେଡି ଦୂରେଇଯିବା ସହ ଖଣି ମାଫିଆଙ୍କୁ ତିଆରି କରିବାରେ ସରକାର ଲାଗିପଡିଲା। ସୁପର ଚିଫ୍‌ମିନିଷ୍ଟର ପାଲଟିଥିବା ପାଣ୍ଡିଆନଙ୍କ କାର୍ଯ୍ୟକୁ ଲୋକେ ଗ୍ରହଣ କଲେ ନାହିଁ। ମିଶନ ଶକ୍ତି ମଧ କାମ ଦେଲାନାହିଁ। ନବୀନଙ୍କ ନୀରବତା ଲୋକମାନେ ଦେଖିଲେ। ଲୋକେ ଅସନ୍ତୁଷ୍ଟ ଥିଲେ, ପାଣ୍ଡିଆନ ବୁଲିଲା ପରେ ଅଧିକ ବିରକ୍ତ ହୋଇଗଲେ। ଏହାସହ କେନ୍ଦ୍ର ସରକାର ଦେଉଥିବା ଯୋଜନାଗୁଡିକ ମଧ ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚାଇଲୁ ଏବଂ ବିଜେଡିର ଚକ୍ରାନ୍ତ କଥା ଜଣାଇଲୁ, ଯେଉଁଥିପାଇଁ ଜନତା ଭାଜପାକୁ ବିଜୟୀ କଲେ।

- ମୋହନ ଚରଣ ମାଝୀ, ଭାଜପା ନେତା

## ଜନମତକୁ ସମ୍ମାନ ଦେବା



ଜନମତକୁ ଆମେ ସମ୍ମାନ ଦେବା। ବିଶେଷ କରି ଓଡ଼ିଶାରେ ଗୋଟିଏ ସରକାର ୨୪ବର୍ଷ ଧରି ଶାସନ କଲା ପରେ ନିଶ୍ଚିତ ଭାବେ ଗୋଟେ ଜନବିରୋଧୀ ମତ ଆସିଥିଲା, ତାହା ନିର୍ବାଚନରେ ପ୍ରତିଫଳିତ କରିଛି। ଏହାପରେ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀମାନଙ୍କ ବାରମ୍ବାର ଓଡ଼ିଶା ଗସ୍ତର ପ୍ରଭାବ ଭୋଟରଙ୍କ ଉପରେ ପଡ଼ିଛି। ଲୋକେ ଚାହିଁଛନ୍ତି ପରିବର୍ତ୍ତନ। ଡବଲ ଇଞ୍ଜିନ୍ ନାରାକୁ ଗ୍ରହଣ କରି ଲୋକେ ବିଧାନସଭା ଓ ଲୋକସଭାରେ ପରିବର୍ତ୍ତନ ଆଣିଥିବା ଫଳାଫଳରୁ ଦେଖିବାକୁ ମିଳିଛି।

- ଉବାଚକ ମହାନ୍ତି, ବୁଦ୍ଧିଜୀବୀ, ବାଲେଶ୍ୱର

## ବିଜେଡି ପ୍ରତି ଆକ୍ରୋଶ ରହିଥିଲା



ମହିଳା ଓ ଯୁବବର୍ଗଙ୍କୁ ପୁଞ୍ଜି କରି ବିଜେଡି ଆଜି ପର୍ଯ୍ୟନ୍ତ ରାଜ୍ୟରେ ଜିତି ଆସୁଥିଲା। ମାତ୍ର ଏବେ ଯୁବ ଓ ମହିଳା ପରିବର୍ତ୍ତନ ଚାହୁଁଥିଲେ। ତେଣୁ ବିଜେଡିର ଭୋଟ୍ ବେସ୍ ଭାଙ୍ଗିଗଲା। ସେହିପରି ଅମଲାତାନ୍ତ୍ରିକ ଶାସନକୁ ଲୋକେ ଘୃଣା କରିବା ଆରମ୍ଭ କରିଥିଲେ। ଲୋକେ ନବୀନ ପଟ୍ଟନାୟକଙ୍କୁ ଭଲ ପାଆନ୍ତି, ମାତ୍ର ତାଙ୍କର ପ୍ରତିନିଧି ଭାବେ ଜଣେ ଅଣଓଡ଼ିଆ ଅଫିସରଙ୍କୁ କେବେ ବି ଚାହୁଁ ନ ଥିଲେ। ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ନାମରେ ଚାଉଳ ସଂଗ୍ରହ କରିବା, ଜଗନ୍ନାଥ ମୂର୍ତ୍ତି ଭଙ୍ଗା, ଦଦରା ଗାଡ଼ିରେ ମନଇଚ୍ଛା ବୁଲାଇବା ଲୋକଙ୍କ ମନରେ ଆକ୍ରୋଶ ସୃଷ୍ଟି କରିଥିଲା।

- ସୁଦର୍ଶନ ଛୋଟରାୟ, ସାମାଜିକ କର୍ମୀ

## ରାଜ୍ୟବାସୀ ସରକାର ପରିବର୍ତ୍ତନ ଚାହୁଁଥିଲେ



ଓଡ଼ିଆ ଅସ୍ମିତା ଯୋଗୁ ରାଜ୍ୟବାସୀ ସରକାର ପରିବର୍ତ୍ତନ ଚାହୁଁଥିଲେ। ମାତ୍ର ବୀରମିତ୍ରପୁରରେ ଭାଜପା ପରିବର୍ତ୍ତେ ଏଥର ପ୍ରଥମ ଥର ପାଇଁ ବିଜେଡିର ବିଜୟ ହୋଇଛି। କାରଣ ଆଦିବାସୀଙ୍କ ଜମି,ଜଙ୍ଗଲ ଆଦିକୁ ଭାଜପା ଛଡେଇ ନେବ ବୋଲି ଲୋକଙ୍କ ମନରେ ବିଜେଡି ଭ୍ରାନ୍ତ ଧାରଣା ସୃଷ୍ଟି କରିବାରେ ସଫଳ ହେଲା।

- ରିନା ମେହେର, ସାମାଜିକ କର୍ମୀ, କୁଆଁରମୁଣ୍ଡା

## କ୍ଷମତା ଅପବ୍ୟବହାର ବିଜେଡି ପାଇଁ ଅଡୁଆ ହେଲା



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାରୀରିକ ଅସୁସ୍ଥତା ସମ୍ପର୍କରେ ରାଜ୍ୟବାସୀ ହୃଦୟଙ୍ଗମ କରିବା ଏବଂ କାର୍ତ୍ତିକ ପାଣ୍ଡିଆନ କ୍ଷମତା ଅପବ୍ୟବହାର କରି ଏକଛତ୍ରବାଦ ଶାସନ ଚଳାଇବା ବିଜେଡି ପାଇଁ ଅଡୁଆ ହେଲା। ଫଳରେ ଲୋକେ ଭାଜପା ମୁହାଁ ହୋଇ ଜନାଦେଶ ଦେବାକୁ ବାଧ ହେଲେ। ସେହିପରି ବିକଶିତ ଭାରତ ନିର୍ମାଣରେ ମୋଦିଙ୍କ ଭୂମିକାକୁ ଦେଶବାସୀ ଗ୍ରହଣ କରିଛନ୍ତି।

-ଭାନୁମିତ୍ର ଆଚାର୍ଯ୍ୟ, ପରିବେଶବିତ୍, ବାରିପଦା, ମୟୂରଭଞ୍ଜ।

## ଅର୍ଥବଳ ମୋଡ଼ ପରିବର୍ତ୍ତନ କଲା



ଓଡ଼ିଶାରେ ମୋଦି ହାୱା ଥିଲା। ହେଲେ ନୂଆପଡ଼ା ଜିଲାରେ ଅର୍ଥ ବଳ ଲଗାଇ ବିଜେଡି ବିଜୟୀ ହୋଇଛି। ନୂଆପଡ଼ାରେ ଅଭିନନ୍ଦନ ପଣ୍ଡା ଓ ଖଡିଆଳରେ ହିତେଶ ବଗର୍ତ୍ତିଙ୍କୁ ଲୋକେ ଚାହୁଁଥିଲେ। ହେଲେ ଅର୍ଥ ବଳ ମୋଡ ପରିବର୍ତ୍ତନ କଲା।

-ପ୍ରସନ୍ନ ପାଢ଼ୀ, ପୂର୍ବତନ ଜିଲା ଓକିଲସଂଘ ସଭାପତି, ନୂଆପଡ଼ା



# ଭାଜପା ଏକ, ବିଜେଡିକୁ ୪ ଆସନ

## କେନ୍ଦ୍ରାପଡ଼ାରେ ସାଧାରଣ ନିର୍ବାଚନ

କେନ୍ଦ୍ରାପଡ଼ା, ୪।୬ (ଜଗନ୍ନାଥ ଧଳ)





ଭାଜପା ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ ନିର୍ବାଚନ ଅଧିକାରୀଙ୍କ ଠାରୁ ବିଜୟ ସାର୍ଟିଫିକେଟ ନେଉଛନ୍ତି। ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା କର୍ମୀଙ୍କ ଗହଣରେ ବିଜୟ ଉତ୍ସବ ମନାଉଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ପାଇଁ ଭୋଟ ଗଣତି ସରିଛି। ମଙ୍ଗଳବାର ସକାଳ ୮ଟାରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏହି ଗଣତି ଆରମ୍ଭ ହୋଇଥିଲା। ଗଣତି ଫଳ ଅନୁସାରେ ଭାଜପାକୁ ଲୋକ ସଭା ସହିତ ମହାକାଳପଡ଼ା ବିଧାନସଭା ଆସନ ମିଳିଛି। ବିଜେଡି ପ୍ରାର୍ଥୀ ପାଟକୁରା, କେନ୍ଦ୍ରାପଡ଼ା ଓ ଆଳି ଆସନ ଜିତିଛନ୍ତି। କେନ୍ଦ୍ରାପଡ଼ା ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା ଜିତିଛନ୍ତି। ସେ ୮୯,୫୭୪ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଗୀତାଞ୍ଜଳି ସେଠୀଙ୍କୁ ୫୪,୪୨୪ ଖଣ୍ଡ ଭୋଟ ମିଳିଛି। ଏଠାରେ ଗଣେଶ୍ୱର ୩୫,୧୫୦ ଖଣ୍ଡ ଭୋଟରେ ଜିତିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଲଳିତ କୁମାର ବେହେରାଙ୍କଠାରୁ ୧୮,୧୩୪ ଖଣ୍ଡ ଅଧିକ ଭୋଟରେ ବିଜୟୀ ହୋଇଛନ୍ତି। ଧ୍ରୁବଙ୍କୁ ୮୦,୮୧୬ ଖଣ୍ଡ ଭୋଟ ମିଳିଥିବା ବେଳେ ଲଳିତଙ୍କୁ ୬୨,୬୮୨ ଖଣ୍ଡ ଭୋଟ ମିଳିଛି। ସେହିପରି ଆଳି ବିଧାନସଭା କ୍ଷେତ୍ରର ଶେଷ ରାଉଣ୍ଡ ଭୋଟ ଗଣତି ପରେ ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ୧୯,୬୨୯ ଖଣ୍ଡ ଭୋଟରେ ଜିତିଛନ୍ତି। ସେ ୭୩,୬୭୮ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଦେବସ୍ମିତା ଶର୍ମା ୫୪,୦୪୯ ଖଣ୍ଡ ପାଇଛନ୍ତି। ମହାକାଳପଡ଼ା ବିଧାନସଭା କ୍ଷେତ୍ରରେ ବିଜେଡି ଓ ଭାଜପା ମଧ୍ୟରେ ଷଷ୍ଠ ପର୍ଯ୍ୟାୟ ଗଣତି ପର୍ଯ୍ୟନ୍ତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଏଠାରେ ଶେଷ ପର୍ଯ୍ୟାୟ ଭୋଟ ଗଣତି ପରେ ଭାଜପା ପ୍ରାର୍ଥୀ ଦୁର୍ଗାପ୍ରସନ୍ନ ନାୟକ ୩୩,୨୧୪ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କୁ ହରାଇଛନ୍ତି। ଦୁର୍ଗାପ୍ରସନ୍ନ ୧,୦୮,୮୨୩ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ଅତନୁ ସବ୍ୟସାଚୀ ୭୫,୫୦୯ ଖଣ୍ଡ ଭୋଟ ପାଇଛନ୍ତି। ପାଟକୁରା ବିଧାନସଭା ଆସନ ପାଇଁ ଶେଷ ପର୍ଯ୍ୟାୟ ଗଣତି ହୋଇଛି। ଏହି ଗଣତିରେ ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ତେଜେଶ୍ୱର ପରିଡାଙ୍କଠାରୁ ୧୩,୭୦୧ ଖଣ୍ଡ ଭୋଟରେ ହରାଇଛନ୍ତି। ଅରବିନ୍ଦ ୯୦,୨୭୮ ଖଣ୍ଡ ଭୋଟ ପାଇଥିବା ବେଳେ ତେଜେଶ୍ୱର ୭୬,୫୭୭ ଖଣ୍ଡ ଭୋଟ ପାଇଛନ୍ତି।

# କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ବୈଜୟନ୍ତ ବିଜୟୀ

କେନ୍ଦ୍ରାପଡ଼ା, ୪।୬ (ଜଗନ୍ନାଥ ଧଳ)

ଦେଶ ସ୍ୱାଧୀନତାର ୭୬ବର୍ଷ ପରେ ପ୍ରଥମ ଥର ପାଇଁ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନରେ ଭାଜପା ବିଜୟୀ ହୋଇଛି। ଏହି ନିର୍ବାଚନ କ୍ଷେତ୍ରର କେନ୍ଦ୍ରାପଡ଼ା ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ବିଜେଡିର ଅଂଶୁମାନ ମହାନ୍ତିଙ୍କଠାରୁ ଆଗରେ ଅଛନ୍ତି। ତେବେ ରାଜନଗର ବିଧାନସଭା କ୍ଷେତ୍ରରେ ଅଂଶୁମାନ ତାଙ୍କଠାରୁ ୧୬,୧୩୯ ଖଣ୍ଡ ଭୋଟରେ ଆଗୁଆ ଥିଲେ। ଅଂଶୁମାନ ୯୦,୧୫୪ ଖଣ୍ଡ ଭୋଟ ପାଇଥିବା ବେଳେ ବୈଜୟନ୍ତ ୭୪,୦୧୫ ଖଣ୍ଡ ଭୋଟ ପାଇଛନ୍ତି। କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରରେ ବୈଜୟନ୍ତଙ୍କୁ ୭୫,୯୩୭ ଖଣ୍ଡ ଭୋଟ ମିଳିଥିବା ବେଳେ ଅଂଶୁମାନଙ୍କୁ ୬୯ ହଜାର ଭୋଟ ମିଳିଛି। ବୈଜୟନ୍ତଙ୍କୁ ଆଳି ବିଧାନସଭା କ୍ଷେତ୍ରରେ ୭୪,୧୨୪, ପାଟକୁରାରେ ୯୫,୫୭୫ ଓ ମହାକାଳପଡା ବିଧାନସଭା କ୍ଷେତ୍ରରେ ୧,୧୨,୯୯୯ ଖଣ୍ଡ ଭୋଟ ମିଳିଛି। ଅପରପକ୍ଷରେ ଅଂଶୁମାନଙ୍କୁ ଆଳି ବିଧାନସଭା କ୍ଷେତ୍ରରେ ୭୦,୪୮୪, ପାଟକୁରାରେ୭୫,୧୯୭ଓମହାକାଳପଡା ବିଧାନସଭା କ୍ଷେତ୍ରରେ ୭,୨୨୭୧ ଖଣ୍ଡ ଭୋଟ ମିଳିଛି। ଜିଲାର ୫ ବିଧାନସଭା କ୍ଷେତ୍ରରୁ ବୈଜୟନ୍ତଙ୍କୁ ୫୨,୨୯୭ ଖଣ୍ଡ ଭୋଟ ଅଂଶୁମାନଙ୍କଠାରୁ ଅଧିକ ମିଳିଛି।

# ୨୦ହଜାରୁ ଅଧିକ ଭୋଟରେ ବିଜୟୀ ହେଲେ ଧ୍ରୁବ



ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁ ବିଜୟ ପରେ ନିର୍ବାଚନ ଅଧିକାରୀଙ୍କଠାରୁ ସାର୍ଟିଫିକେଟ ଗ୍ରହଣ କରୁଛନ୍ତି।

ରାଜନଗର,୪।୬(ଭାସ୍କର ରାଉତରାୟ)

ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁ ବିଜୟୀ ହୋଇଛନ୍ତି। ସେ ୨ୟ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଗତ ୨୦୧୯ ବିଧାନସଭା ନିର୍ବାଚନରେ ଧ୍ରୁବ ୧୮,୪୦୮ ଭୋଟରେ ବିଜୟୀ ହୋଇଥିବା ବେଳେ ୨୦୨୪ରେ ୨୦ ହଜାରରୁ ଅଧିକ ଭୋଟରେ ବିଜୟ ଲାଭ କରିଛନ୍ତି। ଭାଜପା ପ୍ରାର୍ଥୀ ଲଳିତ କୁମାର ବେହେରା ୨ୟ ସ୍ଥାନରେ ଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ପ୍ରତିହାରୀ ୩ୟ ସ୍ଥାନରେ ରହିଛନ୍ତି।

# କୋଲର ପଞ୍ଚାୟତରେ ଭାଜପା ବିଜୟ ଉତ୍ସବ ପାଳିଲା



କୋଲର ପଞ୍ଚାୟତରେ ଭାଜପା କର୍ମୀମାନେ ଉତ୍ସବ ମନାଉଛନ୍ତି।

ତିର୍ତ୍ତୋଲ, ୪।୬ ( ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ତଥା ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋଲର ପଞ୍ଚାୟତରେ ମଙ୍ଗଳବାର ଭାଜପାର ବିଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ତାରତୋଲଠାରେ ଦଳୀୟ କର୍ମୀମାନେ ଏକାଠି ହୋଇ ପାରାଦୀପର ନବ ନିର୍ବାଚିତ ବିଧାୟକ ସମ୍ପଦ ସ୍ୱାଇଁଙ୍କ ପାଇଁ ନାରା ଦେଇଥିଲେ। ଏଥିସହ ରାଜ୍ୟରେ ଭାଜପାର ବିଜୟ ହୋଇଥିବାରୁ ବାଣ ଫୁଟାଇ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇ ଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକର୍ତ୍ତା ମିଳନ ସ୍ୱାଇଁ, ପଞ୍ଚାୟତ ସଭାପତି ନଳିନୀ କୁମାର ପାଣି, ବରିଷ୍ଠ କର୍ମୀ ନଣ୍ଡା ମହାନ୍ତି, ଅଭୟ ରାଉତ, ବିଜୟ ବେହେରା, ସ୍ୱାଧୀନ ରାଉତ, ସମରେନ୍ଦ୍ର ରାଉତ, ନରୋତ୍ତମ ରାଉତ, ଅଜୟ ସୂତାର, ରୋହିତ ସୂତାର, ପ୍ରଦୀପ୍ତ ବେହେରା, ମୟାଧର ବେହେରା, ନୃସିଂହ ସାହୁ, ବାବୁନି ନାଥ, ବୁଟୁ ବେହେରା ଓ ପ୍ରଶାନ୍ତ ମିଶ୍ରଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ପାଟକୁରାରୁ ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦଙ୍କ ବିଜୟ

ଡେରାବିଶ, ୪।୬(ବେବର୍ତ୍ତା ଅଜୟ ଦାସ)

## ଦଳୀୟ କର୍ମୀ ମହଲରେ ବିଜୟ ଉଲ୍ଲାସ



ବିଜୟ ପରେ ଅରବିନ୍ଦ ମହାପାତ୍ର କର୍ମୀଙ୍କ ଗହଣରେ ଖୁସି ମନାଉଛନ୍ତି।

ଚଳିତ ୨୦୨୪ ନିର୍ବାଚନର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ୯୬-ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ବିଜୟୀ ହେବା ପରେ ଦଳୀୟ କର୍ମୀମାନଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ଅରବିନ୍ଦ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ାଙ୍କୁ ୧୩,୮୩୯ ଭୋଟରେ ପରାଜିତ କରିଛନ୍ତି। ଏ ନେଇ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଦଳୀୟ କର୍ମୀମାନଙ୍କ ଦ୍ୱାର ଗାଁ ଦାଣ୍ଡକୁ ଉତ୍ସବମୁଖର କରିଛନ୍ତି। ନିଜର ପ୍ରତିକ୍ରିୟାରେ ଅରବିନ୍ଦ ପାଟକୁରାର ଭୋଟର ଓ ବିଶେଷକରି ଦଳୀୟକର୍ମୀଙ୍କୁ କୃତଜ୍ଞତା ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ବାପା ବିଜୟ ମହାପାତ୍ରଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ପାଟକୁରାର ବିକାଶ ପାଇଁ ସେ ନିଜର ସଂଗ୍ରାମ ଜାରି ରଖିବେ ବୋଲି ଅରିବନ୍ଦ କହିଛନ୍ତି।

# ଆଳିରୁ ପ୍ରତାପ ଦେବ ବିଜୟୀ



ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବଙ୍କୁ କର୍ମୀମାନେ ବିଜୟ ଶୋଭାଯାତ୍ରାରେ ନେଉଛନ୍ତି।

ଆଳି,୪।୬(ବନମାଳୀ ସେନାପତି)

୨୦୨୪ ସାଧାରଣ ନିର୍ବାଚନର ମଙ୍ଗଳବାର ଫଳାଫଳ ପ୍ରକାଶ ପାଇବା ପରେ ରାଜ୍ୟ ରାଜନୀତିରେ ଅନେକ ବିଧାନସଭା ଆସନ ଭାଜପା ହାତରୁ ଚାଲି ଯାଇଥିବା ବେଳେ ଆଳି ବିଧାନସଭା ଆସନକୁ ପୁନର୍ବାର ଦଖଲ କରିଛି ବିଜେଡି। ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଡା. ଦେବସ୍ମିତା ଶର୍ମାଙ୍କୁ ୧୯,୬୨୮ ଖଣ୍ଡ ଭୋଟରେ ହରାଇ ବିଜୟ ଲାଭ କରିଛନ୍ତି। ଦେବ ମୋଟ ୭୩,୬୭୮ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସର ଶର୍ମା ୫୪,୦୫୦ ଓ ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ୪୪,୮୫୨ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ପର୍ଶୁରାମ ଦାସ ୨୭୨, ଶ୍ରୀରାମ ପାଣ୍ଡେ ୨୧୫ ଓ ବହୁଜନ ସମାଜ ପାର୍ଟିର ପ୍ରଶାନ୍ତ ସେଠୀ ୩୦୫ ଭୋଟ ପାଇଥିବା ଜଣାପଡିଛି। ଆଳିରେ ବିଜେଡି ପ୍ରାର୍ଥୀ ଦେବ ବିଜୟ ଲାଭ କରିବା ପରେ ବିଜେଡି କର୍ମୀମାନେ ବାଣ ଫୁଟାଇ ଖୁସି ମନାଇଛନ୍ତି। ପ୍ରତାପଙ୍କୁ ପତ୍ରପୁର ସେତୁ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଆଳି ପର୍ଯ୍ୟନ୍ତ ଆଣାଯାଇଥିଲା।

# ରାଜଶ୍ରୀଙ୍କୁ ୪୦ ହଜାର ଭୋଟରେ ହରାଇଲେ ବିଭୁ

ଜଗତ୍‌ସିଂହପୁର, ୪।୬ (ପ୍ରମୋଦ କୁମାର ନାୟକ)

## ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ

ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ଫଳାଫଳ ପ୍ରଥମ ଥର ପାଇଁ ଭାଜପା ସପକ୍ଷରେ ଯାଇଛି।ଏହି ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ୪୦,୬୯୬ ଭୋଟ ବ୍ୟବଧାନରେ ପରାସ୍ତ କରି ଭାଜପାର ବିଭୁ ପ୍ରସାଦ ତରାଇ ବିଜୟୀ ହୋଇଛନ୍ତି। ବିଭୁଙ୍କୁ ୫,୮୯,୦୯୩ ଓ ରାଜଶ୍ରୀଙ୍କୁ ୫,୪୮,୩୯୭ ଖଣ୍ଡ ଭୋଟ ମିଳିଛି। ବଡ କଥା ହେଲା,୨୦୧୯ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଭୁଙ୍କୁ ରାଜଶ୍ରୀ ରେକର୍ଡ ସଂଖ୍ୟକ ଅର୍ଥାତ୍ ୨,୭୧,୬୫୫ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ରାଜଶ୍ରୀଙ୍କୁ ୬,୧୯,୯୮୫ ଓ ବିଭୁଙ୍କୁ ୩,୪୮,୩୩୦ ଖଣ୍ଡ ଭୋଟ ମିଳିଥିଲା। କଂଗ୍ରେସ ପ୍ରାର୍ଥୀ ପ୍ରତିମା ମଲ୍ଲିକଙ୍କୁ ୨,୩୯,୬୮୪ ଖଣ୍ଡ ଭୋଟ ମିଳିଥିଲା। କିନ୍ତୁ ଚଳିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର କୁମାର ସେଠୀଙ୍କୁ ୧,୨୩,୫୭୦, ସିପିଆଇର ରମେଶ ଚନ୍ଦ୍ର ସେଠୀଙ୍କୁ ୮୧୩୦, ଆମ୍ବେଦକର ପାର୍ଟି ଅଫ ଇଣ୍ଡିଆର ପିୟୁଷ ଦାସଙ୍କୁ ୩୨୩୦, ବିଏସ୍‌ପିର ବିଭୂତି ଭୂଷଣ ମାଝୀଙ୍କୁ ୨୭୪୦, ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ ଇଣ୍ଡିଆ (କମ୍ୟୁନିଷ୍ଟ)ର ମହେଶ୍ୱର ଦାସଙ୍କୁ ୨୩୮୪, ସ୍ୱାଧୀନ ପ୍ରାର୍ଥୀ ଶଙ୍କର ଦାସଙ୍କୁ ୧୪୮୮, ସମୃଦ୍ଧ ଓଡ଼ିଶାର ସିଲି ମଲ୍ଲିକଙ୍କୁ ୯୩୦, ସ୍ୱାଧୀନ ଅର୍ଜୁନ ଚରଣ ବେହେରାଙ୍କୁ ୭୬୬, ଉତ୍କଳ ସମାଜର ଭାନୁମତି ଦାସଙ୍କୁ ୬୭୭ ଓ ନୋଟାରେ ୪୮୮୨ ଖଣ୍ଡ ଭୋଟ ଯାଇଛି। ୨୦୦୯ରୁ ଏ ପର୍ଯ୍ୟନ୍ତ ଦେଖିଲେ ଜଣାଯାଏ, ଚଳିତ ନିର୍ବାଚନର ଭାଜପା ପ୍ରାର୍ଥୀ ବିଭୁ ପୃଥକ ନିର୍ବାଚନରେ ପୃଥକ ଦଳରେ ପ୍ରାର୍ଥୀ ହୋଇଛନ୍ତି। ୨୦୦୯ ସାଧାରଣ ନିର୍ବାଚନରେ ସେ ବିଜେଡି ସମର୍ଥିତ ସିପିଆଇରୁ ପ୍ରାର୍ଥୀ ହୋଇ କଂଗ୍ରେସର ରବୀନ୍ଦ୍ର କୁମାର ସେଠୀଙ୍କଠାରୁ ୭୬,୭୩୫ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଥିଲେ। ବିଭୁଙ୍କୁ ୪,୫୭,୨୩୪ ଓ ରବିନ୍ଦ୍ରଙ୍କୁ ୩,୮୦,୪୯୯ ଖଣ୍ଡ ଭୋଟ ମିଳିଥିଲା। ଅନୁରୂପ ଭାବେ ୨୦୧୪ରେ ବିଭୁ କଂଗ୍ରେସ ଟିକେଟରେ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ସେତେବେଳେ ତାଙ୍କ ସମ୍ପର୍କୀୟ କୁଳମଣୀ ସାମଲ ବିଜେଡିରୁ ଟିକେଟ ପାଇ ବିଭୁଙ୍କଠାରୁ ୨,୭୬,୩୯୪ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଥିଲେ। କୁଳମଣୀଙ୍କୁ ୬,୨୪,୪୯୨ ଓ ବିଭୁଙ୍କୁ ୩,୪୮,୦୯୮ ଖଣ୍ଡ ଭୋଟ ମିଳିଥିଲା।

# ବିଜୟ ଲାଭ ପରେ ମା'ଙ୍କ ଆଶୀର୍ବାଦ ନେଲେ ସାରଦା ପ୍ରସନ୍ନ



ଜିତିବା ପରେ ସାରଦା ପ୍ରସନ୍ନ ଜେନାଙ୍କୁ ତାଙ୍କ ମା' କୋଳାଗ୍ରତ କରୁଛନ୍ତି।

ଏରସମା,୪।୬(ଦୀପ୍ତି ଖଣ୍ଡୁଆଳ )

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସତ୍ୟ ସାରଥି ମହାନ୍ତିଙ୍କଠାରୁ ୨୫,୯୫୯ ଭୋଟରେ ବିଜୟ ଲାଭ କରିବା ପରେ ଏରସମାରେ ଆନନ୍ଦର ଲହରି ଖେଳିଯାଇଛି। ଜେନା ବିଜୟୀ ହେବା ପରେ ତାଙ୍କ ମା'ଙ୍କୁ କୋଳାଗ୍ରତ କରିଥିଲେ। ମା' ତାଙ୍କ ମୁଣ୍ଡରେ ହାତ ରଖି ଆଶୀର୍ବାଦ କରିଥିଲେ। ଏଥିସହ ସେ ଏରସମାର ଅଧିଷ୍ଠାତ୍ରୀ ଦେବୀ ମା'ବୁଢୀ ଜାଗୁଳାଈଙ୍କ ମନ୍ଦିରକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଜେଡି ବ୍ଲକ ସଭାପତି ପୀତବାସ ଗୋଛାୟତ, ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସଭାପତି ପାର୍ଥ ସାରଥି ରାଉତ, ବିଜେଡି ଉପସଭାପତି ବିଜୟ କୁମାର ସ୍ୱାଇଁ, ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମାର ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଅମ୍ବିକୀ ସରପଞ୍ଚ ରଞ୍ଜନ କୁମାର ଦେଠୀ, ନିତ୍ୟାନନ୍ଦ ମନ୍ତ୍ରୀ, ଯୁବ ନେତା ବରଦା ପ୍ରସନ୍ନ ରାଉତ ପ୍ରମୁଖ ଏରସମାସ୍ଥିତ ଜେନାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଫୁଲତୋଡା ଓ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ। ଏରସମା ବଜାରରେ ଜେନାଙ୍କ ସମର୍ଥକମାନେ ଆନନ୍ଦିତ ହୋଇ ବାଣ ଫୁଟାଇ ଥିଲେ।

ଏହି ଅବସରରେ ସାରଦା କହିଛନ୍ତି, ବିଜୟର ସମସ୍ତ ଶ୍ରେୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ପ୍ରଦାନ କରିବି। ନିର୍ବାଚନମଣ୍ଡଳୀର ଯୁବତୀ,ଯୁବକମାନଙ୍କୁ ଶିଳ୍ପ କ୍ଷେତ୍ରରେ କିପରି ନିଯୁକ୍ତି ଦିଆଯାଇପାରିବ ସେନେଇ ମୁଁ ଅଧିକ ଗୁରୁତ୍ୱ ଦେବି।

# ପାରାଦୀପରେ ଭାଜପାର ବିଜୟ, ବିଜେଡିକୁ ଶକ୍ତ ଧକ୍କା

ପାରାଦୀପ,୪।୬(ଶରତ ରାଉତ)



ଫଳାଫଳ ଘୋଷଣା ପରେ ଭାଜପା କର୍ମୀମାନେ ଜିରୋପଏଣ୍ଟଠାରେ ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କ ସହ ବିଜୟ ଉତ୍ସବ ମନାଉଛନ୍ତି।

ପାରାଦୀପ ନିର୍ବାଚନମଣ୍ଡଳୀରେ ପ୍ରଥମ ଥର ପାଇଁ ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ବିଜୟୀ ହୋଇଛନ୍ତି। ୨୦୦୯ ରୁ ପାରାଦୀପ ଆସନ ହୋଇଥିଲା। ସେବେଠାରୁ ଉକ୍ତ ଆସନରେ ବିଜେଡି ପ୍ରାର୍ଥୀ ଜିତୁଥିଲେ। ବିଶେଷକରି ଦିବଂଗତ ନେତା ଦାମୋଦର ରାଉତଙ୍କ ଏହା ରାଜନୈତିକ ଗଡ ଥିଲା।୨୦୧୫ରେ ଭାଜପା ମାତ୍ର ୫୩୧ ଭୋଟ ପାଇଥିଲା।୨୦୧୯ରେ ୩୭ ହଜାର ଭୋଟ ପାଇଥିଲା। ଏବେ ୨୦୨୪ରେ ବିଜୟୀ ହୋଇଛି। ଫଳାଫଳ ଘୋଷଣା ମୁତାବକ, ଭାଜପା ପ୍ରାର୍ଥୀ ସମ୍ପଦଙ୍କୁ ୮୪୫୧୮, ବିଜେଡି ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟଙ୍କୁ ୬୮୭୩୧ ଭୋଟ ମିଳିଛି। ଅନ୍ୟତମ ଜାତୀୟ ଦଳ କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ନାୟକଙ୍କୁ ମାତ୍ର ୭୬୧୦ ଖଣ୍ଡ ଭୋଟ ମିଳିଛି। କଂଗ୍ରେସ ବିଗତ ନିର୍ବାଚନଗୁଡ଼ିକରେ ୪୫ରୁ ୪୮ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହୁଥିଲା। ଅନ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ବିଏସ୍‌ପିର ସୁଜାତା ମଲ୍ଲିକଙ୍କୁ ୫୦୧, ସିପିଆଇର ଜିନ୍ମୟୀ ସାହାଣୀଙ୍କୁ ୧୨୯୮, ସ୍ୱାଧୀନ ପ୍ରାର୍ଥୀ ଅନୋଜ କୁମାର ରାଉତଙ୍କୁ ୧୯୭, ଉମାକାନ୍ତ ଭରତଙ୍କୁ ୪୦୦, କୃପାସିନ୍ଧୁ ଦାସଙ୍କୁ ୧୯୯ ଓ ନୋଟାରେ ୪୯୧ ଭୋଟ ମିଳିଛି। ବିଜେଡିର ପରାଜୟ ପାଇଁ ଅନେକ କାରଣ ରହିଛି ବୋଲି କୁହାଯାଇଛି, ଯଥା ପ୍ରାର୍ଥୀ ଚୟନ ଠାରୁ ଆରମ୍ଭ କରି ମତଦାନ ଦିବସ ପର୍ଯ୍ୟନ୍ତ ଦଳୀୟକନ୍ଦଳ ତୀବ୍ର ଥିବା ସ୍ପଷ୍ଟ ଜଣାପଡିଥିଲା। ଗୀତାଞ୍ଜଳି ହେଉଛନ୍ତି ବର୍ତ୍ତମାନ ବିଧାୟକ ଥିବା ସମ୍ବିତ ରାଉତରାୟଙ୍କ ସ୍ତ୍ରୀ ଓ ଦାମବାବୁଙ୍କ ବୋହୂ। ପରିବାରବାଦ ବୋଲି ଆରମ୍ଭରୁ ଦଳୀୟ ଲୋକେ ବିରୋଧ କରିଥିଲେ। ଏହି ଆସନ ପାଇଁ ଏକାଧିକ ଆଶାୟୀ ଥିଲେ। ସେମାନଙ୍କ ମଧ୍ୟରେ କଂଗ୍ରେସରୁ ଆସି ବିଜେଡିରେ ମିଶିଥିବା ଅରିନ୍ଦମ ସର୍ଖେଲ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପ୍ରମୋଦ ଜେନା, ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଥିଲେ। ଗୀତାଞ୍ଜଳିଙ୍କ ନାମ ଘୋଷଣା ପରେ ଅସନ୍ତୋଷ ବଢ଼ିଥିଲା। ଏନେଇ ଦଳୀୟ କର୍ମୀମାନେ ପ୍ରତିଶୋଧ ନେବା ଲାଗି ଭାଜପାରେ ମିଶିଥିଲେ। ଗୀତାଞ୍ଜଳିଙ୍କ ପାଇଁ ମଙ୍ଗ ଧରିଥିଲେ ସମ୍ବିତ। ସେ ଅସନ୍ତୁଷ୍ଟ କର୍ମୀଙ୍କୁ ମନାଇବା ବଦଳରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚର୍ଚ୍ଚା ହୋଇଥିଲା। ଏହା ତାଙ୍କର ପରିଚାଳନା ଗତ ତ୍ରୁଟି ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷେ ରାଜ୍ୟରେ ପରିବର୍ତ୍ତନ ହେବ ବୋଲି ଆଲୋଚନା ଜୋର ଧରିଥିଲା। ଅଧିକ ନେତା ଗୋଟିଏ ଦଳରେ ପ୍ରଚାରରେ ମିଶିବା ଫଳରେ ଭିନ୍ନ ବାର୍ତ୍ତା ଲୋକଙ୍କ ପାଖକୁ ଯାଇଥିଲା।

## ପରିବାରବାଦ, ପରିବର୍ତ୍ତନ, ପ୍ରତିଶୋଧ, ପରିଚାଳନାଗତ ତ୍ରୁଟି, ପରାଜୟର କାରଣ

ଜିତିବାର ଶ୍ରେୟ ସମ୍ପଦ ନିର୍ବାଚନମଣ୍ଡଳୀର ମତଦାତାଙ୍କୁ ଦେବା ସହ କର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ପାରାଦୀପରେ ହେଉଥିବା ଅନ୍ୟାୟ, ଦୁର୍ନୀତି ବିରୋଧରେ ଏହି ଜନମତ ଯାଇଛି। ମାଟିର ପୁଅ ହିସାବରେ ପ୍ରତ୍ୟେକ ସମୟରେ ଲୋକଙ୍କ ସହ ରହି ପାରାଦୀପର ବିକାଶ କରିବା ତାଙ୍କ ଲକ୍ଷ୍ୟ ରହିଛି।

# ୩ ବିଧାନସଭାରେ ୩ ଦଳ, ଲୋକସଭାରେ ଭାଜପା

ଫୁଲବାଣୀ/ଜି.ଉଦୟଗିରି/ବାଲିଗୁଡା, ୪।୬(ରାକେଶ କୁମାର ରାଉତ/ଶିଶିର ପଟ୍ଟନାୟକ/ସଞ୍ଜୟ ପାଣିଗ୍ରାହୀ)

ଓଡ଼ିଶା ବିଧାସଭା ଏବଂ ଲୋକସଭା ନିର୍ବାଚନର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି । କନ୍ଧମାଳ ଜିଲାରେ ଥିବା ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ୩ ପ୍ରମୁଖ ଦଳ ଗୋଟିଏ ଗୋଟିଏ କରି ଜିତିଛନ୍ତି। କନ୍ଧମାଳ ଏମ୍‌ପି ନିର୍ବାଚନୀ ମଣ୍ଡଳୀରେ ଏଥର ବିଜେଡିର ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କଠାରୁ ଭାଜପା ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ବହୁ ଭୋଟ ବ୍ୟବଧାନରେ ଆଗରେ ରହିଛନ୍ତି।

ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ଉମାଚରଣ ମଲ୍ଲିକ, ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଓ ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ବିଜେଡିର ଚକ୍ରମଣୀ କହଁର ବିଜୟୀ ହୋଇଛନ୍ତି।

ଚଳିତ ନିର୍ବାଚନରେ ବିଜେଡି ସମସ୍ତ ସିଟ୍ ଜିତିବ ବୋଲି ଦଳୀୟ ପ୍ରାର୍ଥୀ ଏବଂ କର୍ମୀ ବହୁ ଜୋରରେ ଚିତ୍କାର କରୁଥିଲେ । ସେହି ଅନୁସାରେ କନ୍ଧମାଳ ଜିଲାରେ ପ୍ରଥମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆସି ଏଠାରେ ନିର୍ବାଚନ ପ୍ରଚାର କରିଥିଲେ । କିନ୍ତୁ ସବୁ ପରେ ମୋଦୀଙ୍କ ଲହର ଏଠାରେ ଦେଖିବାକୁ ମିଳିଲା। ଜିତିବା ଆଶା କରି ନ ଥିବା ଭାଜପା ପ୍ରାର୍ଥୀ ବିଶେଷ କରି ଲୋକସଭାରେ ସୁକାନ୍ତ ପାଣିଗ୍ରାହୀ ବାଜି ମାରିଲେ । ସେହିପରି ଫୁଲବାଣୀ ବିଧାନସଭାରେ ଜିତିଥିବା ଭାଜପା ପ୍ରାର୍ଥୀ ଉମାଚରଣ ମଲ୍ଲିକ ମୋଟ ବାଲାଟ ଭୋଟକୁ ମିଶାଇ ୫୩ ହଜାର ୯୦୦ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଜୟଶ୍ରୀ କହଁର ୫୧ ହଜାର ୪୨ ଖଣ୍ଡ ଭୋଟ ପାଇଛନ୍ତି। ଉମାଚରଣ ମୋଟ

## କନ୍ଧମାଳ ଜିଲା

୨୮୫୮ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଛନ୍ତି। ସେହିପରି ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିଜେଡି ଏବଂ କଂଗ୍ରେସ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଛି । ବିଜେଡି ପ୍ରାର୍ଥୀ ତଥା ବିଧାୟକ ଚକ୍ରମଣୀ କହଁର ବାଲାଟ ଭୋଟକୁ ମିଶାଇ ୪୩ ହଜାର ୫୮୬ ଖଣ୍ଡ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ ୪୧ ହଜାର ୯୧୫ ଖଣ୍ଡ ଭୋଟ ପାଇଛନ୍ତି। ଚକ୍ରମଣୀ ମୋଟ ୧୬୭୧ ଖଣ୍ଡ ଅଧିକ ପାଇ ବିଜୟୀ ହୋଇଛନ୍ତି । ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୨ ରାଉଣ୍ଡ ଶେଷ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ୫୨ ହଜାର ୮୭୯ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ମାନଗୋବିନ୍ଦ ପ୍ରଧାନ ୪୫ ହଜାର ୧୪୦ ଖଣ୍ଡ ଭୋଟ ଏବଂ ଉପ ବାଚସ୍ପତି ତଥା ବିଜେଡି ପ୍ରାର୍ଥୀ ସାଲୁଗା ପ୍ରଧାନ ୩୯ ହଜାର ୯୬୭ ଖଣ୍ଡ ପାଇଛନ୍ତି। କଂଗ୍ରେସର ପ୍ରଫୁଲ୍ଲ ପ୍ରଧାନ ୭୭୩୯ ଖଣ୍ଡ ଭୋଟରେ ଆଗରେ ରହିଛନ୍ତି। ଆଉ ଗୋଟିଏ ରାଉଣ୍ଡ ଗଣତି ବାକି ରହିଛି ।

ସେହିପରି ଲୋକସଭା ଆସନରେ ରିପୋର୍ଟ ଲେଖା ହେଲା ବେଳକୁ ଭାଜପାର ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ୪ ଲକ୍ଷ ୧୬ ହଜାର ୪୧୫ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିର ଅଚ୍ୟୁତ ସାମନ୍ତ ୩ ଲକ୍ଷ ୯୫ ହଜାର ୪୪ ଖଣ୍ଡ ପାଇ ଏବେବି ୨୧ ହଜାର ୩୭୧ ଖଣ୍ଡ ଭୋଟରେ ପଛୁଆ ରହିଛନ୍ତି।

ସୂଚନାଯୋଗ୍ୟ, କନ୍ଧମାଳ ଲୋକସଭାକୁ ବିଜେଡି ଗତ ୨୦୦୪ ସାଧାରଣ ନିର୍ବାଚନ ପରଠାରୁ ନିଜ ଅକ୍ତିଆରରେ ରଖି ଆସିଥିଲା। ୨୦୦୪ରେ ସୁଗ୍ରୀବ ସିଂ, ୨୦୦୯ରେ ରୁଦ୍ରମାଧବ ରାୟ, ୨୦୧୪ରେ ହେମେନ୍ଦ୍ର ସିଂ ଏବଂ ତାଙ୍କ ମୃତ୍ୟୁପରେ ସ୍ତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉପ ନିର୍ବାଚନରେ ବହୁ ଭୋଟ ବ୍ୟବଧାନରେ ଜିତିଥିଲେ।ସେହି ଧାରାକୁ ବିଜେଡି ବଜାୟ ରଖି ୨୦୧୯ରେ ପ୍ରାର୍ଥୀ ଅଚ୍ୟୁତ୍ ସାମନ୍ତ ୧ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଭାଜପାର ଖାରାବେଳ ସ୍ୱାଇଁଙ୍କୁ ହରାଇ ନିର୍ବାଚନ ଜିତିଥିଲେ।

## ମଦ ଜବତ, ଜଣେ ଗିରଫ

ଜୟପୁର, ୪।୬(ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ୟାକେଟରେ ଭର୍ତ୍ତି କରାଯାଉଥିବା ବେଳେ ଜୟପୁର ଅବକାରୀ ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି । ସେ ହେଲେ ଗଡପଦର ନିକଟସ୍ଥ ଡାବୁଗୁଡା ଗ୍ରାମର ହରି ଟାକରି (୪୯) । ହରି ଦେଶୀ ମଦ ପ୍ରସ୍ତୁତ କରୁଥିବା ସୂଚନା ପାଇ ଅବକାରୀ କର୍ମଚାରୀମାନେ ଡାବୁଗୁଡା ଗ୍ରାମରେ ଚଢାଉ କରି ହରିଙ୍କୁ ଧରିଥିଲେ। ସେ ଦେଶୀ ମଦ ପ୍ୟାକେଟ କରି ବିକ୍ରି କରିବା ଲାଗି ଯୋଜନା କରୁଥିବା ବେଳେ ସୂଚନା ପାଇ ପୋଲିସ ଚଢାଉ କରିଥିଲା। ତାଙ୍କଠାରୁ ୧୪ ଲିଟର ଦେଶୀ ମଦ, ସିଲିଂ ମେଶିନ ଓ ମଦ ପାଉଚ ଜବତ ହୋଇଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓଆଇସି ନିଳାଦ୍ରିବାହିରୀ ମିଶ୍ର କହିଛନ୍ତି ।

## ସଂକ୍ଷେପରେ

### ବଜ୍ରପାତରେ ୨ ମୃତ

ପାପଡ଼ାହାଣ୍ଡି, ୪।୬
(ସ୍ୱପ୍ନଜିତ ପଟ୍ଟନାୟକ)

କାଲ ବୈଶାଖୀରେ ପ୍ରଭାବରେ ମଙ୍ଗଳବାର ନବରଙ୍ଗପୁର ଜିଲା ପାପଡ଼ାଡାଣ୍ଡିରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏଠାରେ ବଜ୍ରପାତରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ସେମାନେହେଲେ ପାପଡ଼ାହାଣ୍ଡି ବ୍ଲକ ମାଝିଗୁଡ଼ା ପଞ୍ଚାୟତ ଗିରଲିଗୁଡ଼ା ଗ୍ରାମର କୁମର ହରିଜନ (୪୦) ଓ ମଇଦଲପୁର ଥାନା ଅଧୀନ ମୁଦୁଲିଆଗୁଡା ଗ୍ରାମର ଡମ୍ବୁ ଗୌଡ଼। ସୂଚନା ପ୍ରକାରେ ଅପରାହ୍ନ ୪ ଘଣ୍ଟାରେ କୁମର ଆମ୍ବସଢା କାଢ଼ିବାକୁ ନିଜ ଘର ଛାତ ଉପରକୁ ଯାଇଥିଲେ। ସେହି ସମୟରେ ବର୍ଷା ହେବା ସହ ବିଜୁଳି ପଡିଥିଲା। ଘଟଣାସ୍ଥଳରେ କୁମରଙ୍କ ମୃତ ହୋଇଥିଲା।

## ଜଗନ୍ନାଥ ସାରକାଙ୍କୁ ହରାଇ କଂଗ୍ରେସର ନୀଳମାଧବ ବିଜୟୀ



ରାୟଗଡା,୪।୬
(ଆଶିଷ ରଞ୍ଜନ ପଣ୍ଡା/ପ୍ରସନ୍ନ କୁମାର ପଣ୍ଡା)

କଂଗ୍ରେସ ପ୍ରାର୍ଥୀ ନୀଳମାଧ ହିକକା ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ୯୪୦୩ ଭୋଟରେ ପରାଜିତ କରି ବିଜୟୀ ହୋଇଛନ୍ତି। ଏହି ଆସନରେ ନୀଳମାଧ ୬୮,୪୪୬ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜଗନ୍ନାଥ ସାରକା ୫୯୦୪୩ ଖଣ୍ଡ ଭୋଟ ପାଇଛନ୍ତ। ସେହିଭଳି ଭାଜପା ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡ୍ରୁକା ୨୫୪୮୦ ଖଣ୍ଡ ଭୋଟ ପାଇଥିବା ବେଳେ ବିଏସପି ପ୍ରାର୍ଥୀ ଜିତେନ୍ଦ୍ର ଜାକକା ୧୧୯୮୨, ସ୍ୱାଧୀନ ପ୍ରାର୍ଥୀ ନୀଳମାଧ ଉଲାକା ୭୫୫୦ ପାଇଛନ୍ତ। ଏଣେ ୫୨୫୬ ଖଣ୍ଡ ଭୋଟ ନୋଟାରେ ପଡିଛି। ତେବେ ଭୋଟ ଗଣତି ବେଳେ ପ୍ରାରମ୍ଭରୁ ବିଜେଡି ପ୍ରାର୍ଥୀ ଜଗନ୍ନାଥ ଆଗୁଆ ଥିଲେ। ଶେଷ ବେଳକୁ କଂଗ୍ରେସ ପ୍ରାର୍ଥୀ ନୀଳମାଧ ହିକକା ୯୪୦୩ ଖଣ୍ଡ ଭୋଟରେ ତାଙ୍କୁ ମାତ୍ ଦେଇଥିଲେ। ନୀଳମାଧ ବିଜୟୀ ହେବା ପରେ ଭୋଟ ଗଣତି କେନ୍ଦ୍ର ରାୟଗଡା ସହରର ଜିସିଡ଼ି ଉଚ୍ଚ ବିଦ୍ୟାଳୟ ବାହାରେ ତାଙ୍କର ସମର୍ଥକ ଉତ୍ସବ ମନାଇଥିଲେ। ବିଭିନ୍ନ ବ୍ଲକ୍‌ରୁ ଶତାଧିକ କର୍ମୀ ଓ ନେତା ପହଞ୍ଚି ନୀଳମାଧବଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ସମସ୍ତେ ଶୋଭାଯାତ୍ରାରେ ସପ୍ତଗିରି ଉଲାକାଙ୍କ ଘରେ ପହଞ୍ଚି ସେଠାରେ ବିଜୟ ଉତ୍ସବ ମନାଇଥିଲେ। ଦୀର୍ଘ ୧୦ ବର୍ଷ ପରେ କଂଗ୍ରେସ ତାର ପୁରୁଣା ଗଡ ଫେରିପାଇଥିବା କଂଗ୍ରେସ ନେତାମାନେ କହିଛନ୍ତି । ନୀଳମାଧ ତାଙ୍କ ପ୍ରତିକ୍ରିୟାରେ ଏହି ବିଜୟର ଶ୍ରେୟ ସେ ବିଷମକଟକ ଭୋଟରଙ୍କୁ ଦେଇଛନ୍ତି। ପ୍ରକାଶ ଥାଉକି, ନୀଳମାଧବ ୨୦୧୯ରେ କଂଗ୍ରେସ ଦଳର ପ୍ରାର୍ଥୀ ହୋଇ ୧୩,୩୩୨ ଭୋଟରେ ପରାଜିତ ହୋଇଥିଲେ।

## ରୂପେଶ ପାଣିଗ୍ରାହୀ, ଦାଶରଥୀ ଗମାଙ୍ଗ ବିଜୟୀ

ପାରଳାଖେମୁଣ୍ଡି, ୪।୬ (ଗିରିଧାରୀ ପରିଛା):

ଗଜପତି ଜିଲାର ପାରଳାଖେମୁଣ୍ଡି ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଇଂ.ରୂପେଶ କୁମାର ପାଣିଗ୍ରାହୀ ବିଜୟଲାଭ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ କେ. ନାରାୟଣ ରାଓଙ୍କୁ ୪୧୧୫ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଇଂ. ରୂପେଶ କୁମାର ପାଣିଗ୍ରାହୀ ୫୫୧୨୫ ଖଣ୍ଡ ଭୋଟ ପାଇଥିବା ବେଳେ କେ.ନାରାୟଣ ରାଓ ୫୧୦୧୯ ଖଣ୍ଡ ଭୋଟ ପାଇଛନ୍ତି। ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଏହା ଜଣାପଡିଛି। କଂଗ୍ରେସ ପ୍ରାର୍ଥୀ ବିଜୟ କୁମାର ପଟ୍ଟନାୟକ ୩୪୮୧୨ ଭୋଟ, ଆପ ପ୍ରାର୍ଥୀ ମନୋଜ କୁମାର ବଡନାୟକ ୧୩୨୧, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ପ୍ରାର୍ଥୀ ପି. ମୁରଲୀ କ୍ରିଷ୍ଣା ୪୨୨, ମାନସ ଲୋକଶକ୍ତି ଦଳର ପ୍ରାର୍ଥୀ ପବିତ୍ର ସିଂ ୩୦୧, ସ୍ୱାଧୀନ ପ୍ରାର୍ଥୀ ଆମୋଦ କୁମାର ବର୍ଦ୍ଧନ ୩୪୬ , ବିକାଶ ଚନ୍ଦ୍ର ସିଂ ୪୨୯, ବିଦ୍ୟାଧର ମହାଙ୍କୁଡ ୩୯୬, ସଞ୍ଜୟ କୁମାର ରାଉତ ୫୯୧ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ୧୪୬୬ ଖଣ୍ଡ ଭୋଟ ପଡିଥିଲା ।



ରୁପେଶ ପାଣିଗ୍ରାହୀ



ଦାଶରଥୀ ଗମାଙ୍ଗ।

ସେହିପରି ମୋହନା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଦାସରଥୀ ଗମାଙ୍ଗ ୬୧୮୧୮ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କଠାରୁ ୪୨୮୧ ଖଣ୍ଡ ଅଧିକରେ ବିଜୟ ଲାଭ କରିଛନ୍ତି। ଭାଜପା ପ୍ରାର୍ଥୀ ଶ୍ରୀ ମଲ୍ଲିକ ୫୭୫୩୭ ଖଣ୍ଡ ଭୋଟ ପାଇଥିବା ବେଳେ ଅନ୍ତର୍ଯ୍ୟାମୀ ୪୭୧୦୫ ଖଣ୍ଡ ଭୋଟ ପାଇଛନ୍ତି। ଜୋହୋନ ମଲ୍ଲିକ ୧୬୯୮ଖଣ୍ଡ ଭୋଟ ପାଇଥିବା ବେଳେ ଦଣ୍ଡାସି ଖଣ୍ଡଳା ୨୦୬୩, ମଜେଶ ଦଳବେହେରା ୧୯୯୪, ରୁବେନ ମଣ୍ଡଳ ୧୬୩୭ ଓ ନୋଟାକୁ ୪୨୮୮ ଭୋଟ ମିଳିଥିବା ସୂଚନା ମିଳିଛି।

## ବାଲିଗୁଡ଼ାରୁ ବିଜେଡିର ଚକ୍ରମଣି କହଁର ବିଜୟୀ

ବାଲିଗୁଡ଼ା,୪।୬(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଲୋକସଭା ଅନ୍ତର୍ଗତ ବାଲିଗୁଡାରେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭୋଟ ଗଣତି ସମାପ୍ତ ହୋଇଛି। ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ପ୍ରାର୍ଥୀ ଚକ୍ରମଣି କହଁର ୧୬୭୧ଟି ଭୋଟ ବ୍ୟବଧାନରେ ବିଜୟୀ ହୋଇ ଦ୍ୱିତୀୟ ଥର ପାଇଁ ନିଜ ବିଧାୟକ ପଦ ବଜାୟ ରଖିଛନ୍ତି। ବିଜେଡ଼ି ପ୍ରାର୍ଥୀ ଚକ୍ରମଣି କହଁର ୪୩ ହଜାର ୫୮୬ ଖଣ୍ଡ ଭୋଟ ପାଇ ବିଜୟୀ ଲାଭ କରିଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନଙ୍କୁ ୪୧ ହଜାର ୯୧୫ ଖଣ୍ଡ ଭୋଟ ମିଳିଛି। ସେହିପରି ଭାଜପା ପ୍ରାର୍ଥୀ କଳ୍ପନା କହଁରଙ୍କୁ ୩୧ ହଜାର ୪୮୧ ଭୋଟ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ମାନସ ଲୋକ ଶକ୍ତି ଦଳ ପ୍ରାର୍ଥୀ ଅଜୟ କୁମାର ମଲ୍ଲିକ ୧୦୦୯ ଟି ଭୋଟ, ନ୍ୟାସନାଲ ଅପନୀ ପାର୍ଟି ପ୍ରାର୍ଥୀ ଜୟସିଂ ମଲ୍ଲିକ ୮୬୬ ଟି ଭୋଟ ପାଇଛନ୍ତି। ଏତଦ ବ୍ୟତୀତ ନୋଟା ଭୋଟରେ ୨୬୦୬ଟି ଭୋଟ ମିଳିଥିବା ଜଣାପଡିଛି।।



## ଆମ୍ବୁଲାନ୍ସ କର୍ମଚାରୀଙ୍କୁ ମାଡ଼ମାରି ଚାବି ନେଇଗଲେ ଦୁର୍ବୃତ୍ତ

ଟିକିରି,୪।୬ (ପ୍ରଫୁଲ୍ଲ କୁମାର ବେହେରା)

କେତେଜଣ ଦୁର୍ବୃତ୍ତ ରାସ୍ତା ଉପରେ ୧୦୮ ଆମ୍ବୁଲାନ୍ସକୁ ଅଟକାଇ କର୍ମଚାରୀଙ୍କୁ ମାଡ ମାରିବା ସହ ଗାଡ଼ିର ଚାବି ନେଇଯାଇଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତା ମଝିରେ ଆମ୍ବୁଲାନ୍ସ ପ୍ରାୟ ୧ଘଣ୍ଟା ଅଟକି ରହିଥିଲା। ଖବରପାଇ ଦୋରାଗୁଡ଼ା ଆଇଆଇସି କିରଣବାଳା ସାମଲ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଏକ ଚାବିକାଠିରେ ଆମ୍ବୁଲାନ୍ସକୁ ଷ୍ଟାର୍ଟକରି ଥାନାକୁ ଆଣି ରଖିଛନ୍ତି। ଏ ନେଇ ଆମ୍ବୁଲାନ୍ସ କର୍ମଚାରୀ ପଦ୍ମଚରଣ ନାଏକ ଦୋରାଗୁଡ଼ା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏ ନେଇ କେସ୍ ନମ୍ବର ୮୨/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସାମଲ କହିଛନ୍ତି। ଆମ୍ବୁଲାନ୍ସ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ସେ ଟିକିରିରୁ ବାହାରି ଡଙ୍ଗାସିଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ସଙ୍କଟାପନ୍ନ ରୋଗୀଙ୍କୁ ଆଣିବାକୁ ଯାଉଥିଲେ। ତେବେ ଦୋରାଗୁଡ଼ା ଥାନା ଅଧୀନ ନୂଆପଡ଼ା ଛକଠାରେ ଏକ ବାଇକ୍ ତାଙ୍କ ଆମ୍ବୁଲାନ୍ସକୁ ଓଭରଟେକ୍ କରି ରାସ୍ତା ଉପରେ ରଖିଦେବା ଫଳରେ ଆମ୍ବୁଲାନ୍ସ ଅଟକିଥିଲା। ଏହାକୁ ନେଇ ବାଇକ୍ ଆରୋହୀଙ୍କ ସହ ଆମ୍ବୁଲାନ୍ସ କର୍ମଚାରୀଙ୍କ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବାଇକ୍ ଆରୋହୀ ଜଣକ ଆମ୍ବୁଲାନ୍ସ କର୍ମଚାରୀ ପଦ୍ମଚରଣଙ୍କୁ ମାଡ଼ ମାରିବା ସହ ତାଙ୍କଠାରୁ ଗାଡ଼ି ଚାବି ଛଡ଼ାଇ ନେଇ ଫେରାର ହୋଇଯାଇଥିବା ସେ କହିଛନ୍ତି।

## ସୋରଡ଼ା ନିର୍ବାଚନ ମଣ୍ଡଳୀରୁ ବେଲଗୁଣ୍ଠାର ପ୍ରଥମ ବିଧାୟକ ଭାବେ ନୀଳମଣି ନିର୍ବାଚିତ



ଭାଜପା ପ୍ରାର୍ଥୀ ନୀଳମଣିଙ୍କ ବିଜୟ ଶୋଭାଯାତ୍ରା।

ବେଲଗୁଣ୍ଠା,୪।୬(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ମଙ୍ଗଳବାର ଭୋଟ୍ ଗଣତି ପରେ ଓଡ଼ିଶାରେ ପରିବର୍ତ୍ତନର ନାରାକୁ ଓଡ଼ିଶାବାସୀ ଗ୍ରହଣ କରିଥିବା ସ୍ପଷ୍ଟ ହୋଇଛି। ଗଞ୍ଜାମ ଜିଲା ସୋରଡ଼ା ନିର୍ବାଚନ ମଣ୍ଡଳୀ ଏକଦା ବିଜେଡ଼ିର ଅଭେଦ୍ୟ ଗଡ଼ ହୋଇଥିବା ବେଳେ ସେଠାରେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଲଗାତାର ତିନିଥର ବିଧାୟକ ନିର୍ବାଚିତ ହୋଇଥିଲେ। ଚଳିତ ନିର୍ବାଚନରେ ବିଜେଡ଼ି ଏଠାରେ ପୂର୍ଣ୍ଣଚନ୍ଦ୍ରଙ୍କ ଧର୍ମପତ୍ନୀ ସଂଘମିତ୍ରା ସ୍ୱାଇଁଙ୍କୁ ଟିକେଟ୍ ଦେଇ ମହିଳା କାର୍ଡ୍ ଖେଳିବାକୁ ଚେଷ୍ଟା କରିଥିବା ବେଳେ ମୋଦୀ ଲହର ଏବଂ ପରିବର୍ତ୍ତନର ଝଡ଼ରେ ବିଜେଡ଼ିର ଆଶା ଧୂଳିସାତ୍ ହୋଇଯାଇଛି। ଏଠାରେ ପୂର୍ଣ୍ଣଚନ୍ଦ୍ରଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ ରେକର୍ଡ୍ ସଂଖ୍ୟକ ୨୮୨୦୩ ଭୋଟ୍ ବ୍ୟବଧାନରେ ସଂଘମିତ୍ରାଙ୍କୁ ପରାସ୍ତ କରି ସୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ବେଲଗୁଣ୍ଠା ବ୍ଲକରୁ ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି।

## ଅଧିକ ଭୋଟ ବ୍ୟବଧାନରେ ଜିତିଲେ ତାରା

ଜୟପୁର, ୪।୬(ପବନ ପାଣିଗ୍ରାହୀ)

ଜୟପୁର ବିଧାନସଭା ନିର୍ବାଚନ ଭୋଟ ଗଣତିରେ ମଙ୍ଗଳବାର ବିଧାୟକ ତାରା ପ୍ରସାଦ ବାହିନୀପତି ନିଜ ଦବାଦବ ଜାରି ରଖିଥିଲେ। ପୋଷ୍ଟାଲ୍ ବାଲାଟ୍‌ର ଆରମ୍ଭ ଠାରୁ ଶେଷ ଯାଏ ସେ ଆଗୁଆ ଥିଲେ। ବୋରିଗୁମ୍ମା ବ୍ଲକରୁ ଆରମ୍ଭ ହୋଇଥିଲା ଏହି ଭୋଟ ଗଣତି । ତାରା ପ୍ରସାଦ ବାହିନୀପତି ବିଜେଡ଼ି ପ୍ରାର୍ଥିନୀ ଡ.ଇନ୍ଦିରା ନନ୍ଦଙ୍କଠାରୁ ଆଗୁଆ ଥିଲେ। ଜୟପୁର ବ୍ଲକର ଭୋଟ ଗଣତି ବେଳେ ମଧ୍ୟ ତାରାପ୍ରସାଦ ଇନ୍ଦିରାଙ୍କୁ ପଛରେ ପକାଇଥିଲେ। ଜୟପୁର ପୌରପାଳିକା ଭୋଟ୍ ଗଣତିରେ ମଧ କଂଗ୍ରେସକୁ ସଫଳତା ମିଳିଥିଲା। ମୋଟ ୨୪ ରାଉଣ୍ଡ ଗଣତି ହୋଇଥିଲା। ତାରାପ୍ରସାଦ ବାହିନୀପତି ବିଜୟୀ ହୋଇଥିଲେ। ପୂର୍ବ ଦୁଇଟି ନିର୍ବାଚନରେ ସେ ଯେଉଁ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ ଏଥର ତା'ଠାରୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିବା ଜଣାପଡିଛି। ସୂଚନାଯୋଗ୍ୟ, କଂଗ୍ରେସ ପ୍ରାର୍ଥୀ ବାହିନୀପତି ମୋଟ ୬୯,୫୯୨ ଭୋଟ ପାଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱି ଇନ୍ଦିରା ନନ୍ଦ ୫୬,୪୮୧ଖଣ୍ଡ, ଭାଜପାର ଗୌତମ ସାମନ୍ତରାୟ ୩୧,୧୦୭ ଖଣ୍ଡ ଭୋଟ ପାଇଛନ୍ତି । ସେହିପରି ବିଏସ୍‌ପି ପ୍ରାର୍ଥୀ ସରୋଜ ନାୟକ ୧୦୮୬, ଆମ୍ ଆଦମୀ ପାର୍ଟି ପ୍ରାର୍ଥୀ ଗୌରୀ ଦେବ ଶର୍ମା ୮୧୬, ହିନ୍ଦୁ ମହାସଭା ପ୍ରାର୍ଥୀ ମହେନ୍ଦ୍ର ପାତ୍ର ୮୫୬, ସ୍ୱାଧୀନ ପ୍ରାର୍ଥୀ ପ୍ରୀତିଶ ପପୁଲ ପଟ୍ଟନାୟକ ୧୦୮୭, ସିମାଞ୍ଚଳ ମହାଙ୍କୁଡ଼ ୧୦୨୧, ବସନ୍ତ ପାତ୍ର ୬୪୨, ନମିତା ଖରା ୫୫୮ ଏବଂ ପି.ହରି ରାଓ ୫୧୪ ଖଣ୍ଡ ଭୋଟ ପାଇଛନ୍ତି। ଏ ସମ୍ପର୍କରେ ତାରାପ୍ରସାଦ ବାହିନୀପତି କହିଛନ୍ତି, ଏହି ବିଜୟ ଜୟପୁର ବିଧାନସଭାବାସୀଙ୍କର।

## ଟ୍ରକକୁ ଧକ୍କାଦେଇ ବାଇକ୍ ଚାଳକ ମୃତ

ହିଞ୍ଜିଳିକାଟୁ,୪।୬(ଦ୍ୱିତୀକୃଷ୍ଣ ପଣ୍ଡା)

୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସାରୁ ଛକ ନିକଟରେ ମଙ୍ଗଳବାର ଏକ ଟ୍ରକ ସହ ଧକ୍କା ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଟପୁର ଥାନା ଗୁଡିଆପାଟଣା ଗ୍ରାମର ପପୁନ ସାବତ। ହିଞ୍ଜିଳିକାଟୁ ଠାରୁ ମୋରମ ବୋଝେଇ ଟ୍ରକ (ଓଆର ୧୯ ଏଫ୍ ୯୫୩୫)ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ସାରୁ ଛକରେ ଗୁଡିଆପାଟଣା ଗ୍ରାମରୁ ବ୍ରହ୍ମପୁରକୁ ଯାଉଥିବା ପପୁନ ବାଇକ୍ (ଓଡି୩୧ ଏଫ୍ ୦୭୨୧)ରୁ ଭାରସାମ୍ୟ ହରାଇ ଉକ୍ତ ଟ୍ରକ୍ ପଛକୁ ଧକ୍କା ଦେଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ସମୟରେ ପପୁନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ ୫୨୩/୨୪ ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଯାଇଥିବା ଥାନା ଏସ ଆଇ ସୁରେଶ କୁମାର ସାହୁ କହିଛନ୍ତି।

## ଗୁଣପୁରରେ ପୁଣି ଗଡ଼ ଫେରିପାଇଲା କଂଗ୍ରେସ

ଗୁଣପୁର,୪।୬(ପ୍ରଦୀପ କୁମାର ପାଢ଼ୀ)

- ପ୍ରାର୍ଥୀ ରିପିଟ୍ ବିଜେଡି ପାଇଁ ମହଙ୍ଗା ପଡ଼ିଲା
- କିଙ୍ଗ୍‌ମେକର ହେଲେ ଶିବ ଗୌଡ଼

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଫଳାଫଳ ଘୋଷଣା ହୋଇଛି। ଚଳିତ ନିର୍ବାଚନରେ ଇତିହାସ ରଚିଛି କଂଗ୍ରେସ। ୨୯,୮୮୫ ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ ବିଜୟ ଲାଭ କରିଛନ୍ତି। ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ୪୭,୭୫୨ ଭୋଟ ପାଇଥିବାବେଳେ ଭାଜପା ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ ୨୧,୮୦୮ ଖଣ୍ଡ ଭୋଟ ପାଇଛନ୍ତି। ତେବେ କଂଗ୍ରେସର ଏପରି ବିପୁଳ ବିଜୟରେ ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ଗୌଡ଼ କିଙ୍ଗ୍‌ମେକର ସାଜିଥିଲେ। ତାଙ୍କର ସଫଳ ଗୋଟିଚାଳନା ଯୋଗୁ ଦୀର୍ଘ ୨୦ ବର୍ଷ ପରେ କଂଗ୍ରେସ ତା'ର ଗଡ଼କୁ ପୁଣି ଥରେ ଫେରିପାଇଥିବା ନେଇ ଆଲୋଚନା ହେଉଛି।

୨୦୦୪ରେ କଂଗ୍ରେସର ହେମା ଗମାଙ୍ଗ ଗୁଣପୁର ବିଧାୟିକା ହୋଇଥିଲେ। ଏହାପରଠାରୁ ଗତ ୩ଟି ନିର୍ବାଚନ ଯଥା ୨୦୦୯, ୨୦୧୪ ଏବଂ ୨୦୧୯ରେ ବିଜେଡି ଦଖଲରେ ରହିଥିଲା। ତେବେ ବିଜେଡି ପ୍ରତ୍ୟେକ ନିର୍ବାଚନରେ ପ୍ରାର୍ଥୀ ପରିବର୍ତ୍ତନ କରି ବିଜୟ ଲାଭ କରିଥିଲା। ହେଲେ ବିଜେଡିର ସେହି ପରମ୍ପରା ଚଳିତ ଥର ଭଙ୍ଗ ହୋଇଥିଲା। ବିଧାୟକ ରଘୁନାଥ ଗମାଙ୍ଗଙ୍କୁ ଦଳ ପୁଣି ଥରେ ଏଠାରେ ପ୍ରାର୍ଥୀ କରିଥିଲା। ଚଳିତ ନିର୍ବାଚନରେ ପ୍ରାର୍ଥୀ ରିପିଟ୍ କରିବା ବିଜେଡି ପାଇ ମହଙ୍ଗା ସାବ୍ୟସ୍ତ ହୋଇଥିବା ରାଜନୈତିକ ମହଲରେ ଆଲୋଚନାର ବିଷୟ ହୋଇଛି। ଗତ ସାଧାରଣ ନିର୍ବାଚନରେ ବିଜେଡି ତ୍ରିନାଥ ଗମାଙ୍ଗଙ୍କୁ ଟିକେଟ ନ ଦେବାରୁ ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ଉପାଧ୍ୟକ୍ଷ ଶିବ ଗୌଡ଼ ମଧ୍ୟ ତାଙ୍କୁ ସମର୍ଥନ କରିଥିଲେ। ଫଳରେ ଉଭୟେ ବିଜେଡିରୁ ବିଦା ହୋଇଥିଲେ । ତେବେ ଶିବଙ୍କ ଗୋଟିଚାଳନାରେ ତ୍ରିନାଥ ଗମାଙ୍ଗ ୨୬,୩୨୧ ଭୋଟ ପାଇଥିଲେ। ଗତ ଦୁଇଟି ନିର୍ବାଚନ ଯଥା ୨୦୧୪ରେ ୭୩୮୬ ଏବଂ ୨୦୧୯ରେ ୬୧୭୦ ଖଣ୍ଡ ଭୋଟରେ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ପରାଜିତ ହୋଇଥିଲେ । ତାଙ୍କର ମୃତ୍ୟୁ ପରେ କଂଗ୍ରେସ ନବାଗତ ଯୁବ ଚେହେରା ସତ୍ୟଜିତଙ୍କୁ ଦଳ ପ୍ରାର୍ଥୀ କରିଥିଲା ଏବଂ ସେ ବିଜୟୀ ମଧ୍ୟ ହୋଇଛନ୍ତି ।



## ମାଲକାନଗିରିରେ ଭାଜପା, ଚିତ୍ରକୋଣ୍ଡାରେ କଂଗ୍ରେସ ବିଜୟୀ

ମାଲକାନଗିରି,୪।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ୨ ନିର୍ବାଚନମଣ୍ଡଳୀ ଯଥା ୧୪୬– ମାଲକାନଗିରି ଓ ୧୪୭– ଚିତ୍ରକୋଣ୍ଡାରେ ମଙ୍ଗଳବାର ଭୋଟ ଗଣତି ଶେଷ ହୋଇଛି। ସକାଳ ୬.୩୦ ମିନିଟ୍ ସମୟରେ ଭୋଟ ଗଣତି ପାଇଁ ନିୟୋଜିତ ହୋଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ହୋଇଥିବା ବେଳେ ସକାଳ ୮ ଟାରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଏହି ଦୁଇଟି ମଧ୍ୟରୁ ମାଲକାନଗିରି ନିର୍ବାଚନମଣ୍ଡଳୀରେ ୩ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇ ଭାଜପା ପ୍ରାର୍ଥୀ ନରସିଂହ ମାଡକାମି ବିଜୟୀ ହୋଇଛନ୍ତି। ତେବେ ମାଲକାନଗିରି ନିର୍ବାଚନମଣ୍ଡଳୀରେ ଭାଜପା ମୋଟ ୭୭,୮୬୩ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ମାଲା ମାଡ଼ି ୬୩,୨୯୮ ଭୋଟ ପାଇଛନ୍ତି। ତେବେ ବିଜେଡି ପ୍ରାର୍ଥୀ ମାନସ ମାଡକାମି ୩୪,୦୮୨ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି।

ସେହିପରି ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ମଙ୍ଗୁ ଖିଲ ବିଜୟୀ ହୋଇଥିବା ବେଳେ ତାଙ୍କୁ ୫୫,୧୮୮ ଭୋଟ ମିଳିଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଡମ୍ବରୁ ଶିଶା ୪୫,୭୯୦ ଭୋଟ ପାଇଛନ୍ତି। ବିଜେଡି ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ନାୟକ ୩୪,୮୨୦ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ତେବେ ମାଲକାନଗିରି ନିର୍ବାଚନମଣ୍ଡଳୀର



ନରସିଂହ ମାଡକାମି



ମଙ୍ଗୁ ଖିଲ

ନରସିଂହ ମାଡକାମି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ମାଲା ମାଡ଼ିଙ୍କଠାରୁ ୧୪,୪୮୫ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ମଙ୍ଗୁ ଖିଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଡମ୍ବରୁ ଶିଶାଙ୍କଠାରୁ ୯,୩୯୮ ଖଣ୍ଡ ଅଧିକ ଭୋଟରେ ବିଜୟୀ ହୋଇଛନ୍ତି। ଚଳିତ ଥର ଏହି ଦୁଇଟି ନିର୍ବାଚନମଣ୍ଡଳୀରେ

### ୨ ନିର୍ବାଚନମଣ୍ଡଳୀ

ବିଜେଡି ବିପୁଳ ଭୋଟରେ ପରାଜୟ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ମାଲକାନଗିରି ଜିଲାରେ ୩ଦଳ ମଧ୍ୟରୁ ଭାଜପା ପ୍ରାର୍ଥୀ ବଳଭଦ୍ର ମାଝି ବିଜୟ ଲାଭ କରିଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରଦୀପ ମାଝି ଦ୍ୱିତୀୟ ସ୍ଥାନରେ ଓ କଂଗ୍ରେସର ଭୁଜବଳ ମାଝି ତୃତୀୟ ସ୍ଥାନରେ ରହିଛନ୍ତି। ତେବେ ଭାଜପାର ବଳଭଦ୍ର ମାଝି ମୋଟ ୨,୯୪,୯୧୦ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ପ୍ରଦୀପ ମାଝି ୨,୩୮,୭୨୧ ଭୋଟ ଓ କଂଗ୍ରେସର ଭୁଜବଳ ମାଝି ୧,୬୮,୧୭୧ ଖଣ୍ଡ ଭୋଟ ପାଇଛନ୍ତି। ଭାଜପାର ବଳଭଦ୍ର ମାଝି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ ମାଝିଙ୍କଠାରୁ ୫୬,୧୮୯ ଅଧିକ ଭୋଟରେ ବିଜୟୀ ହୋଇଛନ୍ତି ।



କର୍ନାଟକର ଉଡୁପି-ଚିକ୍‌ମାଗାଲୁରୁ ଆସନରେ ଭାଜପାର ବିଜୟକୁ ନେଇ ଦଳୀୟ କର୍ମୀଙ୍କ ଉତ୍ସବ।




ଇଣ୍ଡିଆ ବ୍ଲକ୍‌ର ପ୍ରଦର୍ଶନକୁ ନେଇ ଉଲ୍ଲସିତ କଂଗ୍ରେସ କର୍ମୀମାନେ ଦିଲ୍ଲୀ ଏଆଇସିସି କାର୍ଯ୍ୟାଳୟ ବାହାରେ ଉତ୍ସବ ମନାଉଛନ୍ତି ।

# ଟିଡିପିର ଆନ୍ଧ୍ର ଦଖଲ

## ମୁଖ୍ୟମନ୍ତ୍ରୀ ହେଲେ ବିଧାନସଭା ଫେରିବେ କହିଥିଲେ ଚନ୍ଦ୍ରାବାବୁ

ଅମରାବତୀ, ୪।୬

ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁଦେଶମ୍ ପାର୍ଟି (ଟିଡିପି) ବଡ଼ ବିଜୟ ହାସଲ କରିଛି। ଏଥର ଟିଡିପି ଭାଜପା ଏବଂ ପୱନ କଲ୍ୟାଣଙ୍କ ଜନସେନା ପାର୍ଟି (ଜେଏସ୍‌ପି) ସହ ଏକାଠି ଲଢ଼ିଥିଲା। ୧୭୫ ଆସନ ବିଶିଷ୍ଟ ବିଧାନସଭାରେ ଟିଡିପି ୧୩୪ ଆସନରେ ଜିତିବାକୁ ଯାଉଥିବାବେଳେ ସହଯୋଗୀ ଦଳ ଜେଏସ୍‌ପିକୁ ୨୧ ଏବଂ ଭାଜପାକୁ ୮ ଆସନ ମିଳୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଦାୟୀ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍‌ସିପି ଶୋଚନୀୟ ପରାଜୟବରଣ କରିଛି। ଏହି ଦଳ ମାତ୍ର ୧୨ଟି ଆସନରେ ସୀମିତ ରହିଛି। ଏପରିକି ଜଗନଙ୍କ ମନ୍ତ୍ରିମଣ୍ଡଳର ଜଣେ ମନ୍ତ୍ରୀଙ୍କୁ ବାଦ୍‌ଦେଲେ ଅନ୍ୟମାନେ ଏବଂ ବିଧାନସଭା ବାଚସ୍ପତି ଥାମିଲେନି ସୀତାରାମ ପରାଜିତ ହୋଇଛନ୍ତି। ନିର୍ବାଚନରେ ପରାଜୟକୁ ଜଗନମୋହନ ସ୍ୱୀକାର କରିବା ସହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ରାଜ୍ୟପାଳ ଏସ୍. ଅବଦୁଲ ନାଜିରଙ୍କୁ ଭେଟି ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ନୂଆ ସରକାର ଗଠନ ପର୍ଯ୍ୟନ୍ତ ସେ କାମଚଳା ମୁଖ୍ୟମନ୍ତ୍ରୀ ଭାବେ ରହିବେ। ମେ' ୧୩ରେ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଟିଡିପି ୧୪୪ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଜେଏସ୍‌ପି ୨୧ ଏବଂ ଭାଜପା ୧୦ ଆସନରେ ଲଢ଼ିଥିଲା।

ସୂଚନାଯୋଗ୍ୟ, ୩ ବର୍ଷ ପୂର୍ବେ କ୍ଷୁବ୍ଧ ଚନ୍ଦ୍ରାବାବୁ ବିଧାନସଭା ଛାଡ଼ି ଚାଲିଯାଇଥିଲେ। ସେ କେବଳ ମୁଖ୍ୟମନ୍ତ୍ରୀ ହେଲେ ବିଧାନସଭାକୁ ଫେରିବେ ବୋଲି ସେତେବେଳେ କହିଥିଲେ। କିଛି ମାସ ପୂର୍ବରୁ ଦୁର୍ନୀତି ମାମଲାରେ ଚନ୍ଦ୍ରାବାବୁଙ୍କୁ ଗିରଫ କରାଯାଇଥିଲା। ଏବେ ଟିଡିପିର ଐତିହାସିକ ବିଜୟ ସହ ତାଙ୍କ ସଂକଳ୍ପ ପୂରା ହୋଇଛି। ବର୍ତ୍ତମାନର ବିଧାନସଭାରେ ଟିଡିପି ବିଧାୟକଙ୍କ ସଂଖ୍ୟା ୨୩ ଥିଲା। ଲୋକ ସଭା ନିର୍ବାଚନରେ ମଧ୍ୟ ଟିଡିପି ଭଲ ପ୍ରଦର୍ଶନ କରିଛି। ଆନ୍ଧ୍ରର ୨୫ ଲୋକ ସଭା ଆସନରୁ ଟିଡିପି ୧୬ ଆସନ ଜିତୁଥିବାବେଳେ ଏହାର ସହଯୋଗୀ ଭାଜପା ଏବଂ ଜନସେନା ପାର୍ଟି ଯଥାକ୍ରମେ ୩ ଓ ୨ ଆସନରେ ବିଜୟୀ ହେବାକୁ ଯାଉଛନ୍ତି। ଏଥିସହ ଚନ୍ଦ୍ରାବାବୁ କେନ୍ଦ୍ରରେ ନୂଆ ସରକାର ଗଠନ ପାଇଁ କିଙ୍ଗ୍‌ମେକର ଭୂମିକା ନେବାକୁ ଯାଉଛନ୍ତି। କାରଣ ଏନ୍‌ଡିଏରେ ଭାଜପା ପରେ ଟିଡିପି ହେଉଛି ଦ୍ୱିତୀୟ ବୃହତ୍ ଦଳ। ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଛି। ତେଣୁ ସରକାର ଗଢ଼ିବା ପାଇଁ ଭାଜପା ଟିଡିପି ଏବଂ ଜେଡିୟୁ ଉପରେ ନିର୍ଭର କରିବ।

୧୯୫୦ ଏପ୍ରିଲ ୨୦ରେ ଆନ୍ଧ୍ରର ଚିତ୍ତୋର ଜିଲାରେ ଜନ୍ମିତ ଚନ୍ଦ୍ରାବାବୁ ଛାତ୍ର ଜୀବନରୁ ରାଜନୀତିରେ ସାମିଲ ହୋଇଥିଲେ। ସେ ୧୯୯୫ରେ ପ୍ରଥମେ ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ପରେ ଆଉ ୨ ଥର ଏହି ପଦ ସମ୍ଭାଳିଥିଲେ। ଅବିଭାଜିତ ଆନ୍ଧ୍ରପ୍ରଦେଶର ରାଜଧାନୀ ହାଇଦ୍ରାବାଦକୁ ଟେକ୍ନୋଲୋଜି ଓ କମ୍ପ୍ୟୁଟର ସଫ୍ଟୱେର ହବ୍‌ରେ ପରିଣତ କରିବାର ଶ୍ରେୟ ତାଙ୍କୁ ଦିଆଯାଇଥାଏ।



ଲୋକ ସଭା ଓ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଟିଡିପିର ସଫଳତା ନେଇ ଅମରାବତୀର ଉଣ୍ଡାଭାଲିସ୍ଥିତ ବାସଭବନ ବାହାରେ ଚନ୍ଦ୍ରାବାବୁ ନାଇଡୁ ଓ ତାଙ୍କ ସ୍ତ୍ରୀ ନାରା ଭୁବନେଶ୍ୱରୀ ବିଜୟ ସଙ୍କେତ ଦେଖାଉଛନ୍ତି।

| ଦଳ | ବିଜୟୀ/ଅଗ୍ରଣୀ |
|---|---|
| ଟିଡିପି | ୧୩୪ |
| ଜେଏସ୍‌ପି | ୨୧ |
| ଭାଜପା | ୮ |
| ୱାଇଏସ୍‌ଆର୍‌ସିପି | ୧୨ |

# ଦୁର୍ନୀତି ମୂଳୋତ୍ପାଟନକୁ ଏନ୍‌ଡିଏ ସରକାର ଗୁରୁତ୍ୱ ଦେବ: ମୋଦି

ନୂଆଦିଲ୍ଲୀ, ୪।୬

ଲୋକ ସଭା ନିର୍ବାଚନରେ ଭାଜପା କୁହୁକ ନମ୍ବର ୨୭୨ ହାସଲ କରିବାରେ ବିଫଳ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିଲ୍ଲୀସ୍ଥିତ ଦଳ ମୁଖ୍ୟାଳୟରେ ବିଜୟ ସମ୍ଭାଷଣ କରିଛନ୍ତି। ଏନ୍‌ଡିଏକୁ ତୃତୀୟ ଥର ପାଇଁ କ୍ଷମତାକୁ ଆସିବା ଲାଗି ସୁଯୋଗ ଦେଇଥିବାରୁ ସେ ଦେଶର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଏହା ବିଜୟ ବୋଲି ସେ କହିଛନ୍ତି। ସେ ନିର୍ବାଚନ କମିଶନଙ୍କୁ ଧନ୍ୟବାଦ ଜଣାଇବା ସହ ନିର୍ବାଚନୀ ବ୍ୟବସ୍ଥାକୁ ନେଇ ଦେଶବାସୀ ଗର୍ବିତ ବୋଲି କହିଛନ୍ତି।



୧୯୬୨ ପରେ ପ୍ରଥମ ଥର ପାଇଁ ଗୋଟିଏ ସରକାର କ୍ରମାଗତ ୩ୟ ଥର କ୍ଷମତାକୁ ଆସିବାକୁ ଯାଉଛି। ଅରୁଣାଚଳପ୍ରଦେଶ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ସିକିମ୍‌ରେ କଂଗ୍ରେସ ପୋଛିହୋଇଯାଇଛି। ଭାଜପା ଓଡ଼ିଶାରେ ସରକାର ଗଢ଼ିବାକୁ ଯାଉଥିବାବେଳେ କେରଳରେ ଭଲ ପ୍ରଦର୍ଶନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ତାଙ୍କର ସ୍ୱର୍ଗତା ମାଆ ହୀରାବେନ୍‌ଙ୍କୁ ମନେପକାଇଥିଲେ। ମାଆଙ୍କ ପରଲୋକ ପରେ ଏହା ତାଙ୍କର ପ୍ରଥମ ନିର୍ବାଚନ ଥିଲା। ତେବେ ଦେଶର ଭଉଣୀ ଓ ଝିଅମାନେ ମୋତେ ମାତୃବିୟୋଗଜନିତ ଦୁଃଖକୁ ଅନୁଭବ କରିବାକୁ ଦେଇନାହାନ୍ତି। ସେମାନେ ମୋତେ ନୂଆ ପ୍ରେରଣା ନେଇଛନ୍ତି। ଏହି ଅବସରରେ ମୋଦି ବିରୋଧୀଙ୍କୁ ସମାଲୋଚନା କରିଛନ୍ତି। ଭାଜପା ଏକାକୀ ଯେତିକି ଆସନ ଜିତିଛି ବିରୋଧୀ ମିଳିତ ଭାବେ ସେତିକି ଆସନ ଜିତିନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ସୋନିଆଙ୍କଠୁ ରାହୁଲଙ୍କ ବିଜୟ ବ୍ୟବଧାନ ଅଧିକ

ଉତ୍ତରପ୍ରଦେଶର ହାଇପ୍ରୋଫାଇଲ ରାଏବରେଲି ଆସନରୁ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ିଥିବା ରାହୁଲ ଗାନ୍ଧୀ ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କ ୨୦୧୯ ଲୋକ ସଭା ନିର୍ବାଚନର ବିଜୟ ବ୍ୟବଧାନରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୨୦୧୯ରେ ସୋନିଆ ୧,୬୭,୧୭୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ରାହୁଲ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଦୀନେଶ ପ୍ରତାପ ସିଂଙ୍କଠାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ଅଧିକ ପାଇଛନ୍ତି। ଦୀନେଶ ଉତ୍ତରପ୍ରଦେଶ ସରକାରରେ ମନ୍ତ୍ରୀ ଅଛନ୍ତି। ମେ' ୨୦ ତାରିଖ ପଞ୍ଚମ ପର୍ଯ୍ୟାୟରେ ରାଏବରେଲିରେ ମତଦାନ ହୋଇଥିଲା।

# ସ୍ମୃତି ଇରାନୀ ପରାଜିତ

୨୦୧୯ ଲୋକ ସଭା ନିର୍ବାଚନରେ ଗାନ୍ଧୀ-ନେହେରୁ ପରିବାରର ଗଡ଼ କୁହାଯାଉଥିବା ଉତ୍ତରପ୍ରଦେଶର ଅମେଠି ଆସନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ପ୍ରାର୍ଥୀ ସ୍ମୃତି ଇରାନୀ ପରାଜିତ କରି ବଡ଼ ସଫଳତା ହାସଲ କରିଥିଲେ। ତେବେ ଏଥର ଇରାନି ଏହି ଆସନରୁ ହାରି ଯାଇଛନ୍ତି। ଏହି ଆସନରୁ କଂଗ୍ରେସ ପରିବାରର ଅନୁଗତ କେ.ଏଲ୍. ଶର୍ମା ବିଜୟୀ ହୋଇଛନ୍ତି। ସେ ଏହି ଆସନରୁ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ିଥିବାବେଳେ ୧.୬ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଶର୍ମାଙ୍କ ପାଇଁ ରାହୁଲ ଏବଂ ତାଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଜୋର୍‌ଦାର ପ୍ରଚାର କରିଥିଲେ। ଶର୍ମା ଏହି ବିଜୟର ଶ୍ରେୟ ଗାନ୍ଧୀ ପରିବାରକୁ ଦେଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଯିଏ ଅମେଠିକୁ ଲଢ଼ିବେ ନିଶ୍ଚୟ ହାରିବେ ବୋଲି ପୂର୍ବରୁ ଦମ୍ଭୋକ୍ତି କରୁଥିବା ଇରାନୀଙ୍କୁ ଶେଷରେ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି।



## ଭାଜପା ଭୋଟ ଶେୟାର କମିଛି

ଲୋକ ସଭା ନିର୍ବାଚନରେ ଭାଜପାର ଭୋଟ ଶେୟାର ୨୦୧୯ ତୁଳନାରେ ହ୍ରାସ ପାଇଛି। ୨୦୧୯ରେ ଭାଜପାକୁ ୩୭.୩୬ ପ୍ରତିଶତ ଭୋଟ ମିଳିଥିବାବେଳେ ୨୦୨୪ ନିର୍ବାଚନରେ ଏହାକୁ ୩୬.୯୮ ପ୍ରତିଶତ ଭୋଟ ମିଳିବାକୁ ଯାଉଛି। ଅନ୍ୟପକ୍ଷରେ କଂଗ୍ରେସ ଭୋଟ ଶେୟାର ୧୯.୪୯ ପ୍ରତିଶତରୁ ବଢ଼ି ୨୧.୮୨ ପ୍ରତିଶତ ହେବାକୁ ଯାଉଛି।

# ପ୍ରଧାନମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ମମତା

ଏଥର ନିର୍ବାଚନରେ ୪୦୦ ପାର୍ ସ୍ଲୋଗାନ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦଳ ସରକାର ଗଢ଼ିବା ପାଇଁ ଆବଶ୍ୟକ ସଂଖ୍ୟା ହାସଲ କରିବାରେ ବିଫଳ ହୋଇଛି। ତେଣୁ ସମସ୍ତ ଶ୍ରେୟ ହରାଇଥିବା ମୋଦି ଇସ୍ତଫା ଦିଅନ୍ତୁ ବୋଲି ତୃଣମୂଳ କଂଗ୍ରେସ ଅଧକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସରକାର ଗଢ଼ିବା ପାଇଁ ଏବେ ମୋଦିଙ୍କୁ ଟିଡିପିର ଶରଣ ନେବାକୁ ହେବ। ଭାଜପା ଆଉ ମନଇଚ୍ଛା ଆଇନ ଗୃହୀତ କରାଇବାକୁ ସମର୍ଥ ହେବ ନାହିଁ। ନିର୍ବାଚନ ଫଳାଫଳ ଜନସାଧାରଣଙ୍କ ବିଜୟ ବୋଲି ମମତା କହିଛନ୍ତି। ଉତ୍ତରପ୍ରଦେଶରେ ଇଣ୍ଡିଆ ମେଣ୍ଟର ସଫଳତା ପାଇଁ ସେ ସମାଜବାଦୀ ପାର୍ଟି ଅଧକ୍ଷ ଅଖିଳେଶ ଯାଦବଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ସେ ରାହୁଲ ଗାନ୍ଧୀ, ଉଦ୍ଧବ ଠାକ୍‌ରେ ଏବଂ ଶରଦ ପାୱାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ହାରିଲେ ଓମାର, ମେହବୁବା

ଜମ୍ମୁ-କଶ୍ମୀରର ୨ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ମେହବୁବା ମୁଫ୍‌ତି ନିର୍ବାଚନ ହାରିଯାଇଛନ୍ତି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ବାରମୁଲ୍ଲା ଲୋକ ସଭା ଆସନରୁ ଲଢୁଥିବା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧକ୍ଷ ଓମାର ଜେଲ୍‌ରେ ଥିବା ପୂର୍ବତନ ବିଧାୟକ ଶେଖ୍ ଅବଦୁଲ୍ଲା ରଶିଦଙ୍କଠାରୁ ପରାଜିତ ହୋଇଛନ୍ତି। ସେହିପରି ଅନନ୍ତନାଗ-ରାଜୌରୀ ଆସନରୁ ଲଢୁଥିବା ପିଡିପି ଅଧକ୍ଷା ମେହବୁବା ନ୍ୟାଶନାଲ କନ୍‌ଫରେନ୍ସର ଗୁଜ୍ଜର ନେତା ମିଆଁ ଅଲତାଫଙ୍କଠାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ପରାଜୟ ବରଣ କରିଛନ୍ତି।

## ୭ ଲକ୍ଷ ଭୋଟ ବ୍ୟବଧାନରେ ଜିତିଲେ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅମିତ୍ ଶାହା ଗୁଜରାଟର ଗାନ୍ଧୀନଗର ଆସନରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ୧୦,୧୦,୯୭୨ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ସୋନାଲ ପଟେଲ ୨,୬୬,୨୫୬ ଭୋଟ ପାଇଛନ୍ତି। ୨୦୧୯ ନିର୍ବାଚନରେ ଶାହା ଏହି ଆସନରୁ ୫ ଲକ୍ଷ ୫୭ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିଲେ। ଶାହା ଏହି ଆସନରୁ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଗାନ୍ଧୀନଗର ଆସନରୁ ଭାଜପାର ବର୍ଷୀୟାନ ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡଭାନୀ ପ୍ରତିନିଧିତ୍ୱ କରୁଥିଲେ।

## 'ଓଡ଼ିଶାର ବିକାଶ ପାଇଁ ଭାଜପା ଉତ୍ସର୍ଗୀକୃତ'



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ଭୂମିର ସେବା କରିବାର ସୁଯୋଗ ଭାଜପାକୁ ଦେଇଥିବାରୁ ମୁଁ ଓଡ଼ିଶାବାସୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହାସଲ ହୋଇଥିବା ଏହି ବିଜୟ 'ବିକଶିତ ଭାରତ, ବିକଶିତ ଓଡ଼ିଶା'ର ସଂକଳ୍ପକୁ ସାକାର କରିବ। ମୁଁ ରାଜ୍ୟବାସୀଙ୍କୁ ନିଶ୍ଚିତ କରୁଛି ଯେ, ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି ଏବଂ ଓଡ଼ିଆ ସାହିତ୍ୟକୁ ପ୍ରୋତ୍ସାହିତ କରି ଭାଜପା ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବ।

# ପୁରୁଣା ସହଯୋଗୀଙ୍କୁ ସାଙ୍ଗରେ ନେବାକୁ ଇଣ୍ଡିଆ ବ୍ଲକ୍ ନିଷ୍ପତ୍ତି ଆଜି



ଏଆଇସିସି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାହୁଲ ଗାନ୍ଧୀ ଇଣ୍ଡିଆ ବ୍ଲକ୍‌ର ଯୋଜନା ସମ୍ପର୍କରେ କହୁଥିବାବେଳେ ଦଳର ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଉପସ୍ଥିତ ଅଛନ୍ତି।

ଲୋକ ସଭା ନିର୍ବାଚନରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାବେଳେ ମ୍ୟାଜିକ୍ ସଂଖ୍ୟା ୨୭୨ ହାସଲ କରିବାରେ ବିଫଳ ହୋଇଛି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳ ନେତାମାନଙ୍କର ଜରୁରୀ ବୈଠକ ବୁଧବାର ଡକାଯାଇଛି। କେନ୍ଦ୍ରରେ ସରକାର ଗଢ଼ିବା ପାଇଁ ମେଣ୍ଟର ପୂର୍ବତନ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ତେଲୁଗୁ ଦେଶମ୍ ପାର୍ଟିକୁ ସାଙ୍ଗରେ ନେବା ପାଇଁ ନିବେଦନ କରାଯିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର କହିଛନ୍ତି। ଏହି ୨ ଦଳ ଏବେ ଏନ୍‌ଡିଏର ସହଯୋଗୀ ଅଛନ୍ତି। ଏହା ବ୍ୟତୀତ ବୈଠକରେ ଏକାଧିକ ପ୍ରଶ୍ନ ଉପରେ ଆଲୋଚନା କରାଯିବ ବୋଲି ରାହୁଲ ଏକ ଖବରଦାତା ସମ୍ମିଳନୀକୁ କହିଛନ୍ତି। ସହଯୋଗୀ ଦଳଗୁଡ଼ିକର ମତାମତ ନ ନେଇ ଆମେ କିଛି କହିପାରିବୁ ନାହିଁ। ବୁଧବାର ବୈଠକରେ ମେଣ୍ଟ ଯାହା ନିଷ୍ପତ୍ତି ନେବ ତାହା କାର୍ଯ୍ୟକାରୀ ହେବ ବୋଲି କଂଗ୍ରେସ ନେତା କହିଛନ୍ତି। ଲୋକ ସଭା ନିର୍ବାଚନରେ ଲଢ଼େଇ ମୁଖ୍ୟତଃ ସମ୍ବିଧାନର ସୁରକ୍ଷା ପାଇଁ ହୋଇଥିଲା। ଦେଶର ସବୁଠୁ ଗରିବ ଏବଂ ପଛୁଆ ବର୍ଗ ସମ୍ବିଧାନର ସୁରକ୍ଷା ପାଇଁ ଛିଡ଼ା ହୋଇଛନ୍ତି ବୋଲି ରାହୁଲ କହିଛନ୍ତି।

## ଲୋକେ ମୋଦିଙ୍କ ମିଛକୁ ବୁଝିପାରିଛନ୍ତି: ଖାର୍ଗେ

କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ମିଛ ପ୍ରଚାର ଚଳାଇଥିଲେ। ଜନସାଧାରଣ ସେମାନଙ୍କ ମିଥ୍ୟା ପ୍ରଚାରକୁ ବୁଝିପାରିଥିବା ନିର୍ବାଚନ ଫଳାଫଳ ସ୍ପଷ୍ଟ କରିଛି ବୋଲି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ସରକାରୀ କଳ ଆମକୁ ସବୁ କ୍ଷେତ୍ରରେ ବିରୋଧ କରିଥିଲା। ସେମାନେ ଆମ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଦେବା ସହ ଆମ ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଆମ ପ୍ରଚାର ସକାରାତ୍ମକ ଥିଲା। ଆମେ ଦରଦାମ୍ ବୃଦ୍ଧି, ବେରୋଜଗାରି, ଚାଷୀ ଓ ଶ୍ରମିକଙ୍କ ସମସ୍ୟା ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଦୁରୁପଯୋଗ ପ୍ରସଙ୍ଗ ଉଠାଇଥିଲୁ, ଯାହାକୁ ଜନସାଧାରଣ ସମର୍ଥନ କରିଥିଲେ ବୋଲି ଖାର୍ଗେ କହିଛନ୍ତି।

# ଜଗତ୍‌ସିଂହପୁର ଜିଲାରେ ଇତିହାସ ରଚିଲା ଭାଜପା

**୨୦୨୪ ସାଧାରଣ ନିର୍ବାଚନ**

- ଭାଜପା ୨, ବିଜେଡି ୨ ବିଧାନସଭା ଆସନରେ ବିଜୟୀ
- ବିଜୟୀ ଶିବିରରେ ଉତ୍ସବ, ପରାଜିତ ନିରାଶ



ସମର୍ଥକଙ୍କ ଗହଣରେ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀର ଭାଜପା ବିଜୟୀ ପ୍ରାର୍ଥୀ ଅମରେନ୍ଦ୍ର ଦାସ।

ଜଗତ୍‌ସିଂହପୁର, ୪।୬ (ପ୍ରମୋଦ କୁମାର ନାୟକ)

୨୦୨୪ ନିର୍ବାଚନ ଫଳାଫଳ ଜଗତ୍‌ସିଂହପୁର ଜିଲା ପାଇଁ ନୂଆ ଇତିହାସ ରଚିଛି। ପ୍ରଥମ ଥର ପାଇଁ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୨ଟିରେ ଭାଜପା ବିଧାୟକ ପ୍ରାର୍ଥୀ ଜିତିଛନ୍ତି। ସେମାନେ ହେଲେ ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଅମରେନ୍ଦ୍ର ଦାସ ଓ ପାରାଦୀପରେ ସମ୍ପଦ ସ୍ୱାଇଁ। ଅନ୍ୟ ଦୁଇ ଆସନ ଯଥା ବାଲିକୁଦା-ଏରସମାରେ ବିଜେଡି ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ଓ ତିର୍ତ୍ତୋଲରେ ଏହି ଦଳ ପ୍ରାର୍ଥୀ ରମାକାନ୍ତ ଭୋଇ ବିଜୟୀ ହୋଇଛନ୍ତି। ବଡ କଥା ହେଲା ଭାଜପାର ଏହି ଉତ୍‌ଥାନ ସାରା ଜିଲାରେ ନିଆରା ରାଜନୈତିକ ସମୀକରଣ ସୃଷ୍ଟି କରିଛି। ବିଶେଷକରି ଜଗତ୍‌ସିଂହପୁର ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ଅମରେନ୍ଦ୍ରଙ୍କ ରେକର୍ଡ ସଂଖ୍ୟକ ଭୋଟ ବ୍ୟବଧାନରେ ଜିତିବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ବିଧାନସଭା କ୍ଷେତ୍ର ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କଠାରୁ ଭାଜପାର ଅମରେନ୍ଦ୍ର ୨୧,୬୮୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଅମରେନ୍ଦ୍ରଙ୍କୁ ୯୧,୬୫୦ ଓ ପ୍ରଶାନ୍ତଙ୍କୁ ୬୯,୯୬୭ ଖଣ୍ଡ ଭୋଟ ମିଳିଛି। ଏହି ନିର୍ବାଚନରେ ଭାଜପା ସପକ୍ଷରେ ଗତ ନିର୍ବାଚନ ତୁଳନାରେ ୨୧,୬୮୩ ଖଣ୍ଡ ଅଧିକ ଭୋଟ ଯାଇଛି। ଦୁଃଖର କଥା ହେଲା କଂଗ୍ରେସ ପ୍ରାର୍ଥୀ ପ୍ରତିମା ମଲ୍ଲିକଙ୍କୁ ମାତ୍ର ୫,୮୭୬ ଖଣ୍ଡ ଭୋଟ ମିଳିଛି। ଅନ୍ୟମାନେ ଯଥା ବିଏସ୍‌ପିର କୈଳାସ ମଲ୍ଲିକଙ୍କୁ ୩୨୫, ନବ ଭାରତ ନିର୍ମାଣ ସେବା ପାର୍ଟିର ଗୀତାଞ୍ଜଳି ବାରିକ ୨୧୩, ସୋସିଆଲିଷ୍ଟ ୟୁନିଟ୍ ସେଣ୍ଟର ଅଫ ଇଣ୍ଡିଆ (କମ୍ୟୁନିଷ୍ଟ)ର ବସନ୍ତ ମଲ୍ଲିକ ୧୭୮, ସ୍ୱାଧୀନ ନାରାୟଣ ପ୍ରସାଦ ନନ୍ଦ ୧୧୨, ସମୃଦ୍ଧ ଓଡ଼ିଶାର ଯୁଧିଷ୍ଠିର ମଲ୍ଲିକ ୧୦୮, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିର ପ୍ରଣବ କୁମାର ସେଠୀଙ୍କୁ ୮୭ ଖଣ୍ଡ ଭୋଟ ମିଳିପାରିଛି। ନୋଟାରେ ୪୦୦ ଖଣ୍ଡ ଭୋଟ ଯାଇଛି। ପୋଷ୍ଟାଲ ବାଲଟ ଦେଖିଲେ ଜଣାଯାଏ ମୋଟ ୧୬୭୬ ଖଣ୍ଡ ମଧ୍ୟରୁ ସର୍ବାଧିକ ଅମରେନ୍ଦ୍ରଙ୍କ ସପକ୍ଷରେ ୯୦୫ ଖଣ୍ଡ ଯାଇଛି। ପ୍ରଶାନ୍ତଙ୍କୁ ୪୫୦, ପ୍ରତିମା ୫୬, ଗୀତାଞ୍ଜଳି ୧, ପ୍ରଣବ ୨, ବସନ୍ତ ୧, ଯୁଧିଷ୍ଠିର ୧ ଓ ନୋଟାରେ ୨ ଖଣ୍ଡ ଭୋଟ ଯାଇଛି। ନିର୍ବାଚନ ଫଳାଫଳ ଘୋଷଣା ପରେ ବିଜୟୀ ପ୍ରାର୍ଥୀମାନଙ୍କ ଶିବିରରେ ଉତ୍ସବର ପରିବେଶ ସୃଷ୍ଟି ହୋଇଥିବା ବେଳେ ପରାଜିତମାନେ ନିରାଶ ଅନୁଭବ କରୁଛନ୍ତି। ମଙ୍ଗଳବାର ଗଣତି ଚାଲିଥିବା ବେଳେ ଜଗତ୍‌ସିଂହପୁରରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଅପରାହ୍ନ ପ୍ରାୟ ୨ଟା ବେଳେ ଅମରେନ୍ଦ୍ର ବହୁ ଭୋଟ ବ୍ୟବଧାନରେ ଜିତିଥିବା ପ୍ରଚାର ପରେ ତାଙ୍କ ଗୋପାଳସାଗରସ୍ଥିତ ବାସଭବନରୁ କଲେଜ ଛକ ନିକଟ ଗଣେଶ ମନ୍ଦିର ପର୍ଯ୍ୟନ୍ତ ଚାଲି କରି ଆସି ଠାକୁରଙ୍କୁ ଦର୍ଶନ କରିଥିଲେ। ଏହାପରେ ଗଣତି ଚାଲିଥିବା ନିକଟସ୍ଥ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକ ପର୍ଯ୍ୟନ୍ତ ଏଜେଣ୍ଟମାନଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଯାଇଥିଲେ। ଏହି ସମୟରେ ତାଙ୍କ ସହ ସହସ୍ରାଧିକ ଦଳୀୟ ନେତା, କର୍ମୀ ସ୍ଲୋଗାନ ଦେଇ ଯିବା ଦୃଶ୍ୟ ଉତ୍ସବର ପରିବେଶ ସୃଷ୍ଟି କରିଥିଲା। ଜଗତ୍‌ସିଂହପୁର ସହରରେ ଦିନରୁ ରାତି ପର୍ଯ୍ୟନ୍ତ ଅମରେନ୍ଦ୍ର ସମର୍ଥକମାନେ ଆତସବାଜି ଫୁଟାଇ ସେଲିବ୍ରେସନ୍ କରିଥିଲେ। ଅନୁରୂପ ଭାବେ ଜିଲାର ଅନ୍ୟ ୩ ବିଧାନସଭା ଆସନରେ ବିଜୟୀ ପ୍ରାର୍ଥୀମାନଙ୍କ ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। କିନ୍ତୁ ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତଙ୍କ ପରାଜୟକୁ ନେଇ ବିଜେଡି ଶିବିରରେ ମାନସ ମନ୍ଥନ ଚାଲିଛି। କାରଣ ପ୍ରଶାନ୍ତ ୩ ଥରର ବିଧାୟକ। ନିର୍ବାଚନ ପୂର୍ବ ପ୍ରଚାର ସମୟରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ପ୍ରଶାନ୍ତଙ୍କୁ ସାରଥି ଆଖ୍ୟା ଦେଇଥିଲେ। ସେ ଜିଲାର ଏକମାତ୍ର ଦଳୀୟ ପୁରୁଖା ନେତା ହୋଇଥିବାରୁ ତାଙ୍କୁ ଗୁରୁତ୍ୱ ଦିଆଯାଇଥିଲା। ଆଉ ଏକ କଥା ହେଲା ୨୦୧୯ ନିର୍ବାଚନରେ ପ୍ରଶାନ୍ତଙ୍କ ସହ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ନିର୍ବାଚନରେ ଚିରଞ୍ଜୀବଙ୍କୁ ହରାଇ ପ୍ରଶାନ୍ତ ବିଜୟୀ ହୋଇଥିଲେ। କିନ୍ତୁ ଚଳିତ ନିର୍ବାଚନରେ ଚିରଞ୍ଜୀବ ବିଜେଡିରେ ମିଶିବା ସହ ପ୍ରଶାନ୍ତଙ୍କୁ ଜିତାଇବା ପାଇଁ ପୂରା ଦମ ଲଗାଇ ଦେଇଥିଲେ। ୨ ପୁରୁଖା ନେତା ସାଙ୍ଗକୁ ସରକାରୀ ଦଳ, ନିର୍ବାଚନମଣ୍ଡଳୀର ସର୍ବାଧିକ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ ଓ ଜିଲା ପରିଷଦ ସଭାପତି ବିଜେଡି ପ୍ରାର୍ଥୀ ପ୍ରଶାନ୍ତଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥିଲେ। ଅନ୍ୟପକ୍ଷେ ଭାଜପା ପ୍ରାର୍ଥୀ ଅମରେନ୍ଦ୍ରଙ୍କ ପାଇଁ ସମସ୍ତ ପ୍ରତିକୂଳ ପରିବେଶ ଥିଲା। କାରଣ ସେ ପ୍ରଥମ ଥର ପାଇଁ ବିଧାୟକ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ବିଜେଡିରେ ସଙ୍ଗଠନ କରିଥିବା ବେଳେ ଦଳ ଶେଷ ସମୟରେ ତାଙ୍କୁ ଟିକେଟ ନ ଦେଇ ନିରାଶ କରିଥିଲା। ଫଳରେ ସେ ବିଜେଡି ଛାଡି ଭାଜପାରେ ମିଶି ଟିକେଟ ପାଇଥିଲେ। ପ୍ରାରମ୍ଭରୁ ଭାଜପାର ପୁରୁଣା ଗୋଷ୍ଠୀଙ୍କ ସହଯୋଗ ନ ପାଇ ସୁଦ୍ଧା ନିଜ ସାଙ୍ଗଠନିକ ଦକ୍ଷତା ଓ ଆତ୍ମୀୟତାକୁ ପାଥେୟ କରି ସେ ସଙ୍ଗଠନରେ ନୂଆ ଛାପ ଦେଇଥିଲେ। ଆର୍ଥିକ ସ୍ଥିତି ମଧ୍ୟ ଭଲ ନ ଥିଲା। ସମସ୍ତ ପ୍ରତିକୂଳ ପରିବେଶ ସତ୍ତ୍ୱେ ଅମରେନ୍ଦ୍ରଙ୍କ ୫ ବର୍ଷର କଠିନ ପରିଶ୍ରମ, ସାଙ୍ଗଠନିକ ଦକ୍ଷତା, ମାଟିର ପୁଅ ନାରା ଆଦି ତାଙ୍କୁ ମଜଭୁତ କରିଥିଲା। ଯାହାଦ୍ୱାରା ୨ ଜଣ ପୁରୁଖା ନେତାଙ୍କ ରଣନୀତିକୁ ସେ ଟକ୍କର ଦେବାରେ ସକ୍ଷମ ହୋଇଥିଲେ। ବାଲିକୁଦା-ଏରସମାରେ ବିଜେଡି ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ପ୍ରଥମ କରି ନିର୍ବାଚନ ମଇଦାନରେ ପାଦ ଥାପି ଭାଜପା ପ୍ରାର୍ଥୀ ସତ୍ୟ ସାରଥି ମହାନ୍ତିଙ୍କଠାରୁ ୨୫,୯୫୯ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ସାରଦାଙ୍କୁ ୯୩,୫୧୭ ଓ ସତ୍ୟସାରଥିଙ୍କୁ ୬୭,୫୫୮ ଖଣ୍ଡ ଭୋଟ ମିଳିଛି। କଂଗ୍ରେସର ନଳିନୀ କୁମାର ସ୍ୱାଇଁଙ୍କୁ ୨୭,୯୮୧ ଓ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୀବ ବିଶ୍ୱାସଙ୍କୁ ୯,୯୭୧ ଖଣ୍ଡ ଭୋଟ ମିଳିଥିବା ଜଣାଯାଇଛି। ସେହିପରି ପାରାଦୀପରେ ବିଜେଡି ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟଙ୍କଠାରୁ ଭାଜପାର ସମ୍ପଦ ସ୍ୱାଇଁ ୧୫,୬୧୯ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ସମ୍ପଦଙ୍କୁ ୮୪,୦୯୭ ଓ ଗୀତାଞ୍ଜଳିଙ୍କୁ ୬୮,୪୭୮ ଖଣ୍ଡ ଭୋଟ ମିଳିଛି। କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ନାୟକଙ୍କୁ ନୈରାଜ୍ୟଜନକ ୭,୭୭୯ ଖଣ୍ଡ ଭୋଟ ମିଳିପାରିଛି। ତିର୍ତ୍ତୋଲ ବିଧାନସଭାରେ ଆସନରେ ଭାଜପା ପ୍ରାର୍ଥୀ ରାଜକିଶୋର ବେହେରାଙ୍କଠାରୁ ବିଜେଡିର ରମାକାନ୍ତ ୨୮,୩୪୧ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ରମାକାନ୍ତଙ୍କୁ ୮୩,୧୫୫ ଓ ରାଜକିଶୋରଙ୍କୁ ୫୪,୮୧୪ ଖଣ୍ଡ ଭୋଟ ମିଳିପାରିଛି। କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଭୂଷଣ ମଲ୍ଲିକଙ୍କୁ ୪୨,୫୭୦ ଖଣ୍ଡ ଭୋଟ ମିଳି ପାରିଥିବା ଜଣାଯାଇଛି। ଏହି ଫଳାଫଳକୁ ନେଇ ତର୍ଜମା ଚାଲିଛି।

## ଭାଜପା ଶିବିରରେ ବିଜୟ ଉତ୍ସବ



କୁଜଙ୍ଗରେ ଭାଜପା କର୍ମୀମାନେ ବିଜୟ ଉତ୍ସମ ମନାଉଛନ୍ତି।

କୁଜଙ୍ଗ,୪।୬(ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଓ ଜଗତସିଂହପୁର ଲୋକ ସଭା ପ୍ରାର୍ଥୀ ଡ. ବିଭୁ ପ୍ରସାଦ ତରାଇ ବିଜୟ ଲାଭ କରିଥିବାରୁ କୁଜଙ୍ଗ ବଜାର ସମେତ ଗାଁ ଗହଳିରେ ଆନନ୍ଦର ଲହରି ଖେଳି ଯାଇଛି। ଏହି ଅବସରରେ ଦଳୀୟ କର୍ମୀମାନେ ବିଭିନ୍ନ ସ୍ଥାନରେ ମିଷ୍ଟାନ୍ନ ବଣ୍ଟନ କରିବା ସହ ବାଜା ବଜାଇ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଛନ୍ତି। ବିଜୟୀ ଘୋଷଣା ହେବା ପରେ ସମ୍ପଦ କୁଜଙ୍ଗସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ହଜାର ହଜାର ଶୁଭେଚ୍ଛୁଙ୍କ ଗହଣରେ ଉତ୍ସବ ମନାଇଛନ୍ତି। ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡିର ଗଡ ହୋଇଥିଲେ ବି ବିଧାୟକ ବିରୋଧୀ ମାନସିକତା ଭୋଟରେ ପ୍ରତିଫଳିତ ହୋଇଥିବା ପ୍ରମାଣିତ ହୋଇଛି।

## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବ୍ରହ୍ମାନନ୍ଦଙ୍କ ପରଲୋକ

ପଟ୍ଟାମୁଣ୍ଡାଇ ୪।୬ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାମଲ(୮୩)ଙ୍କ ପରଲୋକ ହୋଇଯାଇଛି। ସେ ୧୯୮୪-୮୯ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ମନୋରଞ୍ଜନ ସାମଲ, ଚିତ୍ତରଞ୍ଜନ ସାମଲ, ରଜିତ ରଞ୍ଜନ ସାମଲ ଓ ପୁଷ୍ପ ରଞ୍ଜନ ସାମଲ, ପୁତ୍ର ବଧୂ, ଝିଆଁ, ନାତୁଣୀନାତି, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ।

## ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ପାଟଣା,୪।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନା ପଶି ପଞ୍ଚାୟତ ଗୁଡ଼ି ପୋଖରୀ ଗ୍ରାମର ଜଣେ ବୃଦ୍ଧଙ୍କ ମଙ୍ଗଳବାର ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗ୍ରାମର ପଦ୍ମ ବାହାଦୁର(୬୪)। ସେ ଅପରାହ୍ନରେ ଗାଁ ବନ୍ଧକୁ ଶୌଚ ହେବା ପାଇଁ ଯାଉଥିବା ବଜ୍ରପାତର ଶିକାର ହୋଇଥିଲେ। ଏଥିରେ ତାଙ୍କର କପାଳ, ଗୋଡ, ମୁଣ୍ଡ କହୁଣୀ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ଫଳାଫଳ ଘୋଷଣା ପରେ ଜଗତ୍‌ସିଂହପୁର ଏସ୍‌ଭିଏମ୍ ସ୍ୱୟଂସାଶିତ କଲେଜ ସମ୍ମୁଖରେ ଭାଜପା କର୍ମୀମାନେ ଉତ୍ସବ ମନାଉଛନ୍ତି।

## ଧ୍ରୁବଙ୍କ ଅଞ୍ଚଳବାସୀଙ୍କୁ କୃତଜ୍ଞତା

ପଟ୍ଟାମୁଣ୍ଡାଇ, ୪।୬ (କଳ୍ପତରୁ ନାୟକ)

ରାଜନଗରରେ ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ବିପୁଳ ବିଜୟ ହାସଲ କରି ନିଜର ନିକଟମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଲଳିତ ବେହେରାଙ୍କୁ ୨୪, ୮୦୦ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟ ହାସଲ କରିଛନ୍ତି। ପ୍ରଚଣ୍ଡ ଭାଜପା ଲହର ସତ୍ତ୍ୱେ ଧ୍ରୁବଙ୍କ ବିଜୟ ହାସଲ କରିବା ଉଲ୍ଲେଖନୀୟ ହୋଇଛି। ଏଥିପାଇଁ ଧ୍ରୁବ ପଟ୍ଟାମୁଣ୍ଡାଇ-ରାଜନଗରବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏ ବିଜୟ ଅଞ୍ଚଳବାସୀଙ୍କର ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ସାପ କାମୁଡ଼ାରେ ମହିଳା ମୃତ

ଆଳି,୪।୬(ବନମାଳୀ ସେନାପତି)

ଆଳି ବ୍ଲକ ଦଶିପୁର ପଞ୍ଚାୟତ ଖରିଅଣ୍ଟା ଗ୍ରାମର କୈବଲ୍ୟ ବରଜଙ୍କର ସାପ କାମୁଡ଼ାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ସକାଳେ କୈବଲ୍ୟ ଘର ପଛ ପଟରୁ ଜାଳେଣି ଆଣୁଥିବା ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ଏ ବିଷୟରେ ସେ ଘରେ ଜଣାଇବା ପରେ ପରିବାର ଲୋକେ ତାଙ୍କୁ ପ୍ରଥମେ ରାଜକନିକା ମେଡିକାଲ ନେଇ ଯାଇଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯିବା ସମୟରେ ଗୁରୁତର ହେବାରୁ କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଆଳି ନିକଟରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଳି ମେଡିକାଲକୁ ନିଆଯାଇଥିଲା। ଆଳି ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଶନିଦେବଙ୍କ ବାର୍ଷିକୋତ୍ସବ

ବନ୍ତ,୪।୬ (ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକର ନିଲୋକ ପଞ୍ଚାୟତ ଘରପଦା ଗ୍ରାମରେ ଶନିଦେବଙ୍କ ୭ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଧନି ସା ପୋଖରୀରୁ ୫୪ କଳସ ଅଣାଯାଇ ଘଟ ସ୍ଥାପନା ପୂର୍ବକ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ କଳସ ଧାରଣ କରିଥିଲେ କୈଳାସ ଚନ୍ଦ୍ର ଚଢେଇ, ଉର୍ମିଳା ଚଢେଇ ଓ ନିହାର ରଞ୍ଜନ ଚଢେଇ। ଗ୍ରାମବାସୀମାନେ ଅନ୍ୟ କଳସ ଧାରଣ କରିଥିଲେ। ବସନ୍ତ କୁମାର ମିଶ୍ର ପୂଜା କାର୍ଯ୍ୟ, ଶାନ୍ତନୁ କୁମାର ପଣ୍ଡା, ଦିଲୀପ କୁମାର ଦାଶ, କମଳାକାନ୍ତ ପାଢ଼ୀ ଓ ଦୀପ୍ତିକାନ୍ତ ଉପାଧ୍ୟାୟ ଯଜ୍ଞ କାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ।

## ନିର୍ବାଚନୀ ହିଂସା ନେଇ ଥାନାରେ ମାମଲା

ଭଣ୍ଡାରିପୋଖରୀ,୪।୬(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ଘଟି ଏକାଧିକ ନିର୍ବାଚନୀ ହିଂସା ନେଇ ମାମଲା ରୁଜୁ ହୋଇଛି। ଷୋଳମପୁର ପଞ୍ଚାୟତର ବିରୋଳି ଗ୍ରାମରେ ନିର୍ବାଚନ ପୂର୍ବଦିନ ଟଙ୍କା ବଣ୍ଟା ଓ ଧମକ ଦେବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ଗ୍ରାମର ସଞ୍ଜୁଲତା ଜେନାଙ୍କ ଅଭିଯୋଗକ୍ରମେ ଥାନାରେ ୪ଜଣଙ୍କ ନାମରେ ମାମଲା (ନଂ.୨୩୨/୨୪) ରୁଜୁ କରାଯାଇଛି। ଅପରପକ୍ଷରୁ ପ୍ରୀତିରାଣୀ ଜେନାଙ୍କ ଅଭିଯୋଗକ୍ରମେ ଥାନାରେ ୪ଜଣଙ୍କ ନାମରେ ମାମଲା (ନଂ.୨୩୧/୨୪) ରୁଜୁ ହୋଇଛି। ଗତ ଶନିବାର ଭୋଟଗ୍ରହଣ ସମୟରେ ବର୍ୟାଁବନାପୁର ବୁଥ୍‌କୁ ଗ୍ରାମର ସୁଦର୍ଶନ ବେହେରା ମତଦାନ ପାଇଁ ଯାଇଥିବା ବେଳେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଭୋଟ ଦେବା ଲାଗି ଧମକ ଦିଆଯାଇଥିବା ଅଭିଯୋଗରେ ୨ ଜଣଙ୍କ ନାମରେ ମାମଲା (ନଂ.୨୩୩/୨୪) ରୁଜୁ ହୋଇଛି। ସେହିପରି କହରାପୋଖରୀ ଶାସନ ଗ୍ରାମର ଜଗବନ୍ଧୁ ନାୟକଙ୍କୁ ଆକ୍ରମଣ ନେଇ ଦାଦା ପୂର୍ଣ୍ଣଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ୭ଜଣଙ୍କ ନାମରେ ମାମଲା (ନଂ.୨୩୪/୨୪) ରୁଜୁ କରାଯାଇଛି। ଏହା ବିରୋଧରେ କହରାପୋଖରୀ ଶାସନ ଗ୍ରାମର ନିରଞ୍ଜନ ବେହେରାଙ୍କ ଅଭିଯୋଗ ଆଧାରରେ ଥାନାରେ ୧୦ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

**ଦ.ପୂ. ରେଳପଥ - ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୧୦-ଇଏଲ୍-ଡବ୍ଲୁଟି-୨୦୨୪-୨୫, ତାରିଖ: ୩୧।୦୫।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନରେ ରେଳପଥ ମାଲିକାନାଧୀନ ୩୩ କେଭି ଓଭରହେଡ୍ ପାୱାର ଲାଇନ୍ କ୍ରସିଂଗୁଡ଼ିକୁ ଅଣ୍ଡରଗ୍ରାଉଣ୍ଡ କେବଲ୍‌ରେ ପରିବର୍ତ୍ତନ କରିବା। **ଟେଣ୍ଡର ମୂଲ୍ୟ:** ₹୮୬,୫୭,୩୨୬.୪୪। **ଇଏମ୍‌ଡି:** ₹୧,୭୩,୨୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ବନ୍ଦ ହେବା/ଖୋଲାଯିବା ତାରିଖ:** ୦୨।୦୭।୨୦୨୪, ୧୫.୦୦ ଘଟିକା। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-217)

**PARADIP PORT AUTHORITY**
HARBOUR WORKS DIVISION No.I
e-TENDER CALL NOTICE
e-TCN No. CE/HWDI/ACCTS-15/23/164, dtd: 29.05.2024
**Name of the work:** "Supply & installation of Ladders & Bollards along with installation of Cell & Super-M Fenders in various Berths of Paradip Port for two years". Put to tender value: Rs.1,16,88,795.32 plus GST as applicable. Last date & time of submission of tender through online bidding is 19.06.2024 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
Sd/- Executive Engineer, Harbour Works Division No.I, Paradip Port Authority
PPA/PR/04/2024-2025 dtd.03.06.2024

**ପୂର୍ବ ତଟ ରେଳପଥ**
(1)ଟେଣ୍ଡର ସଂ.eT-M-KUR-CTS-257-2024
**କାର୍ଯ୍ୟର ନାମ:** ଦୁଇ ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନ ଠାରେ ଟ୍ରେନ୍ ରହଣୀ ସମୟରେ କୋଚ୍ (CTS) ଗୁଡ଼ିକର ଯନ୍ତ୍ରୀକୃତ (Mechanized) ସଫେଇ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 5,24,56,557.54, **EMD (ଟଙ୍କାରେ):** 4,12,300/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 11,800/-।
(2)ଟେଣ୍ଡର ସଂ.eT-M-KUR-SKND-ETP-259-24
**କାର୍ଯ୍ୟର ନାମ:** 03 ବର୍ଷ (1095 ଦିନ) ସମୟ ଅବଧି ନିମନ୍ତେ ସୁକିନ୍ଦା ରୋଡ୍‌ଠାରେ 02 ଗୋଟି ETP ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ, 02 ଗୋଟି ହ୍ୱିଲ୍ ୱାସିଙ୍ଗ୍ ପ୍ଲାଣ୍ଟର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଏବଂ ମାର୍ଗ ନଂ.01 ଏବଂ 07 ଠାରେ 02 ଗୋଟି ସ୍କ୍ରିକଲର ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 1,37,01,887.62, **EMD (ଟଙ୍କାରେ):** 2,18,500/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 5,900/-।
ଶେଷ ହେବା ଅବଧି: 24 ମାସ (କ୍ରମ. ସଂ. 1 ପାଇଁ) ଏବଂ 36 ମାସ (କ୍ରମ. ସଂ. 2 ପାଇଁ)।
ବିକ୍ରି ଆରମ୍ଭ ହେବା ତାରିଖ: ତା.04.06.2024ରିଖ (କ୍ରମ. ସଂ. 1 ପାଇଁ) ଏବଂ 06.06.2024ରିଖ (କ୍ରମ. ସଂ. 2 ପାଇଁ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.06.2024ରିଖ 1530 ଘଟିକାରେ (କ୍ରମ. ସଂ. 1 ପାଇଁ) ଏବଂ ତା.20.06.2024ରିଖ 1530 ଘଟିକାରେ (କ୍ରମ. ସଂ. 2 ପାଇଁ)।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ଖୋର୍ଦ୍ଧା ରୋଡ୍
PR-176/P/24-25

**ପୂର୍ବ ତଟ ରେଳପଥ**
**ନିରାକାରପୁର-ଭୁଷଣ୍ଡପୁର ଷ୍ଟେସନ ମଧ୍ୟରେ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗକୁ ବନ୍ଦ କରିବା ନିମନ୍ତେ ସାର୍ବଜନିକ ସୂଚନା**
ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ପରିବର୍ତ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ନିମ୍ନବର୍ଣ୍ଣିତ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି, ଯାହାକୁ ତା.30.05.2024 ରିଖ ଦିନ ସର୍ବସାଧାରଣଙ୍କ ନିମନ୍ତେ ପ୍ରଚଳନ କରାଯିବ। ପତ୍ର ସଂ.16403/JUDI, ତା.03.11.2020ରିଖ ଦ୍ୱାରା ମାଜିଷ୍ଟ୍ରେଟ୍ ଖୋର୍ଦ୍ଧା ରୋଡ୍, ଏହି ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ନିମନ୍ତେ ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି । ବନ୍ଦ ନିମନ୍ତେ ପ୍ରମୁଖ ମୁଖ୍ୟ ଇଂଜିନିୟରଙ୍କ ମଞ୍ଜୁରୀ ପ୍ରକ୍ରିୟାଧୀନ ରହିଛି।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ୍ ସଂ. | ରେଳବାଇ କି.ମି. | ଶ୍ରେଣୀ (M/UM) | Census ବର୍ଷ | ଟ୍ରେନ୍ ଭେଇକିଲ୍ ୟୁନିଟ୍ |
|---|---|---|---|---|---|---|
| B | ନିରାକାରପୁର-ଭୁଷଣ୍ଡପୁର | 220 | 482/37-39 | "C"ଶ୍ରେଣୀ (M) | ସେପ୍ଟେମ୍ବର-2021 | 6935 |

ବନ୍ଦ ହେବାର କାରଣ: L-xing ସ୍ଥାନରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ। ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ସୂଚନାର୍ଥେ।
PR-177/P/24-25 ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ଖୋର୍ଦ୍ଧା ରୋଡ୍

See Career Appointment on every Wednesday & Saturday

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010
**NOTICE INVITING TENDER** Dt.: 04.06.2024
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for supply of different sizes of GI Channels, Angles & Flats at TPSODL. | TPSODL/OT/2024-25/019 | 50,000 | 5,000 | 14.06.2024; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଶିକ୍ଷକ ଆବଶ୍ୟକ**
ଉଭୟ ଇଂରାଜୀ ଓ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ, ଭୁବନେଶ୍ୱର ପାଇଁ ୧୦ଟି ଶିକ୍ଷକ ଆବଶ୍ୟକ।
ମୋ. ନଂ.: 7978084373, 9337119851

**ମାର୍କେଟିଙ୍ଗ୍ ମ୍ୟାନେଜର ଆବଶ୍ୟକ**
ମାର୍ବଲ ଏବଂ ସାନିଟାରି ଦୋକାନ ପାଇଁ ମାର୍କେଟିଙ୍ଗ୍ ପିଲା ଆବଶ୍ୟକ। ବୟସ : 20-35, **ଦରମା - 15,000 to 20,000**। ଅଭିଜ୍ଞତା ଥିଲେ ଅଗ୍ରାଧିକାର ମିଳିବ।
Mob - 8249410328

**ଗେଷ୍ଟ ହାଉସ୍ ପାଇଁ ଅଭିଜ୍ଞ କର୍ମଚାରୀ ଆବଶ୍ୟକ**
- TOURIST CAR DRIVER (Innova Crysta) : 3 Nos.
- GUEST HOUSE INCHARGE : 2 Nos.
- FRONT OFFICE ASSISTANT: 1 No.
- SECURITY GUARD : 2 Nos.

(ATTRACTIVE SALARY WITH OTHER PERKS)
WALK-IN-INTERVIEW at Residency 24x7, 13 West, Ashok Nagar, (Behind Khadi Niketan), BBSR (10AM to 5PM)
Contact: 7656915989

**WANTED**
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 8895029591

**LCJ SILVER-LALCHAND JEWELLERS REQUIRES**
SALES STAFF: 7Nos. For the Bhubaneswar Store.
Minimum Quali: +3 & 2 Years Retail Experience.
Send Resume at Mail ID: indramani_r@yahoo.com
or Call: 0674-2535555, 9776456453.

**ODISHA JOINT ENTRANCE EXAMINATION-2024 (OJEE-2024)**
No: 227/OJEE DATE: 04-06-2024
**NOTICE FOR ONLINE APPLICATION FOR 2ND/ SPECIAL OJEE, 2024**
**No.N-11:** The 2nd / Special OJEE for B.Tech., LE-Tech (Diploma), LE-Tech (B.Sc.), MBA, MCA and B. Pharm will be held in the last week of June, 2024 (24th June, 2024 to 26th June, 2024).
The Entrance Examination will be conducted in Computer Based Test (CBT) mode for all the courses as mentioned above.
Interested candidates are advised to fill up the respective Application Forms online through OJEE website (**www.ojee.nic.in**) only.
**Filling-up of Online Application through OJEE website has been started on 04th June, 2024 and will end on 11th June, 2024 (11.00 PM).**
Please read, carefully, the **'Information Brochure'** and the **'Instructions to fill Online Application Form'** for OJEE - 2024, which are available in the OJEE websites to get detailed information regarding eligibility criteria, examination pattern, syllabus etc.
Syllabus for B.Tech. course is same as that for JEE MAIN 2024, while syllabus for other courses are same as for OJEE 2024.
Candidates, who have appeared and have rank in JEE MAIN 2024 (for B.TECH) or OJEE - 2024 (for other courses), are not required to appear the 2nd / Special OJEE.
The results (ranks) of 2nd/ Special OJEE shall be used for admission to the vacant seats left over after 1st phase counselling.
Please note that Outside State candidates are not eligible for admission in Government Colleges, but they are eligible for admission in Private Colleges.
For other details, please visit our website: **www.ojee.nic.in / www.odishajee.com.**
OIPR-44026/11/0001/2425 Sd./- CHAIRMAN, OJEE

# ପରିବେଶ ପ୍ରଦୂଷଣ ସତ୍ତ୍ୱେ ବଦଳୁନି ଜୀବନଶୈଳୀ

■ ବଣ ପାହାଡ଼ ଘେରା ଅଞ୍ଚଳରୁ ପଦା ହେଉଛି ଗଛ
■ ବଢୁଛି କଂକ୍ରିଟ ଜଙ୍ଗଲ, ରାସ୍ତା ବଢ଼ି ଚାଲିଛି

ନୟାଗଡ଼,୪।୬ (ଲୋକନାଥ ମିଶ୍ର)

ବଣ ପାହାଡ଼ ଘେରା ନୟାଗଡ଼ ଜିଲାରେ ପରିବେଶ ପ୍ରଦୂଷଣ ହୋଇ ଚାଲିଛି। ଗଛ କଟା ଉପରେ ରୋକ୍ ଲଗା ଯାଇ ପାରୁ ନ ଥିବାରୁ ନୟାଗଡ଼ ଜିଲାରେ ଜଙ୍ଗଲିଆ ଅଞ୍ଚଳ ଧିରେ ଧିରେ ଧ୍ୱଂସ ହୋଇ ଚାଲିଛି। ଜଙ୍ଗଲ ପରିମାଣ କମି ଚାଲିଥିବାବେଳେ କଂକ୍ରିଟ କୋଠାବାଡ଼ି ଓ ରାସ୍ତା ନିର୍ମାଣ, ପଲିଥିନର ବହୁଳ ବ୍ୟବହାର ବିପଦକୁ ଆମନ୍ତ୍ରଣ କରୁଛି। ସଚେତନତାର ଅଭାବ ଓ ବିକାଶ ନାଁରେ ବିନାଶ ଚାଲିଥିବାରୁ ସ୍ଥଳ, ଜଳ ଓ ଆକାଶ ପ୍ରଦୂଷିତ ହୋଇ ଚାଲିଛି। ବୁଦ୍ଧିଜିବୀ, ପରିବେଶବିତ୍, ସରକାର ଓ ସାଧାରଣ ମଣିଷଙ୍କୁ ପରିବେଶ ସୁରକ୍ଷା ଚିନ୍ତା ଘାରୁଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା ଶୂନ। ବଦଳୁଥିବା ପରିବେଶ, ଅସନ୍ତୁଳିତ ଜଳବାୟୁ ଓ ବିପର୍ଯ୍ୟୟମୁଖୀ ସବୁଜିମା ନୟାଗଡ଼ ଜିଲାରେ ଜୀବଜଗତକୁ ଧ୍ୱଂସ ମୁଖକୁ ଠେଲି ଚାଲିଛି। ଗାଡିମୋଟରଠାରୁ ଆରମ୍ଭ କରି ସବୁକ୍ଷେତ୍ରରେ ଅତ୍ୟାଧୁନିକ ଜୀବନଶୈଳୀରେ ପରିବର୍ତ୍ତନ ଆସିଛି । ପ୍ରାକୃତିକ ସମ୍ବଳର ବ୍ୟବହାରରେ ପରିବର୍ତ୍ତନ ଆଣିଲେ ପରିବେଶର ଚିତ୍ର ବଦଳିବ ବୋଲି ମତ ପ୍ରକାଶ ପାଇଛି। କେବଳ ପରିବେଶ ଦିବସ ପାଳନ କଲେ ପରିବେଶ ବଦଳିବ ନାହିଁ । ପରିବେଶକୁ ବଦଳାଇବାକୁ ହେଲେ ଆନ୍ତରିକତାର ସହ କାମ କରିବାକୁ ପଡିବ ବୋଲି ଆଲୋଚନା ଆରମ୍ଭ ହୋଇଛି।

**ପରିବେଶ ପାଇଁ ଆନ୍ଦୋଳନ:** ଗଛ ସାର ତଥା ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ କୁହନ୍ତି, ପରିବେଶ ପାଇଁ ଆନ୍ଦୋଳନ ଦରକାର। ଭଲ ପରିବେଶ ଖୋଜିଲେ ମିଳୁନାହିଁ। ପ୍ରକୃତି ଉପରେ ମଣିଷର ମାତ୍ରାଧିକ ହସ୍ତକ୍ଷେପ ଯୋଗୁ ବିଗିଡି ଚାଲିଛି ପରିବେଶ। ଭୂତଳ ଜଳ ବି ବିଷ ହେଲାଣି। ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟାନ୍ ହୋଇଥିଲେ ହେଁ ଏହାର ଅଧିକ ବ୍ୟବହାର ମହାବିପତ୍ତି ଡାକି ଆଣିଛି। ପ୍ରଦୂଷିତ ପରିବେଶର ପ୍ରଭାବ କେବଳ ମାନବ ସଭ୍ୟତା ପାଇଁ ନୁହେଁ ଜୀବଜଗତ ଉପରେ ପଡିଛି। ଜନସଂଖ୍ୟା ବିସ୍ଫୋରଣର ପ୍ରତିକୂଳ ପ୍ରଭାବ ପ୍ରକୃତି ଆଉ ସହ୍ୟ କରିପାରୁନି। ଭୂମିର ବ୍ୟବହାରିକ ପରିବର୍ତ୍ତନ, ଜଙ୍ଗଲ କ୍ଷୟ, ପ୍ରାକୃତିକ ଅବାସସ୍ଥଳୀ ନଷ୍ଟ ପଛରେ ମଣିଷର ହାତ ରହିଛି।

**ସୁରକ୍ଷା ନାଁରେ ବାହାବା:** ପରିବେଶବିତ୍ ଶାନ୍ତନୁ ବିଶୋଇ କୁହନ୍ତି, ନୟାଗଡ଼ ଡିଆରଡିଏ ରାସ୍ତା ପରି ବିକାଶ ନାଁରେ ଜିଲାର ବିଭିନ୍ନ ସ୍ଥାନରେ ଗଛ କଟା ଚାଲିଛି। ଜଙ୍ଗଲରୁ ମଧ୍ୟ ଗଛ କଟା ହେଉଛି। ହେଲେ ସେହି ପରିମାଣର ନୂଆ ଚାରା ଲଗାଯାଉନାହିଁ। ଚାରା ରୋପଣ ନାମରେ ଯେଉଁ ବାହାବା ନିଆଯାଉଛି କେତେ ଗଛ ବଞ୍ଚୁଛି ତା'ର ହିସାବ ରଖା ଯାଉନାହିଁ। କିଛି ଫଟୋ ଓ ଭିଜୁଆଲ ସଂଗ୍ରହ କରାଯାଇ ପରିବେଶବିତ୍ ପୁରସ୍କାର ହାତେଇବା ପାଇଁ ଯେତିକି ତତ୍ପରତା ପ୍ରକାଶ ପାଉଛି ପରିବେଶ ସୁରକ୍ଷା ପାଇଁ ସେତିକି ଉଦ୍ୟମ ନାହିଁ। ପରିବେଶ ସୁରକ୍ଷାକୁ ଯଦି ଗୁରୁତ୍ୱ ଦିଆ ନ ଯାଏ ଆଗକୁ ଆସୁଥିବା ବିପଦ ଅଧିକ ଭୟଙ୍କର ହେବ,ଏଥିରେ ସନ୍ଦେହ ନାହିଁ।

**ପରିବେଶ ସୁରକ୍ଷା ଆଇନ ନାହିଁ:** ପରିବେଶବିତ୍ ସଞ୍ଜୟ ସାହୁ କୁହନ୍ତି,ପାହାଡ଼ିଆ ଅଞ୍ଚଳ ନୟାଗଡ଼ ଜିଲାରେ ପଥରଚୋର, କାଠଚୋର, କରତ କଳ ଓ କ୍ରଶର ମାଲିକ, ଶିକାରୀଙ୍କ ଯୋଗୁ ବହୁ ମୁଣ୍ଡିଆ ପଦା ହୋଇଗଲାଣି। ଅନେକ ଜଙ୍ଗଲ ଲୋପ ହୋଇଗଲାଣି। ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା ଯୋଗୁ ନୟାଗଡ଼ ଜିଲାରେ କିଛି ଉଜୁଡା ଜଙ୍ଗଲର ପୁନରୁଦ୍ଧାର ହୋଇ ପାରିଛି। ହେଲେ ନୂଆ ଜଙ୍ଗଲ ସୃଷ୍ଟି କରିବାରେ ଆନ୍ତରିକତା ନ ଥିବା ପରି ମନେ ହେଉଛି। ପରିବେଶ ସୁରକ୍ଷା ପାଇଁ ନୂଆ ଆଇନ ଆଣି ଲୋକମାନଙ୍କୁ ଏଥିରେ ସଂଶ୍ଳିଷ୍ଟ କରାଇ ନିଜ ପରିବେଶକୁ ନିଜେ ସମ୍ଭାଳିବାକୁ ବ୍ୟବସ୍ଥା କରିବା ଦରକାର।

**ପୃଥିବୀର ସ୍ୱାସ୍ଥ୍ୟକୁ ଅଣଦେଖା:** ପରିବେଶବିତ୍ ସୁକାନ୍ତ ଚୌଧୁରୀ କୁହନ୍ତି, ବିଭିନ୍ନ ପ୍ରକାର ପ୍ରଦୂଷଣ, ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ହ୍ରାସ ପରି କାରଣକୁ ନେଇ ପୃଥିବୀର ସ୍ୱାସ୍ଥ୍ୟ ବିଗିଡି ଚାଲିଛି। ଆମେ ଯେପରି ଆମ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉଛେ ସେପରି ପୃଥିବୀର ସ୍ୱାସ୍ଥ୍ୟକୁ ଗୁରତ୍ୱ ଦେବା ଦରକାର। ପୃଥିବୀର ସ୍ୱାସ୍ଥ୍ୟକୁ ଆମେ ଅଣଦେଖା କରୁଥିବାରୁ ବର୍ଷା ଋତୁରେ ଠିକରେ ବର୍ଷା ହେଉନି କି ଶୀତ ଋତୁରେ ଭଲ ଭାବେ ଶୀତ ହେଉନି। ଗ୍ରୀଷ୍ମ ଋତୁରେ ବଢ଼ି ଚାଲିଛି ତାପମାତ୍ରା। ଗ୍ରୀଷ୍ମର ତାତି ଏପରି ବଢୁଛି ଜୀବଜଗତ ତିଷ୍ଠିବା କାଠିକର ପାଠ ହୋଇ ପଡିଛି। ବିଗିଡି ଚାଲିଥିବା ପରିବେଶକୁ ଠିକ୍ କରିବାକୁ ହେଲେ ଆମେ ପରିବର୍ତ୍ତନ ହେବା ଦରକାର ବୋଲି କହିଛନ୍ତି।

## ପୋଷ୍ଟାଲ ବାଲଟ ଭୋଟ ବିଜେଡି ବିରୋଧରେ ନୟାଗଡ଼ ନିର୍ବାଚନମଣ୍ଡଳୀ ବ୍ୟତିକ୍ରମ

ନୟାଗଡ,୪।୬ (ଲୋକନାଥ ମିଶ୍ର)

ଜିଲାର ୪ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ନୟାଗଡ଼କୁ ଛାଡିଦେଲେ ଅନ୍ୟ ୩ଟି ନିର୍ବାଚନମଣ୍ଡଳୀରେ ପୋଷ୍ଟାଲ ଭୋଟ ବିଜେଡି ବିରୋଧରେ ଯାଇଛି। ରଣପୁର, ଖଣ୍ଡପଡା ଓ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଅଧିକ ଭୋଟ ପାଇଛନ୍ତି। କେବଳ ନୟାଗଡ଼ ନିର୍ବାଚନମଣ୍ଡଳୀ ବ୍ୟତିକ୍ରମ ପାଳନ୍ତିଛି। ରଣପୁର ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ସୁରମା ପାଢ଼ି ୪୩୭ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ ୨୩୯ ଭୋଟ ପାଇଛନ୍ତି। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ରାଘବ ମଲିକ ୨୨୯ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ୧୭୩ ଭୋଟ ପାଇଛନ୍ତି। ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ୪୧୮ ଭୋଟ ଯାଇଥିବାବେଳେ ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନଙ୍କୁ ୧୯୫ ଭୋଟ ଯାଇଛି। ନୟାଗଡ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅରୁଣ କୁମାର ସାହୁଙ୍କୁ ବେଶି ଭୋଟ ଯାଇଛି। ଅରୁଣ କୁମାର ସାହୁ ୪୮୯ ଭୋଟ ପାଇଥିବାବେଳେ ଭାଜପାର ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ୪୪୬ ଭୋଟ ପାଇଛନ୍ତି।

## ଭୋଟ ଗଣତିର ସ୍ୱଚ୍ଛତା ନେଇ ପ୍ରଶ୍ନ

ନୟାଗଡ଼,୪।୬ (ଲୋକନାଥ ମିଶ୍ର)

ନୟାଗଡ ନିର୍ବାଚନମଣ୍ଡଳୀରେ ୧୮ ରାଉଣ୍ଡ ଭୋଟ ହେବ ବୋଲି ଜିଲାପାଳ ଗଣମାଧ୍ୟମକୁ କହିଥିଲେ । ତେବେ ୧୮ ରାଉଣ୍ଡ ବଦଳରେ ୨୦ ରାଉଣ୍ଡ ହେବାରୁ ପ୍ରଶାସନ ସନ୍ଦେହ ଘେରକୁ ଆସିଛି ବୋଲି ସାଧାରଣରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି । ଏପରି କି ଭୋଟ ଗଣତିର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି ।

# ଶିଖରପୁର ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ୍ ଗଛ କାଟିନେଲେ



ସଂରକ୍ଷିତ ଜଙ୍ଗଲରୁ କଟାଯାଇଥିବା ଗଛ।

ଖଣ୍ଡପଡ଼ା,୪।୬
(ଅଜୟ କୁମାର ମହାରଣା)

ଏକଦା ଶାଳ, ପିଆଶାଳ, ଅସନ, ଶାଗୁଆନ ପରି ବିଭିନ୍ନ କିସମର ଗଛରେ ପରିପୂର୍ଣ୍ଣ ଥିବା ଶିଖରପୁର ସଂରକ୍ଷିତ ଜଙ୍ଗଲ ଏବେ ଖଣ୍ଡପଡ଼ା ବନ ବିଭାଗର ଉଦାସୀନତା ଯୋଗୁ ପଦା ହେବାରେ ଲାଗିଛି। ଜଙ୍ଗଲରୁ କାଠ କଟାଳିଙ୍କଠାରୁ ଆରମ୍ଭ କରି ବ୍ୟବସାୟୀମାନେ ବହୁ ମୂଲ୍ୟବାନ ଗଛ କାଟି ନେଉଥିବା ଅଭିଯୋଗ ହେଉଛି। ଏହି ଘଞ୍ଚ ଜଙ୍ଗଲରେ ବନ୍ୟଜନ୍ତୁମାନେ ନିରାପଦରେ ବିଚରଣ କରୁଥିବା ବେଳେ ଜଙ୍ଗଲ କ୍ରମଶଃ ହ୍ରାସ ପାଉଥିବାରୁ ବନ୍ୟ ଜନ୍ତୁମାନେ ବିପଦରେ ଅଛନ୍ତି । ଖଣ୍ଡପଡ଼ା ବନବିଭାଗ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତି ଓ କାଠ ବ୍ୟବସାୟୀମାନେ ଜଙ୍ଗଲ ସମ୍ପଦକୁ ଲୁଟ୍ କରୁଥିବାରୁ ଏବେ ସଂରକ୍ଷିତ ଜଙ୍ଗଲ ଶ୍ରୀହୀନ ହେବାରେ ଲାଗିଛି। ଜଙ୍ଗଲ ଜମିରେ ବେଆଇନ୍ ଭାବେ ଶତାଧିକ ଇଟାଭାଟି ଚାଲିଛି। କାଠ କୋଇଲା ସଂଗ୍ରହ ଓ ବନ୍ୟଜନ୍ତୁ ଶିକାର ପାଇଁ ବିଭିନ୍ନ ବ୍ୟକ୍ତି ଜଙ୍ଗଲରେ ଆଡ୍ଡା ମାରୁଛନ୍ତି। ସେମାନେ ବେଆଇନ୍ ଭାବେ ଅଗ୍ନି ସଂଯୋଗ କରିବା ଯୋଗୁ ବହୁ ଏକର ଜଙ୍ଗଲ ସମ୍ପଦ ପୋଡ଼ି ପାଉଁଶ ହୋଇଯାଇଛି।

ସୂଚନା ଅନୁଯାୟୀ, ଆଦିବାସୀ ସମ୍ପ୍ରଦାୟର ଶତାଧିକ ପରିବାର ଏକଦା ଜଙ୍ଗଲରୁ ଲାଖ, ଝୁଣା, ମହୁ, ପାଣିଆଳୁ ପରି ଅନେକ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବଜାରରେ ବିକ୍ରୀ କରି ପରିବାର ପ୍ରତିପୋଷଣ କରୁଥିଲେ । ଏବେ କିନ୍ତୁ ତାହା ଆଉ ଦେଖିବାକୁ ମିଳୁନାହିଁ। ଘଞ୍ଚ ଜଙ୍ଗଲ ଅବକ୍ଷୟର ଦ୍ୱାର ଦେଶରେ ପହଞ୍ଚି ଥିବାରୁ ଆଦିବାସୀଙ୍କ ଜୀବନଜୀବିକା ବିପନ୍ନ ହେବାର ଲାଗିଛି। ଶିଖରପୁର ସଂରକ୍ଷିତ ଜଙ୍ଗଲ ଉପରେ କାଠ ବେପାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିବା ବେଳେ ଖଣ୍ଡପଡ଼ା ବନବିଭାଗ କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟି ନ ଦେଇ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହିପରି ଜଙ୍ଗଲ ସମ୍ପଦ କ୍ଷୟ ଯୋଗୁ ଖଣ୍ଡପଡ଼ା ଅଞ୍ଚଳର ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଙ୍ଗଲ ସମ୍ପଦର ସୁରକ୍ଷା ନିମନ୍ତେ ଦାବି କରିଛନ୍ତି। ସେଥିପ୍ରତି ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ଼ ବନଖଣ୍ଡ ଅଧିକାରିଣୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଫଟୋ, ଭିଜୁଆଲ ଦେଲେନି

ନୟାଗଡ଼,୪।୬ (ଲୋକନାଥ ମିଶ୍ର)

କାଉଣ୍ଟିଂ ସେଣ୍ଟରକୁ ମୋବାଇଲ ମନା ଦର୍ଶାଇ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଭିତରକୁ ଯିବାକୁ ସୁବିଧା ଦିଆ ଯାଇ ନ ଥିଲା। ତେବେ କାଉଣ୍ଟିଂ ସେଣ୍ଟରର ଫଟୋ ଓ ଭିଜୁଆଲ ଗଣମାଧ୍ୟମର ପ୍ରତିନିଧିଙ୍କୁ ଦିଆଯିବ ବୋଲି ଜିଲାପାଳ କହିଥିଲେ। ତେବେ ଗଣମାଧ୍ୟମର ପ୍ରତିନିଧିଙ୍କୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫଟୋ କି ଭିଜୁଆଲ କିଛି ଦେଲା ନାହିଁ। ଏନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସ୍ୱାଇଁଙ୍କୁ ପଚାରିବାରୁ କହିଥିଲେ ପ୍ରଶାସନ ପକ୍ଷରୁ ନିୟୋଜିତ ବ୍ୟକ୍ତି କିଛି ଫଟୋ ଓ ଭିଡିଓ ଦେଇ ନଥିବାରୁ ଗ୍ରୁପରେ ପକାଯାଇ ପାରି ନାହିଁ।

## ମିଡିଆ ସେଲ୍ ପ୍ରହସନ

ନୟାଗଡ଼,୪।୬ (ଲୋକନାଥ ମିଶ୍ର)

ଗଣମାଧ୍ୟମର ପ୍ରତିନିଧିଙ୍କ ପାଇଁ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ମିଡିଆ ସେଲ କରାଯାଇଥିଲା। ହେଲେ ମିଡିଆ ସେଲରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ମନଇଚ୍ଛା ସୂଚନା ଦିଆଯାଉଥିଲା। କେଉଁ ପ୍ରାର୍ଥୀ ବିଜୟୀ ହେଲେ କେଉଁ ପ୍ରାର୍ଥୀ ପରାସ୍ତ ହେଲେ ତାର ବି ସୂଚନା ଦିଆଗଲାନି। ପୁଣି ନିର୍ବାଚନ କମିଶନଙ୍କ ରିପୋର୍ଟ ମିଡିଆ ସେଲରୁ ମଳିଥିବା ରିପୋର୍ଟରେ ତାରତମ୍ୟ ରହୁଥିଲା। କେଉଁଟା ଠିକ୍ କେଉଁଠା ଭୁଲ ଗଣମାଧ୍ୟମର ପ୍ରତିନିଧି ଜାଣି ପାରୁ ନ ଥିଲେ ମଧ୍ୟ ଏହାର ସଂଶୋଧାନ ପାଇଁ ବ୍ୟବସ୍ଥା ନ ଥିଲା। ସେହିପରି ଅପରାହ୍ନ ୨ଟାରୁ ମିଡିଆ ସେଲ ଅନ୍ଧାରରେ ରହିଥିଲେ ହେଁ ସେଠାରେ ଆଲୋକ, ଫ୍ୟାନର ବି ସୁବିଧା କରାଯାଇ ନ ଥିଲା।

## ରିକାଉଣ୍ଟିଂ ପାଇଁ ଫେରାଦ

ନୟାଗଡ଼,୪।୬(ଲୋକନାଥ ମିଶ୍ର)

ନୟାଗଡ଼ ନିର୍ବାଚନମଣ୍ଡଳୀର ଭୋଟ ଗଣତିର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇ ଭାଜପା ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଜିଲାପାଳଙ୍କ ନିକଟରେ ଫେରାଦ୍ ହୋଇଛନ୍ତି । ବୁଧବାର ରି କାଉଣ୍ଟିଂ ହେବାର ପ୍ରତିଶ୍ରୁତି ମିଳଥିବା କୁହାଯାଇଛି। ଭାଜପାର ଅଭିଯୋଗ ଅନୁସାରେ ୧୮ ରାଉଣ୍ଡରେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଗଲା। ପରେ ୨ଟି ଇଭିଏମ୍ ଅଚଳ ହୋଇଛି ଦର୍ଶାଇ ଭୋଟ ଗଣତି କରାଯାଇ ୨୦ ରାଉଣ୍ଡର ଫଳ ଘୋଷଣା କରାଯାଇ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଗଲା । ଭୋଟ ଗଣତିରେ ଜାଲିଆତି ହୋଇଥିବା ଅଭିଯୋଗ ଉଠିଛି ।

## ଜେନେରେଟର ବ୍ୟବସ୍ଥା ନ ଥିଲା

ନୟାଗଡ଼,୪।୬(ଲୋକନାଥ ମିଶ୍ର)

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ହୋଇଥିବା ଭୋଟ ଗଣତି କେନ୍ଦ୍ରରେ ଜେନେରେଟର ବ୍ୟବସ୍ଥା ନ ଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ବର୍ଷା ଯୋଗୁ କିଛି ସମୟ ବିଦ୍ୟୁତ୍ କାଟ୍ ହୋଇଥିଲା । କାଉଣ୍ଟିଂ ସେଣ୍ଟର ଅନ୍ଧାରରେ ରହିଥିଲେ ମଧ୍ୟ ଜେନେରେଟର ବ୍ୟବସ୍ଥା ନ ଥିଲା । ଭୋଟ ଗଣତି କେନ୍ଦ୍ରରେ ଜେନେରେଟର ବ୍ୟବସ୍ଥା ନ ଥିବାରୁ ବିବାଦ ସୃଷ୍ଟି ହୋଇଥିଲା ।

## ଶ୍ରୀମଦ୍ ଭାଗବତ କଥା ମହୋତ୍ସବ

ଦଶପଲ୍ଲା,୪।୬(ପ୍ରକାଶ କୁମାର ପାଣି)

ଦଶପଲ୍ଲା ସାତ ପାଟଣାସ୍ଥିତ ଚୈତନ୍ୟଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଇସ୍କନ ଦଶପଲ୍ଲା ଆନୁକୁଲ୍ୟରେ ଶ୍ରୀମଦ ଭାଗବତ କଥା ମହୋତ୍ସବ ଗତ ୪ ଦିନ ଧରି ଚାଲିଛି । ମଙ୍ଗଳବାର ଉଦଯାପିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ । ୧ ତାରିଖ ଉଦଘାଟନ ଉତ୍ସବ ଦିନ ଏକ ଶୋଭାଯାତ୍ରାରେ ସଂକୀର୍ତ୍ତନ ସହ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା । ଉକ୍ତ ଶୋଭାଯାତ୍ରା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ବହୁ ଭାଗବତ ପ୍ରେମୀ ଅଂଶ ଗ୍ରହଣ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ପ୍ରତି ସନ୍ଧ୍ୟାରେ ଶ୍ରୀମମ୍ ଭାଗବତ ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବକ୍ତା ଶ୍ରୀପାଦ ଚକ୍ରଧର ଦାସ ବ୍ରହ୍ମଚାରୀ ଯୋଗଦାନ କରି ଭାଗବତ କଥା ଉପରେ ପ୍ରବଚନ ଦେଇଥିଲେ । ପ୍ରବଚନ ଶୁଣିବା ପାଇଁ ମନ୍ଦିର ନିକଟରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

## ପୂର୍ବ ଶତ୍ରୁତାରୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୪।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ମଙ୍ଗଳବାର ହତ୍ୟା ଉଦ୍ୟମ ମାମଲାରେ ଭୀଷ୍ମଗିରି ଗ୍ରାମର ଏମ.ପଞ୍ଚୁ ପାତ୍ରଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୨୪୨/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ମଙ୍ଗଳବାର ଭୋରରେ ଭୀଷ୍ମଗିରି ଗ୍ରାମର ଏମ.ମୁଷା ପାତ୍ର ତାଙ୍କ ଘର ବାରଣ୍ଡାରେ ଶୋଇଥିବା ବେଳେ ଅଭିଯୁକ୍ତ ପଞ୍ଚୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏକ ବ୍ଲେଡରେ ତାଙ୍କ ବେକକୁ କାଟି ଦେବା ପାଇଁ ଉଦ୍ୟମ କରିଥିଲେ। ମୂଷା ନିଦରୁ ଉଠି ପଡ଼ିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ସେ ଧରିଥିବା ବ୍ଲେଡରେ ମୂଷାଙ୍କ ବାମ ଗୋଡର ପାଦକୁ କାଟି ଦେଇ ଫେରାର ହୋଇଯାଇଥିଲେ। ମୂଷାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ପୁଅ ଏମ.ରମେଶ ପାତ୍ର ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଆଇଆଇସି ବାବା ଶଙ୍କର ସରାଫ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ।

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୧୦-ଇଏଲ୍-ଡବ୍ଲୁଟି-୨୦୨୪-୨୫, ତାରିଖ: ୩୧।୦୫।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନରେ ରେଳପଥ ମାଲିକାନାଧୀନ ୩୩ କେଭି ଓଭରହେଡ୍ ପାୱାର ଲାଇନ୍ କ୍ରସିଂଗୁଡ଼ିକୁ ଅଣ୍ଡରଗ୍ରାଉଣ୍ଡ କେବଲ୍‌ରେ ପରିବର୍ତ୍ତନ କରିବା। **ଟେଣ୍ଡର ମୂଲ୍ୟ:** ₹୮୬,୫୭,୩୨୬.୪୪। **ଇଏମ୍‌ଡି:** ₹୧,୭୩,୨୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ବନ୍ଦ ହେବା/ଖୋଲାଯିବା ତାରିଖ:** ୦୨।୦୭।୨୦୨୪, ୧୫.୦୦ ଘଟିକା। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-217)

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଶିକ୍ଷକ ଆବଶ୍ୟକ**
ଉଭୟ ଇଂରାଜୀ ଓ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ, ଭୁବନେଶ୍ୱର ପାଇଁ ୧୦ଟି ଶିକ୍ଷକ ଆବଶ୍ୟକ।
ମୋ. ନଂ.: 7978084373, 9337119851

**ମାର୍କେଟିଙ୍ଗ୍ ମ୍ୟାନେଜର ଆବଶ୍ୟକ**
ମାର୍ବଲ ଏବଂ ସାନିଟାରି ଦୋକାନ ପାଇଁ ମାର୍କେଟିଙ୍ଗ୍ ପିଲା ଆବଶ୍ୟକ। ବୟସ : 20-35, **ଦରମା - 15,000 to 20,000**। ଅଭିଜ୍ଞତା ଥିଲେ ଅଗ୍ରାଧିକାର ମିଳିବ।
Mob - 8249410328

**ଗେଷ୍ଟ ହାଉସ୍ ପାଇଁ ଅଭିଜ୍ଞ କର୍ମଚାରୀ ଆବଶ୍ୟକ**
■ TOURIST CAR DRIVER (Innova Crysta) : 3 Nos.
■ GUEST HOUSE INCHARGE : 2 Nos.
■ FRONT OFFICE ASSISTANT: 1 No.
■ SECURITY GUARD : 2 Nos.
(ATTRACTIVE SALARY WITH OTHER PERKS)
WALK-IN-INTERVIEW
at Residency 24x7, 13 West, Ashok Nagar, (Behind Khadi Niketan), BBSR (10AM to 5PM)
Contact: 7656915989

**WANTED**
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 8895029591

**PARADIP PORT AUTHORITY**
HARBOUR WORKS DIVISION No.I
e-TENDER CALL NOTICE
e-TCN No. CE/HWDI/ACCTS-15/23/164, dtd: 29.05.2024
**Name of the work:** "Supply & installation of Ladders & Bollards along with installation of Cell & Super-M Fenders in various Berths of Paradip Port for two years". Put to tender value: Rs.1,16,88,795.32 plus GST as applicable. Last date & time of submission of tender through online bidding is 19.06.2024 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
Sd/- Executive Engineer, Harbour Works Division No.I, Paradip Port Authority
PPA/PR/04/2024-2025 dtd.03.06.2024

**ପୂର୍ବ ତଟ ରେଳପଥ**

(1)ଟେଣ୍ଡର ସଂ.eT-M-KUR-CTS-257-2024
**କାର୍ଯ୍ୟର ନାମ:** ଦୁଇ ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନ ଠାରେ ଟ୍ରେନ୍ ରହଣୀ ସମୟରେ କୋଚ୍ (CTS) ଗୁଡ଼ିକର ଯନ୍ତ୍ରୀକୃତ (Mechanized) ସଫେଇ ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 5,24,56,557.54, EMD (ଟଙ୍କାରେ): 4,12,300/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): 11,800/- ।
(2)ଟେଣ୍ଡର ସଂ.eT-M-KUR-SKND-ETP-259-24
**କାର୍ଯ୍ୟର ନାମ:** 03 ବର୍ଷ (1095 ଦିନ) ସମୟ ଅବଧି ନିମନ୍ତେ ସୁକିନ୍ଦା ରୋଡ଼ଠାରେ 02 ଗୋଟି ETP ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ, 02 ଗୋଟି ହ୍ୱିଲ୍ ୱାସିଙ୍ଗ୍ ପ୍ଲାଣ୍ଟର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଏବଂ ମାର୍ଗ ନଂ.01 ଏବଂ 07 ଠାରେ 02 ଗୋଟି ସ୍ପ୍ରିଙ୍କଲର ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 1,37,01,887.62, EMD (ଟଙ୍କାରେ): 2,18,500/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): 5,900/- ।
ଶେଷ ହେବା ଅବଧି: 24 ମାସ (କ୍ରମ. ସଂ. 1 ପାଇଁ) ଏବଂ 36 ମାସ (କ୍ରମ. ସଂ. 2 ପାଇଁ) ।
ବିଡ୍ ଆରମ୍ଭ ହେବା ତାରିଖ: ତା.04.06.2024ରିଖ (କ୍ରମ. ସଂ. 1 ପାଇଁ) ଏବଂ 06.06.2024ରିଖ (କ୍ରମ. ସଂ. 2 ପାଇଁ), **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.06.2024ରିଖ 1530 ଘଟିକାରେ (କ୍ରମ. ସଂ. 1 ପାଇଁ) ଏବଂ ତା.20.06.2024ରିଖ 1530 ଘଟିକାରେ (କ୍ରମ. ସଂ. 2 ପାଇଁ) ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ଖୋର୍ଦ୍ଧା ରୋଡ଼
PR-176/P/24-25

**ପୂର୍ବ ତଟ ରେଳପଥ**

**ନିରାକାରପୁର-ଭୁଷଣ୍ଡପୁର ଷ୍ଟେସନ ମଧ୍ୟରେ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍‌କୁ ବନ୍ଦ କରିବା ନିମନ୍ତେ ସାର୍ବଜନିକ ସୂଚନା**

ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ପରିବର୍ତ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିମ୍ନବର୍ଣ୍ଣିତ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି, ଯାହାକୁ ତା.30.05.2024 ରିଖ ଦିନ ସର୍ବସାଧାରଣଙ୍କ ନିମନ୍ତେ ପ୍ରଚଳନ କରାଯିବ । ପତ୍ର ସଂ.16403/JUDI, ତା.03.11.2020ରିଖ ଦ୍ୱାରା ମାଜିଷ୍ଟ୍ରେଟ୍ ଖୋର୍ଦ୍ଧା ରୋଡ୍,ଏହି ଜଗୁଆଳୀ ଥିବା ଲେଭେଲ୍ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ନିମନ୍ତେ ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି । ବନ୍ଦ ନିମନ୍ତେ ପ୍ରମୁଖ ମୁଖ୍ୟ ଇଂଜିନିୟରଙ୍କ ମଞ୍ଜୁରୀ ପ୍ରକ୍ରିୟାଧୀନ ରହିଛି ।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ୍ ସଂ. | ରେଳବାଇ କି.ମି. | ଶ୍ରେଣୀ (M/UM) | Census ବର୍ଷ | ଟ୍ରେନ୍ ଭେଇକିଲ୍ ୟୁନିଟ୍ |
|---|---|---|---|---|---|---|
| B | ନିରାକାରପୁର-ଭୁଷଣ୍ଡପୁର | 220 | 482/37-39 | "C"ଶ୍ରେଣୀ (M) | ସେପ୍ଟେମ୍ବର-2021 | 6935 |

ବନ୍ଦ ହେବାର କାରଣ: L-xing ସ୍ଥାନରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ । ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ସୂଚନାର୍ଥେ ।
PR-177/P/24-25 ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ଖୋର୍ଦ୍ଧା ରୋଡ଼

See Career Appointment on every Wednesday & Saturday

**TP SOUTHERN ODISHA DISTRIBUTION LIMITED**
(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010
**NOTICE INVITING TENDER** Dt.: 04.06.2024
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for supply of different sizes of GI Channels, Angles & Flats at TPSODL. | TPSODL/OT/2024-25/019 | 50,000 | 5,000 | 14.06.2024; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

**LCJ SILVER-LALCHAND JEWELLERS REQUIRES**
SALES STAFF: 7Nos. For the Bhubaneswar Store.
Minimum Quali: +3 & 2 Years Retail Experience.
Send Resume at Mail ID: indramani_r@yahoo.com
or Call: 0674-2535555, 9776456453.

**ODISHA JOINT ENTRANCE EXAMINATION-2024 (OJEE-2024)**

No: 227/OJEE DATE: 04-06-2024

**NOTICE FOR ONLINE APPLICATION FOR 2ND/ SPECIAL OJEE, 2024**

**No.N-11:** The 2nd / Special OJEE for B.Tech., LE-Tech (Diploma), LE-Tech (B.Sc.), MBA, MCA and B. Pharm will be held in the last week of June, 2024 (24th June, 2024 to 26th June, 2024).

The Entrance Examination will be conducted in Computer Based Test (CBT) mode for all the courses as mentioned above.

Interested candidates are advised to fill up the respective Application Forms online through OJEE website (**www.ojee.nic.in**) only.

**Filling-up of Online Application through OJEE website has been started on 04th June, 2024 and will end on 11th June, 2024 (11.00 PM).**

Please read, carefully, the '**Information Brochure**' and the '**Instructions to fill Online Application Form**' for OJEE - 2024, which are available in the OJEE websites to get detailed information regarding eligibility criteria, examination pattern, syllabus etc.

Syllabus for B.Tech. course is same as that for JEE MAIN 2024, while syllabus for other courses are same as for OJEE 2024.

Candidates, who have appeared and have rank in JEE MAIN 2024 (for B.TECH) or OJEE - 2024 (for other courses), are not required to appear the 2nd / Special OJEE.

The results (ranks) of 2nd/ Special OJEE shall be used for admission to the vacant seats left over after 1st phase counselling.

Please note that Outside State candidates are not eligible for admission in Government Colleges, but they are eligible for admission in Private Colleges.

For other details, please visit our website: **www.ojee.nic.in / www.odishajee.com**.

Sd./-
CHAIRMAN, OJEE
OIPR-44026/11/0001/2425

# ବିଜେଡି ଗଡ଼ରେ ପଦ୍ମ ଫୁଟିଲା

- ଲଗାତର ଷଷ୍ଠଥର ପାଇଁ ଜିତିଲେ ପ୍ରମିଳା
- ସ୍ୱାଧୀନ ପ୍ରାର୍ଥୀ ଲିକୁ, ଭାଜପାରୁ ଅମର, ଆକାଶ, ଟୁଟୁ ବଳ ବିଜୟୀ
- ହାରିଲେ ଜିତୁ, ଡାନି, ସନ୍ଧ୍ୟାରାଣୀ, ବର୍ଷା, ଗୌତମ, ବବିତା
- ଧରିତ୍ରୀର ୩-୩-୧ ସମ୍ଭାବନା ସତ ହେଲା

**ଯାଜପୁର,୪।୬(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲାର ଜନମତ ପ୍ରାୟ ଭାଜପା ସପକ୍ଷରେ ଯାଇଥିବାରୁ ବିଜେଡି ଶିବିରରେ କମ୍ପନ ସୃଷ୍ଟି ହୋଇଛି। ବରୀକୁ ବାଦ ଦେଲେ ଅନ୍ୟ ସବୁଠି ହାରଜିତ ବ୍ୟବଧାନ ୧୦ ହଜାର ଭିତରେ ରହିଛି। ଅନ୍ୟପକ୍ଷେ ଭାଜପା ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ଲଢି ହିମାଂଶୁ ଶେଖର ସାହୁ(ଲିକୁ) ବିଜେଡିର ବରିଷ୍ଠ ନେତା ପ୍ରଣବ ବଳବନ୍ତରାୟଙ୍କୁ ହରାଇ ରେକର୍ଡ ସୃଷ୍ଟି କରିଛନ୍ତି। ନିର୍ବାଚନର ଏହି ରଣାଙ୍ଗନରେ ଦକ୍ଷତା ବିକାଶ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ(ଡାନି), ବିଜେଡିର ରାଜ୍ୟ ସାଙ୍ଗଠନିକ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ମା ସନ୍ଧ୍ୟାରାଣୀ ଦାସ, ସିନେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଭାଜପାର ଜିଲା ସଭାପତି ଗୌତମ ରାୟ ଓ ବବିତା ମଲିକ କମ ବ୍ୟବଧାନରେ ହାରିଯାଇଛନ୍ତି। ଏହିକ୍ରମରେ ମା'ପୁଅ ଉଭୟେ ଚଳିତ ନିର୍ବାଚନରେ ପରାଜୟର ସ୍ୱାଦ ଚାଖିଥିବା ଚର୍ଚ୍ଚା ହେଉଛି। ଜିଲା ନିର୍ବାଚନ ଫଳାଫଳକୁ ନେଇ ଧରିତ୍ରୀରେ ମଙ୍ଗଳବାର ପ୍ରକାଶ ପାଇଥିବା ଯାଜପୁର : ୩-୩-୧ ସମ୍ଭାବନା ଶୀର୍ଷକ ଖବର ପ୍ରାୟ ସତ ହୋଇଛି।

ଚଳିତ ନିର୍ବାଚନରେ ଭୋଟରମାନଙ୍କ ନୀରବତା କିଛି ପରିବର୍ତ୍ତନକୁ ଇଙ୍ଗିତ କରୁଥିଲା ବୋଲି ଚର୍ଚ୍ଚା ହେଉଥିଲା। ଯାହାକି ନିର୍ବାଚନ ଫଳାଫଳ ଘୋଷଣା ପରେ ତାହା ସତ ହୋଇଛି। କୋରେଇ ନିର୍ବାଚନମଣ୍ଡଳୀରେ ବିଜେଡି ଛାଡି ଭାଜପାରେ ଯୋଗଦେଇଥିବା ଆକାଶ ଦାସନାୟକ ପ୍ରାର୍ଥୀ ହୋଇଥିଲେ। ପୂର୍ବତନ ବିଧାୟକ ଭାବେ ଆକାଶଙ୍କ ଲୋକପ୍ରିୟତା ଥିଲା। ସେହି ଦୃଷ୍ଟିରୁ ବିଜେଡି ତାଙ୍କୁ କଡା ଟକ୍କର ଦେବାକୁ ଯାଇ ବବିଙ୍କ ମା'ତଥା କୋରେଇର ପୂର୍ବତନ ବିଧାୟକ ଅଶୋକ ଦାସଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କୁ ଟିକେଟ ଦେଇଥିଲା। ଏହି ମୁକାବିଲା କୋରେଇରେ ରୋଚକ ହୋଇଥିଲା। ହେଲେ ଆକାଶ ୫୮୪୦ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଘଡେଇ ବାପପୁଅ ବିଜୟୀ ହୋଇ ଆସୁଥିଲେ। ହେଲେ ସେଠାରେ ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ(ଟୁଟୁ) ଲଢି ସଫଳ ହୋଇଛନ୍ତି। ସେ ଡାନିଙ୍କୁ ପ୍ରାୟ ୮ ହଜାର ଭୋଟ ବ୍ୟବଧାନରେ ପରାଜିତ କରି ୩ ଦଶନ୍ଧିର ରେକର୍ଡ ଭଙ୍ଗ କରିଛନ୍ତି। ଗତ ନିର୍ବାଚନରେ ବଡ଼ଚଣାରୁ ମାତ୍ର ୧୪୮୫ ଭୋଟରେ ହାରିଥିବା ଭାଜପା ପ୍ରାର୍ଥୀ ଅମର ନାୟକ ଏଥର ୫୮୭୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବରିଷ୍ଠ ବିଜେଡି ନେତା ଅମର ପ୍ରସାଦ ଶତପଥୀଙ୍କୁ ବାଦ ଦେଇ ରାଜନୀତିରେ ଅନଭିଜ୍ଞ ବର୍ଷାଙ୍କୁ ଟିକେଟ ମିଳିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ବିଜେଡି ଗଡ ଭାବେ ପରିଚିତ ଧର୍ମଶାଳାରେ ଏଥର ଜଣେ ସାମାଜିକ କର୍ମୀ ଭାବେ ପରିଚିତ ସ୍ୱାଧୀନ ପ୍ରାର୍ଥୀ ଲିକୁ ବିଜୟୀ ହୋଇଛନ୍ତି। ସେ ଜିତୁଙ୍କ ହାଟ୍ରିକ ବିଜୟୀରେ ପ୍ରତିବନ୍ଧକ ସାଜିଛନ୍ତି। ତେବେ ଯାଜପୁର ଆସନରେ ଗୌତମ ରାୟ ପ୍ରାୟ ୩ହଜାର ଭୋଟ ବ୍ୟବଧାନରେ ବିଜେଡିର ନୂଆ ଚେହେରା ସୁଜାତା ସାହୁଙ୍କଠାରୁ ହାରି ଲଗାତାର ତୃତୀୟ ଥର ପାଇଁ ପରାଜିତ ହୋଇଛନ୍ତି। ସ୍ୱାଧୀନ ଓ ଭାଜପାରେ ପ୍ରାର୍ଥୀ ହୋଇ ବିଫଳ ପରେ ବିଜେଡି ଟିକେଟରେ ଲଢି ବିଶ୍ୱରଞ୍ଜନ ମଲିକ ୫୧,୪୬୫ ଭୋଟ ବ୍ୟବଧାନରେ ଭାଜପାର ଉମେଶ ଜେନାଙ୍କଠାରୁ ବିଜୟୀ ହୋଇ ପ୍ରଥମ କରି ବିଧାୟକ ହୋଇ ପାରିଛନ୍ତି। ବାଚସ୍ପତି ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ ଏଥର ଭାଜପାର ବବିତା ମଲିକଙ୍କଠାରୁ କଡା ଟକ୍କରର ସମ୍ମୁଖୀନ ହୋଇଛନ୍ତି। ସେ ମାତ୍ର ୨୮୫୬ ଭୋଟ ବ୍ୟବଧାନରେ ବିଜୟୀ ହୋଇ ଲଗାତାର ୬ଥର ବିଧାୟିକା ହେବାର ଗୌରବ ଅର୍ଜନ କରିଛନ୍ତି।

## ଖୁସି ମନାଇଲେ ବଡ଼ଚଣାର ଭାଜପା କର୍ମୀ


ଭାଜପା ପ୍ରାର୍ଥୀ ଅମର ନାୟକ ବିଜୟୀ ହେବା ପରେ ତାଙ୍କ ସମର୍ଥକମାନେ ଖୁସି ମନାଉଛନ୍ତି।

**ଚଣ୍ଡିଖୋଲ/ବଡ଼ଚଣା,୪।୬(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବିଧାନସଭା କ୍ଷେତ୍ରରେ ପ୍ରଥମ ଥର ଭାଜପା ପ୍ରାର୍ଥୀ ଅମର ନାୟକ ବିଜୟୀ ହୋଇଛନ୍ତି। ସେ ବିଜେଡି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ୬,୩୧୦ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଅମର ୭୧,୯୯୭ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବର୍ଷା ୬୫,୬୧୬ ଖଣ୍ଡ ଭୋଟ ପାଇଛନ୍ତି। ଏଠାରେ କଂଗ୍ରେସ ପ୍ରାର୍ଥୀ ଅଜୟ ସାମଲ ୬,୫୮୩ ଖଣ୍ଡ ଭୋଟ ପାଇଛନ୍ତି। ଦୀର୍ଘଦିନ ଧରି ବିଜେଡି ହାତରେ ଥିବା ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀକୁ ୨୦୨୪ ନିର୍ବାଚନରେ ଭାଜପା ଛଡ଼ାଇନେଇଛି। ମଙ୍ଗଳବାର ଫଳ ପ୍ରକାଶ ପାଇବା ପରେ ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଭାଜପା କର୍ମୀମାନେ ନାଚ ଗୀତ କରି ଖୁସି ମନାଇଛନ୍ତି। ବାଣ ଫୁଟାଇବା ସହ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି। ଅନ୍ୟପକ୍ଷରେ ଅମର ଗଣମାଧ୍ୟମକୁ କହିଛନ୍ତି, ବଡ଼ଚଣାବାସୀଙ୍କର ଆଶା ଓ ଆଶୀର୍ବାଦରୁ ତାଙ୍କର ବିଜୟ ହୋଇଛି। ବଡ଼ଚଣାବାସୀଙ୍କର ବହୁ ଅଧୁରା ସପ୍ନ ରହିଛି। ତାହାକୁ ସେ ପୂରଣ କରିବା ସହ ବଡ଼ଚଣାବାସୀଙ୍କ ମୁହଁରେ ହସ ଫୁଟାଇବାକୁ ସଦାସର୍ବଦା ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।


ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ଦଳୀୟ କାର୍ଯ୍ୟାଳୟରେ ଆନନ୍ଦରେ ନୃତ୍ୟ କରୁଛନ୍ତି।

## ପ୍ରମିଳାଙ୍କୁ ଶୁଭେଚ୍ଛା ଜଣାଇଲେ ସମର୍ଥକ

**ବିଞ୍ଝାରପୁର,୪।୬(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବିଧାନସଭା ଆସନରେ ବିଜେଡି ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ ଲଗାତାର ୬ଷ୍ଠ ଥର ବିଜୟୀ ହୋଇ ରାଜନୈତିକ ପୃଷ୍ଠଭୂମିରେ ଛକା ମାରିଛନ୍ତି। ଏହା ଜଣାପଡ଼ିବା ପରେ ପ୍ରମିଳାଙ୍କ ହଜାରହଜାର ସମର୍ଥକ ତାଙ୍କ ମାଁସଡାସ୍ଥିତ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ନିର୍ବାଚନରେ ବିଜେଡିରୁ ପ୍ରମିଳା, ଭାଜପାରୁ ବବିତା ମଲ୍ଲିକ, କଂଗ୍ରେସରୁ କନକଲତା ମଲ୍ଲିକ, ଏସୟୁସି ଆଇ(କମ୍ୟୁନିଷ୍ଟ)ରୁ ରାଧାବଲ୍ଲଭ ମଲ୍ଲିକ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିଞ୍ଝାରପୁର ବ୍ଲକର ୨୯ ଓ ଦଶରଥପୁର ବ୍ଲକର ୧୫ ପଞ୍ଚାୟତକୁ ନେଇ ଗଠିତ। ଏହି ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୫୦ ହଜାର ୯ଶହ ୬୩ ଜଣ ମତଦାତା ମତ ସାବ୍ୟସ୍ତ କରିଥିଲେ। ବିଜେଡି ପ୍ରାର୍ଥନୀ ପ୍ରମିଳା ୭୩ ହଜାର ୬ଶହ ୮୧ ଖଣ୍ଡ ଭୋଟ ପାଇଥିଲାବେଳେ ଭାଜପା ପ୍ରାର୍ଥିନୀ ବବିତା ୭୦ ହଜାର ୯ଶହ ୨୨, କଂଗ୍ରେସ ପ୍ରାର୍ଥିନୀ କନକଲତା ମଲ୍ଲିକ ୪ହଜାର ୩ଶହ ୫୬, ଏସୟୁସିଆଇ(କମ୍ୟୁନିଷ୍ଟ)ର ପ୍ରାର୍ଥୀ ରାଧାବଲ୍ଲଭ ମଲ୍ଲିକ ୧ହଜାର ୫୭ ଖଣ୍ଡ ଭୋଟ୍ ପାଇଛନ୍ତି। ନୋଟାରେ ୯ଶହ୩୯ ଖଣ୍ଡ ଭୋଟ ପଡ଼ିଛି। ବିଜେଡି ପ୍ରାର୍ଥିନୀ ପ୍ରମିଳା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବବିତାଙ୍କୁ ୨୭୫୯ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି।

## ବରୀରେ ଜିତିଲେ ବିଶ୍ୱରଞ୍ଜନ

**ବରୀ,୪।୬(ମହେନ୍ଦ୍ର ସ୍ୱାଇଁ):**

ବରୀ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଉମେଶ ଚନ୍ଦ୍ର ଜେନାଙ୍କଠାରୁ ୫୧,୪୬୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ବରୀ ନିର୍ବାଚନମଣ୍ଡଳୀ ଗଠନ ହେବା ଦିନଠାରୁ ଏଠାରେ ଏତେ ସଂଖ୍ୟକ ଭୋଟ ବ୍ୟବଧାନରେ କୌଣସି ପ୍ରାର୍ଥୀ ବିଜୟୀ ହୋଇ ନ ଥିଲେ। ବିଶ୍ୱରଞ୍ଜନଙ୍କ ବିଜୟୀ ପରେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ତାଙ୍କ ସମର୍ଥକ ବାଣ ଫୁଟାଇ ଖୁସି ମନାଇଛନ୍ତି। ବିଶ୍ୱରଞ୍ଜନ ସୁଜନପୁରଠାରୁ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ବରୀ ବିଜେଡି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ବିଜୟ ପରେ ଶୋଭାଯାତ୍ରା କରୁଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଦେଶ


@ ଚିନ୍ମୟୀ


@ ଚିନ୍ମୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯାଜପୁର ରୋଡ୍ ଝିଅଙ୍କୁ ନ୍ୟାଶନାଲ ନୃତ୍ୟ ଚକ୍ରଡୋଲା ସମ୍ମାନ



ଶ୍ରଦ୍ଧା ଶୁଭଶ୍ରୀଙ୍କୁ ନ୍ୟାଶନାଲ ନୃତ୍ୟ ଚକ୍ରଡୋଲା ସମ୍ମାନ ପ୍ରଦାନ କରାଯାଉଛି।

**ଯାଜପୁର,୪।୬(ହର୍ଷବର୍ଦ୍ଧନ ବେହେରା) :**

ଅନୁଭୂତି ଏକ ଏହେସାସ ଅନୁଷ୍ଠାନ ପକ୍ଷରୁ ପୁରୀ ଟାଉନ ହଲଠାରେ ଅନୁଷ୍ଠିତ ନ୍ୟାଶନାଲ ଡ୍ୟାନ୍ସ ମ୍ୟୁଜିକ ରିସାଇଟେଶନ ଆଣ୍ଡ ଆର୍ଟ ଫେଷ୍ଟିବାଲରେ ଯାଜପୁର ରୋଡ ମୁଣ୍ଡୋମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଶ୍ରଦ୍ଧା ଶୁଭଶ୍ରୀଙ୍କୁ ନ୍ୟାଶନାଲ ନୃତ୍ୟ ଚକ୍ରଡୋଲା ସମ୍ମାନ ମିଳିଛି। ଶ୍ରବଣ କୁମାର ସାହୁ ଓ ନିରୂପମାଙ୍କ ଝିଅ ଶ୍ରଦ୍ଧା ଏବେ ୫ମ ଶ୍ରେଣୀର ଛାତ୍ରୀ। ସେ ପ୍ରାୟ ୩ ବର୍ଷ ହେବ ନୃତ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ସେ ସମ୍ବଲପୁରୀ, ଆଧୁନିକ, ହିନ୍ଦୀ ଆଦି ଚଳଚ୍ଚିତ୍ର ସଙ୍ଗୀତରେ ନୃତ୍ୟ କରିବାରେ ସିଦ୍ଧହସ୍ତ। ତେଣୁ ତାଙ୍କୁ ଉପରୋକ୍ତ ସଂସ୍ଥା ତରଫରୁ ସମ୍ବଲପୁରୀ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ ଏହି ସଫଳତା ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଶତାଧିକ ନୃତ୍ୟ ଶିଳ୍ପୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ଅନୁଭୂତିର ସମ୍ପାଦକ ସରସି ଚନ୍ଦ୍ର, ଆୟାମ ଅନୁଷ୍ଠାନର ନିର୍ଦ୍ଦେଶକ ଆକାଶ ସିଂ, ନ୍ୟାଶନାଲ କଲଚରାଲ ପ୍ରୋଗ୍ରାମର ବିଧାନ ଚନ୍ଦ୍ର ଦାସ ଓ ଉତ୍କଳ ଯୁବ ସଂସ୍କୃତିକ ସଂଘର ସାଧାରଣ ସମ୍ପାଦକ ଶିଳାଦିତ୍ୟ ରଥ ଯୋଗଦେଇ କୃତୀ ନୃତ୍ୟ ଶିଳ୍ପୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ସଫଳତା ପାଇଁ ନୃତ୍ୟଗୁରୁ ଭୋଲାନାଥ ଘୋଷ ଅଭିନନ୍ଦନ ଜଣାଇଛନ୍ତି।

## ଜିତିଲେ ଆକାଶ ଦାସନାୟକ


ଭାଜପା କର୍ମୀମାନେ ଉତ୍ସବ ମନାଉଛନ୍ତି।

**ଯାଜପୁରରୋଡ୍,୪।୬ (ପବିତ୍ର ରଞ୍ଜନ ମହାନ୍ତି):**

### ଆନନ୍ଦରେ ଉତ୍ସବ ମନାଇଲେ କର୍ମୀ

ଯାଜପୁର ଜିଲା କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ବାଜିମାତ୍ କରିଛି। ଏଠାରେ ଭାଜପା ପ୍ରାର୍ଥୀ ଅଭିନେତା ଆକାଶ ଦାସନାୟକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ସନ୍ଧ୍ୟାରାଣୀ ଦାସଙ୍କଠାରୁ ୫୬୪୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଉତ୍ସବ ମୁଖର ହୋଇ ଉଠିଛି ବ୍ୟାସନଗର ସହର। ଭାଜପା କର୍ମୀମାନେ ବାଜା ବଜାଇ, ବାଣ ଫୁଟାଇ ଉତ୍ସବ ମନେଇଛନ୍ତି।

## ଧର୍ମଶାଳାରେ ବିଜୟୀ ହେଲେ ହିମାଂଶୁ

**ଧର୍ମଶାଳା/କାଏମା,୪।୬ (ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି):**

ଧର୍ମଶାଳା ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହିଂମାଶୁ ଶେଖର ସାହୁ ବିଜୟୀ ହୋଇଛନ୍ତି। ଧର୍ମଶାଳା ନିବାଚନମଣ୍ଡଳୀ ୨୯ ବର୍ଷ ଧରି ବିଜେଡି ଗଡ଼ ଭାବେ ପରିଚିତ ହୋଇଥିବାବେଳେ ହିମାଂଶୁ ଏହି ଗଡ଼କୁ ଭାଙ୍ଗି ଐତିହାସିକ ବିଜୟ ହାସଲ କରିଛନ୍ତି। ହିମାଂଶୁ ୭୯,୭୫୯ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ ୭୫,୬୦୯ ଖଣ୍ଡ ଭୋଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଜୟ ବ୍ୟବଧାନ ୪,୧୫୦ ରହିଛି। ଭାଜପା ପ୍ରାର୍ଥୀ ସ୍ମୃତିରେଖା ପହି ୧୫,୯୨୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ବିଜୟ ହାସଲ ପରେ ଜାରକା ଅଞ୍ଚଳରେ ଏକ ପ୍ରକାର ଦୀପାବଳି ଉତ୍ସବ ପାଳନ ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ବାଣଫୁଟାଇ, ବାଜା ବଜାଇ ହିମାଂଶୁଙ୍କ ସମର୍ଥକ ଆନନ୍ଦିତ ହୋଇଛନ୍ତି। ହିମାଂଶୁ ଭାଜପା ଟିକେଟରୁ ବଞ୍ଚିତ ହେବାପରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ୧୯୯୫ରୁ ସ୍ୱର୍ଗତ କଳ୍ପତରୁ ଦାସ ଓ ପରେ ତାଙ୍କ ପୁଅ ପ୍ରଣବ ଏଠାରେ ନିବାଚିତ ହେଉଥିଲେ। ୧୯୮୦ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସ୍ୱର୍ଗତ କାଙ୍ଗାଳି ଚରଣ ପଣ୍ଡା ଏହି ଆସନରୁ ବିଜୟୀ ହୋଇଥିଲେ। ବିଜୟ ପରେ ହିମାଂଶୁ ସନ୍ଧ୍ୟାରେ ଜାରକାଠାରେ ପହଁଚିବା ପରେ ଅପେକ୍ଷାରତ ସମର୍ଥକମାନେ ତାଙ୍କୁ ସ୍ୱାଗତସମ୍ବର୍ଦ୍ଧନା ଜଣାଇଥିଲେ। ପରେ ସେ ତାଙ୍କ ବାସଭବନରେ ପହଞ୍ଚି ମା'ଙ୍କ ଆଶୀର୍ବାଦ ନେବା ସହ ନିଜର ସମର୍ଥକମାନଙ୍କୁ କୃତଜ୍ଞତା ଜଣାଇଥିଲେ।



ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହିଂମାଶୁ ଶେଖର ସାହୁ ବିଜୟୀ ହେବା ପରେ ତାଙ୍କୁ କର୍ମୀ ଓ ସମର୍ଥକ ଶୁଭେଚ୍ଛା ଜଣାଉଛନ୍ତି।


ହିମାଂଶୁଙ୍କ ସମର୍ଥକମାନେ ଖୁସି ମନାଉଛନ୍ତି।

# ରଣପୁର,ଖଣ୍ଡପଡ଼ା ବିଜେଡି ଦୁର୍ଗ ଭୁଶୁଡ଼ିଲା


ବିଜୟୀ ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁ।


ସମର୍ଥକଙ୍କ ଗହଣରେ ରଣପୁର ଭାଜପା ପ୍ରାର୍ଥୀ ସୁରମା ପାଢ଼ୀ।

**ନୟାଗଡ଼,୪।୬ (ଲୋକନାଥ ମିଶ୍ର)**

୨୦୨୪ ନିର୍ବାଚନରେ ଭାଜପାର ହାୱାରେ ନୟାଗଡ଼ ଜିଲାରେ ବିଜେଡିର ଗଡ଼ ଭୁଶୁଡ଼ି ପଡିଛି। ଜିଲାର ୪ ବିଧାନସଭା ଆସନରୁ ରଣପୁର ଓ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ରଣପୁରରେ ଭାଜପାର ସୁରମା ପାଢ଼ୀ ବିଜେଡି ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନଙ୍କୁ ପରାସ୍ତ କରିଛନ୍ତି। ସେହିପରି ଖଣ୍ଡପଡ଼ାରେ ଭାଜପାର ଦୁଷ୍ମନ୍ତ କୁମାର ସ୍ୱାଇଁ ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷେ ହେଭିୱେଟ ନେତା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଅଳ୍ପକେ ବର୍ତ୍ତି ଯାଇ ପଞ୍ଚମ ଥର ପାଇଁ ବିଧାୟକ ପଦ ହାତେଇ ବିଜେଡି ଗଡକୁ ରକ୍ଷା କରିବା ସହ ନିଜର ଅପରାଜୟ ରେକର୍ଡକୁ ବଜାୟ ରଖିଛନ୍ତି।

ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡିରୁ ଅରୁଣ କୁମାର ସାହୁ ୮୧ ହଜାର ୯୫୯ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ୮୧ ହଜାର ୫୨୦ ଭୋଟ ପାଇଛନ୍ତି। ଅରୁଣ ସାହୁ ୪୩୯ ଭୋଟରେ ପ୍ରତ୍ୟୁଷାଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସର ରଣଜିତ ଦାଶ ୨୬୫୦, ପଞ୍ଜିକୃତ ଓ ଅଣ ପଞ୍ଜିକୃତ ରାଜନୈତିକ ଦଳର ଗିରିଧାରୀ ରାଉତ ୩୨୮ ଭୋଟ, ସ୍ୱାଧୀନ ପ୍ରାର୍ଥୀ ହେମନ୍ତ ପୃଷ୍ଟି ୪୦୫ ଭୋଟ, ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ ନାରାୟଣ ୩୨୬ ଭୋଟ ପାଇଛନ୍ତି।

■ ଭାଜପା ପ୍ରାର୍ଥୀ ସୁରମା ଓ ଦୁଷ୍ମନ୍ତ ବିଜୟୀ
■ ବିଜେଡିର ୪ ଆସନରୁ ୨ ଛଡାଇ ନେଲା ଭାଜପା
■ ବିଜୟୀ ହେଲେ ଅରୁଣ, ରମେଶ
■ ପଞ୍ଚମ ଥର ପାଇଁ ନିଜ ଗଡ଼ ରକ୍ଷାକଲେ ଅରୁଣ

ରଣପୁର ନିର୍ବାଚନମଣ୍ଡଳୀରୁ ଭାଜପାରୁ ସୁରମା ପାଢୀ ୮୧ ହଜାର ୩୪୯ ଭୋଟ ପାଇଥିବାବେଳେ ବିଜେଡିର ସତ୍ୟନାରାୟଣ ପ୍ରଧାନ ୬୫ ହଜାର ୮୯୫ ଭୋଟ ପାଇଛନ୍ତି। ଏଠାରେ ସତ୍ୟ ନାରାୟଣ ପ୍ରଧାନ ୧୫ ହଜାର ୫୪୪ ଭୋଟରେ ସୁରମା ପାଢ଼ୀଙ୍କଠାରୁ ପରାସ୍ତ ହୋଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସର ବିଭୁ ପ୍ରସାଦ ମିଶ୍ର ୪ ହଜାର ୯୫୨, ସିପିଆଇ(ଏମ)ରୁ ସରୋଜ କୁମାର ନାୟକ ୧୩୦୦ ଭୋଟ, ଆମ୍ ଆଦମୀ ପାର୍ଟିରୁ ସୁଧିର କୁମାର ଦାସ ୪୬୧ ଖଣ୍ଡ ଭୋଟ, ସୋସିଆଲିଷ୍ଟ ୟୁନିଟ୍ ସେଣ୍ଟର ଅଫ ଇଣ୍ଡିଆ(କମ୍ୟୁନିଷ୍ଟ)ରୁ କୃଷ୍ଣଚନ୍ଦ୍ର ମହାପାତ୍ର ୪୯୦ ଭୋଟ, ସ୍ୱାଧୀନ ପ୍ରାର୍ଥୀ ହୁଲାସ ବାରିକ ୩୮୯ ଭୋଟ, ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ କୁମାର ସାହୁ ୨୧୪ ଭୋଟ ପାଇଛନ୍ତି।

ସେହିଭଳି ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ ଭାଜପାରୁ ଦୁଷ୍ମନ୍ତ କୁମାର ସ୍ୱାଇଁ ୭୫ ହଜାର ୫୫୭ ଭୋଟ ପାଇଥିବାବେଳେ ବିଜେଡିରୁ ସାବିତ୍ରୀ ପ୍ରଧାନ ୬୮ ହଜାର ୨୧୪ ଭୋଟ ପାଇଛନ୍ତି। ଏଠାରେ ସାବିତ୍ରୀ ପ୍ରଧାନଙ୍କୁ ୭ ହଜାର ୩୪୩ ଭୋଟରେ ପରାସ୍ତ କରି ଦୁଷ୍ମନ୍ତ ବିଜୟୀ ହୋଇଛନ୍ତି। ଏଠାରେ କଂଗ୍ରେସର ବୈଜୟନ୍ତୀବାଳା ମହାନ୍ତି ୧୩୭୩ ଭୋଟ, ଓଡ଼ିଶା ଜନତା ପାର୍ଟିର ତ୍ରିନାଥ ନାୟକ ୨୮୭, ମାନସ ଲୋକଶକ୍ତି ଦଳରୁ ରଶ୍ମିତା ବେହେରା ୩୨୨ ଭୋଟ, ସ୍ୱାଧୀନ ପ୍ରାର୍ଥୀ ମଲି ବେହେରା ୧୯୭ ଭୋଟ, ସ୍ୱାଧୀନ ପ୍ରାର୍ଥୀ ଶିବ ନାରାୟଣ ମହାନ୍ତି ୨୦୪ ଭୋଟ, ସ୍ୱାଧୀନ ପ୍ରାର୍ଥୀ ଲୋପାମୁଦ୍ରା ଷଡ଼ଙ୍ଗୀ ୨୪୯ ଭୋଟ, ସ୍ୱାଧୀନ ପ୍ରାର୍ଥୀ ଜିତେନ୍ଦ୍ର ବେହେରା ୧୪୭ ଭୋଟ, ସ୍ୱାଧୀନ ପ୍ରାର୍ଥୀ ଅନୁଭବ ପଟ୍ଟନାୟକ ୧୮୧୭ ଭୋଟ ପାଇଛନ୍ତି।

ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବିଜେଡିର ରମେଶ ଚନ୍ଦ୍ର ବେହେରା ୬ ହଜାର ୨୯୬ ଭୋଟରେ ଭାଜପାର ରାଘବ ମଲିକଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ବିଜେଡିର ରମେଶ ଚନ୍ଦ୍ର ବେହେରା ୬୨ ହଜାର ୦୩୯, ଭାଜପାର ରାଘବ ମଲିକ ୫୫ ହଜାର ୭୪୩, କଂଗ୍ରେସର ନକୁଳ ନାୟକ ୫୨୫୯, ମାନସ ଲୋକଶକ୍ତି ଦଳର ସନ୍ତୋଷ ନାୟକ ୮୪୫ ଭୋଟ, ବହୁଜନ ସମାଜ ପାର୍ଟିର କାହ୍ନୁଚରଣ ନାୟକ ୯୧୦ ଭୋଟ,ସ୍ୱାଧୀନ ପ୍ରାର୍ଥୀ ଇନ୍ଦୁମତୀ ନାୟକ ୧୯୫୧ଭୋଟ, ସ୍ୱାଧୀନ ପ୍ରାର୍ଥୀ ସୁରଥ ନାୟକ ୭୪୭ ଭୋଟ, ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ସେଠୀ ୧୦ ହଜାର ୬୭୩ ଭୋଟ ପାଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଦେଶ


@ ଚିନ୍ମୟୀ


@ ଚିନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଲଡୁବାବାଙ୍କ ଦର୍ଶନ କଲେ ସୁରମା

**ଶରଣକୁଳ,୪।୬ (ଦୀପକ କର)**

ରଣପୁର ନିର୍ବାଚନମଣ୍ଡଳୀର ଭାଜପା ବିଧାନସଭା ପ୍ରାର୍ଥୀ ସୁରମା ପାଢ଼ୀ ବିଜୟ ହୋଇଛନ୍ତି । ବିଜୟ ପରେ ସେ ନିଜ ସମର୍ଥକଙ୍କ ଗହଣରେ ଲଡୁବାବାଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ଜନସାଧାରଣଙ୍କୁ ଭେଟିଥିଲେ । ଏହି ସମୟରେ ସାମାଜିକ କର୍ମୀ ଲିଙ୍ଗରାଜ ପାତ୍ର, ଭାଜପା ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ, ହରିହରପୁର ଭାଜପା ଯୁବନେତା ଭବାନୀ ଶଙ୍କର ମହାପାତ୍ର, ଆଶୁତୋଷ ମହାପାତ୍ର, ସୁରେଶ ବରା, ଜ୍ୟୋର୍ତିମୟ ମହାନ୍ତି, ନାରାୟଣ ବେହେରା, କେଦାର ମହାନ୍ତି, ପ୍ରସନ୍ନ ସ୍ୱାଇଁ, ଶେଖ ହସମତ, ଜ୍ଞାନେଶ କୁମାର ପ୍ରଧାନ, ଦିପୁ ବରାଡ଼, ପ୍ରତାପ ଚନ୍ଦ୍ର ମହାପାତ୍ର, ଅନିରୁଦ୍ଧ ପ୍ରଧାନ, ମନୋଜ ସାହୁ ପ୍ରମୁଖ ସୁରମାଙ୍କୁ ଶରଣକୁଳବାସୀଙ୍କ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହାପରେ ସେ ରଣପୁର ଅଭିମୁଖେ ଯାତ୍ରା କରିଥିଲେ ।


ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୋଟ ଗଣତି ଚାଲିଛି।

## ଟ୍ରେନ୍ ଧକ୍କାରେ ଜଣେ ଆହତ

**ନୂଆଗାଁ,୪।୬ (ଧନେଶ୍ୱର ସାହୁ):**ଖୋର୍ଦ୍ଧା ବଲାଙ୍ଗୀର ରେଳପଥ ପୁରୁଣା ଦଶପଲ୍ଲା ନିକଟବର୍ତ୍ତୀ ସ୍ଥାନରେ ମଙ୍ଗଳବାର ଟ୍ରେନ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ ।

ସୂଚନା ମୁତାବକ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ଦଶପଲ୍ଲାଠାରୁ ପୁରୀ ଅଭିମୁଖେ ସକାଳେ ସେବା ଏକ୍ସପ୍ରେସ୍ ବାହାରିଥିଲା । ଟ୍ରେନ ବାହାରି କିଛି ବାଟ ଆସିବା ପରେ ଟ୍ରେନକୁ ଦେଖିବା ପାଇଁ ରେଳପଥର ଏକ ବୁଲାଣି ସ୍ଥାନରେ ଦଶପଲ୍ଲା ଅଞ୍ଚଳର ଜଣେ ବ୍ୟକ୍ତି ଟ୍ରେନ ଟ୍ରାକ୍‌କୁ ଲାଗି ଠିଆ ହୋଇଥିଲେ । ଏହି ସମୟରେ ଟ୍ରେନରେ ଧକ୍କା ହୋଇ ସେ ଟ୍ରାକ୍ ବାହାରକୁ ଛିଟିକି ପଡିଥିଲେ । ଟ୍ରେନ ଡ୍ରାଇଭର ସେହି ବ୍ୟକ୍ତିଙ୍କୁ ଦେଖି ଟ୍ରେନର ବେଗ କମ କରିଦେଇଥିବାରୁ ବ୍ୟକ୍ତି ଜଣକଙ୍କ ହାତରେ ଆଘାତ ଲାଗିଥିଲା । ଟ୍ରେନ ଡ୍ରାଇଭର ଟ୍ରେନକୁ ଅଟକାଇ ଆହତ ବ୍ୟକ୍ତିଙ୍କୁ ନୂଆଗାଁ ରେଳ ଷ୍ଟେଶନକୁ ଆଣିଥିଲେ । ନୂଆଗାଁ ଷ୍ଟେଶନ ମାଷ୍ଟର ଅଜୟ କୁମାର ମହାପାତ୍ର ୧୦୮ ଆମ୍ବୁଲାନ୍ସ ଡାକି ଆହତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ତେବେ ଟ୍ରେନ ଆସିବା ସମୟରେ ଅଧିକାଂଶ ସମୟରେ ଲୋକମାନେ ଟ୍ରେନ ଦେଖିବା ପାଇଁ ଟ୍ରାକ୍‌କୁ ଚାଲି ଆସୁଥିବାରୁ ଟ୍ରେନ ଚଳାଚଳରେ ବାଧା ସୃଷ୍ଟି ହେଉଛି । ତେଣୁ ଟ୍ରେନ ଆସିବା ସମୟରେ ଟ୍ରାକ୍‌କୁ ନ ଆସିବା ପାଇଁ ଷ୍ଟେଶନ ମାଷ୍ଟର ମହାପାତ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ଦଶପଲ୍ଲାରେ ନୋଟାକୁ ଗଲା ସର୍ବାଧିକ ଭୋଟ

**ନୟାଗଡ଼,୪।୬(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାର ୪ ନିର୍ବାଚନମଣ୍ଡଳୀ ମଧ୍ୟରୁ ଦଶପଲ୍ଲାରେ ବେଶି ଭୋଟ ନୋଟାକୁ ଯାଇଛି। ଦଶପଲ୍ଲା ନିର୍ବାଚନମଣ୍ଡଳୀର ୧୫୭୦ ଭୋଟର ନୋଟାରେ ମତଦାନ କରିଛନ୍ତି। ନୋଟାର ଭୋଟକୁ ଅନୁଧ୍ୟାନ କଲେ ପ୍ରାର୍ଥୀ ପସନ୍ଦ ନ ଥିବାରୁ ଦଶପଲ୍ଲା ଭୋଟର ସର୍ବାଧିକ ଭୋଟ ଦେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ନୟାଗଡ଼ ନିର୍ବାଚନମଣ୍ଡଳୀରେ ୯୬୪ ଭୋଟ, ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ୫୯୭, ରଣପୁର ନିର୍ବାଚନମଣ୍ଡଳୀରେ ୬୭୫ ଭୋଟ ନୋଟାକୁ ଯାଇଛି।

## ବିଜେଡି ଗଡ଼ରେ ପଦ୍ମ ଫୁଟାଇଲେ ଦୁଷ୍ମନ୍ତ

**ଖଣ୍ଡପଡ଼ା,୪।୬ (ଅଜୟ କୁମାର ମହାରଣା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଆସ୍ଥା ରଖି ରାଜ୍ୟରେ ବିକଳ୍ପ ସରକାର ଗଠନ ପାଇଁ ଖଣ୍ଡପଡ଼ାବାସୀ ଅଣ୍ଟା ଭିଡ଼ିଛନ୍ତି। ଦୀର୍ଘ ୨୪ ବର୍ଷ ଧରି ବିଜୁ ଜନତା ଦଳ କବ୍‌ଜାରେ ଥିବା ଖଣ୍ଡପଡ଼ା ବିଧାନସଭା ଆସନ ଚଳିତ ନିର୍ବାଚନରେ ଭାଜପା ହାତକୁ ଯାଇଛି । ଦଳୀୟ ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ ବିଜୟୀ ହୋଇଛନ୍ତି । ସ୍ୱାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନଙ୍କୁ ୭୩୪୩ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି । ଭାଜପା ପ୍ରାର୍ଥୀ ସ୍ୱାଇଁ ୭୫୫୫୭ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ୬୮୦୧୯ ଖଣ୍ଡ ଭୋଟ ପାଇଥିବା ପ୍ରଶାସନ ପକ୍ଷରୁ ଘୋଷିତ ନିର୍ବାଚନ ଫଳାଫଳରୁ ଜଣାପଡ଼ିଛି। ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରରେ ପ୍ରଥମ କରି ଭାଜପାର ଜୟଯାତ୍ରା ହୋଇଥିବାରୁ ଦଳର କର୍ମୀ, କର୍ମକର୍ତ୍ତା, ସଂଗଠକ ଓ ଶୁଭେଚ୍ଛୁମାନେ ସମଗ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ନିର୍ବାଚନ ଫଳାଫଳ ଘୋଷଣା ହେବାପରେ ଭାଜପା ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ ସଫଳତାର ଶ୍ରେୟ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କୁ ଦେଇଛନ୍ତି। ଏହି ବିଜୟ ସ୍ୱାଭିମାନର ବିଜୟ ବୋଲି ସେ କହିଛନ୍ତି । ବିଶେଷ କରି ଏହି ନିର୍ବାଚନରେ ନ୍ୟାୟ ଓ ଧର୍ମର ଜୟ ହୋଇଥିବା ସେ ପ୍ରକାଶ କରିଛନ୍ତି ।

ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରର ରାଜନୈତିକ ଇତିହାସକୁ ଅନୁଧ୍ୟାନ କଲେ ଉକ୍ତ ନିର୍ବାଚନମଣ୍ଡଳୀରୁ ଏଥିପୂର୍ବରୁ ସ୍ୱାଧୀନ, କଂଗ୍ରେସ, ଜନତାଦଳ ଓ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳର ପ୍ରାର୍ଥୀନୀ, ପ୍ରାର୍ଥୀମାନେ ଲଗାତାର ଏଠାରୁ ୪ଥର ବିଜୟୀ ହୋଇ ବିଧାନସଭାରେ ପ୍ରତିନିଧିତ୍ୱ କରିଛନ୍ତି । ଦୀର୍ଘ ୨୪ ବର୍ଷର ବ୍ୟବଧାନ ପରେ ଶାସକ ବିଜେଡି ହାତରୁ ଏହି ଆସନଟିକୁ ଭାଜପା ଛଡ଼ାଇ ନେବାରେ ସଫଳ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦକ୍ଷ ନେତୃତ୍ୱ, ସୁଶାସନ ଓ ପରିବର୍ତ୍ତନର ସ୍ଲୋଗାନ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଚଳିତ ନିର୍ବାଚନରେ ପ୍ରତିଫଳିତ ହୋଇଛି। ଦୁଷ୍ମନ୍ତ ବିଜୟୀ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୁରୁଖା ନେତା ଓ ଯୁବ ସଂଗଠକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିଜେଡିର ଭୋଟ ହ୍ରାସ ସତ୍ତ୍ୱେ ଭାଜପା ପ୍ରାର୍ଥୀ ପରାସ୍ତ

**ନୟାଗଡ଼/ଦଶପଲ୍ଲା,୪।୬(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)**

ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବିଜେଡି ଭୋଟକୁ ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ସେଠୀ ହ୍ରାସ କରାଇଥିଲେ ହେଁ ଭାଜପା ପ୍ରାର୍ଥୀ ରାଘବ ମଲିକ ବିଜୟୀ ହୋଇ ପାରି ନାହାନ୍ତି। ତେବେ ରାଘବ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଭଲ ଭୋଟ ପାଇବାରେ ସଫଳ ହୋଇଛନ୍ତି। ରାଘବ ଜଣେ ଶିକ୍ଷକ। ସେ ଶିକ୍ଷକ ପଦବୀରୁ ଇସ୍ତଫା ଦେଇ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଭାଜପାର ସଙ୍ଗଠନ କରୁଥିଲେ। ଭାଜପାରେ ଅନେକ ଆଶାୟୀ ଥିଲେ ହେଁ ଦଳ ରାଘବଙ୍କୁ ଟିକେଟ୍ ଦେଇଥିଲା। ରାଘବଙ୍କୁ ହଟାଇବାକୁ ଆନ୍ଦୋଳନ ହୋଇଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ପରିବର୍ତ୍ତନ କରି ନ ଥିଲେ। ଦଶପଲ୍ଲାରେ ବିଜେଡି ଓ ଭାଜପା ମଧ୍ୟରେ ଭଲ ଲଢ଼େଇ ହୋଇଛି। ରାଘବ ରାଜନୀତିରେ ନବାଗତ ହୋଇଥିଲେ ହେଁ ବିଜେଡି ପ୍ରାର୍ଥୀଙ୍କୁ କଡା ଟକ୍କର ଦେଇଛନ୍ତି। ଅନ୍ୟପକ୍ଷେ ରବୀନ୍ଦ୍ର ସେଠୀ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ବିରୋଧ କରି ବିଜେଡି ଟିକେଟ ହାତେଇବାରେ ଲାଗି ପଡିଥିଲେ। ବିଜେଡି ଟିକେଟ ନ ମିଳିବାରୁ ଭାଜପାରେ ଯୋଗ ଦେଇଥିଲେ। ଭାଜପା ଟିକେଟ ନ ମିଳିବାରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ସ୍ୱାଧୀନ ପ୍ରାର୍ଥୀ ହୋଇ ରବୀନ୍ଦ୍ର ୧୦ ହଜାର ୬୭୩ ଭୋଟ ପାଇବାରେ ସକ୍ଷମ ହୋଇଛନ୍ତି। ରବୀନ୍ଦ୍ରଙ୍କ ଭୋଟ ଓ ଭାଜପା ପ୍ରାର୍ଥୀଙ୍କ ଭୋଟକୁ ମିଶାଇଲେ ବିଜେଡି ପ୍ରାର୍ଥୀ କମ ଭୋଟ ପାଇଛନ୍ତି। ଭାଜପା ରବୀନ୍ଦ୍ରଙ୍କୁ ଟିକେଟ ଦେଇଥିଲେ ଦଶପଲ୍ଲାରେ ବିଜେଡି ଗଡ଼ ଭୁଶୁଡ଼ି ନ ଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଶେଷରେ ଟିକେଟ ଦେବା ବିଜେଡିକୁ ମହଙ୍ଗା ପଡ଼ିଲା

**ନୟାଗଡ଼ା,ଖଣ୍ଡପଡ଼ା,୪।୬ (ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)**

### ଅସନ୍ତୋଷର ଫାଇଦା ନେଇ ବାଜି ମାରିଲା ଭାଜପା

ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନଙ୍କୁ ଶେଷ ମୂହୂର୍ତ୍ତରେ ଟିକେଟ ଦେବା ବିଜେଡି ପାଇଁ ମହଙ୍ଗା ପଡିଛି। ସେହିପରି ପ୍ରାର୍ଥୀ ଚୟନରେ ତ୍ରୁଟିକୁ ନେଇ ବହୁ ବିଜେଡି କର୍ମୀ ଓ ନେତା ଦଳରେ ରହି ଦଳୀୟ ପ୍ରାର୍ଥୀଙ୍କୁ ପରାଜୟ କରି ନିଜର ଅସନ୍ତୋଷକୁ ଜାହିର କରିଛନ୍ତି। ବିଜେଡିର ଅସନ୍ତୁଷ୍ଟ ଭୋଟକୁ ହାତେଇ ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ ବିଜେଡି ଗଡକୁ ଭାଙ୍ଗିବାକୁ ସଫଳ ହୋଇଛନ୍ତି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ବିଜେଡିର ଗଡ ଭାବେ ପରିଚିତ ଥିଲା। ଏଠାରେ ବିଜେଡିର ସୌମ୍ୟ ରଞ୍ଜନ ପଟ୍ଟନାୟକ ୨୦୧୯ ନିର୍ବାଚନରେ ସର୍ବାଧିକ ଭୋଟ ପାଇ ଓଡିଶାରେ ପ୍ରଥମ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସୌମ୍ୟଙ୍କୁ ଦଳରୁ ବହିଷ୍କାର କରିବା ପରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଟିକେଟ ଲବିରେ ଥିଲେ। ହେଲେ ଦଳ ଅନୁଭବଙ୍କୁ ଅଣଦେଖା କରି ଟିକେଟ ଦେଇ ନ ଥିଲା। ଅନୁଭବ ସ୍ୱାଧୀନ ପ୍ରାର୍ଥୀ ଭାବେ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଅନ୍ୟପକ୍ଷେ ବିଜେଡିର ଅନ୍ୟ ଆଶାୟୀ ମଧ୍ୟ ଟିକେଟ୍ ପାଇ ନ ଥିଲେ। ଟିକେଟ ପାଇ ନ ଥିବା ଆଶାୟୀଙ୍କ ମଧ୍ୟରୁ କେତେଜଣ ଭାଜପାରେ ଯୋଗ ଦେଇଥିଲେ । ଆଉ କିଛି ନୀରବତା ଅବଲମ୍ବନ କରିଥିଲେ। ଏଠାରେ କଂଗ୍ରେସ ଗତ ନିର୍ବାଚନ ଅପେକ୍ଷା ଭଲ ଭୋଟ ପାଇଛି।

## ସର୍ବାଧିକ ଭୋଟରେ ଜିତିଲେ ସୁରମା

**ନୟାଗଡ଼/ରଣପୁର,୪।୬ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)**

■ ସୁରମାଙ୍କୁ ଟିକେଟ୍ ଦେଇ ନ ଥିଲା ଭାଜପା
■ ଦଳୀୟ କର୍ମୀଙ୍କ ଆନ୍ଦୋଳନ ପରେ ମିଳିଥିଲା ଟିକେଟ୍

ସାଧାରଣ ନିର୍ବାଚନରେ ନୟାଗଡ଼ ଜିଲା ପାଇଁ ନିର୍ବାଚିତ ହୋଇଥିବା ୪ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ରଣପୁର ନିର୍ବାଚନମଣ୍ଡଳୀର ସୁରମା ପାଢ଼ୀ ସର୍ବାଧିକ ୧୫ ହଜାର ୫୪୪ ଭୋଟ ପାଇଁ ଜିଲାରେ ରେକର୍ଡ କରିଛନ୍ତି । ତେବେ ୨୦୨୪ ନିର୍ବାଚନ ପାଇଁ ପ୍ରଥମେ ସୁରମାଙ୍କୁ ଭାଜପା ଟିକେଟ୍ ଦେଇ ନ ଥିଲା । ଭାଜପାର ଜିଲା ସଭାପତି ତାପସ ରଞ୍ଜନ ମାର୍ଥା ଦଳୀୟ ଟିକେଟ୍ ହାତେଇ ଥିଲେ । ଏଭଳିସ୍ଥଳେ ସୁରମାଙ୍କ ସମର୍ଥକମାନେ ରାଜ୍ୟ କାର୍ଯ୍ୟାଳୟ ସହିତ ରଣପୁର ଦଳୀୟ କାର୍ଯ୍ୟାଳୟରେ ହୋହାଲ୍ଲା ଓ ପାଟିତୁଣ୍ଡ କରିଥିଲେ । ଏପରି କି ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରିଥିଲେ । ନିର୍ବାଚନରେ ସୁରମାଙ୍କୁ ପ୍ରାର୍ଥୀ କରାଗଲେ ବିଜୟ ସୁନିଶ୍ଚିତ ବୋଲି ଭାଜପାର ନେତା ଓ କର୍ମୀମାନେ ଯୁକ୍ତି ଉପସ୍ଥାପନ କରି ରାଜ୍ୟ ଓ କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ମନାଇବାରେ ସଫଳ ହୋଇଥିଲେ । ଶେଷ ପର୍ଯ୍ୟାୟରେ ଭାଜପା ଜିଲା ସଭାପତିଙ୍କୁ ହଟାଇ ସୁରମାଙ୍କୁ ଟିକେଟ୍ ଦେଇଥିଲା । ସୁରମା ଟିକେଟ୍ ପାଇବା ପରେ ଜିଲା ସଭାପତି ପ୍ରତିବାଦ କରୁଥିବା ଚର୍ଚ୍ଚା ହୋଇଥିଲା । ତେବେ ଭାଜପା ପକ୍ଷରୁ ଜିଲା ସଭାପତି ଓ ସୁରମାଙ୍କ ମଧ୍ୟରେ ଆପୋସ ସମାଧାନ କରାଯାଇ ଉଭୟ ନିର୍ବାଚନ ପ୍ରଚାର କରିଥିଲେ । ଅପରପକ୍ଷେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କୁ ନିଜ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ଓ ନେତା ବାରମ୍ବାର ବିରୋଧ କରି ଅପଦସ୍ତ କରାଇଥିଲେ । ଏପରି କି ସତ୍ୟ ନାରାୟଣଙ୍କୁ ଟିକେଟ୍ ନ ଦେବା ପାଇଁ ବାରମ୍ବାର ଚାପ ସୃଷ୍ଟି କରିଥିଲେ । ତେବେ ଦଳୀୟ କର୍ମୀ, ସମର୍ଥକଙ୍କୁ ଅଣଦେଖା କରି ରାଜ୍ୟ ନେତୃତ୍ୱ ଟିକେଟ୍ ଦେବା ପରେ ଦଳରେ ବିବାଦ ଘନିଭୂତ ହୋଇଥିଲା । ଯାହାକି ସତ୍ୟ ନାରାୟଣଙ୍କୁ ପରାସ୍ତ ପାଇଁ ବାଟ ଫିଟାଇ ଥିଲା ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି। ବହୁ ବିଜେଡି କର୍ମୀ ଦଳରେ ରହି ଭାଜପାକୁ ଭୋଟ ଦେଇଥିବା ଚର୍ଚ୍ଚା ହେଉଛି । ସେହିପରି ଏଠାରେ କଂଗ୍ରେସ ମଧ ଭଲ ପ୍ରଦର୍ଶନ କରିଛି । ଅନ୍ୟ ପ୍ରାର୍ଥୀଙ୍କ ଅପେକ୍ଷା କଂଗ୍ରେସ ପ୍ରାର୍ଥୀ ଅଧିକ ଭୋଟ ପାଇଛନ୍ତି ।

## ଅଧିକ ଅମଳକ୍ଷମ ସୋରିଷ ଚାଷ



**ଅ**ଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି.– ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଭେଣ୍ଡି ଚାଷ କରୁଥିଲେ...



**ଭେ**ଣ୍ଡି ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫–୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ । ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି– ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା–ଏ–୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.X ୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁଜକ ଖତ ସହ ପ୍ରୟୋଗ କରନ୍ତୁ ।

# ପ୍ରାଣୀଙ୍କୁ ଫ୍ଲୋରୋସିସ୍ ରୋଗ ଓ ନିରାକରଣ



ଡା.ବୀରକିଶୋର ପରିଡ଼ା

**ପ୍ରା**ଣୀର ଶରୀର ପାଇଁ ଦରକାର ହେଉଥିବା ଖଣିଜତତ୍ତ୍ୱ ମଧ୍ୟରେ ଫ୍ଲୋରିନ୍ ଅନ୍ୟତମ । ଦାନ୍ତ ଓ ହାଡ଼ର ସୁସ୍ଥ ବିକାଶ ପାଇଁ ଏହାର ଆବଶ୍ୟକତା ରହିଥାଏ । କିନ୍ତୁ ଶରୀରରେ ଏହି ଫ୍ଲୋରିନ୍‌ର ମାତ୍ରା ଅନୁମୋଦିତ ପରିମାଣରୁ ବଢ଼ିଗଲେ ଫ୍ଲୋରୋସିସ୍ ନାମକ ରୋଗ ସୃଷ୍ଟି ହୋଇଥାଏ । ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ କର୍ନାଟକରେ ପାନୀୟଜଳରେ ଫ୍ଲୋରାଇଡ୍‌ର ଅତ୍ୟଧିକ ଉପସ୍ଥିତି ଯୋଗୁ ଫ୍ଲୋରୋସିସ୍ ରୋଗ ସେଠାରେ ବେଶି ଦେଖାଦେଇଥାଏ । ଉତ୍ତରପ୍ରଦେଶରେ ଅତ୍ୟଧିକ ଇଟାଭାଟି ସ୍ଥାପନ ଅଞ୍ଚଳ ଏବଂ ରାଜସ୍ଥାନର ସୁପର ଫସ୍‌ଫେଟ୍ ସାର କାରଖାନା ଅଞ୍ଚଳରେ ଏହି ରୋଗର ପ୍ରାଦୁର୍ଭାବ ବିଶେଷ ଭାବରେ ପରିଲକ୍ଷିତ ହୁଏ । ଓଡ଼ିଶାରେ ଶିଳ୍ପାଞ୍ଚଳରୁ ନିର୍ଗତ ଫ୍ଲୋରାଇଡ୍ ଭୂତଳ ଜଳରେ ମିଶିବା ଦ୍ୱାରା ପ୍ରଦୂଷିତ ହୋଇ ଉଭୟ ମନୁଷ୍ୟ ଓ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଥାଏ । ଏଥିଯୋଗୁ ବନ୍ଧ, ଗାଡ଼ିଆ, କୂପ ଓ ପୋଖରୀ ପାଣି ମଧ୍ୟ ପ୍ରଦୂଷିତ ହୋଇଥାଏ।

**ଜୀବଜଗତ ଉପରେ ଫ୍ଲୋରିନ୍‌ର ପ୍ରଭାବ :** ଅତ୍ୟଧିକ ଫ୍ଲୋରିନ୍‌ର ପ୍ରଭାବରେ ପରିବେଶର ଜଳବାୟୁ ଦୂଷିତ ହୁଏ । ଫଳରେ ଅନେକ ମନୁଷ୍ୟ ଓ ପ୍ରାଣୀ ଏହି ଫ୍ଲୋରିନ୍‌ର ବିଷରେ ପୀଡ଼ିତ ହୋଇ ବିକଳାଙ୍ଗ ହୁଅନ୍ତି ଅଥବା ମୃତ୍ୟୁବରଣ କରନ୍ତି । ମନୁଷ୍ୟ ଅପେକ୍ଷା ପ୍ରାଣୀଙ୍କଠାରେ ଏହି ରୋଗର ପ୍ରଭାବ ଅଧିକ ଦେଖାଯାଏ। କାରଣ ଏହି ପ୍ରାଣୀମାନେ ଦୂଷିତ ପରିବେଶରେ ଅଧିକାଂଶ ସମୟ ବୁଲିବା ସହ ଦୂଷିତ ଚାରଣଭୂମିରେ ଫ୍ଲୋରିନ୍‌ଯୁକ୍ତ ଘାସ ଖାଇଥାଆନ୍ତି ଏବଂ ବିଭିନ୍ନ ଶିଳ୍ପାଞ୍ଚଳରୁ ନିର୍ଗତ ଦୂଷିତଜଳ ପିଇ ଫ୍ଲୋରୋସିସ୍ ରୋଗରେ ସହଜରେ ଆକ୍ରାନ୍ତ ହୋଇଥାନ୍ତି। ଫ୍ଲୋରିନ୍ ପ୍ରଭାବରେ ପ୍ରାଣୀମାନଙ୍କର ଆୟୁଷ ମଧ୍ୟ କମିଯାଏ।

**ଶରୀରରେ ଫ୍ଲୋରିନ୍‌ର ଆବଶ୍ୟକତା:** ଉଭୟ ମନୁଷ୍ୟ ଓ ପ୍ରାଣୀମାନଙ୍କ ଦାନ୍ତ ଓ ହାଡ଼ର ସୁସ୍ଥ ବିକାଶ ପାଇଁ ଫ୍ଲୋରିନ୍‌ର ଆବଶ୍ୟକତା ହୋଇଥାଏ । ଆମ ପିଇବା ପାଣିରେ ୧ରୁ ୨ପି.ପି.ଏମ୍. ଫ୍ଲୋରିନ୍ ମିଳିଥାଏ ଯାହାକି ଆମ ଶରୀରର ଆବଶ୍ୟକତା ଠିକ୍ ମେଣ୍ଟାଇଥାଏ। ଠିକ୍ ସେହିପରି ପ୍ରାଣୀମାନଙ୍କ ଶରୀରର ଉପରୋକ୍ତ ଆବଶ୍ୟକତା ମେଣ୍ଟାଇବା ପାଇଁ ୫ରୁ ୭ ପି.ପି.ଏମ୍. ଫ୍ଲୋରିନ୍ ଦରକାର ହୋଇଥାଏ । ଫ୍ଲୋରିନ୍ ଅନୁମୋଦିତ ପରିମାଣଠାରୁ ଅଧିକ ବା ବଢ଼ିଗଲେ ତାହା ଉଭୟ ମନୁଷ୍ୟ ଓ ପ୍ରାଣୀମାନଙ୍କ ଶରୀରରେ ଫ୍ଲୋରୋସିସ୍ ନାମକ ରୋଗ ସୃଷ୍ଟି କରିଥାଏ ।

**ଆକ୍ରାନ୍ତ ହେଉଥିବା ପ୍ରାଣୀ:** ଫ୍ଲୋରୋସିସ୍ ରୋଗରେ ଦୁର୍ବଳ, ଅଳ୍ପବୟସ୍କ ଦୁଗ୍ଧ ଦେଉଥିବା ଓ ଗର୍ଭିଣୀ ଗାଈ ଓ ମଇଁଷିମାନେ ବିଶେଷତଃ ଆକ୍ରାନ୍ତ ହୋଇଥାନ୍ତି।

**କିପରି ବ୍ୟାପେ :** ଆଲୁମିନିୟମ କାରଖାନା, ସାର କାରଖାନା ଏବଂ ଇଟାଭାଟି ନିର୍ମାଣ ଅଞ୍ଚଳରେ ଅବସ୍ଥିତ ଗୋଚରଗୁଡ଼ିକ ଏହି କାରଖାନାଗୁଡ଼ିକରୁ ନିର୍ଗତ ଧୂମ ଓ ଧୂଳିକଣା ସାହାଯ୍ୟରେ ଅତ୍ୟଧିକ ଫ୍ଲୋରିନ୍‌ର ପ୍ରଭାବରେ ପ୍ରଦୂଷିତ ହୋଇଥାଏ । ଫଳରେ ଏହି ଗୋଚର ବା ଚାରଣଭୂମିରେ ଗୋରୁ ଚରି ବୁଲିଲେ ଏମାନେ ସହଜରେ ଫ୍ଲୋରୋସିସ୍ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ସେହିପରି ଏହି କାରଖାନାଗୁଡ଼ିକରୁ ନିର୍ଗତ ଫ୍ଲୋରାଇଡ୍ ଭୂତଳ ଜଳ ଓ ନଦୀନାଳରେ ବହିଯାଉଥିବା ପାଣିରେ ମିଶିବା ଦ୍ୱାରା ଗୋରୁ ଏହି ଜଳ ପିଇ ସହଜରେ ଆକ୍ରାନ୍ତ ହୋଇଥାନ୍ତି ।

**ଲକ୍ଷଣ :** ମନୁଷ୍ୟଙ୍କଠାରେ ପିଇବା ପାଣିରେ ଫ୍ଲୋରିନ୍‌ର ପରିମାଣ ଅଧିକ ବା ୩–୫ ପି.ପି.ଏମ୍. ହେଲେ ଫ୍ଲୋରୋସିସ୍ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ। ଦାନ୍ତ ଉପରେ ପ୍ରଥମେ ଧଳାଦାଗ ଦେଖାଦିଏ ଏବଂ ପରେ ହଳଦିଆ, ବାଦାମୀ କିମ୍ବା କଳାରଙ୍ଗ ଧାରଣ କରେ। ଦାନ୍ତର ଏନାମେଲ୍‌ର ମସୃଣତା ଲୋପପାଏ। ପରେ ଦାନ୍ତ ରଙ୍ଗହୀନ ହୋଇପଡ଼େ। ଥଣ୍ଡା ବା ଗରମ ପଦାର୍ଥ ଖାଇଲେ ଦାନ୍ତରେ କଷ୍ଟ ଅନୁଭବ ହୁଏ। ଖାଇବାବେଳେ ଚୋବାଇବା ପ୍ରକ୍ରିୟା ଠିକ୍ ଭାବେ ହୋଇ ନ ଥାଏ। ଫଳରେ ଅଜୀର୍ଣ୍ଣ ଝାଡ଼ା, କଠିନ ଝାଡ଼ା ହୁଏ ଓ କ୍ଷୁଧା କମିବା ଦ୍ୱାରା ଶରୀର ଦୁର୍ବଳ ହୋଇଯାଏ । ଫ୍ଲୋରିନ୍‌ର ପରିମାଣ ୧୦ ପି.ପି.ଏମ୍.ରୁ ଅଧିକ ହେଲେ ଅସ୍ଥିର ଘନତ୍ୱ ବଢ଼ିବାକୁ ଲାଗେ। ହାଡ଼ ପ୍ରଭାବିତ ହେବା ଦ୍ୱାରା ସ୍ନାୟୁ ପ୍ରଣାଳୀ ସଂସ୍ଥା ମଧ୍ୟ ପ୍ରଭାବିତ ହୁଏ। ଗାଈ ଓ ବଳଦମାନେ ବିଶେଷଭାବେ ଫ୍ଲୋରୋସିସ୍ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ସେମାନଙ୍କର କ୍ଷୁରା କ୍ଷୟ ଏବଂ ହାଡ଼ର ଗଠନରେ ବ୍ୟତିକ୍ରମ ସୃଷ୍ଟି ହେତୁ ଛୋଟେଇଥାନ୍ତି । ଆଗ ହାଡ଼, ପିଞ୍ଜରା ହାଡ଼ରେ ବୃଦ୍ଧି ଘଟିଥାଏ ଏବଂ ଦନ୍ତ ଉପରେ ଚକ୍ ଗୁଣ୍ଡ ପରି ଧଳା, ହଳଦିଆ କିମ୍ବା କଳା ପଡ଼ିବାର ଦେଖାଯିବା ସହ ଦନ୍ତକ୍ଷୟ ସୃଷ୍ଟି ହୁଏ । ଫଳରେ ଗୋରୁମାନେ ପାକୁଳି ସହଜରେ କରିପାରନ୍ତି ନାହିଁ। ଶରୀର ଦୁର୍ବଳ ହୋଇପଡ଼େ, ପତଳା ଝାଡ଼ା ଲାଗି ରହେ । ବେଳେବେଳେ ଫ୍ଲୋରିନ୍‌ର ପ୍ରଭାବ ଅଧିକ ହେଲେ ଏହା ଶରୀରର କ୍ୟାଲ୍‌ସିୟମରେ ମିଶି କ୍ୟାଲ୍‌ସିୟମ ଫ୍ଲୋରାଇଡ୍ ଆକାରରେ ମଳମୂତ୍ରରେ ବାହାରିଥାଏ । ଫଳରେ ଉଭୟ ମନୁଷ୍ୟ ଓ ଗୋମହିଷାଦି ଦନ୍ତ, ଅସ୍ଥି ଓ ପକ୍ଷାଘାତଜନିତ ରୋଗରେ ପୀଡ଼ିତ ହୁଅନ୍ତି । ଗୋରୁଙ୍କ ତଳିପେଟରେ ଘା' ଓ ଆବୁ ପରି ଉଠି ଅନେକ ଯନ୍ତ୍ରଣା ଦେଇଥାଏ । ଗୋରୁଙ୍କର କ୍ଷୁରା ନଷ୍ଟ ହେବା ଦ୍ୱାରା ସେମାନେ ପଙ୍ଗୁହୋଇ ଧୀରେ ଧୀରେ ମୃତ୍ୟୁବରଣ କରନ୍ତି। ଫ୍ଲୋରୋସିସ୍ ଜନିତ ରୋଗର ଲକ୍ଷଣ ଦାନ୍ତ ଓ ହାଡ଼ ଉପରେ ପ୍ରଭାବ ପକାଇଥାଏ।

ଦାନ୍ତର ସୁସ୍ଥତା କମିଯାଏ । ଦାନ୍ତ ଚକ୍ ଭଳି ଧଳା ଦେଖାଯାଏ। ଦାନ୍ତ ମଟ୍‌ଲିଙ୍ଗ୍ ପରି ହୁଏ ଏବଂ ଗାର ଗାର ଦାଗ ଜଣାପଡ଼େ । ବେଳେବେଳେ ଦାନ୍ତରେ ଗାତ ମଧ୍ୟ ସୃଷ୍ଟି ହୁଏ । ଦାନ୍ତର ଏନାମେଲ୍‌ରେ ଘନତ୍ୱ ବୃଦ୍ଧି ଘଟେ, ନରମ ହୁଏ ଏବଂ ମୂଳରୁ ଭାଙ୍ଗିଯାଏ । ସେହିପରି ହାଡ଼ରେ ଅତ୍ୟଧିକ ଫ୍ଲୋରିନ୍ ପ୍ରତିକୂଳ ପ୍ରଭାବ ଦେଖାଇଥାଏ । ହାଡ଼ର ଗଠନ ଠିକ୍ ଭାବେ ହୋଇପାରେ ନାହିଁ । ହାଡ଼ ନରମ ହୁଏ । ପ୍ରାଣୀଙ୍କ ଆଗଗୋଡ଼ର ହାଡ଼ ବାଙ୍କିଯାଏ । ଗୋରୁ ଛୋଟେଇଥାନ୍ତି ।

> "ଗାଈ ଓ ବଳଦମାନେ ବିଶେଷଭାବେ ଫ୍ଲୋରୋସିସ୍ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ସେମାନଙ୍କର କ୍ଷୁରା କ୍ଷୟ ଏବଂ ହାଡ଼ର ଗଠନରେ ବ୍ୟତିକ୍ରମ ସୃଷ୍ଟି ହେତୁ ଛୋଟେଇଥାନ୍ତି । ଆଗ ହାଡ଼, ପିଞ୍ଜରା ହାଡ଼ରେ ବୃଦ୍ଧି ଘଟିଥାଏ ଏବଂ ଦନ୍ତ ଉପରେ ଚକ୍ ଗୁଣ୍ଡ ପରି ଧଳା, ହଳଦିଆ କିମ୍ବା କଳା ପଡ଼ିବାର ଦେଖାଯିବା ସହ ଦନ୍ତକ୍ଷୟ ସୃଷ୍ଟି ହୁଏ । ଫଳରେ ଗୋରୁମାନେ ପାକୁଳି ସହଜରେ କରିପାରନ୍ତି ନାହିଁ । ଶରୀର ଦୁର୍ବଳ ହୋଇପଡ଼େ, ପତଳା ଝାଡ଼ା ଲାଗି ରହେ ।"



–ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିଭାଗ)
ମହାନଦୀ ବିହାର, କଟକ
ମୋ : ୯୪୩୭୬୦୭୩୧୨

## ଡାଲିଜାତୀୟ ବିହନ ବିଶୋଧନ



**ଡା**ଲିଜାତୀୟ ବିହନ ବିଶୋଧନ କରୁଥିଲେ ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ। ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗକଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍‌ପିକେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଚିନାବାଦାମ ବୁଣିବା ସମୟରେ...



**ଜ**ମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ। କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗକରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।



## ଡାଲୁଅ ଧାନରେ ରୋଗପୋକ ନିୟନ୍ତ୍ରଣ

**ଡା**ଲୁଅ ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ , ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧ କିମ୍ବା ୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮–୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ–୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ପାଳଛତୁ ଚାଷ



**ପା**ଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା'ପରେ ନଡ଼ା ଛାଣି ସେଥିରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡ଼ିକୁ ୨ରୁ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ାକରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗକରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁମଞ୍ଜି ଖଣ୍ଡଗୁଡ଼ିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା'ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩–୪ ଥର ପାଣି ସ୍ପ୍ରେ କରନ୍ତୁ।

## ପନିପରିବାରେ ଝାଉଁଳା ରୋଗ ଦମନ



**ପ**ନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବା ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପକରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା – ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଚା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ୍ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ସତ୍ୟସାଇ
ପରିବାରବର୍ଗ


ଗୁଗଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସେମିଫାଇନାଲରେ ଗଫ୍-ସ୍ୱିଟେକ୍





ମଙ୍ଗଳବାର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଶଟ୍ ଖେଳିବା ଅବସରରେ ଇଗା ସ୍ୱିଟେକ ଓ କୋକୋ ଗଫ୍।

**ପ୍ୟାରିସ୍,୪।୬(ପି.ଟି.)**

ଫ୍ରେଞ୍ଚ ଓପନ ଟେନିସ୍ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି କୋକୋ ଗଫ୍ ଓ ଇଗା ସ୍ୱିଟେକ୍। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଜର୍ମାନୀର ଆଲେକଜାଣ୍ଡାର ଜେଭ୍‌ରେଭ୍।

ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ତୃତୀୟ ସିଡ୍ ଆମେରିକାର କୋକୋ ଗଫ୍ ୪-୬, ୬-୨, ୬-୩ ସେଟ୍‌ରେ ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ପରାସ୍ତ କରିଛନ୍ତି। ଏହା ସହିତ କ୍ରମାଗତ ତୃତୀୟ ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଗଫ୍। ୨୦୨୨ରେ ଗଫ୍ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଥିବା ବେଳେ ଇଗା ସ୍ୱିଟେକ୍‌ଙ୍କ ନିକଟରୁ ପରାଜିତ ହୋଇଥିଲେ। ତେବେ ସ୍ୱିଟେକ ଅନ୍ୟ କ୍ୱାର୍ଟର ଫାଇନାଲରେ ମାର୍କେଟା ଭୋନ୍ଦ୍ରୋସୌଭାଙ୍କୁ ହରାଇଥିବା ବେଳେ ୨୦୨୨ ଫାଇନାଲର ରି ମ୍ୟାଚ୍ ଦେଖିବାକୁ ମିଳିବ। ଜାବେରଙ୍କ ବିପକ୍ଷ ମ୍ୟାଚ୍‌ରେ ଗଫ୍ ପ୍ରଥମ ସେଟ୍‌ରେ ପରାଜିତ ହୋଇଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ନେଇଥିଲେ ଗଫ୍। ଗଫ୍ ଅନ୍ତିମ ଶଟ୍‌ରେ ୧୮୪ କି.ମି. ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଇଗା ସ୍ୱିଟେକ୍ ଆଉ ଏକ ପ୍ରଭାବୀ ବିଜୟ ସହିତ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୨ ଫ୍ରେଞ୍ଚ ଓପନ ଚାମ୍ପିୟନ ସ୍ୱିଟେକ୍ ୬-୦, ୬-୨ ସେଟରେ ମାର୍କେଟା ଭୋନ୍ଦ୍ରୋସୌଭାଙ୍କୁ ହରାଇଥିଲେ। ପ୍ରଥମ ସେଟ୍‌ରେ ଗୋଟିଏ ବି ପଏଣ୍ଟ ଅର୍ଜନର ସୁଯୋଗ ଦେଇ ନ ଥିଲେ ସ୍ୱିଟେକ୍। ଦ୍ୱିତୀୟ ସେଟ୍‌ରେ ଭୋନ୍ଦ୍ରୋସୌଭା ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ

**ଫ୍ରେଞ୍ଚ ଓପନ୍**

**■ ଜେଭ୍‌ରେଭ୍‌ଙ୍କ ସଂଘର୍ଷପୂର୍ଣ୍ଣ ବିଜୟ**

ସ୍ୱିଟେକ୍ ଏହାକୁ ଜିତି ନେଇଥିଲେ।

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସର ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି ଜର୍ମାନୀର ଆଲେକଜାଣ୍ଡାର ଜେଭ୍‌ରେଭ୍। ୫ ସେଟ୍‌ର କଷ୍ଟସାଧ୍ୟ ମ୍ୟାଚ୍‌ରେ ୪-୬, ୬-୧, ୫-୭, ୭-୬(୭/୨) ଓ ୬-୨ସେଟରେ ଡେନମାର୍କର ହୋଲଗର ରୁ୍ୟନଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ସେଟ୍‌କୁ ଟାଇବ୍ରେକରରେ ଜିତିବା ପରେ ଅନ୍ତିମ ସେଟକୁ ୬-୨ରେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ଜେଭ୍‌ରେଭ୍।

# ବାଲାଜୀଙ୍କୁ ପାର୍ଟନର କଲେ ବୋପାନ୍ନା

**ନୂଆଦିଲ୍ଲୀ,୪।୬(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଏନ୍. ଶ୍ରୀରାମ ବାଲାଜୀଙ୍କୁ ପାର୍ଟନର ଭାବରେ ଚୟନ କରିଛନ୍ତି ରୋହନ ବୋପାନ୍ନା। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ବୋପାନ୍ନା ଅଲିମ୍ପିକ୍ସ ପାଇଁ ପ୍ରଥମ ଚଏସ୍ ରହିଥିଲେ। ତେବେ ତାଙ୍କ ସହିତ କିଏ ପାର୍ଟନର ହେବ ଏହା ବୋପାନ୍ନାଙ୍କ ନିଷ୍ପତ୍ତି ଥିଲା। ୪୪ ବର୍ଷୀୟ ବୋପାନ୍ନା ମଙ୍ଗଳବାର ସର୍ବଭାରତୀୟ ଟେନିସ୍ ଆସୋସିଏଶନ(ଏଆଇଟିଏ)କୁ ମେଲ୍ କରିବା ସହ ବାଲାଜୀଙ୍କୁ ପାର୍ଟନର କରିବା ସ୍ପଷ୍ଟ କରିଛନ୍ତି। ଫ୍ରେଞ୍ଚ ଓପନ ପୁରୁଷ ଡବଲ୍ସର ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ବୋପାନ୍ନା-ମାଥ୍ୟୁ ଏବଡେନଙ୍କ ଯୋଡ଼ି ବାଲାଜୀ-ମେରେସ ଭାରେଲା ମାର୍ଟିନେଜଙ୍କ ବିପକ୍ଷରେ ଖେଳିଥିଲେ। ଏହି ମ୍ୟାଚ୍‌ଟି କଡା ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଣ୍ଣାୟକ ସେଟ୍‌କୁ ଟାଇବ୍ରେକରରେ ଜିତିଥିଲେ ବୋପାନ୍ନା-ଏବଡେନ। ଏହି ମ୍ୟାଚ ପରେ ବାଲାଜୀଙ୍କ ଖେଳରେ ପ୍ରଭାବିତ ହୋଇ ପାର୍ଟନର କରିବାକୁ ନିଷ୍ପତ୍ତି ନେଇଥିଲେ ବୋପାନ୍ନା। ତୃତୀୟ ଭାରତୀୟ ଭାବରେ ଏକ ଗ୍ରାଣ୍ଡସ୍ଲାମ ବିଜେତା ବୋପାନ୍ନା ରିଓ ଅଲିମ୍ପିକ୍ସରେ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ସାନିଆ ମିର୍ଜା ଓ ବୋପାନ୍ନାଙ୍କ ଯୋଡ଼ି ପରାଜିତ ହୋଇଥିଲେ।



ଏନ୍. ଶ୍ରୀରାମ ବାଲାଜୀ

ବୋପାନ୍ନାଙ୍କ ପାର୍ଟନର ହେବା ଦୌଡ଼ରେ ୟୁକି ଭାମ୍ବ୍ରି ମଧ୍ୟ ରହିଛନ୍ତି। ବିଶ୍ୱ ମାନ୍ୟତାର ୫୨ ତମ ସ୍ଥାନରେ ଥିବା ୩୧ ବର୍ଷୀୟ ୟୁକି ଫ୍ରେଞ୍ଚ ଓପନ

**ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪**

ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଏଆଇଟିଏ ଉତ୍ତର ଦେବା ପରେ ଏହି ଦୁଇ ଖେଳାଳିଙ୍କ ମଧ୍ୟରୁ ଜଣେ ତାଙ୍କ ସହ ଖେଳିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ବାଲାଜୀଙ୍କ ର୍‍ୟାଙ୍କ ୮୪ ରହିଥିବା ବେଳେ ସେ ବୋପାନ୍ନାଙ୍କ ପାର୍ଟନର ହେବାରେ କୌଣସି ଅସୁବିଧା ନାହିଁ ବୋଲି ଏଆଇଟିଏ ମହାସଚିବ ଅନିଲ ଧୂପର କହିଛନ୍ତି। ଏପରିକି ଏଆଇଟିଏ ଚୟନ କମିଟି ମଧ୍ୟ ବୋପାନ୍ନାଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇବ ବୋଲି କହିଛି। ପୂର୍ବତନ ଡେଭିସ୍ କପ୍ ଖେଳାଳି ନନ୍ଦନ ବଲ, ବଳରାମ ସିଂ, ମୁସ୍ତାଫା ଘାଉସ୍ ଓ ସାଇ ଜୟଲକ୍ଷ୍ମୀ ଏହି ଚୟନ କମିଟିର ସଦସ୍ୟ ରହିଛନ୍ତି।

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



**ଅର୍ଣ୍ଣୟ ମହାରଣା (ଗୁଗଲୁ)**

ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ତୁମର ଚଲାପଥ ସର୍ବଦା କୁସୁମିତ କରିବା ସହିତ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ: ଜେଜେମା, ଜେଜେବାବାମାନେ, ଅଜା, ଆଈ, ମାମୁ ଓ ମାଈମାନେ, ଦାଦାମାନେ, ଡୁଗୁଲୁ ଭାଇ, ବବଲି ଦିଦି, ପରିବାର ଓ ବନ୍ଧୁବର୍ଗ।

ଧ-୪୩୮

# ଟପ୍ ୫ରେ ଏରିଗାସି

**ନୂଆଦିଲ୍ଲୀ, ୪।୬ (ପି.ଟି.):** ଫ୍ରେଞ୍ଚ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାସି ଫିଡେ ଷ୍ଟାଣ୍ଡିଂରେ ୫ମ ସ୍ଥାନ ଅଧିକାର କରିପାରିଛନ୍ତି। ଏହାଦ୍ୱାରା ସେ ଲାଇଭ୍ ରେଟିଂ ଦ୍ୱାରା ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଭାରତୀୟ ହୋଇପାରିଛନ୍ତି। ୨୭୬୯.୭ ୟେଲୋ ରେଟିଂ ସହ ଅର୍ଜୁନ ୮.୭ ପଏଣ୍ଟ ଯୋଗ କରିପାରିଛନ୍ତି। ସେ ର୍‍ୟାଙ୍କିଙ୍ଗ ତାଲିକାରେ ନରୱେର ମାଗ୍ନସ କାର୍ଲସେନ, ୟୁଏସ୍‌ଏର ହିକାରୁ ନାକାମୁରା ଓ ଫାବିଆନୋ କାରୁଆନା ଏବଂ ରୁଷିଆର ଇଆନ ନେପମନିଆଚ୍‌ଚିଙ୍କ ପଛରେ ରହିଛନ୍ତି। ଚଳିତ ସପ୍ତାହରେ ସେ କିଛି ସମୟ ପାଇଁ କ୍ୟାରିୟର ଶ୍ରେଷ୍ଠ ଲାଇଭ୍ ରେଟିଂ ୨୭୭୧.୨ରେଟିଂ ହାସଲ କରିଥିଲେ।

# କାର୍ଯ୍ୟସୂଚୀକୁ ଶ୍ରୀଲଙ୍କା ଖେଳାଳିଙ୍କ ସମାଲୋଚନା

**ନ୍ୟୁୟର୍କ, ୪।୬ (ପି.ଟି.)**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଶ୍ରୀଲଙ୍କାର କାର୍ଯ୍ୟସୂଚୀକୁ ନେଇ ଦଳର ଅଧିନାୟକ ୱାନିନ୍ଦୁ ହସରଙ୍ଗା ଓ ସ୍ପିନର ମାହିଶ ଥିକ୍‌ଶାନା ସମାଲୋଚନା କରିଛନ୍ତି। ଗସ୍ତକ୍ରମରେ ସେମାନଙ୍କୁ ବହୁ ସମୟ ଦେବାକୁ ପଡୁଛି। ଏହି କାରଣରୁ ସେମାନେ ଏକ ଅଭ୍ୟାସ ମ୍ୟାଚ ବାତିଲ କରିବାକୁ ବାଧ୍ୟ ହୋଇଛନ୍ତି। ଦଳ ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଉଛି ବୋଲି ଥିକ୍‌ସାନା କହିଛନ୍ତି। ବିଶ୍ୱକପ୍ ଗ୍ରୁପ୍ 'ଡି' ଓପନରରେ ଦକ୍ଷିଣ ଆଫ୍ରିକାଠାରୁ ଶ୍ରୀଲଙ୍କା ହାରିଯାଇଛି। ପ୍ରତିଦିନ (ମ୍ୟାଚ ପରେ) ଆମକୁ ସ୍ଥାନ ପରିବର୍ତ୍ତନ କରିବାକୁ ହେଉଛି, କାରଣ ଆମକୁ ୪ଟି ପୃଥକ୍ ପୃଥକ୍ ଭେନ୍ୟୁରେ ଖେଳିବାକୁ ହେଉଛି ବୋଲି ଥିକ୍‌ସାନା କହିଛନ୍ତି। ଫ୍ଲୋରିଡାରୁ ମାୟାମି ଗସ୍ତ ବେଳେ ବିମାନବନ୍ଦରରେ ସେମାନଙ୍କୁ ୮ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଅର୍ଥାତ୍ ରାତି ୮ଟାରୁ ଅପେକ୍ଷା କରିବା ପରେ ପ୍ରାତଃ ୫ଟା ବେଳେ ଆମେ ବିମାନ ପାଇଥିଲୁ। ଆମେ କେତେବେଳେ ମ୍ୟାଚ ଖେଳିବୁ ସେଥିରେ କିଛି ଫରକ ପଡୁନି। ପ୍ରକୃତରେ ଆମ ପ୍ରତି ଅନ୍ୟାୟ ହୋଇଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏଠାରେ ଦୁଇଟି ଅଧିକ ଗେମ୍ ଖେଳିବ। ବୁଧବାର ଏଠାରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ସହ ଅଭିଯାନ ଆରମ୍ଭ କରିବାକୁ ଥିବା ଭାରତ ଏଠାରେ ୩ଟି ମ୍ୟାଚ ଖେଳିବା ପରେ ଫ୍ଲୋରିଡ଼ାଠାରେ ଅନ୍ତିମ ଗ୍ରୁପ୍ ମ୍ୟାଚ ଖେଳିବ। ଏପରିକି ହୋଟେଲଠାରୁ ପ୍ରାକ୍ଟିସ ଭେନ୍ୟୁ ୧ ଘଣ୍ଟା ୪୦ ମିନିଟର ବାଟ।

# ଫ୍ରେଞ୍ଚ ଓପନରୁ ଓହରିଲେ ଜୋକୋଭିଚ୍

**ପ୍ୟାରିସ, ୪।୬ (ଏପି)**

ଆଣ୍ଠୁରେ ଆଘାତପ୍ରାପ୍ତ ଯୋଗୁ ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ ଫ୍ରେଞ୍ଚ ଓପନରୁ ଓହରିଯାଇଛନ୍ତି। ଫଳରେ ତାଙ୍କର ଟାଇଟଲ ବଜାୟ ରଖିବା ଆଶା ପୁରଣ ହୋଇପାରିବ ନାହିଁ। ଏହାଛଡ଼ା ସେ ନମ୍ବର ୧ ର୍‍ୟାଙ୍କିଙ୍ଗ ମଧ୍ୟ ହରାଇବସିବେ। ଚତୁର୍ଥ ରାଉଣ୍ଡରେ ୨୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଫ୍ରାନ୍‌ସିସ୍କୋ ସେରୁଣ୍ଡୋଲୋ ବିପକ୍ଷ ୫ ସେଟ ବିଶିଷ୍ଟ ବିଜୟ ମ୍ୟାଚ ଖେଲୁଥିବା ବେଳେ ଜୋକୋଭିଚ୍‌ଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଏହି ମ୍ୟାଚ ଦୀର୍ଘ ସାଢେ ଚାରି ଘଣ୍ଟା ଧରି ଖେଳାଯାଇଥିଲା। ଏମ୍‌ଆରଆଇ ସ୍କାନ ଦ୍ୱାରା ଜାଣିବାକୁ ମିଳିଛି। ୨୪ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ବୁଧବାର କ୍ୱାର୍ଟରଫାଇନାଲରେ ୭ ନମ୍ବର ଖେଳାଳି କାସ୍ପର ରୁଡ୍‌ଙ୍କୁ ଭେଟିଥାନ୍ତେ। ରୋଲାଣ୍ଡ ଗାରୋସଠାରେ ଗତ ଦୁଇ ବର୍ଷ ହେଲାଣି ରନରଅପ୍ ହୋଇ ଆସୁଥିବା ଏହି ଖେଳାଳି ବର୍ତ୍ତମାନ ୱାକଓଭର ପାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

**Classified Everyday**
**0674-2580101, 2549949**


MATRIMONIAL

GROOM WANTED

Suitable Brahmin Groom for Girl 27yrs 5.3' Magha Simha Masters Development Economics IIT Madras, Senior Manager Startup, Bengaluru Send HBP - 7855990091. D-360


REAL ESTATE

SALE

Residential plot for sale just 2.5K.M. from Patia Rlystation, Bhubaneswar. Immediate registration & possesion. 7848939838. D-75961

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-417

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871859.** D-442


CONSTRUCTION

**Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-418

GENERAL

SALE

Showcase counter- 12'x 4feet (Double glass), Phn- 7735339577. D-427




ବିନା ଔଷଧରେ ମଧୁମେହ, ରକ୍ତଚାପ, ଗ୍ୟାସଟ୍ରିକ୍, ଗଣ୍ଠିଯନ୍ତ୍ରଣା, ହୃଦରୋଗ, ଗୁପ୍ତରୋଗ ଭଲ ହେବାକୁ ଚାହୁଁଥିଲେ। 9439493164. D-75962

Relax, refresh your body, mind by expert therapist. Contact- 9938843929. D-76124

**Relax, Refresh your body, mind at Saikrupa Spa with best therapies. 8984068077.** D-416

Monalisa massage Club:All types Body massage with hiprofile smart lady rooms service available. 9708545108. D-444

Fully relaxed body massage trained therapist. Central SPA. 9556483961. D-75747

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75750

AFFIDAVIT

By virtue of an affidavit No.-1168 dated 01.05.2024, I, Biranchi Narayan Dash, S/o- Late Gour Charan Dash (old name), At- Mishrapada, P.O./P.S./Dist.- Angul, PIN- 759122 have changed my name to Biranchi Narayana Dash, S/o- Late Gour Charan Das (new name). Henceforth, I shall be known as Biranchi Narayana Dash, S/o- Late Gour Charan Das for all purpose. D-443

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଫଗାନିସ୍ତାନର ବୃହତ୍ ବିଜୟ

**ଗୁଏନା,୪।୬(ପି.ଟି.)**

ଟି୨୦ ବିଶ୍ୱକପରେ ଉଗାଣ୍ଡା ବିପକ୍ଷରେ ୧୨୫ ରନର ବୃହତ ବିଜୟ ସହ ଅଭିଯାନ ଆରମ୍ଭ କରିଛି ଆଫଗାନିସ୍ତାନ। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୨୦ ଓଭରରେ ୫ ଉଇକେଟ ହରାଇ ୧୮୩ ରନ୍ କରିଥିଲା। ଜବାବରେ ଫଜଲ୍ଲକ ଫାରୁକି ଚଳିତ ବିଶ୍ୱକପର ପ୍ରଥମ ୫ ଉଇକେଟ ସଫଳତା ନେବାରୁ ଉଗାଣ୍ଡା ମାତ୍ର ୫୮ ରନ୍‌ରେ ଅଲଆଉଟ ହୋଇଥିଲା। ପ୍ରୋଭିନ୍ସ ଷ୍ଟାଡିୟମରେ ଉଗାଣ୍ଡା ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଆଫଗାନିସ୍ତାନ ପକ୍ଷରୁ ଦୁଇ ଓପନର ରହମାନୁଲ୍ଲା ଗୁରବାଜ(୭୬) ଓ ଇବ୍ରାହିମ୍ ଜଦ୍ରାନ(୭୦) ପ୍ରଥମ ଉଇକେଟରେ ୧୫୪ ରନ୍ ଯୋଡ଼ିଥିଲେ। ଗୁରବାଜ ୪୫

**ଟି୨୦ ବିଶ୍ୱକପ୍**

ବଲ୍ ଖେଳି ୪ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଅନ୍ୟପକ୍ଷରେ ଇବ୍ରାହିମ୍ ୪୬ ବଲ୍ ଖେଳି ୯ ଚୌକା ଓ ୧ ଛକା ମାରିଥିଲେ। ମାତ୍ର ୪ ବଲ୍ ଓ ୨ ରନ୍ ବ୍ୟବଧାନରେ ଉଭୟ ଓପନର ଆଉଟ ହେବା ପରେ ଆଫଗାନିସ୍ତାନର ରନ୍‌ଗତି ସାମାନ୍ୟ ଧିମେଇ ଯାଇଥିଲା। ୧୫ ଓଭରରେ ୧୫୦ ରନ୍ ପାର କରିଥିଲେ ମଧ୍ୟ ଦଳ ଅନ୍ତିମ ୫ ଓଭରରେ ମାତ୍ର ୩୩ ରନ୍ କରିଥିଲା। ନଜିବୁଲ୍ଲା ଜଦ୍ରାନ୍ ୨, ଗୁଲବଦିନ ନାଇବ ୪ ଓ ଅଜମତଉଲ୍ଲା ଓମାରଜାଇ ମାତ୍ର ୫ ରନ୍ କରିଥିଲେ। ମହମ୍ମଦ ନବି ୧୪ ଓ ରଶିଦ୍ ଖାନ୍ ୨ ରନ୍‌ରେ ଅପରାଜିତ ରହିଥିଲେ। ଉଗାଣ୍ଡା ପକ୍ଷରୁ ବ୍ରାୟାନ ମସାବା ଓ କସମାସ କ୍ୟେୱାଟାୱା ଦୁଇଟି ଲେଖାଏ, ଅଲ୍ପେଶ ରାମଜାନି ଗୋଟିଏ ଉଇକେଟ ନେଇଥିଲେ।

ଜବାବରେ ଉଗାଣ୍ଡା ୧୬ ଓଭରରେ ୫୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରବିନସନ୍ ଓବୁୟା ସର୍ବାଧିକ ୧୪ ଓ ରିଜତ ଅଲୀ ଶାହ ୧୧ ରନ୍ କରିଥିଲେ। ଏହି ୨ ଖେଳାଳିଙ୍କୁ ବାଦ ଦେଲେ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଫଜଲ୍ଲକ ଫାରୁକି ଚଳିତ ବିଶ୍ୱକପର ପ୍ରଥମ ୫ ଉଇକେଟ ସଫଳତା ଅର୍ଜନ କରି ଉଗାଣ୍ଡାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବୀନ ଉଲ୍ ହକ ଓ ରଶିଦ୍ ଖାନ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଫଜଲ୍ଲକ ଫାରୁକିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା




ପ୍ଲେୟର ଅଫ୍ ଦ ମ୍ୟାଚ୍ ଫଜଲ୍ଲକ ଫାରୁକି।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୨୦ ଓଭରରେ ୧୮୩/୫ (ରହମାନୁଲ୍ଲା ଗୁରବାଜ-୭୬, ଇବ୍ରାହିମ୍ ଜଦ୍ରାନ-୭୦, ମହମ୍ମଦ ନବି-୧୬, ବ୍ରାୟାନ ମସାବା-୨/୨୧, କସମାସ କ୍ୟେୱାଟାୱା-୨/୨୫, ଅଲ୍ପେଶ ରାମଜାନି-୧/୩୩)। ଉଗାଣ୍ଡା ୧୬ ଓଭରରେ ୫୮/୧୦ (ରବିନସନ୍‌ଓବୁୟା-୧୪, ରିଜତ ଅଲୀ ଶାହ-୧୧,ଫଜଲ୍ଲକ ଫାରୁକି-୫/୯, ନବୀନ ଉଲ୍ ହକ-୨/୪, ରଶିଦ୍ ଖାନ-୨/୧୨)।

# ଆମ ଭୂମି, ଆମ ଭବିଷ୍ୟତ

ଆମେ, ଆମ ଘରଦ୍ୱାର, ଆମ ରାସ୍ତାଘାଟ, ଆମ ଚାରିପଟେ ରହିଥିବା ମାଟିପଥର, ଗଛଲତା, ପାହାଡ଼ପର୍ବତ, ନଦୀଝରଣା, ପଶୁପକ୍ଷୀ ଓ ଜୀବାଣୁଭୂତାଣୁ- ଏଇ ସମସ୍ତଙ୍କୁ ନେଇ ଆମର 'ପରିବେଶ' ଗଠିତ। ବଞ୍ଚିବା ଲାଗି ପରିବେଶ ଉପରେ ଆମେ ନିର୍ଭର କରୁ। ପରିବେଶର ପ୍ରାକୃତିକ ସମ୍ପଦ ଆମର ମୌଳିକ ଆବଶ୍ୟକତାକୁ ପୂରଣ କରେ। ଘର ତିଆରି ପାଇଁ ଆମକୁ ବିଭିନ୍ନ ଉପାଦାନ ଦିଏ। ଖାଦ୍ୟ ଦିଏ, ପାଣି ଦିଏ ଆଉ ଶ୍ୱାସକ୍ରିୟା ପାଇଁ ଜରୁରୀ ଅମ୍ଳଜାନ ଦିଏ। ତେଣୁ ପରିବେଶ ସୁସ୍ଥ ରହିଲେ ଯାଇ ପୃଥିବୀ ଉପରେ ଜୀବଜଗତ ରହିପାରିବ। କିନ୍ତୁ ଆମର ଅବିବେକୀ କାର୍ଯ୍ୟକଳାପ ହେତୁ ପରିବେଶର ଅବସ୍ଥା ବିଗିଡି ଯାଇଛି। ଆମେ ଉନ୍ନତି ନାମରେ ପରିବେଶକୁ ଖରାପ କରିଚାଲିଛୁ। ଆମର ପଦକ୍ଷେପଗୁଡ଼ିକ ପ୍ରାକୃତିକ ସ୍ରୋତର ବିପରୀତ ଦିଗରେ ରହିଥିବାରୁ ଜଳବାୟୁ ଅନିୟମିତ ହେଉଛି ଓ ନାନାଦି ବିପର୍ଯ୍ୟୟ ଆସୁଛି। ଜୀବଜଗତକୁ ବଞ୍ଚେଇ ରଖିବା ପାଇଁ ପରିବେଶ ପ୍ରତି ଆମର ବନ୍ଧୁତ୍ୱ- ଆଚରଣ ସଂପର୍କରେ ସମସ୍ତେ ଅବଗତ ହେବା ଜରୁରୀ। ସେହି ଉଦ୍ଦେଶ୍ୟ ନେଇ ମିଳିତ ଜାତିସଙ୍ଘ ତରଫରୁ ପ୍ରତି ବର୍ଷ ଜୁନ୍ ୫ ତାରିଖକୁ 'ବିଶ୍ୱ ପରିବେଶ ଦିବସ' ଭାବରେ ପାଳନ କରାଯାଉଛି। ୧୯୭୩ ମସିହାରୁ ସାରା ପୃଥିବୀରେ ଏହି ଦିବସ ପାଳନ କରାଯାଇଆସୁଛି। ୨୦୧୧ ଓ ୨୦୧୮ ମସିହାରେ ଭାରତ ଥିଲା ଆୟୋଜକ ଦେଶ। ଚଳିତବର୍ଷ ପାଇଁ ସାଉଦି ଆରବ ଏହି ଦିବସର ଆୟୋଜନ କରିଛି। ଏଥର ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଯେଉଁ ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ହେଉଛି- 'ଜମିର ପୁନରୁଦ୍ଧାର, ମରୁଭୂମି ଓ ମରୁଡି ସ୍ଥିରତା' (ଲ୍ୟାଣ୍ଡ ରିଷ୍ଟୋରେସନ୍, ଡେଜର୍ଟିଫିକେସନ୍ ଆଣ୍ଡ୍ ଡ୍ରଟ୍ ରେଜିଲିଏନ୍ସ)। ସ୍ଲୋଗାନ୍ ରହିଛି- 'ଆମ ଭୂମି, ଆମ ଭବିଷ୍ୟତ।' ଏବର୍ଷ ମୃତ୍ତିକା ଉପରେ ବିଶେଷ ଧ୍ୟାନ ଦିଆଯାଇଛି।

ପୃଥିବୀପୃଷ୍ଠରେ ଆରମ୍ଭରୁ ଏଭଳି ମାଟିପଥର ନ ଥିଲା, ବରଂ ଏହା ଏକ ଉତ୍ତପ୍ତ ଗ୍ୟାସୀୟ ପିଣ୍ଡ ଥିଲା। ପୃଥିବୀ ଧୀରେ ଧୀରେ ଶୀତଳ ହୋଇ କଠିନ ହେବା ପରେ ଏହାର ପୃଷ୍ଠତଳ କେବଳ ପଥରରେ ଗଢ଼ା ହୋଇଥିଲା। ଉପରିଭାଗ ଧୀରେ ଧୀରେ ଅବକ୍ଷୟ ହେଲା ଓ ପଥର ଗୁଣ୍ଡରେ କେତେକ ଜୈବିକ ଉପାଦାନ ସହିତ ମିଶି ମାଟି ତିଆରି ହେଲା। ମାଟି ହେଉଛି ହାଲୁକା ଓ ଛିଦ୍ରଯୁକ୍ତ କଠିନ ନିର୍ଜୀବ ଉପାଦାନ ଯାହାକି ସଜୀବର ଜୀବନ ଧାରଣ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ହେଉଛି ବୃକ୍ଷଲତା ଓ ଜୀବଜନ୍ତୁଙ୍କର ବାସସ୍ଥଳୀ। ଜୀବ ସମାଜର ଜନ୍ମ ଓ ବିକାଶ କ୍ଷେତ୍ରରେ ମାଟିର ଅପରିହାର୍ଯ୍ୟ ଭୂମିକା ରହିଛି। ବାୟୁ, ପାଣି ଓ ମାଟିକୁ ଆମର 'ବା-ପା-ମା' ବୋଲି କୁହାଯାଏ। ତେଣୁ ମାଟି ଆମର 'ମା'। ଗୃହ ନିର୍ମାଣ ପାଇଁ ଆବଶ୍ୟକ ମୃତ୍ତିକା, ପଥର ଓ ଧାତବ ଦ୍ରବ୍ୟ ଭଳି ଜରୁରୀ ଉପାଦାନ ମାଟିରୁ ମିଳେ। ଗଛଲତାର ବୃଦ୍ଧି ପାଇଁ ମାଟି ହିଁ ଖଣିଜ ଲବଣ, ଜଳ ଓ ଉର୍ବରତା ଯୋଗାଇଥାଏ। ବର୍ଜ୍ୟବସ୍ତୁର ବିଘଟନ କାମରେ ମାଟି ପୃଷ୍ଠଭୂମି ଭଳି କାର୍ଯ୍ୟ କରେ। ନିଜ ପୃଷ୍ଠରେ ଥିବା ମାଟି ହିଁ ପୃଥିବୀକୁ ସୁନ୍ଦର ଆକୃତି ଦେଇଥାଏ। ପ୍ରାୟ ୯୦% ଖାଦ୍ୟ ଉତ୍ପାଦନ ମାଟି ଉପରେ ନିର୍ଭର କରେ। ମାଟି ମଧ୍ୟ ଜଳ ପ୍ରବାହ ଓ ଜୈବ-ବିବିଧତାକୁ ନିୟନ୍ତ୍ରଣ କରେ। ମାଟି ନଷ୍ଟ ଅର୍ଥ ଆମର ପରିସଂସ୍ଥା ବିପଦମୁଖୀ।

ଦୁଃଖର କଥା, ଆମର ମାଟି-ମା' ଆଜି ବିପଦରେ ପଡିଛି। ୧୦୦ ଭାଗରୁ ପ୍ରାୟ ୪୦ ଭାଗ ମାଟିର ଅବନତି ଘଟିଛି। ଏହା ଫଳରେ ପୃଥିବୀର ଅଧେ ଲୋକଙ୍କ ଉପରେ କୁପ୍ରଭାବ ପଡୁଛି। ଲୋକମାନଙ୍କର ଆର୍ଥିକ ସ୍ଥିତିକୁ ଦୁର୍ବଳ କରୁଛି। ବାରମ୍ବାର ମରୁଡି ହେଉଛି। ଗତ ୨୪ ବର୍ଷ ଭିତରେ ମରୁଡି ସଂଖ୍ୟାରେ ୨୯% ବୃଦ୍ଧି ଘଟିଛି। ମରୁଡି-ମରୁଡି ଭିତରେ ବ୍ୟବଧାନ କମିଯାଉଛି। ଆଜି ଯଦି ମାଟିର ସୁରକ୍ଷା ଦିଗରେ ଆମେ ଚିନ୍ତା ନ କରିବା,



ଜମିର ସୁରକ୍ଷା ଲାଗି ସମସ୍ତଙ୍କୁ ସଚେତନ ନ କରିବା, ତେବେ ଆଗାମୀ ୨୫ ବର୍ଷ ଭିତରେ ପୃଥିବୀର ୭୫% ଲୋକ ମରୁଡି ଦ୍ୱାରା ପ୍ରଭାବିତ ହେବେ। ଏଭଳି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସକାଶେ ଆମେ ତତ୍ପର ହେବା। ମିଳିତ ଜାତିସଙ୍ଘ ତରଫରୁ ୨୦୨୧ରୁ ୨୦୩୦ ମସିହା ପର୍ଯ୍ୟନ୍ତ ଚାଲିଥିବା 'ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି'ରେ ସାରା ପୃଥିବୀରେ ଜମିର ପୁନରୁଦ୍ଧାର ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଅନ୍ତର୍ଜାତୀୟ ସ୍ତରରେ ମାଟିକୁ ସୁରକ୍ଷା ଦେବା ସକାଶେ ଭିନ୍ନ ଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି।

ମାଟିର ଯତ୍ନ ଅଭାବରୁ ଅନେକ ପ୍ରଜାତିର ଜୀବଜନ୍ତୁ ଓ ଗଛଲମତା ଲୋପ ପାଇଗଲେଣି। ଅନେକ ଜଙ୍ଗଲ ନିଶ୍ଚିହ୍ନ ହେଲାଣି। କ୍ଷେତରେ ଆଗ ଭଳି ଧାନ ଗହମ ଫଳୁନାହିଁ। ବାଡ଼ିବଗିଚାରେ ଆଗ ଭଳି ପନିପରିବା ଧରୁନାହିଁ। ପ୍ରାକୃତିକ ସଂପଦର ଅବିବେକୀ ବ୍ୟବହାର ହେତୁ ନୂଆ ନୂଆ ସମସ୍ୟା ମୁଣ୍ଡ ଟେକୁଛି। ଆମେ ଉନ୍ନତି କରୁଛେ ସତ, କିନ୍ତୁ ନିରନ୍ତର ଉନ୍ନତିଠାରୁ ଦୂରରେ ଅଛନ୍ତି। ଆମର ଉନ୍ନତି ପରିବେଶକୁ ରୋଗାକ୍ରାନ୍ତ ନକରୁ। ଆଗକୁ ଅଗ୍ରସର ହେଉଥିବା ଆମର ପ୍ରତିଟି ପାଦ ଦୁଃସ୍ଥ 'ମା'କୁ ସୁସ୍ଥ କରିବା ଦିଗରେ ବିଶେଷ ସହାୟକ ହେଉ।

**- ଡ. କମଳାକାନ୍ତ ଜେନା**

ଓଡ଼ିଶା ଶିକ୍ଷା ସେବା (ଏ), ଭଦ୍ରକ ସ୍ୱୟଂଶାସିତ କଲେଜ, ମୋ : ୯୪୩୯୫୦୧୬୫୧

## ଏ ବର୍ଷର ସ୍ଲୋଗାନ

ବର୍ତ୍ତମାନ ସମଗ୍ର ବିଶ୍ୱରେ ପରିବେଶ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏ ନେଇ ଅଧିକ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଜୁନ୍ ୫ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ପରିବେଶ ଦିବସ। ଚଳିତ ବର୍ଷ ଏହି ଦିବସ ଅବସରରେ ସ୍ଲୋଗାନ ରହିଛି 'ଆମ ଭୂମି ଆମ ଭବିଷ୍ୟତ'। ଏଥର ବିଶେଷ ଭାବରେ ମୃତ୍ତିକା ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ଦିନକୁ ଦିନ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଏହାଦ୍ୱାରା ମୃତ୍ତିକା ପ୍ରଭାବିତ ହେଉଛି। ତେଣୁ ଉଭୟ ଜଙ୍ଗଲ ଏବଂ ମୃତ୍ତିକାର ସୁରକ୍ଷା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥର ବିଶ୍ୱ ପରିବେଶ ଦିବସ ଅବସରରେ ଏହା ଉପରେ ଅଧିକ ଗୁରୁତ୍ୱ ଦେବାକୁ ସ୍ଥିର କରାଯାଇଛି।



# ବଢ଼ି ଚାଲିଛି ପ୍ଲାଷ୍ଟିକ୍ ପ୍ରଦୂଷଣ

ପ୍ଲାଷ୍ଟିକ୍ ପ୍ରଦୂଷଣ ଦିନକୁ ଦିନ ନିଜର କାୟା ବିସ୍ତାର କରି ଚାଲିଛି। ପ୍ଲାଷ୍ଟିକ୍ ଆବର୍ଜନାକୁ ଖାଦ୍ୟ ବୋଲି ମନେକରି କିଛି ଜୀବ ଭକ୍ଷଣ କରିଥାନ୍ତି । ଏହା ସେମାନଙ୍କ ଅନ୍ତନାଳୀରେ ପ୍ରବେଶ କରି ଖାଦ୍ୟପଥକୁ ବନ୍ଦ କରିଦିଏ। ଏହା ମଧ୍ୟ ସମୟକ୍ରମେ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜରିଆରେ ପ୍ରାଣୀର ଜୀବକୋଷରେ ପ୍ରବେଶ କରେ । ଏହା ଦ୍ୱାରା କର୍କଟ ରୋଗ ସୃଷ୍ଟି ହେବା ସାଙ୍ଗକୁ ହରମୋନ୍ କ୍ଷରଣରେ ଅନିୟମିତତା ଉତ୍ପନ୍ନ ହୁଏ, ଯାହା ସମୟକ୍ରମେ ପ୍ରାଣୀର ପ୍ରଜନନ କ୍ଷମତା, ବୃଦ୍ଧି ହାର ଓ ମାନସିକ ଅବଧାରଣା ପ୍ରକ୍ରିୟାକୁ ଗୁରୁତର ପ୍ରଭାବିତ କରେ । ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁଁ ସ୍ଥଳଭାଗରେ ମଧ୍ୟ ବର୍ଷକୁ ପ୍ରାୟ ୧ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ପ୍ଲାଷ୍ଟିକଜାତ ପଦାର୍ଥ ମଧ୍ୟ ମାଟିରେ ପୋତି ହୋଇ ପଡିବା ଯୋଗୁଁ ମୃତ୍ତିକାର ଗୁଣବତ୍ତା କମିଯିବା ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟିବା ସାଙ୍ଗକୁ ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି। ଅନ୍ୟପକ୍ଷରେ ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ, ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ଘଟେ। ନିକଟରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ୍ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁଁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଘର ଗ୍ୟାସ ଉତ୍ସର୍ଜିତ ହୋଇଛି। ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ୍ ଯୋଗୁଁ ଉତ୍ସର୍ଜିତ ସବୁଜ ଘର ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ପ୍ରକାଶ କରାଯାଏ । ଏହି ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଘୋର ତ୍ୱରାନ୍ୱିତ କରିବ ଏଥିରେ ସନ୍ଦେହ ନାହିଁ।

# ସୁସ୍ଥ ପରିବେଶ ଓ ସ୍ୱାସ୍ଥ୍ୟ

ଆଜିକାଲିର ଧାଁଧପଡ଼ ଜୀବନରେ ଆମେ ସୁସ୍ଥ ରହିବା ନିହାତି ଜରୁରୀ ହୋଇପଡିଛି। ଏଥିପାଇଁ ଖାଦ୍ୟପେୟ, ଜୀବନଶୈଳୀ ପ୍ରତି ବିଶେଷ ଭାବରେ ଧ୍ୟାନ ଦେବାକୁ ପଡିଥାଏ। ହେଲେ ଏହା ପଛରେ ଆଉ ଏକ ଜିନିଷର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାହା ହେଲା ପରିବେଶ। ଅର୍ଥାତ୍ ପ୍ରଦୂଷଣମୁକ୍ତ ପରିବେଶ ଜଣେ ବ୍ୟକ୍ତିଙ୍କୁ ଅନେକାଂଶରେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ସାମ୍ପ୍ରତିକ ପରିସ୍ଥିତିରେ ଆମ ରାଜ୍ୟ ଓଡ଼ିଶାର ଜଳବାୟୁକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଋତୁଚକ୍ରରେ କିଛି ତାରତମ୍ୟ ହେବାର ପରିଲକ୍ଷିତ ହୋଇଥାଏ। ଏହାର ମୂଳ କାରଣ ଜଙ୍ଗଲ କାଟି ନଷ୍ଟ କରିବା, ବୃକ୍ଷରୋପଣ ନ କରିବା, ସବୁଜ ବନକୁ କାଟି ନଷ୍ଟ କରିବା ଯଦ୍ୱାରା ଜଳବାୟୁରେ ଅମ୍ଳଜାନର ପରିମାଣ ହ୍ରାସ ପାଇ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ପାଇଥାଏ। ଏହାଦ୍ୱାରା ବର୍ଷା ଓ ଶୀତର ପ୍ରକୋପ ନିୟମ ଅନୁଯାୟୀ ନ ହୋଇ ହ୍ରାସ ପାଇଥାଏ। ଫଳରେ ଗ୍ରୀଷ୍ମର ପ୍ରକୋପ ଅଧିକ ଅନୁଭୂତ ହୋଇଥାଏ ଆଉ ଏହାର କୁପ୍ରଭାବ ସିଧାସଳଖ ମନୁଷ୍ୟ ସମାଜ ଉପରେ ପଡିଥାଏ। ତେଣୁ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ପାଇଁ ବୃକ୍ଷରୋପଣ ଉପରେ ଅଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ନୂଆ ଜଙ୍ଗଲ ସୃଷ୍ଟି ହେଲେ ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣ ସନ୍ତୁଳିତ ରହିବ ଏବଂ ଆମେ ଅନେକାଂଶରେ ସୁସ୍ଥ ରହିପାରିବା।

Business

# ଦିନକରେ ନିବେଶକ ହରାଇଲେ ୩୦ଲକ୍ଷ କୋଟି

ନୂଆଦିଲ୍ଲୀ,୪।୬



ସାଧାରଣ ନିର୍ବାଚନ (ଲୋକ ସଭା) ଫଳାଫଳର ପ୍ରଭାବ ଘରୋଇ ଶେୟାର ବଜାର ଉପରେ ପଡ଼ିଛି। ଫଳରେ ପୁଞ୍ଜିବଜାର ଓ ନିବେଶକମାନେ ନିରାଶହେବା ସହ ଦିନକରେ ପ୍ରାୟ ୩୦ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ୨ୟ ଦିନର କାରବାର ଶେଷ ସୁଦ୍ଧା ଶେୟାର ବଜାରର ନିବେଶକ ପ୍ରାୟ ୩୦ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ ଦିନର ବଜାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୨୬ ଲକ୍ଷ କୋଟି ଥିଲା। ହେଲେ ମଙ୍ଗଳବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୩୦ ଲକ୍ଷ କୋଟି ହ୍ରାସ ପାଇ ଅନ୍ୟୁନ ୩୯୬ ଲକ୍ଷ କୋଟିରେ ପହଞ୍ଚିଛି। ବିଶେଷକରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ୩୦ ବିଶିଷ୍ଟ ଶେୟାର ସର୍ବାଧିକ କ୍ଷତି ସହିଥିଲାବେଳେ ନ୍ୟାଶନାଲ ଷ୍ଟକ୍‌ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି ୫୦ର ନିବେଶକମାନେ ମଧ୍ୟ ବ୍ୟାପକ ଭାବେ ନିବେଶ ହରାଇଛନ୍ତି। ସେହିଭଳି ଗୋଟିଏ ପଟରେ ସାଧାରଣ ନିର୍ବାଚନ ପାଇଁ ବିଦେଶୀ ନିବେଶକ ବଜାରରୁ ପୁଞ୍ଜି ପ୍ରତ୍ୟାହର କରୁଥିବାବେଳେ ଷ୍ଟକ୍ ମାର୍କେଟରେ କାରବାର କ୍ରମାଗତ ଭାବେ ପରିବର୍ତ୍ତନ ହେଉଛି। ଏପରିକି ମଙ୍ଗଳବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ୪୩୮୯.୭୩ ପଏଣ୍ଟ ବା ୫.୭୩% ହ୍ରାସ ହୋଇଥିବାବେଳେ ନିଫ୍ଟି୫୦ ପ୍ରାୟ ୨୧,୮୮୪ ଅଙ୍କ ସହ ୧୩୭୯.୪୦ ପଏଣ୍ଟ ବା ୫ .୯୩% ହ୍ରାସ ଘଟିଥିଲା।

ସେହିପରି ବିଏସ୍‌ଇ ସ୍ମଲକ୍ୟାପ ୬.୭୯% ଏବଂ ବିଏସ୍‌ଇ ମିଡ୍‌କ୍ୟାପ ୮.୦୭% ହ୍ରାସ ପାଇଥିବାବେଳେ ନିଫ୍ଟି ମିଡକ୍ୟାପ ୭.୮୮% ଏବଂ ନିଫ୍ଟି ସ୍ମଲକ୍ୟାପ ୭.୪୫% ହ୍ରାସ ପାଇଛି। ଏପରିକି ନିଫ୍ଟି ବ୍ୟାଙ୍କିଙ୍ଗ୍ (ବ୍ୟାଙ୍କ) ୭.୯୫% ହ୍ରାସ ହୋଇଛି ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ରିଲାଏନ୍ସ ଇଣ୍ଡଷ୍ଟ୍ରି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଏଲ୍ ଆଣ୍ଡ ଟି ଏବଂ ଆଇସିଆଇସିଆଇ ଭଳି ପ୍ରମୁଖ ନିବେଶକ ବଡ଼ ଧରଣର କ୍ଷତି ସହିଥିଲାବେଳେ ପିଏସ୍‌ୟୁ ବ୍ୟାଙ୍କ ସମେତ ମେଟାଲ ଓ ରିଅଲିଟି କ୍ଷେତ୍ର ୧୦ରୁ ୧୫% ଅଂଶଧନ ହରାଇଛନ୍ତି।

## ଖସିଲା ଶେୟାର ବଜାର

ଚଳିତ ସପ୍ତାହର କାରବାରରେ ଦିନକ ପରେ ଘରୋଇ ଶେୟାର ବଜାରରେ ବଡ଼ ଧରଣର ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୩୯୦ (୪୩୮୯.୭୩) ପଏଣ୍ଟ କମି ୭୨,୦୭୯ (୭୨,୦୭୯.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୩୭୯ (୧୩୭୯.୪୦)ପଏଣ୍ଟ ହ୍ରାସ ଘଟି ୨୧,୮୮୪(୨୨,୮୮୪.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍‌ଓସ୍ମଲକ୍ୟାପ୍‌ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ପିଜିଆଇର ନୂତନ କଲେକ୍ସନ

ନୂଆଦିଲ୍ଲୀ,୪।୬ (ଅଭୟ ଦାଶ)



ପ୍ଲାଟିନମ ଗିଲ୍ଡ ଇଣ୍ଟରନ୍ୟାଶନାଲ(ପିଜିଆଇ)ର ନୂତନ କଲେକ୍ସନ 'ମେନ୍ ଅଫ୍ ପ୍ଲାଟିନମ'କୁ ନିକଟରେ ଉନ୍ମୋଚନ (ଅନାବରଣ) ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ନୂତନ କ୍ରିକେଟ ସିଜନ ଆରମ୍ଭ ହୋଇଯାଇଥିବାବେଳେ ଏହା ଚିନ୍ତା ବଢ଼ାଇ ଦେଇଛି। ବିଶ୍ୱର ସବୁଠାରୁ ମୂଲ୍ୟବାନ୍ ଏବଂ ବିରଳ ଧାତୁ ପ୍ଲାଟିନମ ପୃଥିବୀରେ କିଛି ବଛା ବଛା ସ୍ଥାନରେ ଉପଲବ୍ଧ ହେଉଥିବାରୁ ତାହା ବାସ୍ତବରେ ଅନନ୍ୟ ପ୍ରସନ୍ଦ ହୋଇଛି ଏବଂ ସେଥିରୁ ଅତି ନିଖୁଣ ଭାବେ ଏହା ପ୍ରସ୍ତୁତ କରାଯାଇଛି। ଏହାର ସୌନ୍ଦର୍ଯ୍ୟ ଏବଂ ଦୀର୍ଘ ସ୍ଥାୟିତ୍ୱ ଉଚ୍ଚଶକ୍ତି ପ୍ରଦାନକାରୀ ଷ୍ଟାଇଲ ନିମନ୍ତେ ସମ୍ପୂର୍ଣ୍ଣ ଠିକ୍ ଖାପ ଖାଉଛି। ଏପରିକି ପତଳା ଚେନ୍ ଏବଂ ଦମ୍‌ଦାର ରିଷ୍ଟୱିଅର ଠାରୁ ନେଇ ଷ୍ଟେଟମେଣ୍ଟ ରିଂ ପର୍ଯ୍ୟନ୍ତ ପ୍ଲାଟିନମ ଗହଣା ପିସ୍‌ଗୁଡିକ ଆପଣଙ୍କ ଚେହେରାକୁ ଆଧୁନିକ ସୁନ୍ଦରତା ଏବଂ କମ୍ ପରିଲକ୍ଷିତ ହେଉଥିବା ଆକର୍ଷଣକୁ ଅଧିକ ପରିସ୍ଫୁଟିତ କରିବ। ମେନ୍ ଅଫ୍ ପ୍ଲାଟିନମର ଅଧୁନାତମ କଲେକ୍ସନ ନେକ୍ୱିୟର, ରିଷ୍ଟୱିୟର ଏବଂ ରିଂ ଆଦିରେ ବହୁବିଧ ପିସ୍ ଉପଲବ୍ଧ ରହିଛି, ଯାହା ପୁରୁଷ ଗହଣାରେ ବିଶ୍ୱସ୍ତରୀୟ ଧାରାରୁ ପ୍ରେରଣା ଲାଭ କରିଛି। ଏପରିକି ୯୫% ଶୁଦ୍ଧ ପ୍ଲାଟିନମରୁ ନିଖୁଣ କାରିଗରିରେ ପ୍ରସ୍ତୁତ ପ୍ରତ୍ୟେକ ଡିଜାଇନକୁ ବିଭିନ୍ନ ପ୍ରକାର ପୋଷାକ ସହ ସମ୍ମିଳିତ କରାଯାଇପାରିବ ଏବଂ ବହୁବିଧ ଉପାୟରେ ତାହାକୁ ନେଇ ଷ୍ଟାଇଲ କରାଯାଇପାରିବ। ମେନ୍ ଅଫ୍ ପ୍ଲାଟିନମର ସର୍ବାଧୁନିକ କଲେକ୍ସନ ସମଗ୍ର ଦେଶରେ ଥିବା ଅଗ୍ରଣୀ ଜୁଏଲେରି ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି। ଏଠାରେ କେତେକ ଅଭିବ୍ୟକ୍ତି ପରିପ୍ରକାଶକାରୀ ପିସ୍‌ଗୁଡିକ ସମ୍ପର୍କରେ ଉଲ୍ଲେଖ କରାଯାଇଛି।



# ଆଜିଠୁ ଟିମ୍ ଇଣ୍ଡିଆର ଅଭିଯାନ


ଭାରତ-ଆୟର୍ଲାଣ୍ଡ ମ୍ୟାଚ ପାଇଁ ପ୍ରସ୍ତୁତ ନ୍ୟୁୟର୍କର ନାସାଉ କାଉଣ୍ଟି ଗ୍ରାଉଣ୍ଡ।

**ନ୍ୟୁୟର୍କ, ୪।୬**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପରେ ଅନ୍ୟତମ ଟାଇଟଲ ଦାବିଦାର ଭାରତର ଅଭିଯାନ ବୁଧବାର ଆରମ୍ଭ ହେବ। ଟିମ୍ ଇଣ୍ଡିଆର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଆୟର୍ଲାଣ୍ଡ। ଟିମ୍ କମ୍ବିନେଶନ ସଜାଡ଼ିବା ଭାରତର ପ୍ରଥମ ଲକ୍ଷ୍ୟ ହେବ। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ଖେଳାଳି ବିଶ୍ୱକପ ଟ୍ରଫି ଧରି ସାରିଛନ୍ତି। ଯଶପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜାଙ୍କ ସମେତ ଅନ୍ୟ ସମସ୍ତ ଖେଳାଳି ଏଥିପାଇଁ ବ୍ୟଗ୍ର ଅଛନ୍ତି। ଭାରତୀୟ କ୍ରିକେଟ ଦଳ ୧୯୮୨ ଓ ୮୬ ଫିଫା ବିଶ୍ୱକପରେ ବ୍ରାଜିଲ ଦଳ ଭଳି ଦଶା ଭୋଗିବାକୁ କେବେ ଚାହିଁବ ନାହିଁ। ସେତେବେଳେ ସୋକ୍ରାଟେସ, ଜିକୋ, କାରେକା, ଫାଲ୍‌କାଓ ଓ ଆଲେମେଙ୍କ ପରି ତାରକା ଖେଳାଳି ଫିଫା ଟ୍ରଫି ଧରିବାର ସୌଭାଗ୍ୟ ପାଇ ନ ଥିଲେ। ଗତବର୍ଷ ଦିନିକିଆ ବିଶ୍ୱକପ ଫାଇନାଲ ପରେ ଭାରତୀୟ ଡ୍ରେସିଂ ରୁମ୍‌ରେ ରୋହିତ ଶର୍ମା କାନ୍ଦୁଥିବାର ଦୃଶ୍ୟ ଟିଭିରେ ପରିଦୃଶ୍ୟ ହୋଇଥିଲା। କୋହଲି ଟୁର୍ନାମେଣ୍ଟରେ ୭୬୫ ରନ ସ୍କୋର କରିଥିଲେ ହେଁ ଅନ୍ୟମାନଙ୍କ ବିଫଳତା ଯୋଗୁ ଦଳ ଟ୍ରଫି ଜିତିପାରି ନ ଥିଲା। ୩୭ ବର୍ଷରେ ପଦାର୍ପଣ କରିଥିବାରୁ ଏହାକୁ ରୋହିତ ଶର୍ମାଙ୍କର ଶେଷ ବିଶ୍ୱକପ କୁହାଯାଉଛି।

ଅନ୍ୟପକ୍ଷରେ ଆୟର୍ଲାଣ୍ଡ ଦଳରେ ପଲ୍ ଷ୍ଟିର୍ଲିଂ, ଜୋଶ୍ ଲିଟିଲ, ହାରୀ ଟେକ୍ଟର, ଆଣ୍ଡି ବଲବିର୍ନିଙ୍କ ପରି ଟି୨୦ ଖେଳାଳି ଅଛନ୍ତି। ନାସାଉ କାଉଣ୍ଟି ଗ୍ରାଉଣ୍ଡର ସ୍ଲୋ ଟ୍ରାକ୍ ଏବଂ ସବ୍-ଷ୍ଟାଣ୍ଡାର୍ଡ ଆଉଟଫିଲ୍ଡରେ ଭାରତ କିପରି ଆୟର୍ଲାଣ୍ଡ ବାମହାତୀ ସ୍ପିନର ଜର୍ଜ ଡକ୍‌ରେଲଙ୍କ ମୁକାବିଲା କରୁଛି ତାହା ଗୁରୁତ୍ୱପୂର୍ଣ୍ଣ। ଏହି ଦଳ ଆଉ ପୂର୍ବପରି ଅନଭିଜ୍ଞ ହୋଇ ରହିନାହିଁ। ବିଶ୍ୱକପରେ ପାକିସ୍ତାନ ପରି ଦଳକୁ ହରାଇବାର ଅଭିଜ୍ଞତା ରଖିଛି ଆୟର୍ଲାଣ୍ଡ।

ଆୟର୍ଲାଣ୍ଡ ତୁଳନାରେ ସ୍ପିନ୍ ଆକ୍ରମଣ କ୍ଷେତ୍ରରେ ଭାରତ ନିଶ୍ଚିତ ଆଗରେ ରହିବ। ମାତ୍ର ଯଶପ୍ରୀତ୍ ବୁମ୍‌ରାଙ୍କୁ ଛାଡ଼ିଦେଲେ ଦଳର ପେସ୍ ଆକ୍ରମଣ ଦୁର୍ବଳ ମନେ ହେଉଛି। ଦଳ ମହମ୍ମଦ ଶାମିଙ୍କ ଅନୁପସ୍ଥିତି ଅନୁଭବ କରିବ। ପର୍ଯ୍ୟାପ୍ତ ବିକଳ୍ପ ଥିଲେ ହେଁ ରୋହିତ ଓ ବିରାଟ ଯଦି ଇନିଂସ ଓପନ କରନ୍ତି ତେବେ ଜୟସ୍ୱାଲଙ୍କୁ ସାକ୍ରିଫାଇଜ୍ କରିବାକୁ ପଡ଼ିବ। ପ୍ରାକ୍ଟିସ ଗେମ୍‌ରେ ରିଷଭ ପନ୍ତ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବା ଅନେକ କଳ୍ପନା ଜଳ୍ପନାକୁ ଖୋରାକ ଯୋଗାଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବୋଲିଂ ଫର୍ମ ମଧ୍ୟ ଭାରତର ଦାବିଦାରକୁ ଦୃଢ଼ କରିଛି। ଚାଣ୍ଟିଆଗୁଇ ପାର୍କ ନେଟ୍ସରେ ପାଣ୍ଡ୍ୟା ଦୀର୍ଘ ସମୟଧରି କୋହଲି, ସୂର୍ଯ୍ୟକୁମାର ଓ ରୋହିତଙ୍କୁ ବୋଲିଂ କରିଥିବା ପରିଲକ୍ଷିତ ହୋଇଥିଲା। ସେ ଯଦି ୩ ଓଭର ମଧ୍ୟ ବୋଲିଂ କରନ୍ତି ତେବେ ଟିମ୍ ମ୍ୟାନେଜମେଣ୍ଟ ଶିବମ୍ ଦୁବେ ଏବଂ ଜଣେ ଅତିରିକ୍ତ ସ୍ପିନରଙ୍କୁ ଖେଳାଇବାକୁ ଚିନ୍ତା କରିପାରେ।

୨୦୦୭ ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିବା ଭାରତ ପରବର୍ତ୍ତୀ ୩ ସଂସ୍କରଣରେ ରାଉଣ୍ଡ ୨ରୁ ବିଦାୟ ନେଇଥିବାବେଳେ ୨୦୧୪ରେ ରନରଅପ୍ ହୋଇଥିଲା। ୨୦୧୬ରେ ସେମିଫାଇନାଲରୁ ଏବଂ ୨୦୨୧ରେ ରାଉଣ୍ଡ ୨ରୁ ଅଭିଯାନ ଶେଷ କରିଥିଲା। ୨୦୨୨ରେ ଗତ ସଂସ୍କରଣରେ ଦଳ ସେମିଫାଇନାଲରୁ ବିଦାୟ ନେଇଥିଲା। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ଏପର୍ଯ୍ୟନ୍ତ ୭ଟି ସଂସ୍କରଣରେ ଖେଳିଥିଲେ ହେଁ କେବଳ ୨୦୦୯ ଓ ୨୦୨୨ରେ ଦ୍ୱିତୀୟ ରାଉଣ୍ଡ ଖେଳିବାକୁ ସକ୍ଷମ ହୋଇଛି। ଅନ୍ୟ ୫ ରାଉଣ୍ଡରେ ଦଳ ପ୍ରଥମ ରାଉଣ୍ଡରୁ ହିଁ ବିଦାୟ ନେଇଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ସୂର୍ଯ୍ୟକୁମାର ଯାଦବ, ରଷଭ ପନ୍ତ, ଶିବମ୍ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ-ଅଧିନାୟକ), ସଞ୍ଜୁ ସାମସନ, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଅକ୍ଷର ପଟେଲ, ଅର୍ଶଦୀପ ସିଂ।

**ଆୟର୍ଲାଣ୍ଡ ଦଳ:** ପଲ୍ ଷ୍ଟିର୍ଲିଂ (ଅଧିନାୟକ), ରସ୍ ଆଡେର, ମାର୍କ ଆଡେର, ଆଣ୍ଡି ବଲବିର୍ନି, କର୍ଟିସ କାମ୍ଫର, ଗାରେଥ ଡେଲାନି, ଜର୍ଜ ଡକ୍‌ରେଲ, ଗ୍ରାହାମ ହ୍ୟୁମ, ଜୋଶ୍ ଲିଟିଲ, ବାରୀ ମ୍ୟାକକାର୍ଥୀ, ନେଲ୍ ରକ୍, ହ୍ୟାରୀ ଟେକ୍ଟର, ଲୋର୍କାନ ଟୁକର, ବେନ୍ ହ୍ୱାଇଟ, କେଗ୍ ୟଙ୍ଗ୍।

**ଟି୨୦ ବିଶ୍ୱକପ**
(ଆଜିର ମ୍ୟାଚ)
**ଭାରତ**
**ବନାମ ଆୟର୍ଲାଣ୍ଡ**
**ସ୍ଥାନ: ନ୍ୟୁୟର୍କ**
**ସମୟ: ରାତି ୮ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ